# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨୯/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 29/2023 Page 16 ₹ 7.00

୪୯ଶ ଭାଗ ୨୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 244 ମୂଲ୍ୟ₹୭/-





**ଆଲିଆଙ୍କ ବଡ଼ ଫ୍ୟାନ୍ ମହେଶ**

ଆଲିଆ ଭଟ୍ଟଙ୍କ ଫିଲ୍ମ 'ରକି ଔର ରାନୀ କି ପ୍ରେମ୍ କାହାଣୀ'ର ସ୍ପେଶାଲ ସ୍କ୍ରିନିଂ ଦେଖି ବାପା ମହେଶ ଭଟ୍ଟ ନିଜକୁ ଆଲିଆଙ୍କ ବଡ଼ ଫ୍ୟାନ୍ କହିଛନ୍ତି। **୧୨**

**୧୬** **ରିୟାନ ପରାଗଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

ଦେଓଧର ଟ୍ରଫିରେ ରିୟାନ ପରାଗଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ପୂର୍ବାଞ୍ଚଳ ୮୮ ରନରେ ଉତ୍ତରାଞ୍ଚଳକୁ ପରାସ୍ତ କରିଛି।






ନିଖୋଜ ନାବାଳକଙ୍କ ଗଳିତ ମୃତଦେହ ମିଳିବା ପରେ ଉତ୍ତ୍ୟକ୍ତ ଲୋକେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ଥାନା ଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି।

# ନବଙ୍କ ନାଁରେ ଗୋପାଳଙ୍କୁ ଭୟଭୀତ କରାଇଥିଲେ ମନୋଜ

**ନବ ଦାସ ହତ୍ୟାକାଣ୍ଡ**

- **ସାମ୍ନାକୁ ଆସିଲା ପଲିଗ୍ରାଫ୍ ପରୀକ୍ଷା ରିପୋର୍ଟ ତଥ୍ୟ**
- **ଷଡ଼ଯନ୍ତ୍ରକାରୀ କିଏ ବୋଲି ପ୍ରଶ୍ନ କଲେ ଗୋପାଳଙ୍କ ଓକିଲ**

ସମ୍ବଲପୁର,୨୮।୭(ଶୁଭାଶିଷ ପାଢ଼ୀ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ଘଟଣାକୁ ୬ ମାସ ବିତିଛି। ହେଲେ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ହୋଇପାରି ନାହିଁ। କ୍ରାଇମ୍‌ବ୍ରାଞ୍ଚ ଦାଖଲ କରିଥିବା ଚାର୍ଜଶିଟ୍‌କୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଥିବା ବେଳେ ଶୁକ୍ରବାର ପଲିଗ୍ରାଫ ପରୀକ୍ଷା ରିପୋର୍ଟକୁ ନେଇ ପୁଣି ସନ୍ଦେହ ଜାତ ହୋଇଛି। ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ କର୍ମଚାରୀ ମନୋଜ ବରିହା ଗୋପାଳଙ୍କୁ ଭେଟି କହିଥିଲେ, ନବ ଦାସ ତମ ଉପରେ ରାଗିଛନ୍ତି, ଟିକେ ଦେଖିକି ଚଳିବ। ଏଥିରେ ଗୋପାଳ ଭୟଭୀତ ହୋଇଯାଇଥିଲେ। କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଓ ପଲିଗ୍ରାଫ୍ ପରୀକ୍ଷା ରିପୋର୍ଟରେ ଏହା ଉଲ୍ଲେଖ ରହିଛି। ଉଭୟ ତଦନ୍ତରେ ମନୋଜଙ୍କ ନାମ ଆସୁଛି। ଯଦି ମନୋଜ ଗୋପାଳଙ୍କୁ ଭୟଭୀତ କରିଥିଲେ, ତା'ହେଲେ ମନୋଜଙ୍କ ପଛରେ ଷଡ଼ଯନ୍ତ୍ରକାରୀ କିଏ ବୋଲି ଅଭିଯୁକ୍ତ ଗୋପାଳଙ୍କ ଓକିଲ ନରେଶ ନାଏକ ପ୍ରଶ୍ନ କରିଛନ୍ତି।



ଗୋପାଳ ଦାସ

ସେ ଆହୁରି କହିଛନ୍ତି, କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଠିକ୍ ଭାବେ କରିନାହିଁ। କେବଳ ଗୋପାଳଙ୍କୁ ଦୋଷୀ କରିବା ପାଇଁ ଚେଷ୍ଟା କରିଛି। ଅନ୍ୟ ☞ପୃଷ୍ଠା-୪

## ବିଜେଡି, ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ରକ୍ଷା ପାଇଁ ହତ୍ୟା

**ଗୋପାଳଙ୍କ ଜବାନବନ୍ଦୀ**

ସମ୍ବଲପୁର,୨୮।୭ (ଶୁଭାଶିଷ ପାଢ଼ୀ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ସର୍ବସମ୍ମୁଖରେ ଗୁଳିକରି ହତ୍ୟା ଅଭିଯୋଗରେ ଜେଲରେ ଥିବା ପୋଲିସ ଏଏସ୍‌ଆଇ ଗୋପାଳ ଦାସଙ୍କ ଜମାନବନ୍ଦୀ ଏବେ ପଦାକୁ ଆସିଛି। ସେଥିରେ ନବ ଦାସଙ୍କୁ ଗୋପାଳ ବାହୁବଳି ଭାବେ ଚିତ୍ରଣ କରିଛନ୍ତି। ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ରକ୍ଷା ପାଇଁ ନବଙ୍କୁ ଗୋପାଳ ହତ୍ୟା କରିଥିବା ଜମାନବନ୍ଦୀରୁ ଜଣାପଡ଼ିଛି। ଗତ ଫେବୃୟାରୀ ୧ରେ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ରମେଶ ଚନ୍ଦ୍ର ଦୋରାଙ୍କ ନିକଟରେ ଅଭିଯୁକ୍ତ ☞ପୃଷ୍ଠା-୪

# ନିଖୋଜ ନାବାଳକଙ୍କୁ ବଳି ସନ୍ଦେହ

- **ଉତ୍ତ୍ୟକ୍ତ ଲୋକେ ପୋଡ଼ିଲେ ପୋଲିସ ଗାଡ଼ି**
- **ମଙ୍ଗଳା କୋଠିର ମହିଳା ପୂଜକଙ୍କ ସହ ୩ ଅଟକ**

**ଶାରୀରିକ ସୁସ୍ଥତା ଆଶାରେ ପଡ଼ୋଶୀ ଗାଁ ମଙ୍ଗଳା କୋଠିରେ ଅଧିଆ ପଡ଼ିଥିଲେ ୧୩ ବର୍ଷର ପୁଅ। ପାଖ କୋଠରିରେ ଶୋଇଥିଲେ ମା'। ହେଲେ ସକାଳୁ ନିଖୋଜ ହୋଇଯାଇଥିଲେ ନାବାଳକ। ପୁଅକୁ ନ ପାଇ ପାଗଳପ୍ରାୟ ମା' ଚାରିଆଡ଼େ ଖୋଜାଖୋଜି କରିଥିଲେ। ହେଲେ ସବୁଆଡ଼ୁ ନିରାଶ ହେବା ପରେ ଶେଷରେ କିଆକଟା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଅକୁ ଖୋଜି ଆଣିବାକୁ ପୋଲିସକୁ ନେହୁରା ହୋଇଥିଲେ। କିନ୍ତୁ ମାମଲା ରୁଜୁ ଓ ପଚରାଉଚରାରେ ସୀମିତ ରହିଗଲା ପୋଲିସର ତଦନ୍ତ। ଘଟଣାର ୬ ଦିନ ପରେ ଶୁକ୍ରବାର ଗଳିତ ଅବସ୍ଥାରେ ଝୁଲନ୍ତା ମୃତଦେହ ଜଙ୍ଗଲରୁ ମିଳିବା କ୍ଷଣି ସୃଷ୍ଟି ହୋଇଥିଲା ତୀବ୍ର ଉତ୍ତେଜନା। ନାବାଳକଙ୍କୁ ବଳି ଦିଆଯାଇଥିବା ସନ୍ଦେହ କରି ତାତିଯାଇଥିଲେ ସ୍ଥାନୀୟ ଲୋକେ। ଘଟଣାସ୍ଥଳରେ ରାସ୍ତାରୋକ କରିବା ସହ ପୋଲିସ ଗାଡ଼ିରେ ଲଗାଇ ଦେଇଥିଲେ ନିଆଁ।**

ମାଧପୁର (ମନୋଜ ପ୍ରଧାନ)/ ବଇଣ୍ଡା (ପରିକ୍ଷିତ ସାହୁ), ୨୮।୭

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ନିଖୋଜ ସପ୍ତମ ଶ୍ରେଣୀ ଛାତ୍ର ସଞ୍ଜୀବ ବିଶ୍ୱାଳ(୧୩)ଙ୍କ ଗଳିତ ମୃତଦେହ ଶୁକ୍ରବାର ବାରେଣୀ ଜଙ୍ଗଲରୁ ମିଳିବା ପରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଝୁଲନ୍ତା ଅବସ୍ଥାରେ ମୃତଦେହ ଥିବାବେଳେ ଶରୀରର କିଛି ଅଂଶ ଗଛ ତଳେ ପଡ଼ିଥିବାରୁ ନରବଳି ପାଇଁ କେହି ତାଙ୍କୁ ହତ୍ୟା କରିଥିବା ସାଧାରଣରେ ସନ୍ଦେହ କରାଯାଉଛି। ପୋଲିସ ନିଷ୍କ୍ରିୟତାରୁ ଏହି ଘଟଣା ଘଟିଥିବା ଅଭିଯୋଗ କରି ଅଞ୍ଚଳବାସୀ ବାରେଣୀ ଛକଠାରେ ଆଠମଲ୍ଲିକ-କିଆକଟା ରାସ୍ତା ଅବରୋଧ କରିବା ସହ ପୋଲିସ ଗାଡ଼ି ଜାଳି ଦେଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା ଜାରି ରଖିଛନ୍ତି।

ଘଟଣାରୁ ଜଣାପଡିଛି, ସୁବର୍ଣ୍ଣପୁର ଗ୍ରାମର ସଞ୍ଜୀବଙ୍କ ଦେହ କିଛି ବର୍ଷ ହେବ ଖରାପ ରହୁଥିଲା। ପଡ଼ୋଶୀ ଗାଁ ଟୁସରଠାରେ ପୂଜା ପାଉଥିବା ମଙ୍ଗଳା କୋଠିରେ ମାନସିକ ରଖି ପୂଜା କଲେ ପୁଅ ଭଲ ହୋଇଯିବ ବୋଲି ଶୁଣିବା ପରେ ଗତ ଜାନୁୟାରୀରେ ମା' ବାସନ୍ତୀ ବିଶ୍ୱାଳ ଉକ୍ତ ମଙ୍ଗଳା କୋଠିକୁ ଯାଇ ଶରଣ ପଶିଥିଲେ। ପୁଅର ଦେହ ଭଲ ହୋଇଯିବ ବୋଲି କହି ସେଠାରେ ଥିବା ମହିଳା ପୂଜକ ୨ଟି ବୋଦା ଓ ୩୦ ହଜାର ଟଙ୍କା ବାସନ୍ତୀଙ୍କ ଠାରୁ ନେଇଥିଲେ। ହେଲେ ସଞ୍ଜୀବଙ୍କ ଦେହ ଭଲ ନ ହେବାରୁ ବାସନ୍ତୀ ଗତ ୨୨ ତାରିଖରେ ପୁଅକୁ ନେଇ ଟୁସର ଯାଇଥିଲେ। ପୂଜକଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁଅକୁ ମଙ୍ଗଳା କୋଠିରେ ରାତିରେ ଅଧିଆ ପକାଇ ସେ ଅନ୍ୟ କୋଠରିରେ ଶୋଇଥିଲେ। ହେଲେ ସକାଳୁ ପୁଅକୁ ମଙ୍ଗଳା କୋଠିରେ ନ ପାଇ ବାସନ୍ତୀ ବିଚଳିତ ହୋଇପଡ଼ିଥିଲେ। ଏ ନେଇ ପୂଜା କରୁଥିବା ମହିଳାଙ୍କୁ ପଚାରିଥିଲେ ହେଁ କୌଣସି ଉତ୍ତର ପାଇ ନ ଥିଲେ। ପୁଅ ନିଖୋଜ ଥିବା ନେଇ ସେ ୨୩ ତାରିଖରେ କିଆକଟା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୬୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂଜକଙ୍କୁ ଡାକି ପଚରାଉଚରା କରିଥିଲେ ମଧ୍ୟ ନିଖୋଜ ସଞ୍ଜୀବଙ୍କ ପତ୍ତା ପାଇ ନ ଥିଲା। ତଦନ୍ତରେ ଅବହେଳା ପ୍ରତିବାଦ କରି ଗୁରୁବାର ରାତିରେ ସୁବର୍ଣ୍ଣପୁର ଗ୍ରାମର ମହିଳା ପୁରୁଷ ଥାନା ଘେରାଉ କରିଥିଲେ। ତେବେ ଶୁକ୍ରବାର କେତେଜଣ ଗାଈ ଚରାଳି ଜଙ୍ଗଲକୁ ଛତୁ ସଂଗ୍ରହ କରିବା ପାଇଁ ଯାଇଥିବାବେଳେ ଏକ ଗଛରେ ମୃତଦେହ ଝୁଲୁଥିବା ଦେଖିବା ପରେ ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚିଥିଲେ। ଗୋଡ଼ ଓ ହାତ କଟାଯାଇଥିବାରୁ ନାବାଳକଙ୍କୁ ବଳି ଦିଆଯାଇ ଆତ୍ମହତ୍ୟାର ରୂପ ଦେବାକୁ ଗଛରେ ଟାଙ୍ଗି ଦିଆଯାଇଥିବା ଅଞ୍ଚଳବାସୀ ସନ୍ଦେହ କରିଥିଲେ। ଘଟଣା ପାଇଁ ସେମାନେ ପୋଲିସ ଅବହେଳାକୁ ଦାୟୀ କରି ସଞ୍ଜୀବଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଅଭିଯୁକ୍ତଙ୍କ ଗିରଫ ଦାବିରେ ବାରେଣୀଛକ ଠାରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଦୁର୍ନୀତି ବିରୋଧୀ ବାର୍ତ୍ତା

# ସାଧୁଙ୍କୁ ହତ୍ୟା କଲେ ସାଧୁ

- **ଆକ୍ରମଣରେ ଅନ୍ୟ ଜଣେ ଗୁରୁତର**
- **କାଠଫାଳିଆ ଜବତ, ଅଭିଯୁକ୍ତ ଗିରଫ**

ପୁରୀ,୨୮।୭(ଅଜିତ ମହାନ୍ତି)

ଶ୍ରୀକ୍ଷେତ୍ରରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପୁରୀ ବାସେଳି ସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡରେ ଥିବା ଏକ ଆଶ୍ରମରେ ଜଣେ ସାଧୁଙ୍କୁ ସେହି ଆଶ୍ରମର ଅନ୍ୟ ଜଣେ ସାଧୁ ବିଷ୍ଣୁବାବା ଓରଫ ରବୀନ୍ଦ୍ର ଜେନା (୪୦) କାଠଫାଳିଆରେ ପିଟି ପିଟି ହତ୍ୟା କରିଛନ୍ତି। ତାଙ୍କ ଆକ୍ରମଣରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଥିବା ସାଧୁ ଜଣକ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ଗୁରୁକୃପା ଆଶ୍ରମର ଅର୍ଜୁନ ବାବା ଓରଫ ନାରୁଗୋପାଳ ମିଶ୍ର (୫୮)। ସେହିପରି ଗୁରୁତର ଆହତ ହୋଇଥିବା ସାଧୁ ହେଉଛନ୍ତି ଦୟାନିଧି ଦାସ (୬୫)। ☞ପୃଷ୍ଠା-୪

# ୨୫୦ ଟଙ୍କାର ଲଟେରି ଟିକେଟରେ ୧୦ କୋଟି ଜିତିଲେ ୧୧ ମହିଳା

କୋଝିକୋଡ,୨୮।୭

କେରଳ ମାଲାପୁରମ ଜିଲା ପରପ୍ପନଙ୍ଗଡି ମ୍ୟୁନିସିପାଲିଟି ଅନ୍ତର୍ଗତ ହରିଥା କର୍ମ ସେନା (ଏଚ୍‌କେଏସ୍)ର ୧୧ ଜଣ ମହିଳା ସଦସ୍ୟ ମୌସୁମୀ ବମ୍ପର ଲଟେରିର ପ୍ରଥମ ପୁରସ୍କାର ସ୍ୱରୂପ ୧୦ କୋଟି ଟଙ୍କାର ପୁରସ୍କାର ଜିତିଛନ୍ତି। ୨୫୦ ଟଙ୍କାର ଲଟେରି ଟିକେଟ କିଣିବା ପାଇଁ କେହି ସମର୍ଥ ନ ଥିବାରୁ ୧୧ ଜଣ ଭାଗ କରି ଟଙ୍କା ସଂଗ୍ରହ କରିଥିଲେ। ୯ ଜଣ ମହିଳା ୨୫ ଟଙ୍କା ଲେଖାଏ ଓ ଅନ୍ୟ ୨ ଜଣ ୧୨ ଟଙ୍କା ୫୦ ପଇସା ଲେଖାଏ ଦେଇଥିଲେ, ଯାହା ସେମାନଙ୍କ ଭାଗ୍ୟ ଖୋଲିଦେଇଛି। ଏହି ମହିଳାମାନେ ଘରକୁ ଘର ବୁଲି ଜୈବିକ ଉପାୟରେ ବିଘଟିତ ହେଉ ନ ଥିବା ବର୍ଜ୍ୟ ସଂଗ୍ରହ କରୁଥିଲେ। ଅଢ଼େଇ ବର୍ଷ ହେଲା ସେମାନେ ଏହି ବୃତ୍ତିରୁ ସେମାନଙ୍କ ଗୁଜରାଣ ମେଣ୍ଟାଉଥିଲେ। ମ୍ୟୁନିସିପାଲିଟିର ୫୭ ଜଣିଆ ଏଚ୍‌କେଏସ୍ ଗ୍ରୁପ୍‌ର ସେମାନେ ସଦସ୍ୟ ଥିଲେ। ଏବେ ଭାଗ୍ୟଦେବୀ ସେମାନଙ୍କୁ ପ୍ରସନ୍ନ ହୋଇଥିବାବେଳେ ସେମାନଙ୍କ ପେସା ଜାରି ରଖିବେ ବୋଲି କହିଛନ୍ତି। ଲଟେରି ବିଜେତାମାନେ ହେଲେ ଏଚ୍‌କେଏସ୍ ସଦସ୍ୟା ପି. ପର୍ଭାତି, କେ. ଲୀଲା, ଏମ୍.ପି. ରାଧା, ଏମ୍. ଶିଜା, କେ. ଚନ୍ଦ୍ରିକା, ଇ. ବିନ୍ଦୁ, କାର୍ତ୍ତିୟାୟିନୀ, କେ. ଶୋଭା, ସି. ବେବି, ସି. କୁଟ୍ଟିମାଲୁ ଏବଂ ପି. ଲକ୍ଷ୍ମୀ। ପର୍ଭାତିଙ୍କ କହିବା ଅନୁଯାୟୀ, ସେମାନେ ପୂର୍ବରୁ ୩ ଥର ଲଟେରି ଟିକେଟ କିଣିଥିଲେ ମଧ୍ୟ ପୁରସ୍କାର ଜିତି ନ ଥିବାରୁ ଏଥର ମଧ୍ୟ ଜିତିବେ ବୋଲି ଆଶା ରଖି ନ ଥିଲେ। ଏଥର ଟଙ୍କା ଆଦାୟ କରି ଚତୁର୍ଥ ଟିକେଟ କିଣିଥିଲେ ହେଁ ପାଲାକ୍କାଡର ଏକ ସଂସ୍ଥା ବିକିଥିବା ଟିକେଟ ଜିତିଥିବା ବୁଧବାର ଶୁଣିବାକୁ ପାଇବାରୁ ଏହା ଆଉ ଏକ କ୍ଷତି ହେଲା ବୋଲି ସେମାନେ ଧରିନେଇଥିଲେ। ଅପରାହ୍ନରେ ପର୍ଭାତି କାମରୁ ଫେରିବା ବେଳକୁ ଯେଉଁ ଟିକେଟରେ ଲଟେରି ଉଠିଛି, ତାହା ସେମାନଙ୍କ ☞ପୃଷ୍ଠା-୪


TPCODL | TPNODL | TPSODL | TPWODL
(A Joint Venture of Tata Power and Government of Odisha)

"ବସ୍ତୁବାଦରେ ପ୍ରାପ୍ତ ଯେ କୌଣସି ସଫଳତା ବା ସିଦ୍ଧି ଯଥାର୍ଥ ନୁହେଁ, ଯଦି ଏହା ଦେଶ ତଥା ଜନସାଧାରଣଙ୍କର ଆବଶ୍ୟକତାକୁ ପୂରଣ ନ କରେ ଏବଂ ଏହା ସଚ୍ଚୋଟ ଉପାୟରେ ପ୍ରାପ୍ତ ନ ହୋଇଥାଏ ।"

ଯୁଗଜନ୍ମା ଜେ.ଆର.ଡି. ଟାଟାଙ୍କ ଦୂରଦୃଷ୍ଟି ସମ୍ପନ୍ନ ବ୍ୟାଖ୍ୟା ଆମକୁ ଆମର ପରିସୀମା ଅତିକ୍ରମ କରିବାର ପ୍ରଚେଷ୍ଟା ଓ ପ୍ରତିବଦ୍ଧତା ପାଇଁ ଅବିରତ ପ୍ରେରଣା ଯୋଗାଇ ଆସିଛି ।

ତାଙ୍କ ଦିଗଦର୍ଶନ ସର୍ବଦା ଆମ ସମସ୍ତଙ୍କୁ ପଥ ପ୍ରଦର୍ଶନ କରିଥାଏ ।

ଓଡିଶାର ପୁରପଲ୍ଲୀ ତଥା ଶିଳ୍ପାୟନକୁ ବିଦ୍ୟୁତ ଶକ୍ତି ଯୋଗାଇବାର ସୁଯୋଗ ପାଇଁ ଆମେ ନିଜକୁ ଗୌରବାନ୍ୱିତ ମନେ କରୁ ।

ସେହି ଯୁଗପୁରୁଷଙ୍କ ୧୧୯ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆମେ ଓଡିଶାର ଲକ୍ଷ ଲକ୍ଷ ଜନତାଙ୍କ ସଶକ୍ତିକରଣ ନିମନ୍ତେ ନିଜକୁ ପୁନଃ ଉତ୍ସର୍ଗ କରୁଛୁ ।

ତାଙ୍କ ଦୂରଦୃଷ୍ଟିର ସଫଳ ରୂପାୟନ ଆମ ଜୀବନର ମୂଳ ଲକ୍ଷ୍ୟ ।

ଜେ.ଆର.ଡି. ଟାଟା
(ଜୁଲାଇ ୨୯, ୧୯୦୪ - ନଭେମ୍ବର ୨୯, ୧୯୯୩)



rediffusion.in



ମଣିପୁରରେ ସବୁକିଛି ଠିକ୍ ଚାଲିଥିବା ଦର୍ଶାଇ ଦେଶବାସୀଙ୍କ ଆଗରେ ଭାଜପା ଏକ ଛବି ଆଙ୍କିବାକୁ ଚାହୁଁଛି। କିନ୍ତୁ ଏହି ହିଂସା ପ୍ରଭାବିତ ରାଜ୍ୟରେ କିଛି ଭଲ ଚାଲୁନାହିଁ। ଏଥିପାଇଁ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ କରାଯାଉ। ଶତାଧିକ ଏଫ୍ଆଇଆର୍ ରୁଜୁ ହୋଇଥିବା ବିଷୟ ମଣିପୁର ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି। ୨ ମାସ ହେଲା ପ୍ରଶାସନ କାହିଁକି ଶୋଇଛି?

-ସୌରଭ ଗୋଗୋଇ, ଲୋକ ସଭାରେ କଂଗ୍ରେସ ଉପନେତା

## ସଂକ୍ଷେପରେ

### ଫିଲିପାଇନ୍ସରେ ବୋଟ୍ ଦୁର୍ଘଟଣା: ୨୭ ମୃତ

ମାନିଲା,୨୮।୭

ଫିଲିପାଇନ୍ସର ଏକ ହ୍ରଦରେ ବୋଟ୍ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯିବାରୁ ୨୭ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ବୋଟ୍‌ରେ ସାମର୍ଥ୍ୟଠାରୁ ଅଧିକ ଯାତ୍ରୀ ଥିବା ଜାଣି ମଧ୍ୟ ଏହାକୁ ଚଳାଇବା ପାଇଁ କ୍ୟାପ୍‌ଟେନ୍ ନିଷ୍ପତ୍ତି ନେଇଥିଲେ ବୋଲି ତଟସୁରକ୍ଷା ମୁଖ୍ୟ କହିଛନ୍ତି। ଏମ୍/ବି ଆୟା ଏକ୍ସପ୍ରେସ୍ ନାମକ ବୋଟ୍ ଗୁରୁବାର ମାନିଲା ଦକ୍ଷିଣପୂର୍ବରେ ଥିବା ବିନାଙ୍ଗୋନାନ୍ ସହରରୁ ଛାଡ଼ିବାର କିଛି ସମୟ ପରେ ଲାଗୁନା ଡେ ବେରେ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯାଇଥିଲା। ୪୩ ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ତଟସୁରକ୍ଷା ଯବାନ, ପୋଲିସ ଓ ସରକାରୀ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ଆଉ କୌଣସି ଯାତ୍ରୀ ନିଖୋଜ ନ ଥିବା ଉଦ୍ଧାରକାରୀ ଟିମ୍ ପକ୍ଷରୁ କୁହାଯାଇଛି। ବୋଟ୍‌କୁ ଯିବା ପାଇଁ ଅନୁମତି ଦେଇଥିବା ତଟସୁରକ୍ଷା ବାହିନୀର ଦୁଇ ଇନ୍ସପେକ୍ଟରଙ୍କୁ ସେମାନଙ୍କ ପଦବୀରୁ ବିଦା କରାଯିବା ସହ ତଦନ୍ତ କରାଯାଉଛି।

### ପ୍ରଜନନ ବେଳର ଲିଙ୍ଗ ଅନୁପାତ ବଢ଼ିଛି

ନୂଆଦିଲ୍ଲୀ,୨୮।୭(ପି.ଟି.)

ପ୍ରଜନନ ସମୟର ଲିଙ୍ଗ ଅନୁପାତରେ ୧୫ ପଏଣ୍ଟ ଉନ୍ନତି ହୋଇଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଶୁକ୍ରବାର ଲୋକ ସଭାରେ କହିଛନ୍ତି। ୨୦୧୪-୧୫ରେ ପ୍ରତି ହଜାର ପୁଅରେ ଝିଅଙ୍କ ସଂଖ୍ୟା ୯୧୮ ରହିଥିବାବେଳେ ୨୦୨୨-୨୩ରେ ଏହା ୯୩୩କୁ ବୃଦ୍ଧି ପାଇଛି। ସରକାରଙ୍କ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିଛି ଓ ସେମାନେ କନ୍ୟାସନ୍ତାନର ଅଧିକାର ସମ୍ପର୍କରେ ସଚେତନ ହୋଇଛନ୍ତି ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ନିମ୍ନ ସଦନରେ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ। ଶିଶୁ ଲିଙ୍ଗ ଅନୁପାତ ହ୍ରାସ ପାଇଚାଲିଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏବେ ଏଥିରେ ଉନ୍ନତି ଆସିଥିବା ମନ୍ତ୍ରୀ କହିଛନ୍ତି।

### ରାମମନ୍ଦିର ଉଦ୍‌ଘାଟନ: ଅଯୋଧ୍ୟାରେ ହୋଟେଲ ବୁକ୍ ପାଇଁ ଏବେଠୁ ଭିଡ଼

ଅଯୋଧ୍ୟା,୨୮।୭

୨୦୨୪ ଜାନୁୟାରୀରେ ଅଯୋଧ୍ୟାର ଭବ୍ୟ ରାମମନ୍ଦିର ଉଦ୍‌ଘାଟନ ହେବାକୁ ଥିବାବେଳେ ଏବେଠୁ ଦେଶର ଟ୍ରାଭେଲ ଏଜେଣ୍ଟଗୁଡ଼ିକ ମନ୍ଦିର ସହରର ଉପରେ ନଜର ପକାଇଲେଣି। ଅଯୋଧ୍ୟାର ହୋଟେଲ, ଗେଷ୍ଟହାଉସ, ଧର୍ମଶାଳାଗୁଡ଼ିକୁ ଜାନୁୟାରୀ ୨୦ରୁ ୨୬ ବୁକ୍ କରିବା ପାଇଁ ଏବେଠୁ ପ୍ରବଳ ମାତ୍ରାରେ ଅର୍ଡର ଆସିବାରେ ଲାଗିଲାଣି। ଅଧିକାଂଶ ବୁକିଂ ଅନୁରୋଧ ଟ୍ରାଭେଲ ଏଜେନ୍ସିଗୁଡ଼ିକରୁ ଆସୁଛି। ସେମାନେ ଚଢ଼ା ଦରରେ ପୂରା ହୋଟେଲ ବୁକ୍ କରୁଛନ୍ତି, ଯାହା ଭକ୍ତମାନଙ୍କଠାରୁ ଅସୁଲ କରିବେ। ମନ୍ଦିର ଉଦ୍‌ଘାଟନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରଣପତ୍ର ପଠାଯାଇଥିବା ଟ୍ରଷ୍ଟ ପକ୍ଷରୁ ଘୋଷଣା କରାଯିବା ପରେ ଲୋକଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଇଛି। ଜାନୁୟାରୀରେ ଅଯୋଧ୍ୟାକୁ ଭକ୍ତମାନଙ୍କ ସୁଅ ଛୁଟିବ। ଜାନୁୟାରୀ ୧୫ରୁ ୨୪ ମଧ୍ୟରେ ଉଦ୍‌ଘାଟନ ତାରିଖ ସ୍ଥିର କରିବାକୁ ପ୍ରଧାନମନ୍ତ୍ରୀଙ୍କୁ କୁହାଯାଇଥିବା ରାମମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ କହିଛନ୍ତି। ଉଦ୍‌ଘାଟନ ଉତ୍ସବରେ ୧୦ ହଜାର ଅତିଥି ଯୋଗଦେବେ।

# ସଂଖ୍ୟାବଳର ଅହଂକାର

ନୂଆଦିଲ୍ଲୀ/ଇମ୍ଫାଲ,୨୮।୭
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

୩ ମାସ ପୂରିବାକୁ ବସିଲାଣି ମଣିପୁର ହିଂସାକୁ। ସରକାର ହିସାବ ଦେଇପାରୁ ନାହାନ୍ତି କେତେ ମୃତ, କେତେ ଆହତ ଓ କେତେଜଣ ମହିଳାଙ୍କୁ ବଳାତ୍କାର ଏବଂ/କିମ୍ବା ହତ୍ୟା କରାଗଲାଣି। ଭାଜପା ଶାସିତ ଏହି ଉତ୍ତର-ପୂର୍ବ ରାଜ୍ୟର କୋଣ ଅନୁକୋଣେ ଅରାଜକତାର ଅଖଣ୍ଡ ରାଜୁତି। ଶାସନ ବୋଲି କିଛି ନାହିଁ। ଡବଲ୍ ଇଞ୍ଜିନ୍ ଲାଇନଚ୍ୟୁତ। ଜାତିଆଣ ହିଂସାର ନିଆଁ ପୂରା ମଣିପୁରକୁ ବ୍ୟାପିଥିବାବେଳେ ଅପରାଧ ଧାରାରେ ମଧ୍ୟ ବ୍ରେକ୍ ଲାଗୁନାହିଁ। ବିରୋଧୀଙ୍କ ମତରେ ଅଣଭାଜପା ଶାସିତ ରାଜ୍ୟ ହୋଇଥିଲେ କେବେଠୁ ରାଷ୍ଟ୍ରପତି ଶାସନ ଜାରି କରିସାରନ୍ତେଣି। ଅନ୍ତତଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ଭିତରେ ମଣିପୁର ପ୍ରସଙ୍ଗରେ ବିବୃତି ରଖିବା କଥା। କିନ୍ତୁ ସେ ମୁହଁ ଖୋଲୁ ନ ଥିବାରୁ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ବିରୋଧୀ ବ୍ଲକ୍ ଇଣ୍ଡିଆ ଆଣିଛି ଅନାସ୍ଥା ପ୍ରସ୍ତାବ। ତଥାପି ଦେଶର ପ୍ରଧାନ ସେବକ ଗୃହକୁ ଆସୁନାହାନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ଶାସିତ ରାଜସ୍ଥାନରେ ଗେହଲଟ୍ ସରକାରଙ୍କୁ ସେ 'ଲାଲ ଡାଏରି' ଉପାଖ୍ୟାନ ଶୁଣାଇ ଜନ ଅଦାଲତର କାଠଗଡ଼ାରେ ଛିଡ଼ା କରାଉଛନ୍ତି। କିନ୍ତୁ ମଣିପୁରରେ କୁକି ମହିଳାଙ୍କୁ ଉଲଗ୍ନ ପରେଡ୍ କରାଇବା ଭଳି ଅତି ସମ୍ବେଦନଶୀଳ ଘଟଣା ବିଶ୍ୱ ଦରବାରରେ ଭାରତର ମୁଣ୍ଡ ତଳକୁ କରିଦେଇଥିବାବେଳେ ଏହା ଉପରେ ସଂସଦରେ ଦୁଇପଦ କହିବା ପାଇଁ ସମୟ ପାଉନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିରେ ଅଡ଼ିବସିଥିବା ବିପକ୍ଷ ସଦସ୍ୟମାନେ ହୋହଲ୍ଲା କରୁଥିବାବେଳେ ୨୬ ଦଳୀୟ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ମଣିପୁର ଗସ୍ତ ଅବ୍ୟବହିତ ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସେମାନଙ୍କୁ ଚ୍ୟାଲେଞ୍ଜ କରିଛନ୍ତି, ତୁମର ସଂଖ୍ୟାବଳ ଥିଲେ ଆମର ବିଲ୍‌ଗୁଡ଼ିକୁ ଅଟକାଅ। ନିରଙ୍କୁଶ କ୍ଷମତା ଉପଭୋଗ କରୁଥିବା ଏକ ସରକାରର ଜଣେ ବରିଷ୍ଠ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ କେହି କେହି କହୁଛନ୍ତି, ସଂଖ୍ୟାବଳର ଅହଂକାର।

ପର୍ଯ୍ୟାପ୍ତ ସଂଖ୍ୟାବଳ ନ ଥିବାରୁ ଅନସ୍ଥା ପ୍ରସ୍ତାବ କାଟ୍ ଖାଇବା ଜାଣି ସୁଦ୍ଧା ବିରୋଧୀ ଲୋକ ସଭାରେ ଏହାକୁ ଆଗତ କରିଛନ୍ତି। ନିମ୍ନ ସଦନର ୫୪୩ ଆସନରୁ ୫ ଖାଲିପଡ଼ିଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ୩୩୧ ସଦସ୍ୟ ଥିବାବେଳେ ବିରୋଧୀ ଇଣ୍ଡିଆ ସଦସ୍ୟଙ୍କ ସଂଖ୍ୟା ହେଉଛି ୧୪୪। ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ୍ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସର ୨୨ ଏମ୍‌ପି ଅନାସ୍ଥା ପ୍ରସ୍ତାବ ବିରୋଧରେ ଯିବା ସ୍ପଷ୍ଟ ହୋଇଥିବାବେଳେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ବିଆର୍‌ଏସ୍‌ର ୯ ଏମ୍‌ପି ସପକ୍ଷରେ ଭୋଟ ଦେଇପାରନ୍ତି। କାରଣ ଇଣ୍ଡିଆ ପକ୍ଷରୁ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିବାବେଳେ ବିଆର୍‌ଏସ୍ ମଧ୍ୟ ପୃଥକ୍ ଭାବେ ନୋଟିସ ଦେଇଛି। ଶାସକ କିମ୍ବା ବିରୋଧୀ ମେଣ୍ଟରେ ସାମିଲ ହୋଇ ନ ଥିବା ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ମଣିପୁର ଉଭୟ ପକ୍ଷଙ୍କୁ ଟାର୍ଗେଟ କରାଯାଉଛି। ତେଣୁ ମାୟାବତୀଙ୍କ ୯ ଲୋକ ସଭା ସଦସ୍ୟ କେଉଁ ଆଡ଼କୁ ଢଳିବେ ଜଣାପଡୁନାହିଁ। ଏମିତିରେ ସମଦୂରତ୍ୱ ଅବଲମ୍ବନ କରୁଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ (ବିଜେଡି)ର ୧୨ ଏମ୍‌ପିଙ୍କ ଉପରେ ନଜର ରହିଛି। ତେବେ ଅତୀତରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ରକୁ ବିଜେଡି ସମର୍ଥନ କରିଥିବାରୁ ଅନାସ୍ଥା ପ୍ରସ୍ତାବ ବେଳେ ସରକାରଙ୍କ ସପକ୍ଷରେ ଯାଇପାରେ। କିନ୍ତୁ ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବା ପାଇଁ ଜୋର୍ ଦେଇଆସୁଥିବା ବିଜେଡି ମହିଳା ବିରୋଧୀ ହିଂସା ପ୍ରସଙ୍ଗରେ କେନ୍ଦ୍ରକୁ ସମର୍ଥନକଲେ ତାକୁ ଓଡ଼ିଶାବାସୀ କିଭଳି ଗ୍ରହଣ କରିବେ ଦେଖିବା କଥା।



ଜୁଲାଇ ୨୦ରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ।

## ସଂଖ୍ୟା ଥିଲେ ବିଲ୍‌କୁ ହରାନ୍ତୁ ବିରୋଧୀ: ପ୍ରହ୍ଲାଦ ଜୋଷୀ

ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି, ଲୋକ ସଭାରେ ଯଦି ବିରୋଧୀ ଦଳଗୁଡ଼ିକର ସଂଖ୍ୟାବଳ ଅଛି ତେବେ ସେମାନେ ଗୃହରେ ସରକାର ଆଗତ କରୁଥିବା ବିଲ୍‌ଗୁଡ଼ିକୁ ହରାନ୍ତୁ। ଲୋକ ସଭାରେ ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ବିଚାରାଧୀନ ଥିବାବେଳେ ବିପକ୍ଷ ସଦସ୍ୟଙ୍କ ହଟ୍ଟଗୋଳରେ ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଦର୍ଶାଇ ପ୍ରହ୍ଲାଦ ଏହି ମନ୍ତବ୍ୟ ଦେଇଛନ୍ତି। ପାର୍ଲାମେଣ୍ଟ ବାହାରେ ସେ ଆହୁରି କହିଛନ୍ତି, ବିରୋଧୀ ହଠାତ୍ ଅନାସ୍ଥା ପ୍ରସ୍ତାବ ଆଣିବାର ମାନେ ନୁହେଁ ଯେ, କୌଣସି ସରକାରୀ କାର୍ଯ୍ୟ କରାଯିବ ନାହିଁ। ଏହା ପୂର୍ବରୁ ଗୃହ ଭିତରେ ମଧ୍ୟ ପ୍ରହ୍ଲାଦ ବିରୋଧୀ ଦଳଗୁଡ଼ିକୁ ଏହି ଚ୍ୟାଲେଞ୍ଜ ଦେଇଥିଲେ।

## ଅନାସ୍ଥା ଆଲୋଚନା ନିଷ୍ପତ୍ତି ସୋମବାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସପ୍ତାହରେ ପାର୍ଲାମେଣ୍ଟରେ ଉପସ୍ଥିତ ରହିବେ। ଏହି ସମୟରେ ବିରୋଧୀଙ୍କ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ଆରମ୍ଭ ହେବ। କେବେ ଆଲୋଚନା ହେବ ତାହା ସେନେଇ ସୋମବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ନିଷ୍ପତ୍ତି ନେବେ ବୋଲି ସୂତ୍ରରୁ ପ୍ରକାଶ। ଅଗଷ୍ଟ ୧ (ମଙ୍ଗଳବାର)ରେ ମୋଦି ମହାରାଷ୍ଟ୍ର ଯାଇପାରନ୍ତି। ତେଣୁ ମଙ୍ଗଳବାର ଓ ବୁଧବାର ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ।

## ଭାଜପା କ୍ଷମତା ଲୋଭରେ ମହିଳାଙ୍କ ସମ୍ମାନ ସହ ଖେଳୁଛି: ରାହୁଲ



କ୍ଷମତା ଲୋଭରେ ଭାଜପା ଦେଶର ମହିଳାମାନଙ୍କ ସମ୍ମାନ ଓ ଆତ୍ମସମ୍ମାନ ସହ ଖେଳୁଛି ବୋଲି ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ ଆଣିଛନ୍ତି। କେତେକ ଗଣମାଧ୍ୟମରେ ପ୍ରସାରିତ ଯୌନହିଂସାର ରିପୋର୍ଟକୁ ନେଇ ପ୍ରସ୍ତୁତ ଏକ ଭିଡିଓ ମୋଣ୍ଟେଜ୍‌କୁ ରାହୁଲ ଏକ ଫେସ୍‌ବୁକ୍ ପୋଷ୍ଟରେ ଶେୟାର କରି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ମଣିପୁରରେ ମେ' ୪ରେ ୨ ଜଣ କୁକି-ଜୁ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯିବା, ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବ୍ରିଜଭୂଷଣ ଶରଣ ସିଂ ମହିଳା କୁସ୍ତିଯୋଦ୍ଧାମାନଙ୍କୁ ଯୌନ ଉତ୍ପୀଡ଼ନ କରିବା, ଉତ୍ତରାଖଣ୍ଡରେ ଭାଜପା ନେତାଙ୍କ ପୁଅ ଜଣେ ମହିଳାଙ୍କୁ ହତ୍ୟା କରିବା ଅଭିଯୋଗ ସହ ବିଲ୍‌କିସ୍ ବାନୋ ଗଣବଳାତ୍କାର ମାମଲାର ଦୋଷୀଙ୍କୁ ଜେଲରୁ ଛାଡ଼ିଦେବା ଭଳି ଘଟଣାର ଭିଡିଓ ଏଥିରେ ରହିଛି। ମହିଳାଙ୍କୁ ସମ୍ମାନ ଦେଉ ନ ଥିବା ଦେଶ କେବେହେଲେ ଉନ୍ନତି କରି ନ ଥାଏ ବୋଲି ରାହୁଲ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

## ଇଣ୍ଡିଆ ଏମ୍‌ପିଙ୍କ ମଣିପୁର ଗସ୍ତ ଆଜି

**ସ୍ଥିତି ସମୀକ୍ଷା ପରେ ସରକାର ଓ ସଂସଦକୁ ସମାଧାନ ବାଟ ବତାଇବେ ବିରୋଧୀ**

ବିରୋଧୀ ମେଣ୍ଟ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ୨୦ ଏମ୍‌ପିଙ୍କ ପ୍ରତିନିଧି ଦଳ ଶନିବାର ହିଂସା ପ୍ରଭାବିତ ମଣିପୁର ଗସ୍ତ କରିବ। ସେମାନେ ସେଠାରେ ସ୍ଥିତି ସମୀକ୍ଷା କରିବା ପରେ ସମସ୍ୟାର ସମାଧାନ ପାଇଁ କି ପଦକ୍ଷେପ ନିଆଯିବା ଉଚିତ ତାହା ସରକାର ଓ ସଂସଦକୁ ସୁପାରିସ କରିବେ। ଏହି ଗସ୍ତ ପୂର୍ବରୁ ଲୋକ ସଭାରେ କଂଗ୍ରେସ ଉପନେତା ସୌରଭ ଗୋଗୋଇ ମଣିପୁର ହିଂସାର ତଦନ୍ତ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ କରାଇବାକୁ ଦାବି କରିଛନ୍ତି। ପ୍ରତିନିଧି ଦଳରେ ସାମିଲ ହୋଇଥିବା ଏମ୍‌ପିମାନେ ହେଲେ ଅଧୀର ରଞ୍ଜନ ଚୌଧୁରୀ, ସୌରଭ ଗୋଗୋଇ(କଂଗ୍ରେସ), ସୁସ୍ମିତା ଦେବ(ଟିଏମ୍‌ସି), ମହୁଆ ମାଜି(ଜେଏମ୍‌ଏମ୍), କାନିମୋଝି (ଡିଏମ୍‌କେ), ମହମ୍ମଦ ଫଇଜାଲ (ଏନ୍‌ସିପି), ଜୟନ୍ତ ଚୌଧୁରୀ (ଆର୍‌ଏଲ୍‌ଡି), ମନୋଜ କୁମାର ଝା (ଆର୍‌ଜେଡି), ଏନ୍.କେ. ପ୍ରେମଚନ୍ଦ୍ରନ୍ (ଆର୍‌ଏସ୍‌ପି) ଏବଂ ଟି. ଥିରୁମାଭଲଭାନ୍ (ଭିସିକେ)। ସେହିପରି ଜେଡିୟୁ ମୁଖ୍ୟ ରାଜୀବ ରଞ୍ଜନ (ଲଲନ୍ ସିଂ) ଓ ନେତା ଅନିଲ ପ୍ରସାଦ ହେଗ୍‌ଡେ, ସିପିଆଇର ସନ୍ଦୋଶ କୁମାର, ସିପିଆଇଏମ୍‌ର ଏ.ଏ.ରହିମ, ସମାଜବାଦୀ ପାର୍ଟିର ଜାଭେଦ ଅଲୀ ଖାନ୍, ଆଇୟୁଏମ୍‌ଏଲ୍‌ର ଇ.ଟି. ମହମ୍ମଦ ବଶିରର, ଏଏପିର ସୁଶୀଲ ଗୁପ୍ତା, ଶିବସେନା ୟୁବିଟିର ଅରବିନ୍ଦ ସାୱନ୍ତ, ଡିଏମ୍‌କେର ଡି. ରବିକୁମାର ଏବଂ କଂଗ୍ରେସର ଫୁଲୋ ଦେବୀ ନେତମ୍ ମଧ୍ୟ ପ୍ରତିନିଧି ଦଳରେ ମଣିପୁର ଯିବେ।

“ବିରୋଧୀଙ୍କ ପ୍ରତିନିଧି ଦଳ ଗୋଟିଏ ବାର୍ତ୍ତା ଦେବାକୁ ଚାହୁଁଛି, ଆମେ ମଣିପୁରବାସୀଙ୍କ ସହ ଅଛୁ। କିପରି ଶାନ୍ତି ଫେରିବ ସେନେଇ ଆମେ ଚିନ୍ତିତ। ସରକାର ବିଫଳ ହୋଇଥିବାରୁ ଆମେ ସେଠାକୁ ସ୍ଥିତି ପରଖିବାକୁ ଗସ୍ତ କରିବୁ ଏବଂ ସମାଧାନର ବାଟ ଖୋଜିବୁ।

**-ସୁସ୍ମିତା ଦେବ, ଟିଏମ୍‌ସି ଏମ୍‌ପି**

“ମଣିପୁରରେ କ'ଣ ଭୁଲ୍ ହୋଇଗଲା? କେତେ ଧନଜୀବନ ହାନି ହୋଇଛି ଜାଣିବା ପାଇଁ ଆମେ ଶନିବାର ସକାଳେ ଗସ୍ତ ଆରମ୍ଭ କରିବୁ।

**-ଟି.ଆର୍. ବାଲୁ, ଡିଏମ୍‌କେ ଏମ୍‌ପି**




ମଣିପୁର ହିଂସା ପ୍ରତିବାଦରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଶୁକ୍ରବାର ମଣିପୁରୀ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ଚମନ ଗୌତମ)

## ଆଣବିକ ଖଣିଜ ଉତ୍ତୋଳନ ପାଇଁ ଘରୋଇ ସଂସ୍ଥାକୁ ମିଳିବ ଅନୁମତି

ନୂଆଦିଲ୍ଲୀ,୨୮।୭(ପି.ଟି.)

- ଲୋକ ସଭାରେ ବିଲ୍ ଗୃହୀତ
- ଏନ୍‌ଏନ୍‌ଏମ୍‌ସି, ଏନ୍‌ଡିସି ବିଲ୍‌କୁ ଅନୁମୋଦନ

ଲିଥିୟମ ସମେତ ୬ ଆଣବିକ ଖଣିଜ ଉତ୍ତୋଳନ ଲାଗି ଘରୋଇ ସଂସ୍ଥାକୁ ଅନୁମତି ମିଳିବ। ଏଥିପାଇଁ ଶୁକ୍ରବାର ଲୋକ ସଭାରେ ଖଣି ଓ ଖଣିଜ(ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୩ ଧ୍ୱନି ମତରେ ପାରିତ ହୋଇଛି। ପ୍ରଚଳିତ ଆଇନ ଅନୁଯାୟୀ ସମସ୍ତ ୧୨ଟି ଆଣବିକ ଖଣିଜ ଉତ୍ତୋଳନ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ପାଇଁ ସଂରକ୍ଷିତ ରହିଥିଲା। ସେଥିରୁ ୬ଟି ଖଣିଜର ଉତ୍ତୋଳନ ଘରୋଇ ସଂସ୍ଥା ଦ୍ୱାରା କରାଇବା ପାଇଁ ସରକାର ବିଲ୍ ଆଣିଥିଲେ। ସେହିସବୁ ଖଣିଜ ହେଲା ଲିଥିୟମ(ଯାହା ବିଦ୍ୟୁତ୍‌ଚାଳିତ ଯାନର ବ୍ୟାଟେରି ଏବଂ ବିଦ୍ୟୁତ୍ ଷ୍ଟୋରେଜ୍ ଉପକରଣ ତିଆରିରେ ବ୍ୟବହୃତ ହୋଇଥାଏ), ବେରିଲିୟମ, ନିଓବିୟମ, ଟିଟାନିୟମ, ଟାଣ୍ଟାଲମ ଏବଂ ଜିର୍କୋନିୟମ। ମହାକାଶ ଶିଳ୍ପ, ଇଲେକ୍ଟ୍ରୋନିକ୍ସ, ଯୋଗାଯୋଗ, ଶକ୍ତି ସେକ୍ଟର, ଇଲେକ୍ଟ୍ରି ବ୍ୟାଟେରି ଆଦିରେ ଏହିସବୁ ଖଣିଜ ବ୍ୟବହୃତ ହୋଇଥାଏ। ଘରୋଇ ସଂସ୍ଥାକୁ ଅନୁମତି ମିଳିବା ଦ୍ୱାରା ସେଗୁଡ଼ିକ ପ୍ରଚୁର ମାତ୍ରାରେ ଉତ୍ତୋଳନ ହୋଇପାରିବ।

ସେହିପରି ଦେଶରେ ଦନ୍ତରୋଗ ଶିକ୍ଷା ଓ ପେସାକୁ ନିୟନ୍ତ୍ରଣ କରିବା ପାଇଁ ନ୍ୟାଶନାଲ ଡେଣ୍ଟାଲ କମିଶନ (ଏନ୍‌ଡିସି) ସ୍ଥାପନ ନିମନ୍ତେ ଆସିଥିବା ବିଲ୍‌କୁ ଲୋକ ସଭା ଅନୁମୋଦନ କରିଛି। ଡେଣ୍ଟିଷ୍ଟସ୍ ଆକ୍ଟ, ୧୯୪୮ ସ୍ଥାନରେ କାର୍ଯ୍ୟକାରୀ ହେବାକୁ ଥିବା ନ୍ୟାଶନାଲ ଡେଣ୍ଟାଲ କମିଶନ ବିଲ୍ ଦନ୍ତରୋଗ ଶିକ୍ଷାକୁ ସୁଲଭ କରାଇବା ସହ ମୁଖ ସ୍ୱାସ୍ଥ୍ୟସେବାର ମାନ ବଢ଼ାଇବ। ଏହା ବ୍ୟତୀତ ଭାରତୀୟ ନର୍ସିଂ କାଉନସିଲ୍ ଆଇନ, ୧୯୪୭ ସ୍ଥାନରେ ନ୍ୟାଶନାଲ ନର୍ସିଂ ଆଣ୍ଡ ମିଡ୍‌ୱାଇଫେରି କମିଶନ (ଏନ୍‌ଏନ୍‌ଏମ୍‌ସି) ସ୍ଥାପନ ଲକ୍ଷ୍ୟରେ ଅଣାଯାଇଥିବା ନ୍ୟାଶନାଲ ନର୍ସିଂ ଆଣ୍ଡ ମିଡ୍‌ୱାଇଫେରି କମିଶନ ବିଲ୍, ୨୦୨୩ ଲୋକ ସଭାରେ ଗୃହୀତ ହୋଇଛି।

## ବିବାହ ପାଇଁ ମନା କରିବାରୁ କଲେଜ ଛାତ୍ରୀଙ୍କୁ ଲୁହାଛଡ଼ରେ ପିଟି ହତ୍ୟା

ନୂଆଦିଲ୍ଲୀ,୨୮।୭

ଦକ୍ଷିଣ ଦିଲ୍ଲୀର ମାଲବ୍ୟନଗରରେ ଜଣେ ୨୫ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଶୁକ୍ରବାର ଲୁହାଛଡ଼ରେ ପିଟି ହତ୍ୟା କରାଯାଇଛି। ମୃତା ନର୍ଗିସଙ୍କ ମୁଣ୍ଡରେ କ୍ଷତଚିହ୍ନ ରହିଥିବାବେଳେ ଏକ ଲୁହା ରଡ୍ ପୋଲିସ ପାଇଛି। ନର୍ଗିସ କମଳା ନେହେରୁ କଲେଜର ଛାତ୍ରୀ ହୋଇଥବାବେଳେ ସେ ତାଙ୍କର ଦୂର ସମ୍ପର୍କୀୟ ଭାଇ ଇର୍ଫାନଙ୍କୁ ଭେଟିବା ଲାଗି ପାର୍କକୁ ଆସିଥିଲେ। ହତ୍ୟା ଅଭିଯୋଗରେ ଇର୍ଫାନଙ୍କୁ ଗିରଫ କରାଯାଇଛି। ଇର୍ଫାନ ନର୍ଗିସଙ୍କୁ ବିବାହ କରିବାକୁ ଚାହୁଁଥିବାବେଳେ ଝିଅ ପରିବାର ରାଜି ନ ଥିଲେ। ସେଥିପାଇଁ ସେ ନର୍ଗିସଙ୍କୁ ହତ୍ୟା କରିଥିବା ଦକ୍ଷିଣ ଦିଲ୍ଲୀ ଡିସିପି ଚନ୍ଦନ ଚୌଧରୀ କହିଛନ୍ତି।

## ଅଭିଷେକ ବାନାର୍ଜୀଙ୍କ ନାଁରେ ଲୁକ୍‌ଆଉଟ୍ ସର୍କୁଲାର ପ୍ରତ୍ୟାହାର ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮।୭(ପି.ଟି.)

ପଶ୍ଚିମବଙ୍ଗ କୋଇଲା ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ ଏବଂ ତାଙ୍କ ସ୍ତ୍ରୀ ରୁଜିରାଙ୍କ ନାଁରେ ଇସ୍ୟୁ ହୋଇଥିବା ଲୁକ୍ ଆଉଟ୍ ସର୍କୁଲାର (ଏଲ୍‌ଓସି) ପ୍ରତ୍ୟାହାର ଲାଗି ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ବିଦେଶ ଯିବା ନେଇ ସପ୍ତାହେ ପୂର୍ବରୁ ଜଣାଇଲେ ଏଥିପାଇଁ ସୁବିଧା କରିଦିଆଯିବ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁଣାଣି ବେଳେ ଜଷ୍ଟିସ ଏସ୍.କେ. କୌଲ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠଙ୍କୁ କହିଥିଲେ। କୋର୍ଟଙ୍କ ଅନୁମତିରେ ଅଭିଷେକ ଓ ରୁଜିରା ବିଦେଶ ଗସ୍ତରେ ଯାଉଥିବାବେଳେ କ'ଣ ପାଇଁ ସେମାନଙ୍କ ବିରୋଧରେ ଏଲ୍‌ଓସି ଜାରି ହେଲା ଜଣାଇବାକୁ ଗତ ୨୪ ତାରିଖରେ ସୁପ୍ରିମକୋର୍ଟ ଇଡିକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଇଡି ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଉପସ୍ଥିତ ରହି ଜୁଲାଇ ୨୬ରୁ ଅଗଷ୍ଟ ୨୦ ମଧ୍ୟରେ ଅଭିଷେକ ଓ ରୁଜିରାଙ୍କୁ ବିଦେଶ ଯିବା ଲାଗି ଏଲ୍‌ଓସିରେ କୋହଳ କରାଯାଇଥିବା କୋର୍ଟଙ୍କୁ କହିଥିଲେ।



## ରାଜ୍ୟପାଳଙ୍କୁ ଛାଡ଼ି ପଳାଇଲା ଏୟାରଏସିଆ ବିମାନ

ବେଙ୍ଗାଲୁରୁ,୨୮।୭

ବେଙ୍ଗାଲୁରୁରୁ ହାଇଦ୍ରାବାଦ ଯାଉଥିବା ଏୟାରଏସିଆ ବିମାନ କର୍ଣ୍ଣାଟକ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟଙ୍କୁ ନ ନେଇ ଉଡ଼ାଣ ଭରିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାଜ୍ୟପାଳ ତାଙ୍କ ଲଗେଜ୍ ଚେକ୍ କରାଇ ବିମାନବନ୍ଦର ଲାଉଞ୍ଜରେ ଅପେକ୍ଷା କରିଥିଲେ। ସେ ବୋର୍ଡିଂ ଗେଟ୍‌ରେ ପହଞ୍ଚିବା ପୂର୍ବରୁ ବିମାନଟି ଉଡ଼ାଣ ଆରମ୍ଭ କରିଥିଲା। ଏହା ପ୍ରୋଟୋକଲ୍‌ର ଉଲ୍ଲଂଘନ ଅଭିଯୋଗ କରି ରାଜ୍ୟପାଳଙ୍କ କର୍ମଚାରୀମାନେ କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦର ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ଣରେ ଗେହଲଟ ୨ ନମ୍ବର ଟର୍ମିନାଲରୁ ହାଇଦ୍ରାବାଦ ଯିବାର ଥିଲା। ସେଠାରୁ ସେ ସଡ଼କ ପଥରେ ରାଇଚୁର ଯାଇ ଏକ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥାନ୍ତେ। ରାଜ୍ୟପାଳଙ୍କୁ ଛାଡ଼ି ପଳାଇଥିବାରୁ ଏୟାରଲାଇନ୍ସ କ୍ଷମା ମାଗିଛି। ତଦନ୍ତ ପରେ ଏଥିପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏୟାରଲାଇନ୍ସ କହିଛି।



ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ

## ୩୫ ବର୍ଷ ପରେ ମାଆଙ୍କୁ ପାଇଲେ ପୁଅ

ପଟିଆଲା,୨୮।୭

ଦୀର୍ଘ ୩୫ ବର୍ଷ ପରେ ଜଣେ ମହିଳାଙ୍କୁ ତାଙ୍କ ପୁଅ ଖୋଜି ପାଇଛନ୍ତି। ଜଗଜିତ୍ ସିଂ ବନ୍ୟା ଉଦ୍ଧାର କାର୍ଯ୍ୟରେ ସ୍ୱେଚ୍ଛାସେବୀ ଭାବେ ନିୟୋଜିତ ଥିବାବେଳେ ନିଜ ମାଆଙ୍କୁ ପାଇ ଖୁସିରେ ଆତ୍ମହରା ହୋଇପଡ଼ିଥିଲେ। ଜୁଲାଇ ୨୦ରେ ପଞ୍ଜାବର ପଟିଆଲା ଗ୍ରାମରେ ଥିବା ମାମୁଘରେ ହରଜିତ କୌରଙ୍କ ସହ ଜଗଜିତ୍‌ଙ୍କର ଭେଟ ହୋଇଥିଲା। ସେ ଏହି ମିଳନ ସମୟର ଭିଡିଓକୁ ଫେସ୍‌ବୁକ୍‌ରେ ଶେୟାର କରିଛନ୍ତି। ଜଗଜିତ୍ ତାଙ୍କ ଭାବାବେଗକୁ ନିୟନ୍ତ୍ରଣରେ ରଖିପାରି ନ ଥିଲେ ଓ ଆଖିରୁ ଲୁହ ବହିଯାଇଥିଲା ବୋଲି କହିଛନ୍ତି। ଜଗଜିତ୍‌ଙ୍କୁ ୬ ମାସ ହୋଇଥିବାବେଳେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କୁ ୨ ବର୍ଷ ବେଳେ ହରଜିତ୍ ଦ୍ୱିତୀୟ ବିବାହ କରିବାରୁ ପିଲାଟିକୁ ତାଙ୍କ ଜେଜେ ଓ ଜେଜେମାଆ ଅନ୍ୟତ୍ର ନେଇଯାଇଥିଲେ। ସେ ବଡ଼ ହେବା ପରେ ଉଭୟ ମାଆବାପା ଦୁର୍ଘଟଣାରେ ମରିଯାଇଥିବା ତାଙ୍କୁ କୁହାଯାଇଥିଲା। ନିକଟରେ ବନ୍ୟା ଉଦ୍ଧାର କାର୍ଯ୍ୟ ପାଇଁ ଜଗଜିତ୍ ତାଙ୍କ ଏନ୍‌ଜିଓ ସହ ପଟିଆଲାରେ ପହଞ୍ଚିଥିବାବେଳେ ବୋହାରପୁର ଗ୍ରାମରେ ମାଆଙ୍କ ସହ ଭେଟ ହୋଇଥିଲା।



**ମାଓବାଦୀଙ୍କ ଶହୀଦ ସପ୍ତାହରେ ଗଡ଼ିଲା ସରକାରୀ ବସ୍**

ମାଲକାନଗିରି,୨୮।୭(ଦୁର୍ଯ୍ୟୋଧନ ପାତ୍ର): ପ୍ରତିବର୍ଷ ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ମାଓବାଦୀମାନେ ଶହୀଦ ସପ୍ତାହ ପାଳନ କରିଆସୁଛନ୍ତି। ଏଥିପାଇଁ ପୂର୍ବରୁ ମାଓବାଦୀମାନେ ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ବ୍ୟାନର ଲଗାଇଥାନ୍ତି। ହିଂସାକାଣ୍ଡ ଘଟାଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲାରେ ସରକାରୀ ବସ୍ ଚଳଚଳ ମଧ ବନ୍ଦ। ତେବେ ବର୍ତ୍ତମାନ ସ୍ଥିତିରେ ସୁଧାର ଆସିଛି। ମାଓବାଦୀଙ୍କ ଦବାଦବ ବହୁମାତ୍ରାରେ ଜିଲାରେ କମିଛି। ମାଓବାଦୀ ଗଡ଼ ଭୁଶୁଡ଼ି ପଡ଼ିଛି। ଏଥିଯୋଗୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ମାଓବାଦୀଙ୍କ ଶହୀଦ ସପ୍ତାହ ଅବସରରେ ମାଲକାନଗିରିରେ ସରକାରୀ ବସ୍ ଚଳାଚଳ କରିଛି। ମାଲକାନଗିରି ପୋଲିସ, ଡିଭିଏଫ୍, ଏସଓଜି, ବିଏସଏଫ ଯବାନମାନେ ମିଳିତ କୋମ୍ବିଂ ଅପରେଶନ ଜାରି ରଖିଛନ୍ତି।

# ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତାଦେଲେ ୧୦ ଦେଶର ଛାତ୍ରୀଛାତ୍ର




ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ସୂର୍ଯ୍ୟପ୍ରତାପ ମିଶ୍ର ଏନ୍‌ଇଇଟିରେ କୃତୀତ୍ୱର ସହ ଓଡ଼ିଶାରେ ୨ୟ ସ୍ଥାନ ଅର୍ଜନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଓ ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ।




ସାଇମୁନ୍‌ର ୧୧ତମ ସଂସ୍କରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ୧୦ଟି ଦେଶର ପ୍ରତିନିଧି ଓ ଛାତ୍ରୀଛାତ୍ର।

## ସାଇମୁନ୍‌ର ୧୧ତମ ସଂସ୍କରଣ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ପୂର୍ବ ଭାରତର ସର୍ବବୃହତ୍ ଯୁବ ସମ୍ମିଳନୀ 'ସାଇ ମଡେଲ୍ ୟୁନାଇଟେଡ୍ ନେଶନ୍ସ(ସାଇମୁନ୍)'ର ୧୧ତମ ସଂସ୍କରଣ ସ୍କୁଲ୍ ପରିସରରେ ଆରମ୍ଭ ହୋଇଛି। ଏଥିରେ ଭାରତ ସମେତ ବିଶ୍ୱର ୧୦ଟି ଦେଶର ୮୦୦ରୁ ଅଧିକ ଅନ୍ତର୍ଜାତୀୟ ପ୍ରତିନିଧି ଯୋଗଦେଇ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ବିଶ୍ୱ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଦେଶର ଛାତ୍ରୀଛାତ୍ର ଏକତ୍ରିତ ହେବା ସେମାନଙ୍କୁ କେବଳ ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଅବଗତ କରାଇବ ତାହା ନୁହେଁ, ବରଂ ସେମାନଙ୍କ ମଧ୍ୟରେ ନେତୃତ୍ୱ ଏବଂ ସମସ୍ୟା ସମାଧାନର କୌଶଳ ସୃଷ୍ଟି କରିବ। ଏହି ସମ୍ମିଳନୀ ସମାଜ ଓ ଲୋକଙ୍କୁ ବୁଝିବା ପାଇଁ ଏକ ଅନନ୍ୟ ସୁଯୋଗ। ସମ୍ମିଳନୀର ଅନୁଭୂତି ବିଶ୍ୱସ୍ତରୀୟ ନେତା ଓ ମାନବିକତା କ୍ଷେତ୍ରରେ ଅବଦାନ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କ୍ରୀଡ଼ା ଶିକ୍ଷା ଓ ଏହାର ସ୍ତରକୁ ଆଗକୁ ନେବାପାଇଁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ନବନିର୍ମିତ ୩୦ହଜାର ବର୍ଗଫୁଟ ବିଶିଷ୍ଟ 'ବିଜୟ ଇନ୍‌ଡୋର ଷ୍ଟାଡ଼ିୟମ୍' ଏବଂ ୪୦ହଜାର ବର୍ଗଫୁଟ୍ ବିଶିଷ୍ଟ 'ବିଜୟ ମଇଦାନ'କୁ

### ବିଜୟ ଇନ୍‌ଡୋର ଷ୍ଟାଡିୟମ୍ ଲୋକାର୍ପିତ



ଲୋକାର୍ପଣ କରିଛନ୍ତି। ଏଥିରେ ୬ଟି ଟେବୁଲ୍ ଟେନିସ୍ କୋର୍ଟ, ୬ଟି ବ୍ୟାଡ୍‌ମିଣ୍ଟନ କୋର୍ଟ, ୩ଟି ବାସ୍କେଟ୍‌ବଲ୍ କୋର୍ଟ, ଗୋଟିଏ ସ୍କ୍ୱାସ୍ କୋର୍ଟ, ବହୁମୁଖୀ ଭଲିବଲ୍ ଏବଂ ଟେନିସ୍ କୋର୍ଟ, ଲନ୍ ଟେନିସ୍ କୋର୍ଟ, ସ୍କେଟିଂ ଟ୍ରାକ୍, ଚେସ୍, କ୍ୟାରମ୍ ପରି ଇନ୍‌ଡୋର ଗେମ୍‌ର ସୁବିଧା ରହିଛି।

ଦୁଇଦିନ ଧରି ଚାଲିବାକୁ ଥିବା 'ସାଇମୁନ୍'ରେ ଶ୍ରୀଲଙ୍କା, ଉଗାଣ୍ଡା, ସାଉଦି ଆରବ, ସିରିଆ, ଭୂଟାନ୍, କେନିୟା, ଇଶ୍ୱାଟିନି, ଇଥିଓପିଆ, ମାଲି ଏବଂ ଭାରତର ପ୍ରତିନିଧିମାନେ ଯୋଗଦେଇଛନ୍ତି। ଏମାନଙ୍କ ମଧ୍ୟରେ ବିଶ୍ୱର ଅନେକ ରାଉଣ୍ଡ୍ ସ୍କୋୟାର ସ୍କୁଲ୍ ଛାତ୍ରୀଛାତ୍ରଙ୍କ ସହ ଓଡ଼ିଶାର ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ଭୁବନେଶ୍ୱର ଶ୍ରୀହର୍ଷ ମେମୋରିଆଲ୍ ମୁକ ବଧିର ସ୍କୁଲର ଛାତ୍ରୀଛାତ୍ର ରହିଛନ୍ତି। ସମ୍ମାନିତ ଅତିଥି ଭାବେ ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଯୁବପିଢ଼ିଙ୍କ ପାଇଁ ଏହି ପ୍ଲାଟ୍‌ଫର୍ମ ବିଶ୍ୱ ସମସ୍ୟାର ସମାଧାନ କରିବାରେ ସହାୟକ ହେବ ବୋଲି କହିଛନ୍ତି। ସ୍କୁଲର ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବସୁଧୈବ କୁଟୁମ୍ବକମ୍-ସାରା ବିଶ୍ୱ ଗୋଟିଏ ପରିବାର ଶୀର୍ଷକକୁ ନେଇ ୧୦ଟି ଦେଶର ଛାତ୍ରୀଛାତ୍ର, ୧୦ଟି କମିଟି ମାଧ୍ୟମରେ ଆଲୋଚନା ପର୍ଯ୍ୟାଲୋଚନା କରି ବିଶ୍ୱର ବିଭିନ୍ନ ଦେଶରେ ଘଟୁଥିବା ସମସ୍ୟା ସମାଧାନର ସରଳ ଉପାୟ ବାହାର କରିବେ। ଏହାକୁ ଏକ ପୁସ୍ତିକା ଆକାରରେ ପ୍ରସ୍ତୁତ କରାଯାଇ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରେରିତ କରାଯିବ। ତେବେ ପ୍ରଥମ ଦିନରେ ଛାତ୍ରୀଛାତ୍ର ନେତୃତ୍ୱ ନେବା, ଆପୋଷ କଥାବାର୍ତ୍ତା ମାଧ୍ୟମରେ ପୃଥିବୀର ବିଭିନ୍ନ ସମସ୍ୟାର ସମାଧାନର ଉପାୟ ବାହାର କରିବା, ପରସ୍ପର ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା।

# ୩ ବର୍ଷର ଶିଶୁକନ୍ୟାକୁ ବଳାତ୍କାର

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ପୀଡ଼ିତା

ପାରାଦୀପ,୨୮।୭(ଶରତ ରାଉତ)

ପାରାଦୀପ ଜଟାଧାର ମୁହାଣ ଥାନା ଅଞ୍ଚଳରେ ଶୁକ୍ରବାର ସକାଳୁ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଥାନା ଅଞ୍ଚଳର ଜଣେ ୩ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ପରେ ସମୁଦ୍ର ବାଲିରେ ଛାଡ଼ି ଦୁର୍ବୃତ୍ତ ଚାଲିଯାଇଛନ୍ତି। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାକୁ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ମାମଲା (ନଂ.୩୩/୨୩) ରୁଜୁ ହୋଇଛି। ଉକ୍ତ ଶିଶୁକନ୍ୟାଟି ଭୋର ୫ଟାରେ ଉଠି ଘର ପାଖରେ ଖେଳୁଥିବାବେଳେ ଦୁର୍ବୃତ୍ତ ଜଣକ ତାକୁ ନିକଟସ୍ଥ ବେଳାଭୂମିସ୍ଥିତ ଝାଉଁ ଜଙ୍ଗଲକୁ ନେଇ ବଳାତ୍କାର କରିଥିବା କୁହାଯାଉଛି। ଏହି ସମୟରେ ଶିଶୁକନ୍ୟାଟିର ପ୍ରବଳ ରକ୍ତସ୍ରାବ ହୋଇଥିବା ଜଣାପଡ଼ିଛି। ଅପରପକ୍ଷେ ମା'ବାପା ଝିଅକୁ ଖୋଜି ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ଏତିକିବେଳେ ଜଣେ ପଡ଼ୋଶୀ ଦମ୍ପତି ଝିଅକୁ ଆଣି ଘରେ ପହଞ୍ଚାଇବା ସହ ଘଟଣା ସମ୍ପର୍କରେ କହିଥିଲେ। ପରିବାର ଲୋକେ ପ୍ରଥମେ ଝିଅକୁ ନେଇ ଜଟାଧାର ମୁହାଣ ସାମୁଦ୍ରିକ ଥାନାକୁ ଯାଇଥିଲେ। ପୋଲିସ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇ ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଅଭିଯୁକ୍ତ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

# ୪ ଲଘୁଚାପ ପରେ ନିଅଣ୍ଟିଆ ବର୍ଷା

## ଉପକୂଳ, ଆଭ୍ୟନ୍ତରୀଣ ଓଡ଼ିଶାରେ ୨ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୮।୭(ଅନିଲ ଦାସ)

ଚାଷୀମାନେ ତଳି ପକାଇ ବର୍ଷାକୁ ଚାହିଁ ରହିଛନ୍ତି। ରାଜ୍ୟର ଅଧିକାଂଶ ଜିଲାରେ ରୁଆ, ବେଉଷଣ ପାଇଁ ଆବଶ୍ୟକ ଅନୁଯାୟୀ ବର୍ଷା ନାହିଁ। ଗୋଟିଏ ପରେ ଗୋଟିଏ ଲଘୁଚାପ ଦାନାବାନ୍ଧୁଛି, ହେଲେ ଓଡ଼ିଶାରେ ବର୍ଷା ଦେଉନାହିଁ। ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି। ଗତ ଜୁନ୍ ମାସରେ ଗୋଟିଏ ଲଘୁଚାପ ହୋଇଥବା ବେଳେ ଜୁଲାଇ ମାସରେ ଏଯାଏ ୩ଟି ଲଘୁଚାପ ହୋଇଛି। ଏହା ସତ୍ତ୍ୱେ ରାଜ୍ୟରେ ଆଶାନୁରୂପ ବର୍ଷା ହେଉନାହିଁ। ରାଜ୍ୟରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଗଲାଣି। ଜୁନ୍ ୧ରୁ ଜୁଲାଇ ୨୮ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୫୧୫.୬ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୪୫୨.୮ ମିଲିମିଟର। ୧୨ ଜିଲାରେ ପରିସ୍ଥିତି ସଙ୍ଗିନ ରହିଛି।

ପାଣିପାଗ ବିଭାଗ ସୂଚନା ମୁତାବକ, କଳାହାଣ୍ଡିରେ ସ୍ୱାଭାବିକଠାରୁ ୩୩% କମ୍ ବର୍ଷା ହୋଇଥିବା ବେଳେ ନବରଙ୍ଗପୁର ୩୬, କେନ୍ଦ୍ରାପଡ଼ା ୩୫, ମାଲକାନଗିରି ୩୧, ବାଲେଶ୍ୱର ୨୬, କଟକ ୨୭, ଗଞ୍ଜାମ ୨୪, ଜଗତ୍‌ସିଂହପୁର ୨୪, ଯାଜପୁର ୨୯, ରାୟଗଡା ୨୪, ପୁରୀ ଓ କଟକରେ ୨୭ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି।

### ୩୦ରେ ଆଉ ଏକ ଲଘୁଚାପ

ତେବେ ଆସନ୍ତା ୩୦ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଖୋର୍ଦ୍ଧା, ପୁରୀ, ନୟାଗଡ଼, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୋନପୁର, ଗଞ୍ଜାମ, ଗଜପତି ଆଦି ଜିଲାରେ ୩୦ ଓ ୩୧ ଦୁଇ ଦିନ ଧରି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ରାଜ୍ୟରେ ବର୍ଷାର ପରିମାଣ ବଢ଼ାଇବା ନେଇ ପାଣିପାଗ ବିଜ୍ଞାନୀ ଆଶାବାଦୀ ଅଛନ୍ତି।






# ଅବକାରୀ ଏଏସ୍‌ଆଇ, ଡ୍ରାଇଭରଙ୍କୁ ଗୋଡ଼ାଇ ହାଣିଲେ

## ■ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ଅବକାରୀ ବିଭାଗର ଚଢ଼ାଉ

## ■ ୪ ଗାଡ଼ିର କାଚ ଭାଙ୍ଗିଲେ ■ ମଦ ବ୍ୟବସାୟୀ ଫେରାର, ଜଣେ ଅଟକ




ଆହତ ଏଏସ୍‌ଆଇ ଓ ଡ୍ରାଇଭର

ଖୁଣ୍ଟୁଣୀ, ୨୮।୭ (ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଡାଲୁଆ ଓ ଖଣ୍ଡୁଆଳି ଗ୍ରାମ ନିକଟ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଚାଲିଥିବା ଚୋରା ଦେଶୀ ମଦଭାଟି ଉପରେ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍, କଟକ ୟୁନିଟ୍-୧ର ମୋବାଇଲ ସ୍କ୍ୱାଡ୍ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ହେଲେ ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଚୋରା ମଦ ବ୍ୟବସାୟୀ ମୁହଁରେ ମୁଖା ପିନ୍ଧି ଅବକାରୀ ବିଭାଗର ୨ ଜଣଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିସହ ୪ଟି ଗାଡ଼ି ଭଙ୍ଗାରୁଜା କରିବା ସହ ୧୨ଟି ଚକା କାଟି ଦେଇଥିଲେ। ଆକ୍ରମଣରେ ଅବକାରୀ ଏଏସ୍‌ଆଇ ହେମନ୍ତ ମଲ୍ଲିକ ଓ ଡ୍ରାଇଭର ବିଷ୍ଣୁ ମୋହନ ଦାସ ଆହତ ହୋଇଛନ୍ତି। ଚିକିତ୍ସାଲାଗି ସେମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।




ଚୋରା ମଦ ବ୍ୟବସାୟୀମାନେ ଗାଡ଼ି କାଚ ଭାଙ୍ଗି ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ଦୀର୍ଘଦିନ ହେବ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଖବରପାଇ ଶୁକ୍ରବାର ଅବକାରୀ ବିଭାଗର ମିଳିତ ସ୍କ୍ୱାଡ୍ କର୍ମଚାରୀମାନେ ୫ଟି ଗାଡିରେ ଆସି ଖଣ୍ଡୁଆଳି ଗ୍ରାମ ନିକଟ ଜାଭିୟର ସ୍କୁଲ ପଛପଟ ଜଙ୍ଗଲଠାରେ ପହଞ୍ଚିଥିଲେ। ତୁରନ୍ତ ଜଙ୍ଗଲ ଭିତରକୁ ଯାଇ ମଦଭାଟି ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ ୪/୫ ଜଣ ମଦ ବ୍ୟବସାୟୀ ଗୋଡାଇ ଗୋଡାଇ ଏଏସ୍‌ଆଇ ମଲ୍ଲିକ ଓ ଡ୍ରାଇଭର ଦାସଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହା ଦେଖି କେତେଜଣ କର୍ମଚାରୀ ଜୀବନ ବଞ୍ଚାଇବା ପାଇଁ ଦୌଡି ପଳାଇଥିଲେ। ଆକ୍ରମଣ ଖବରପାଇ ନିକଟରେ ଥିବା ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ପ୍ରମୋଦ ପଣ୍ଡା, ଷ୍ଟେଟ୍ ଫ୍ଲାଇଂ ସ୍କ୍ୱାଡ୍ ଆଇଆଇସି ଦିଲୀପ ବେହେରା, କଟକ ମୋବାଇଲ ସ୍କ୍ୱାଡ୍ ଆଇଆଇସି ସଞ୍ଜିତ ବାର୍ଲାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଚଢ଼ାଉ ଅଧାରୁ ବନ୍ଦ କରି ଘଟଣାସ୍ଥଳକୁ ଆସିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ପରେ କଟକ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ ଓ ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପରପକ୍ଷରେ ସେଠାକାର କେତେଜଣ ବୁଦ୍ଧିଜୀବୀ ପରିଚୟ ଗୋପନ ରଖି କହିଛନ୍ତି, ସ୍ଥାନୀୟ ନୁଣ୍ଡପଡ଼ିଆଠାରେ ବ୍ୟବସାୟୀମାନେ ଗୁଡ ରଖି ମଦ ପ୍ରସ୍ତୁତ କରୁଛନ୍ତି। ସେମାନଙ୍କ ବିରୋଧରେ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଉଭୟ ବିଭାଗର କେତେଜଣ ଅସାଧୁ କର୍ମଚାରୀ ସେମାନଙ୍କଠାରୁ ମାସରେ ଲକ୍ଷାଧିକ ଟଙ୍କା ନେଉଛନ୍ତି। ଏ ସମ୍ପର୍କରେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପଟେଲ କହିଛନ୍ତି, ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ ତଥ୍ୟ ସଂଗ୍ରହ କରାଯାଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ।




**ଆଜିର ମନ୍ତବ୍ୟ** "ଦେଶର ଦୁଇ ଶ୍ରେଣୀ ମଧ୍ୟରେ ବ୍ୟବଧାନ ବଢ଼ୁଛି। ଗୋଟିଏ ପଟେ ଶାସକ ଦଳ ଦ୍ୱାରା କ୍ଷମତାସମ୍ପନ୍ନ ଗୋଷ୍ଠୀ ସୁରକ୍ଷିତ ଥିବାବେଳେ ସେମାନଙ୍କ ଇଙ୍ଗିତରେ ଦେଶର ଆଇନ ପ୍ରଣୟନ ହେଉଛି। ଅନ୍ୟପଟେ ସାଧାରଣ ଭାରତୀୟଙ୍କୁ ମୌଳିକ ସାମଗ୍ରୀ ଏପରିକି ପରିବା କିଣି ଖାଇବା କଷ୍ଟକର ହେଉଛି। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଜନମ କରି ଦେଲି ଜୋଇଁକୁ,**
**ପୁଅ ଜନମ କରି ଦେଲି ବୋହୂକୁ।**

ଝିଅ ପାଇଁ ଯୋଗ୍ୟ ଜୋଇଁ ଓ ପୁଅ ପାଇଁ ମନଲାଖି ବୋହୂଟିଏ ଯୋଗାଡ଼ କରିବା ବଡ଼ ଦାୟିତ୍ୱର କଥା ହୋଇଥାଏ। ପୁଅ ଏବଂ ଝିଅ ଜନ୍ମ କରି ସେମାନଙ୍କ ଦାୟିତ୍ୱ ଯଥାକ୍ରମେ ବୋହୂ ଏବଂ ଜୋଇଁ ହସ୍ତେ ସମର୍ପଣ କରି ଚିନ୍ତାମୁକ୍ତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅ ଗଲେ ଘର ସରଇ ନାହିଁ**
**ବୋହୂ ଆଣିଲେ ଘର ପୂରଇ ନାହିଁ।**

ଝିଅକୁ ବିଭାଦେଇ ଶାଶୁଘରକୁ ପଠାଇଦେଲା ପରେ ବାପଘର ଲୋକସଂଖ୍ୟା କମିଯାଉଥିବା ବେଳେ ତାହା ବୋହୂ ଆସିବା ଦ୍ୱାରା ପୂରଣ ହୋଇଯାଇଥାଏ। ଠିକ୍ ସେମିତି ଝିଅ ବାହାଘର ବେଳେ ଯାନି ଯୌତୁକ ପାଇଁ ଖର୍ଚ୍ଚ କରାଯାଇଥିବା ଧନ ବୋହୂ ଆଣିବା ଦ୍ୱାରା ପୂରଣ ହୋଇଥାଏ। ଏହିଭଳି ଯୋଗ ବିଯୋଗ ପ୍ରକ୍ରିୟା ଯୋଗୁ ସଂଖ୍ୟା ଏବଂ ଧନର କୌଣସି ହାନିଲାଭ ଘଟି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଜେଲ ଗଲେ ଗଣିଆ ଅତିରିକ୍ତ ତହସିଲଦାର

**ନୟାଗଡ଼,(ଲୋକନାଥ ମିଶ୍ର)/ଗଣିଆ,୨୮।୭(ସନ୍ତୋଷ କୁମାର ପ୍ରଧାନ)**

ନୟାଗଡ଼ ଜିଲା ଗଣିଆ ତହସିଲର ଅତିରିକ୍ତ ତହସିଲଦାର ବନମାଳୀ ପରିଡ଼ା ୩ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଶୁକ୍ରବାର ଧରାପଡ଼ି ଗିରଫ ହୋଇଛନ୍ତି। ପରେ ଭୁବନେଶ୍ୱର ଭିଜିଲାନ୍ସ କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅତିରିକ୍ତ ତହସିଲଦାର ପରିଡ଼ାଙ୍କୁ ଜେଲ ଯିବାକୁ ପଡ଼ିଛି। ନୟାଗଡ଼ ଓ ଭୁବନେଶ୍ୱର ଭିଜିଲାନ୍ସ ପକ୍ଷରୁ ଅତିରିକ୍ତ ତହସିଲଦାର ପରିଡ଼ାଙ୍କ ସରକାରୀ ବାସଭବନରେ ଚଢ଼ାଉ କରି ୬ଟି ୫୦୦ ଟଙ୍କିଆ ଲାଞ୍ଚ ଟଙ୍କା ଜବତ କରିବା ସହ ଅତିରିକ୍ତ ତହସିଲଦାରଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଭିଜିଲାନ୍ସ ପକ୍ଷରୁ ନଂ.୧୯/୨୩ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଇଥିଲା।

**୩ ହଜାର ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ**

ଅନ୍ୟପକ୍ଷେ ଭିଜିଲାନ୍ସ ପକ୍ଷରୁ ଅତିରିକ୍ତ ତହସିଲଦାରଙ୍କ ସରକାରୀ ବାସଭବନରୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜାତ ଜବତ କରାଯାଇଛି। ନୟାଗଡ଼ ବ୍ଲକର ନାଗମୁଣ୍ଡଳି ଘରେ ତାଲା ପଡିଥିବାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ହୋଇନାହିଁ। ତେବେ ରାତିରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯିବାର ରହିଛି।

ଏ ନେଇ ଅଭିଯୋଗକାରୀ ଦଶପଲ୍ଲା ଦୁଆରୀ ଗାଁର ଅଜିତ କୁମାର ପ୍ରଧାନ କୁହନ୍ତି, ୨୪ ତାରିଖରେ ମୋର ଏକ ବାଲି ବୋଝେଇ ହାଇୱାକୁ ଅତିରିକ୍ତ ତହସିଲଦାର ପରିଡ଼ା ଗଣିଆ ତହସିଲ ସମ୍ମୁଖରେ ଅଟକାଇ କାଗଜାତ ଯାଞ୍ଚ କରିଥିଲେ। କାଗଜାତ ସବୁ ଠିକ୍‌ଠାକ୍ ଥିଲେ ମଧ୍ୟ ୧୫ ହଜାର ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ଦେଲେ ହଇରାଣ କରିବାର ଧମକ ଦେଇଥିଲେ। ଆଲୋଚନା ପରେ ୧୩ ହଜାର ଟଙ୍କା ଦେବାକୁ ବାଧ୍ୟ କରିଥିଲେ। ବିଭିନ୍ନ ସମୟରେ ଆମଠାରୁ ହାତଗୁଞ୍ଜା ନେଉଥିଲେ। ହେଲେ ବିନା କାରଣରେ ବାଧ୍ୟବାଧକତା କରାଇ ଲାଞ୍ଚ ନେବାକୁ କହିବାରୁ ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲି। ୨୫ ତାରିଖରେ ୧୦ ହଜାର ଲାଞ୍ଚ ଦେଇଥିଲି। ଆଉ ୩ ହଜାର ଶୁକ୍ରବାର ସରକାରୀ ବାସଭବନରେ ଦେଇଥିଲି। ସେତେବେଳେ ଅତିରିକ୍ତ ତହସିଲଦାର ନିଶ କଳା କରୁଥିଲେ। ଟେବୁଲର କାଲ୍‌କୁଲେଟର ତଳେ ରଖିବାକୁ କହିବାରୁ ରଖିଥିଲି। ପରେ ଭିଜିଲାନ୍ସ ଟିମ୍ ଟଙ୍କା ଜବତ କରିଥିଲା।

# ୮ ହଜାର ଟଙ୍କା ନେଇ ଭିଜିଲାନ୍ସରେ ଏଏସ୍‌ଆଇ

**ଦଶମନ୍ତପୁର,୨୮।୭( ଅରବିନ୍ଦ ନାୟକ )**

ଏକ ମାମଲା ରଫାଦଫା କରିଦେବାକୁ ୮ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କୋରାପୁଟ ଜିଲା ଦଶମନ୍ତପୁର ଥାନାର ଜଣେ ଏଏସ୍‌ଆଇ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ନାମ ଦୀପିକା ହୀରା। ଖବରରୁ ଜଣାପଡ଼ିଛି, ଗତବର୍ଷ ଫେବୃୟାରୀରେ ନିର୍ବାଚନ ସମୟରେ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତର ସମିତିସଭ୍ୟ ପଦବୀ ପାଇଁ ନିର୍ବାଚନରେ ଖଜୁରିଗୁଡ଼ା ଗ୍ରାମର ମହେଶ୍ୱର ସାଉନ୍ତା ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଏହି ସମୟରେ ପରଜାବେଡାପଦର ପଞ୍ଚାୟତ ଏସ.ତୋଟାଗୁଡ଼ା ଗ୍ରାମର ବୀରେନ୍ଦ୍ର ଖସଲାଙ୍କଠାରୁ ୨୦ହଜାର ଟଙ୍କା ଉଧାର ନେଇଥିଲେ। ଦୀର୍ଘ ମାସ ପରେ ବୀରେନ୍ଦ୍ର ଦେଇଥିବା ଅର୍ଥ ମହେଶ୍ୱରଙ୍କୁ ମାଗିଥିଲେ। ମହେଶ୍ୱର ଟଙ୍କା ଦେବାରେ ବିଳମ୍ବ କରିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ମହେଶ୍ୱର ଥାନାର ଦ୍ୱାରସ୍ଥ ହୋଇ ବୀରେନ୍ଦ୍ର ଓ ତାଙ୍କ ଭାଇ ହେମନ୍ତଙ୍କ ନାମରେ ମିଥ୍ୟା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ୧୩।୭।୨୩(୮୫/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ରଫାଦଫା କରିଦେବାକୁ ତଦନ୍ତ ଦାୟିତ୍ୱରେ ଥିବା ଏଏସ୍‌ଆଇ ହୀରା ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କୁ ଦେବି କହି ବୀରେନ୍ଦ୍ରଙ୍କୁ ୧୩ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବୀରେନ୍ଦ୍ର ୨୪ ତାରିଖରେ ହୀରାଙ୍କୁ ୫ ହଜାର ଟଙ୍କା ଦେଇ ବଳକା ଅର୍ଥ ଶୁକ୍ରବାର ଦେବାକୁ କହିଥିଲେ। ଏ ସମ୍ପର୍କରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପ୍ରତିଶ୍ରୁତି ମୁତାବକ ବୀରେନ୍ଦ୍ର ଶୁକ୍ରବାର ୮ହଜାର ଟଙ୍କା ଏଏସ୍‌ଆଇ ହୀରାଙ୍କୁ ଦେଉଥିବା ବେଳେ ପୂର୍ବରୁ ସେଠାରେ ଜଗି ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଧରିଥିଲେ। ଚଢ଼ାଉରେ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅରୁଣ ନାୟକ, ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ, ସାବିତ୍ରୀ ପ୍ରଧାନ ସାମିଲ ହୋଇଥିଲେ। ଏହି ଘଟଣାରେ ଥାନା ଅଧିକାରୀ ମହାନ୍ତିଙ୍କୁ ମଧ୍ୟ ଭିଜିଲାନ୍ସ କର୍ମଚାରୀମାନେ ଜେରା କରିଥିବା ଅତିରିକ୍ତ ଏସ୍‌ପି ନାୟକ କହିଛନ୍ତି।



ଦୀପିକା ହୀରା




# ଶ୍ରୀମନ୍ଦିର ଦାନବାକ୍ସରୁ ଚୋରି

**ପୁରୀ, ୨୮।୭(ଅଜିତ ମହାନ୍ତି)**

ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟ ଭୀମଙ୍କ ପ୍ରତିମୂର୍ତ୍ତି ତଳେ ଥିବା ଦାନବାକ୍ସରୁ ଚୋରି ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଦାନବାକ୍ସକୁ କେହି ଦୁର୍ବୃତ୍ତ ତାଡ଼ି ବାକ୍ସରେ ଥିବା ଟଙ୍କା ଚୋରି କରିନେଇଥିବା ଶୁକ୍ରବାର ସକାଳେ ଜଣାପଡ଼ିଛି। ଖବର ପାଇ ସିଂହଦ୍ୱାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। କଡ଼ା ସୁରକ୍ଷା ବ୍ୟବସ୍ଥା ତଥା ରାତିରେ ପୋଲିସ ମୁତୟନ ଥିବା ସତ୍ତ୍ୱେ ଏହି ଚୋରି ଘଟଣା ନେଇ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ପ୍ରତି ପୁଣି ପ୍ରଶ୍ନ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଦାନବାକ୍ସରୁ ଟଙ୍କା ଚୋରାଇ ନେବା ପରେ ଦୁର୍ବୃତ୍ତମାନେ ଶ୍ରୀମନ୍ଦିର ଭିତରବେଢ଼ା ନୃସିଂହ ମନ୍ଦିର ନିକଟରେ ଦାନବାକ୍ସକୁ ଫୋପାଡ଼ି ଦେଇଥିଲେ। ଶୁକ୍ରବାର ସକାଳୁ ଶ୍ରୀମନ୍ଦିର ଦ୍ୱାର ଫିଟାଯିବା ପରେ କେତେଜଣ ସେବାୟତଙ୍କ ନଜରକୁ ଏହା ଆସିଥିଲା। ସେମାନେ ଏ ସଂକ୍ରାନ୍ତରେ ଗାରଦରେ ଜଣାଇଥିଲେ। ପରେ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ଜେଟିପି ଦାନବାକ୍ସକୁ ଆଣି ଗାରଦରେ ଜିମା ଦେଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଦାନବାକ୍ସରୁ ଚୋରି କରିବା ପରେ ଏହାକୁ ସେଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

### ସୁରକ୍ଷା ବ୍ୟବସ୍ଥା ପ୍ରତି ପୁଣି ଉଠିଲା ପ୍ରଶ୍ନ

ଏହି ଘଟଣା ନେଇ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି। ଶ୍ରୀମନ୍ଦିର ସର୍ବଦା କଡ଼ା ସୁରକ୍ଷା ବଳୟରେ ରହିଥାଏ। ଶ୍ରୀମନ୍ଦିର ପୋଲିସ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ମନ୍ଦିର ପରିସର ଓ ବାହାରେ ୨୪ ଘଣ୍ଟିଆ ସୁରକ୍ଷା ଯୋଗାଇ ଦିଆଯାଉଛି। ସେହିପରି ଦାରୁଦିଅଁଙ୍କ ରାତ୍ର ପହୁଡ଼ ପରେ ଶ୍ରୀମନ୍ଦିର ପରିସରରୁ ସମସ୍ତ ଭକ୍ତଙ୍କୁ ବାହାରକୁ କଢାଯାଇ ଦ୍ୱାର ବନ୍ଦ କରାଯାଇଥାଏ। କେବଳ ଡ୍ୟୁଟିରେ ଥିବା ଶ୍ରୀମନ୍ଦିର ପୋଲିସ ଏବଂ ଓଡ଼ିଶା ପୋଲିସ ମନ୍ଦିର ପରିସରରେ ରହିଥାନ୍ତି। ରାତିରେ ଶ୍ରୀମନ୍ଦିର ପରିସର ଓ ବାହାରେ ପୋଲିସ ନିୟୋଜିତ ଥିବା ସତ୍ତ୍ୱେ କିପରି ଚୋରି ହେଲା ଓ କେହି ଜାଣିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସକଙ୍କୁ ଅବଗତ କରାଯିବା ସହ ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଛି। ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ଓ ସିଂହଦ୍ୱାର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶ୍ରୀମନ୍ଦିର ପରିସରରୁ ଚୋରି ହେବା ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ମନ୍ଦିର ପରିସର, ଦକ୍ଷିଣଦ୍ୱାର ନିକଟ ରାମମନ୍ଦିର ଓ କୋଇଲିବୈକୁଣ୍ଠ ନିକଟ ସୁଆର ନିଯୋଗ କାର୍ଯ୍ୟାଳୟରୁ ଚୋରି ହୋଇଥିଲା। ଚୋରି ଘଟଣାରେ ଜଣେ ନାବାଳକ ସମ୍ପୃକ୍ତ ଥିଲେ। ଏପରିକି ଗତବର୍ଷ ଜଣେ ବ୍ୟକ୍ତି ଶ୍ରୀମନ୍ଦିର ରୋଷଘରେ ପଶି ଚୁଲିଗୁଡ଼ିକୁ ଭାଙ୍ଗିଦେଇଥିଲେ। ଏବେ ଦାନବାକ୍ସରୁ ଚୋରି ଘଟଣା ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଇଛି। ଚୋରି ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଅଭିଯୋଗ କରାଯିବ ବୋଲି ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି। ସେହିପରି ସିଂହଦ୍ୱାର ଥାନା ଅଧିକାରୀ ଶ୍ୱେତପଦ୍ମା ଦାସ କହିଛନ୍ତି, ରାତି ୮ଟା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ପକ୍ଷରୁ ଅନୁସନ୍ଧାନ ଚାଲିଛି। ଏହି ଘଟଣାରେ କାହାକୁ ଅଟକ ରଖାଯାଇନାହିଁ।



**ବିଲ ନୁହେଁ ରାସ୍ତା** | ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଜଡିଦା ପଞ୍ଚାୟତ ଅଧୀନ ଘୁଣ୍ଟିବିଲ ଗାଁର କାଦୁଅ ପଚପଚ ରାସ୍ତା ଉପରେ ମହିଳାମାନେ ଧାନତଳି ରୋଉଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ନବଙ୍କ ନାଁରେ ଗୋପାଳଙ୍କୁ ...

ଦିଗକୁ ଗୁରୁତ୍ୱ ଦେଇନାହିଁ। ମନୋଜଙ୍କ ମୋବାଇଲ ଫୋନ ଯାଞ୍ଚ କରିବାର ଥିଲା। ତଦନ୍ତରେ ଯାହାର ନାମ ଓ ଲିଙ୍କ୍ ଆସୁଥିଲା ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲା ନାହିଁ। କେବଳ ତାଙ୍କର ଏକ ବୟାନ ରେକର୍ଡ କରାଯାଇଛି। ହତ୍ୟା କରିବା ଲୋକ ଯେତିକି ଦୋଷୀ ହତ୍ୟା କରିବା ପାଇଁ ପ୍ରବର୍ତ୍ତାଇବା ବ୍ୟକ୍ତି ସମାନ ଭାବେ ଦୋଷୀ। ଅନ୍ୟକୁ ନିୟୋଜିତ କରି ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥାଇପାରେ। ଗୋପାଳଙ୍କ ପଲିଗ୍ରାଫ୍ ପରୀକ୍ଷା କରାଯାଇଛି। ଏଥିରେ ପୂର୍ବ ପ୍ରସ୍ତୁତି ପ୍ରଶ୍ନ ପଚରାଯାଇଛି। ମୋଟ ୨୬ ପ୍ରଶ୍ନ ପଚାରି କେବଳ ହଁ ନାହିଁରେ ଉତ୍ତର ନିଆଯାଇଛି। ପଲିଗ୍ରାଫ୍ ପରୀକ୍ଷାରେ ଗୋପାଳଙ୍କୁ ମାନସିକ ରୋଗର ଔଷଧ ଖାଉଥିବା କଥା ପଚରାଯାଇଛି। ସେଥିରେ ସେ କିଛିଦିନ ହେଲା ଔଷଧ ଖାଇବା ଛାଡ଼ିଦେଇଥିବା କଥା କହିଛନ୍ତି। ତେଣୁ ସେ ମାନସିକ ରୋଗୀ ଥିବା ଜଣାପଡୁଛି। ଅନ୍ୟପଟେ ମେଡିକାଲ କର୍ମଚାରୀ ମନୋଜ ଭୟଭୀତ କରିଥିବା କଥା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ସେଥିରେ ଗୋପାଳ ରାଜି ହୋଇଛନ୍ତି।ସେହିପରି ଗୋପାଳଙ୍କ ପୁତୁରାକୁ ଚାକିରି ଦେବା ନେଇ ନବଙ୍କ ସହ ବଚସା ହେବା, ନବଙ୍କ କର୍ମୀ ଓ ସମର୍ଥକ ଧମକ ଦେବା, ମନ୍ତ୍ରୀ ନିଜେ ହତ୍ୟା ଧମକ ଦେବା ଭଳି ଅନେକ ପ୍ରଶ୍ନ ରହିଥିଲା। ହେଲେ ଗୋପାଳ ଟଙ୍କା ଜବତ କରିବା ପରେ ନବ ରାଗିଥିବା, ନବଙ୍କ ସମର୍ଥକଙ୍କୁ ମାରପିଟ କରିବା ଯୋଗୁ ତାଙ୍କ ଉପରେ ରାଗ ଥିବା, ନବଙ୍କ କର୍ମୀମାନେ ହତ୍ୟା ଧମକ ଦେଇଥିବା ଭଳି ପ୍ରଶ୍ନରେ ହଁ କରିଥିଲେ। ଏଥିରୁ ଜଣାପଡୁଛି ଗୋପାଳ ଓ ନବଙ୍କ ଭିତରେ ସମ୍ପର୍କ ଠିକ୍ ନ ଥିଲା ବୋଲି ଓକିଲ ନାଏକ କହିଛନ୍ତି।

ସୂଚନାଯୋଗ୍ୟ, ଜାନୁୟାରୀ ୨୯ରେ ଝାରସୁଗୁଡା ଜିଲା ବ୍ରଜରାଜନଗର ଗସ୍ତରେ ଯାଇଥିବା ବେଳେ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କୁ ଗାନ୍ଧୀ ଛକରେ ତତ୍କାଳୀନ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ସର୍ଭିସ ବନ୍ଧୁକରୁ ଗୁଳିକରି ହତ୍ୟା କରିଥିଲେ। ତାଙ୍କୁ ଗିରଫ କରାଯିବା ପରେ ପ୍ରଥମେ ଝାରସୁଗୁଡ଼ା ଜେଲରେ ରଖାଯାଇଥିଲା। ପରେ ତାଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଛି। ହତ୍ୟାକାଣ୍ଡର ୧୧୮ଦିନ ପରେ ତଦନ୍ତ ଦାୟିତ୍ୱ ନେଇଥିବା କ୍ରାଇମ୍‌ବ୍ରାଞ୍ଚ ୫୩୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଛି। ଏଥିରେ ୮୯ ଜଣଙ୍କ ସାକ୍ଷ୍ୟ ଓ ଜେରା କରାଯାଇଥିବା ରିପୋର୍ଟ ରହିଥିଲା। ବ୍ୟକ୍ତିଗତ ଆକ୍ରୋଶ ରଖି ନବଙ୍କୁ ଗୋପାଳ ଦାସ ହତ୍ୟା କରିଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ଏପରିକି ଗୋପାଳ ସମ୍ପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ଏହି ହତ୍ୟାକାଣ୍ଡ ଘଟାଇଥିବା ଦର୍ଶାଯାଇଛି। ହେଲେ ହତ୍ୟାର ରହସ୍ୟ ଏ ପର୍ଯ୍ୟନ୍ତ କ୍ରାଇମ୍‌ବ୍ରାଞ୍ଚ ଖୋଲିପାରି ନାହିଁ।

## ବିଜେଡି, ମୁଖ୍ୟମନ୍ତ୍ରୀଙ୍କ ...

ଗୋପାଳ ତାଙ୍କ ଜମାନବନ୍ଦୀରେ କହିଛନ୍ତି, ନବ ଦାସ ବହୁତ ଅନ୍ୟାୟ କରୁଥିଲେ। ସରକାରୀ କର୍ମଚାରୀ ଓ ପୋଲିସକୁ ଧମକ ଦେଇ ସବୁକାମ କରୁଥିଲେ। ଗୁଣ୍ଡାଗିରି କରୁଥିବା ତାଙ୍କ ସମର୍ଥକମାନଙ୍କୁ ସେ ଥାନାରୁ ମୁକୁଳାଇବା ପାଇଁ ପୋଲିସ ଉପରେ ଚାପ ପକାଉଥିଲେ। ଗୁଣ୍ଡା ଲଗାଇ ଏଠାରେ ସମସ୍ତଙ୍କୁ ଧମକାଇ ସବୁ କାମ କରୁଥିଲେ। ବାଲି ବେପାର, ପାଉଁଶ ପରିବହନ ଓ ଅନ୍ୟାନ୍ୟ ଟ୍ରାନ୍ସପୋର୍ଟରେ ତାଙ୍କର ଗାଡ଼ି ଲାଗୁଥିବାବେଳେ ଧମକ ଦେଇ ଆଉ କାହାର ଗାଡ଼ି ଚଳାଇଦେଉ ନ ଥିଲେ। ଏଭଳି ଲୋକ ଯଦି ବଞ୍ଚିରହିବେ ତେବେ ସମାଜରେ ଅରାଜକତା ବଢ଼ିଯିବ ବୋଲି ଗୋପାଳ ଜମାନବନ୍ଦୀରେ କହିଛନ୍ତି।

## ନିଖୋଜ ନାବାଳକଙ୍କୁ...

ରାସ୍ତାରୋକୋ କରିଥିଲେ। କିଆକଟା ପୋଲିସ ସେଠାରେ ପହଞ୍ଚିବା ପରେ ଲୋକେ ଅଧିକ ତାତିଯାଇଥିଲେ। ପୋଲିସ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଅନୁଗୋଳ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ରାୟଗୁରୁ, ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁର, ଆଠମଲ୍ଲିକ ଉପଜିଲାପାଳ ତରଣି ସୁନା, ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ, କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଠାକୁରଗଡ଼ ଆଇଆଇସି ପ୍ରିୟବ୍ରତ ଦାସ, ହଣ୍ଡପା ଆଇଆଇସି ନମିତା ନାୟକଙ୍କ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ଜବତ କରିଥିଲେ। ଏ ସମ୍ପର୍କରେ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ନିଖୋଜ ଅଭିଯୋଗ ପରେ ପୋଲିସ ତଦନ୍ତ କରୁଥିଲା। ମହିଳା ପୂଜକଙ୍କୁ ଡାକି ପଚରାଉଚରା କରୁଥିଲା। ତେବେ ମୃତଦେହ ମିଳିବା ପରେ ଉତ୍ତେଜନା ଦେଖାଦେଇଥିଲା। ଅନୁଗୋଳରୁ ଏକ ପୋଲିସ ଟିମ୍ ସେଠାକୁ ପଠାଯାଇ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରାଯାଉଛି। ମହିଳା ପୂଜକଙ୍କ ସମେତ ୩ ଜଣଙ୍କୁ ଅଟକ ରଖାଯାଇଛି।

## ସାଧୁଙ୍କୁ ହତ୍ୟା ...

ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ପାଇ ଏସ୍‌ପି ଡ. କନୱର ବିଶାଲ ସିଂ, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ବାସେଲିସାହି ଥାନା ଅଧିକାରୀ ଏବଂ ଅନ୍ୟ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ସାଇଣ୍ଟିଫିକ ଟିମ୍ ପହଞ୍ଚି ଅନୁସନ୍ଧାନ ଚଳାଇଛି। ପୋଲିସ ଅଭିଯୁକ୍ତ ବିଷ୍ଣୁ ବାବା ଓରଫ ରବୀନ୍ଦ୍ରଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ କାଠିଫାଳିଆ ଜବତ ହୋଇଛି। ସେହିପରି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଏକ କେସ୍ (ନଂ. ୧୬୫/୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଏକ ସ୍ଥାନରେ ମହୋତ୍ସବ ଥିଲା। ସେହି ମହୋତ୍ସବରେ ଯୋଗଦେବାକୁ ଆଶ୍ରମର ମହନ୍ତଙ୍କ ସମେତ ଅନ୍ୟ ସାଧୁମାନେ ଯାଇଥିଲେ। ଅର୍ଜୁନ ବାବା ଉକ୍ତ ମହୋତ୍ସବରୁ ଫେରି ମଠରେ ଶୋଇଥିଲେ। ତେବେ କୌଣସି କାରଣକୁ ନେଇ ଅଭିଯୁକ୍ତ ବିଷ୍ଣୁ ବାବା ଓ ଅର୍ଜୁନ ବାବାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବିଷ୍ଣୁ ବାବା ରାଗିଯାଇ ପାଖରେ ଥିବା କାଠଫାଳିଆରେ ଅର୍ଜୁନଙ୍କୁ ଆକ୍ରମଣ କରିଥିଲେ। ତେବେ ଏହି ସମୟରେ ଦୟାନିଧି ଦାସ ଆଶ୍ରମରେ ପହଞ୍ଚି ବିଷ୍ଣୁଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। ତେବେ ବିଷ୍ଣୁ ଏକ ଇଟାରେ ଦୟାନିଧିଙ୍କୁ ଆକ୍ରମଣ କରିଥିଲେ। ଫଳରେ ଦୟାନିଧି ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ୨୫୦ ଟଙ୍କାର ଲଟେରି ...

ଟିକେଟ ବୋଲି ତାଙ୍କ ପୁଅ କହିଥିଲେ। ସେମାନେ ଲଟେରି ଟଙ୍କାରେ ଘର କରିବେ, ପିଲାଙ୍କ ଶିକ୍ଷା ଖର୍ଚ୍ଚ ଭରଣା କରିବେ ଓ ଋଣ ଶୁଝିବେ ବୋଲି କହିଛନ୍ତି। ବେବି ଏବଂ କୁଞ୍ଜିମାଲୁଙ୍କ ପାଖରେ ଟଙ୍କା ନ ଥିବାରୁ ଟିକେଟ କିଣିବା ପାଇଁ ସେମାନେ ୧୨ ଟଙ୍କା ୫୦ ପଇସା ଲେଖାଏ ଦେଇଥିଲେ। ଏଚ୍‌କେଏସ୍ ଗ୍ରୁପ୍‌ର ଏହି ସଦସ୍ୟମାନେ ଏତେ ଗରିବ ଥିଲେ ଯେ ଗାଡ଼ିରେ ଯିବାକୁ ଟଙ୍କା ନ ଥିବାରୁ ସେମାନେ ପ୍ରତିଦିନ ଚାଲି ଚାଲି ମ୍ୟୁନିସିପାଲିଟି କାର୍ଯ୍ୟାଳୟକୁ ଯାଉଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ସକାଳୁ ବନ୍ଧୁଙ୍କ ସହାନୁଭୂତିସୂଚକ କଥାରେ ହୃଦୟ ବିଗଳିତ ହୋଇଯିବ। ସମ୍ପର୍କୀୟଙ୍କ ସହାୟତାରେ ଆଶା କରୁଥିବା ଦିଗରୁ ଅଧିକ ଅର୍ଥ ପାଇ ଖୁସି ହେବେ। କୃତ୍ତିକା ନକ୍ଷତ୍ର ନୂତନ ଯୋଜନା କ୍ଷେତ୍ରରେ ଉଚ୍ଚ ଆଶା ଧରି ଆଗେଇବେ। କଳା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ତଥା ସାମାଜିକ ସ୍ତରରେ ସାହାଯ୍ୟ, ସହଯୋଗ, ସମ୍ମାନ ପାଇ ଖୁସି ହେବେ।

**ବୃଷ** - ଆଜି ଯାହା କରିବା ପାଇଁ ଭାବୁଥିବେ ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ପରିସ୍ଥିତି ବଦଳି ଯାଇପାରେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କରି ଅନୁତପ୍ତ ହେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ଅସୁବିଧା ହେବନାହିଁ। ମୃଗଶିରା ନକ୍ଷତ୍ର ସମ୍ପର୍କ ହାନି କାରଣରୁ ମାନସିକ ଅସ୍ଥିରତା ଅନୁଭବ କରିବେ।

**ମିଥୁନ** - ଆଜି ଆଲୋଚନା କ୍ଷେତ୍ରରେ କିମ୍ବା ସଭାସମିତିରେ ସଫଳତା ପାଇବେ ନାହିଁ। ପରିବାର ଭିତରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟାର ସରଳ ସମାଧାନର ଆଶା କ୍ଷୀଣ ହୋଇପାରେ। ଆରଦ୍ରା ନକ୍ଷତ୍ର ସମସ୍ତ ସୁବିଧା ଓ ସୁଯୋଗ ଲାଭ କରି କାମ ହାସଲ କରିବେ।

**କର୍କଟ** - ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି କାମ କରି ପରେ ଅନୁତାପ କରିବାକୁ ପଡ଼ିବ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ନିଜ ଲୋକଙ୍କଠାରୁ ମଧ୍ୟ ସହଯୋଗ ପାଇବେନି। ଆଜି ପୁନର୍ବସୁ ନକ୍ଷତ୍ରର ସାହିତ୍ୟ, ସାମ୍ବାଦିକତା, ଅନୁସନ୍ଧାନ, ପ୍ରଶାସନିକ ସ୍ଥିତି ଭଲ ରହିବ। ବ୍ୟବସାୟ ଅଧିକ ନ ହେଲେ ମଧ୍ୟ ମନ୍ଦ ହେବନାହିଁ।

**ସିଂହ** - କର୍ମକ୍ଷେତ୍ରରେ ପଦୋନ୍ନତି କିମ୍ବା କୌଣସି ସୂତ୍ରରୁ ଅର୍ଥାଗମ ସମ୍ଭାବନା ରହିଛି। ମାନସିକ ସ୍ତରରେ କିଛି ଦୁଃଖ ରହିଥିଲେ ମଧ୍ୟ ଆବଶ୍ୟକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ପାଇଁ ଦିନଟି ବହୁତ ଭଲ। ପୂର୍ବାଫାଲଗୁନୀ ନକ୍ଷତ୍ର ପାରିବାରିକ ସମସ୍ୟାର ସମାଧାନ ଦିଗରେ ଚେଷ୍ଟିତ ହେବେ।

**କନ୍ୟା** - ଆଜି ହସ୍ତା ନକ୍ଷତ୍ର ବନ୍ଧୁମାନଙ୍କ ସହାୟତାରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ଫେରିବା ବାଟରେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। କଥା କଟାକଟି ପରିପ୍ରେକ୍ଷୀରେ କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପାରିବାରିକ ଦିଗରୁ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ।

**ତୁଳା** - ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭକରି ଉଚ୍ଚସ୍ତରରୁ କିମ୍ବା ସଭାସମିତିରୁ ସମ୍ମାନିତ ହେବେ। ପରିବାରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ ଏବଂ ଅଯଥା ବିଭିନ୍ନ କଥାରେ ମନ ବିଚଳିତ ରହିପାରେ। ବିଶାଖା ନକ୍ଷତ୍ର ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଭୁଲ୍ ବୁଝାମଣାରେ ପାଖ ପଡ଼ୋଶୀମାନେ ହତାଦର ମନୋଭାବ ପୋଷଣ କରିବେ।

**ବିଛା** - ସମସ୍ୟା ଆସିଲେ ମଧ୍ୟ ତାହାର ସମାଧାନର ଉପାୟ ବାହାର କରିବାରେ ସଫଳ ହେବେ। ବ୍ୟବସାୟ ବୃଦ୍ଧି ପାଇବା ସାଙ୍ଗକୁ ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ। ଅନୁରାଧା ନକ୍ଷତ୍ର ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ ଏବଂ କୌଣସି ପ୍ରୋଗ୍ରାମ କରିବାର ମସୁଧା କରିପାରନ୍ତି। ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ଧନୁ** - କର୍ମବ୍ୟସ୍ତତା ମଧ୍ୟରେ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ସଂଗଠନ, କର୍ମଶାଳା, ସଙ୍ଗୀତ ସମାରୋହ, ମନୋରନ କାର୍ଯ୍ୟକ୍ରମ କ୍ଷେତ୍ରରେ ଶୁଭଫଳ ପାଇବେ। ପରିବାର ଭିତରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ମକର** - ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ ଲାଭକରି ଉପକୃତ ହେବେ। କର୍ମକ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ହେତୁ ଈର୍ଷାପରାୟଣ ବ୍ୟକ୍ତିଙ୍କ ଟେନ୍‌ସନ ବଢ଼ିଯିବ। ସଭାସମିତି, ଲେଖାପଢ଼ା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଚୁକ୍ତିପତ୍ରରୁ ଶୁଭଫଳ ପାଇବେ। ଶ୍ରବଣା ନକ୍ଷତ୍ର ବନ୍ଧୁଙ୍କଠାରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ।

**କୁମ୍ଭ** - ଅନ୍ୟମାନଙ୍କ ସାହାଯ୍ୟ ନେଇ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଶତଭିଷା ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। କୌଣସି ଆଲୋଚନାରେ ସାଧାରଣ କଥାକୁ ନେଇ ବନ୍ଧୁ କ୍ଷୁବ୍ଧ ହୋଇପାରନ୍ତି।

**ମୀନ** - ଆଜି ପାରିବାରିକ ଜୀବନରେ ମଧ୍ୟ ଆନନ୍ଦର ଲହରି ସୃଷ୍ଟି କରିପାରେ। ଉତ୍ତରଭାଦ୍ର ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରା ଓ ବାଣିଜ୍ୟ ଏବଂ ପରିବହନ ସକାଶେ ଦିନଟି ବହୁତ ଭଲ। ମାଲିମକଦ୍ଦମା ତଥା ବିବାଦୀୟ ଓ ଅମୀମାଂସିତ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଆଜି ଶ୍ରାବଣ (ମଳ) ଶୁକ୍ଳପକ୍ଷର ସର୍ବସମ୍ମତ ହରିଶୟନ (ବଡ଼) ଏକାଦଶୀ, ଶନିବାର, ଜୁଲାଇ ୨୯ ତାରିଖ, ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ, ମହରମପର୍ବ, ଆସୁରା, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୬ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୧୬ ମଧ୍ୟେ ରାହୁକାଳ।

**ପ୍ୟାରିସ ଯାଉଥିବା ଏୟାରଇଣ୍ଡିଆ ବିମାନ ଦିଲ୍ଲୀ ଫେରିଲା**

ନୂଆଦିଲ୍ଲୀ,୨୮।୭: ପ୍ୟାରିସ ଯିବାକୁ ଥିବା ଏୟାରଇଣ୍ଡିଆର ଏକ ବିମାନ ଶୁକ୍ରବାର ଅପରାହ୍ନରେ ଦିଲ୍ଲୀ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବା ପରେ ପରେ ବିମାନବନ୍ଦରକୁ ଫେରିଆସିଛି। ଉଡ଼ାଣ ଭରିବା ସମୟରେ ଟାୟାର ଫାଟିବା ସନ୍ଦେହ କରି ପାଇଲଟ ବିମାନକୁ ଫେରାଇ ଆଣିଥିଲେ। ଅପରାହ୍ନ ୨ଟା ୧୮ ମିନିଟ୍ ସମୟରେ ବିମାନଟି ଦିଲ୍ଲୀ ଏୟାରପୋର୍ଟରେ ନିରାପଦ ଅବତରଣ କରିଥିବା ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।

# ଅଡୁଆ କଲା ୧୪ ବର୍ଷ ପୁରୁଣା ଅଡିଟ୍ ରିପୋର୍ଟ

**■ ସୁବର୍ଣ୍ଣପୁର ଏଡିଏମ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ**

**■ ୨୦୦୪ରେ ଚାପି ଦେଇଥିଲେ ୨.୪୨ କୋଟିର ଆର୍ଥିକ ଅନିୟମିତତା**

ସୋନପୁର, ୨୮।୭(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶା ଭୂ-ସଂସ୍କାର ଆଇନରେ ମକଦ୍ଦମା ଫଇସଲା କରିବାରେ କର୍ତ୍ତବ୍ୟରେ ଅବହେଳା କାରଣରୁ ରାଜ୍ୟ ସରକାର ସହିଥିଲେ ୨ କୋଟି ୪୨ ଲକ୍ଷ ୬୬ ହଜାର ୧୧୭ ଟଙ୍କାର ରାଜସ୍ୱ କ୍ଷତି। ୨୦୦୪ରେ ହୋଇଥିବା ଏହି ଆର୍ଥିକ ଅନିୟମିତା ୨୦୦୯-୧୦ ଆର୍ଥିକ ବର୍ଷରେ ହୋଇଥିବା ଅଡିଟ୍‌ରୁ ଧରାପଡ଼ିଥିଲା। ତେବେ ୧୪ ବର୍ଷ ତଳର ଉକ୍ତ ଅଡିଟ୍ ରିପୋର୍ଟକୁ କାଇଦା କରି ଚାପି ଦିଆଯାଇଥିଲା। ହେଲେ ୧୯ ବର୍ଷ ତଳର ଏହି ଘଟଣାରେ ରାଜ୍ୟ ସରକାର ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ପରେ ତତ୍କାଳୀନ ବଲାଙ୍ଗୀର ତହସିଲଦାର ତଥା ଏବେକାର ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ (ଏଡିଏମ୍) ସୂର୍ଯ୍ୟନାରାୟଣ ଦାଶଙ୍କ ଅଡୁଆ ବଢ଼ିଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏ ନେଇ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଗତ ଜୁଲାଇ ୧୭ରେ ଚିଠି ନଂ. ୨୦୭୨୩ ଅନୁଯାୟୀ ଏଡିଏମ୍ ଦାଶଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହାର ନକଲ ବଲାଙ୍ଗୀର ଜିଲାପାଳ, ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ରାଜସ୍ୱ ପର୍ଷଦ ସଚିବଙ୍କୁ ପଠାଯାଇଛି। ୧୯୬୨ ଓଡ଼ିଶା ସିଭିଲ ସର୍ଭିସ୍ (ସିସିଏ) ରୁଲସ୍ ୧୫ ଅନୁଯାୟୀ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏହି ପଦକ୍ଷେପ ନେଇଛି।

ଅତିରିକ୍ତ ଜିଲାପାଳ ଦାଶଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ କରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ପତ୍ର ସଂଖ୍ୟା ୧୫୯୧/୨୩।୫।୨୦୨୩ରେ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ। ଏହାକୁ ସରକାର ଗ୍ରହଣ କରିବା ସହ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ନିର୍ଦ୍ଦେଶ ଅନୁଯାୟୀ ସୁବର୍ଣ୍ଣପୁର ଜିଲାପାଳଙ୍କ ନିକଟରୁ ନୋଟିସପ୍ରାପ୍ତି ସ୍ୱୀକାର କରିବାର ୧ ମାସ ମଧ୍ୟରେ ଏଡିଏମ୍ ଦାଶ ଲିଖିତ ଭାବେ ନିଜର ପକ୍ଷ ରଖିପାରିବେ। ନିଜର ପକ୍ଷ ରଖିବା ପାଇଁ ସେ ବଲାଙ୍ଗୀର ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇ ଆବଶ୍ୟକ ରେକର୍ଡ ଦେଖିପାରିବେ। ବଲାଙ୍ଗୀର ଜିଲାପାଳଙ୍କ ଅନୁମତିକ୍ରମେ ରେକର୍ଡ କପି ଆଣିପାରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି।



ସୁବର୍ଣ୍ଣପୁର ଏଡିଏମ୍ ସୂର୍ଯ୍ୟନାରାୟଣ ଦାଶ

ସୂଚନାଯୋଗ୍ୟ, ସୂର୍ଯ୍ୟନାରାୟଣ ଦାଶ ବଲାଙ୍ଗୀରରେ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ୨୦୦୪ରେ ଓଡ଼ିଶା ଭୂ ସଂସ୍କାର ଆଇନର ଧାରା ୮(କ) ଅନୁସାରେ ମକଦ୍ଦମା ଫଇସଲା କରିବାରେ ତାଙ୍କର ଢିଲା ପଣ ଓ କର୍ତ୍ତବ୍ୟରେ ଅବହେଳା କାରଣରୁ ସେତେବେଳେ ରାଜ୍ୟ ସରକାରଙ୍କ ୨ କୋଟି ୪୨ ଲକ୍ଷ ୬୬ ହଜାର ୧୧୭ ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା। ୨୦୦୯-୧୦ ଅଡିଟ୍ ରିପୋର୍ଟରୁ ଏହି ଅନିୟମିତତା ଜଣାପଡ଼ିଥିଲା। ତେବେ ୧୪ ବର୍ଷ ତଳର ଉକ୍ତ ଅଡିଟ୍ ରିପୋର୍ଟକୁ ଚାପି ଦିଆଯାଇଥିଲା। ରାଜସ୍ୱ ବିଭାଗର ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଜିଲାପାଳ ରାଣା ତତ୍କାଳୀନ ବଲାଙ୍ଗୀର ତହସିଲଦାର ସୂର୍ଯ୍ୟନାରାୟଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ। ଅନ୍ୟପଟେ ତହସିଲଦାର ପଦବୀରୁ ପଦୋନ୍ନତି ପାଇ ସୂର୍ଯ୍ୟନାରାୟଣ ଏବେ ଜଣେ ଏଡିଏମ୍। ଜଣେ ଅତିରିକ୍ତ ସଚିବ ପାହ୍ୟାର ଅଧିକାରୀଙ୍କ ପାଇଁ ୧୯ ବର୍ଷ ତଳର ଆର୍ଥିକ ଅନିୟମିତତା ଅଡୁଆ ସୃଷ୍ଟି କରିଛି। କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବାରୁ ଜୁଲାଇ ୧୭ ପରଠାରୁ ତଦନ୍ତ ନ ସରିବା ପର୍ଯ୍ୟନ୍ତ ତାଙ୍କୁ ବିଭାଗୀୟ ପଦୋନ୍ନତି ମିଳିବ ନାହିଁ। ସେହିପରି ଓଡ଼ିଶା ସିଭିଲ ସର୍ଭିସ (ସିସିଏ) ରୁଲସ୍ ୧୫ ଅନୁଯାୟୀ ସେ ଦୋଷୀ ସାବ୍ୟସ୍ତ ହେଲେ ସରକାର ତାଙ୍କଠାରୁ ରାଜସ୍ୱ କ୍ଷତିର ମୂଳଧନ ସହିତ ବାର୍ଷିକ ୧୨% ସରଳ ସୁଧ ହାରରେ ପ୍ରାୟ ୭ କୋଟି ଅର୍ଥ ଆଦାୟ କରିପାରନ୍ତି। ସେହିପରି ପଦର ଅବନତି, ଇନ୍‌କ୍ରିମେଣ୍ଟ ବନ୍ଦ ସହ ନିୟମ ଅନୁଯାୟୀ ସରକାର ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।



Government of Odisha
General Administration & Public Grievance Department
*****
MEMORANDUM

Bhubaneswar, Dated the 17th July 2023

No.GAD-SER2-CASE3-0039-2023/ 20723 / Gen., Shri Suryanarayan Dash, OAS(SAG), ex-Tahasildar, Bolangir now Additional District Magistrate, Subarnapur is hereby informed that it is proposed to hold an enquiry against him under Rule-15 of the Orissa Civil Service (Classification Control and Appeal) Rules, 1962. The substance of the imputations of misconduct in respect of which the enquiry is proposed to be held is set out in the enclosed statement of articles of charge (Annexure-I). A statement of the imputation of misconduct in support of articles of charge is enclosed (Annexure-II). A list of document by which, and list of witnesses by whom, articles of charge are proposed to be sustained is also enclosed (Annexure-III).

2. Shri Dash is directed to submit his written statement of defence within 30 days from the date of receipt of this memorandum and also to state if he desires to be heard in person.

3. He may peruse the relevant records in the office of the Tahasildar, Bolangir and take relevant extracts thereof to submit the written statement of defence with permission from competent authority. He is further requested to peruse and take extracts of the documents/ records mentioned in the Memo of Evidence (Annexure-III), those have not been provided herewith, in the office of the Tahasildar, Bolangir.

4. If he fails to submit his written statement of defence within the stipulated period of 30 days from the date of receipt of this memorandum, it will be presumed that he has no explanation to offer and action as deemed proper will be taken ex-parte.

5. Receipt of memorandum should be acknowledged by him.

BY ORDER OF GOVERNOR
17/7
(Surendra Kumar)
Additional Chief Secretary

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଚିଠି।

## ପୋଲିସକୁ ଡରି ନଦୀକୁ ଡେଇଁଲେ ୨ ଯୁବକ, ଜଣେ ନିଖୋଜ

ଯାଜପୁର ଟାଉନ,୨୮।୭(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ସହର ନିକଟସ୍ଥ ବାରବାଟୀ ଗ୍ରାମ ବୁଢ଼ାନଦୀର ଚମ୍ପାଛନ୍ଦା ବ୍ରିଜ ନିକଟରେ ପୋଲିସକୁ ଡରି ୨ ଯୁବକ ନଦୀକୁ ଡେଇଁଥିବାବେଳେ ଜଣେ ନିଖୋଜ ଥିବା ସୂଚନା ମିଳିଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଚମ୍ପାଛନ୍ଦା ବ୍ରିଜ ପାଖରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ କେତେଜଣ ଅସାମାଜିକ ଯୁବକ ନିଶା ଖାଇବା ପାଇଁ ଏକାଠି ହୋଇଥିଲେ। ଏହି ସମୟରେ ଯାଜପୁର ଟାଉନ ଥାନା ପାଟ୍ରୋଲିଂ ଗାଡ଼ି ସେହି ରାସ୍ତାଦେଇ ଯାଉଥିବା ଦେଖି କେତେଜଣ ଯୁବକ ଦୌଡ଼ି ପଳାଇଥିଲେ। ସେମାନଙ୍କ ମଧ୍ୟରୁ ବାରବାଟୀ ଗ୍ରାମର ୨ ଯୁବକ ନଦୀକୁ ଡେଇଁ ପଡ଼ିଥିବାବେଳେ ସଞ୍ଜୟ ଜେନା ନାମକ ଯୁବକ ପହଁରି କୂଳରେ ଲାଗିଛନ୍ତି। ଅନ୍ୟ ଜଣେ ଶ୍ରୀକାନ୍ତ ମହାନ୍ତି ନିଖୋଜ ଅଛନ୍ତି।

ରାତି ୭ଟା ପର୍ଯ୍ୟନ୍ତ ଦମକଳବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ନିଖୋଜ ଯୁବକଙ୍କୁ ପାଇ ପାରିନାହିଁ। ବରୀ ଅଗ୍ନିଶମ ବିଭାଗ କେନ୍ଦ୍ରାଧିକାରୀ ଅଜିତ କୁମାର ରାଉତଙ୍କ କହିବା ଅନୁସାରେ, ଅପରାହ୍ନ ୨ଟାରେ ୧୧୨ ନମ୍ବରରେ ଫୋନ୍ କରି କେହି ଜଣେ ସ୍ଥାନୀୟ ବ୍ୟକ୍ତି ଘଟଣା ସମ୍ପର୍କରେ ଜଣାଇଥିଲେ। ଦୀର୍ଘ ୩ ଘଣ୍ଟା ଧରି ଅଗ୍ନିଶମ ବିଭାଗ ପକ୍ଷରୁ ଘଟଣାକୁ ଦେଖିଥିବା ସ୍ଥାନୀୟ ବ୍ୟକ୍ତିଙ୍କୁ ସାଙ୍ଗରେ ଧରି ସନ୍ଦେହଜନକ ସ୍ଥାନରେ ଖୋଜାଖୋଜି କରାଯାଇଥିଲା। ହେଲେ ନିଖୋଜ ଯୁବକଙ୍କ ସନ୍ଧାନ ମିଳିପାରି ନାହିଁ। ଏ ସମ୍ପର୍କରେ ଥାନାଧିକାରୀ ବିଲ୍ଵମଙ୍ଗଳ ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ୨ ଯୁବକ ନଦୀକୁ ଡେଇଁ ଥିବାବେଳେ ଜଣେ ନିଖୋଜ ଥିବା ଜଣାପଡିଛି। ମାତ୍ର ଉକ୍ତ ସମୟରେ ସେହି ସ୍ଥାନକୁ ପୋଲିସ ପାଟ୍ରୋଲିଂ ଗାଡି ଯାଇ ନ ଥିବା ସେ ସଫେଇ ଦେଇଛନ୍ତି। ଅନ୍ୟପକ୍ଷରେ ବିଚିତ୍ରପୁର ପଞ୍ଚାୟତର କେତେଜଣ ନିଶା ବ୍ୟବହାରକାରୀ ଯୁବକଙ୍କୁ ପୋଲିସ ଶୁକ୍ରବାର ସନ୍ଧ୍ୟାରେ ଥାନାକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି।

## ମାଲିକ ଗଣିବେ ଜରିମାନା

### ପ୍ରଥମେ ମହିଳା ଯାତ୍ରୀଙ୍କୁ ବସ୍‌ରେ ନ ଉଠାଇବା ପ୍ରସଙ୍ଗ

**ଆରଟିଓଙ୍କୁ ଚିଠି ଲେଖିଲା ଏସ୍‌ଟିଏ**

ଭୁବନେଶ୍ୱର,୨୮।୭ (ଅନିଲ ଦାସ)

ମହିଳା ଯାତ୍ରୀଙ୍କୁ ଯଦି କୌଣସି ବସ୍ କର୍ମଚାରୀ ପ୍ରଥମେ ପାସେଞ୍ଜର ଭାବେ ଉଠାଇବାକୁ ବାରଣ କରିବେ ତେବେ ସମ୍ପୃକ୍ତ ବସ୍ ମାଲିକଙ୍କୁ ଜରିମାନା ଗଣିବାକୁ ପଡ଼ିବ। ବସ୍‌ର ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ ଅଭିଯୋଗ ଆସିବା ପରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ପକ୍ଷରୁ ଏଭଳି ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏ ନେଇ ଶୁକ୍ରବାର ଏସ୍‌ଟିଏ ସଚିବ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କୁ ଚିଠି ଲେଖିଛନ୍ତି। ମହିଳାଙ୍କୁ ପ୍ରଥମ ପାସେଞ୍ଜର ଭାବେ ବାରଣ କଲେ ବସ୍ ମାଲିକଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯିବ। ରାଜ୍ୟ ପରିବହନ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଯଦି କେଉଁଠି ମହିଳାଙ୍କୁ ପ୍ରଥମେ ବସ୍ ଉପରେ ଚଢ଼ିବା ପାଇଁ ବାରଣ କରାଯାଏ, ତେବେ ସମ୍ପୃକ୍ତ ବସ୍ ମାଲିକଙ୍କ ବିରୋଧରେ ମୋଟର ଯାନ ଆଇନ-୧୯୮୮ର ସେକ୍ସନ ୧୯୨(ଏ) ଅନୁଯାୟୀ ଇ-ଚାଲାଣ କଟାଯିବ। ନିକଟରେ ଜଣେ ମହିଳା ଯାତ୍ରୀ ଭୁବନେଶ୍ୱର ବରମୁଣ୍ଡାରୁ ମାଲକାନଗିରି ଯିବାକୁ ଚାହୁଁଥିଲେ। ସେ ବସ୍‌ରେ ଚଢ଼ିବାକୁ ଚାହିଁବାରୁ ବସ୍ କଣ୍ଡକ୍ଟର ତାଙ୍କୁ ବାରଣ କରିଥିଲେ। ବସ୍‌ରେ କେହି ପୁରୁଷ ଯାତ୍ରୀ ନ ଥିବାରୁ ମହିଳାଙ୍କୁ ପ୍ରଥମେ ବସ୍ ଭିତରକୁ ଯିବାକୁ ଅନୁମତି ମିଳି ନ ଥିଲା। ଏହି ଘଟଣାକୁ ନେଇ ଜଣେ ସାମାଜିକ କର୍ମୀ ରାଜ୍ୟ ମହିଳା କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କମିଶନ ତାଙ୍କ ପିଟିଶନକୁ ଗ୍ରହଣ କରି ଏଭଳି କୁତ୍ସିତ ପ୍ରଥାକୁ ବନ୍ଦ କରିବାକୁ ପରିବହନ ବିଭାଗକୁ ଚିଠି ଲେଖିଥିଲେ।

## ଶେରଗଡ଼-ନୀଳଗିରି ଝରଣାଘାଟି ରାସ୍ତା ଶିଳାନ୍ୟାସ ଆଜି

ନୀଳଗିରି,୨୮।୭(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲାରେ ବହୁ ପ୍ରତିକ୍ଷୀତ ଶେରଗଡ଼ ନୀଳଗିରି ଝରଣାଘାଟି (ଏସ୍‌ଏନ୍‌ଜେ) ୧୯ନଂ. ରାଜ୍ୟ ରାଜପଥ ସମ୍ପ୍ରସାରଣ ସହିତ ୪ ଲାଇନ୍ ବିଶିଷ୍ଟ ରାସ୍ତାର ଶିଳାନ୍ୟାସ ଶନିବାର ଅନୁଷ୍ଠିତ ହେବ। ନୀଳଗିରି କେସି ହାଇସ୍କୁଲ ପଡ଼ିଆରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଭର୍ଚୁଆଲରେ ଉଦ୍‌ବୋଧନ ଦେବା ସହ କେନ୍ଦ୍ର ସଡ଼କ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ଜେନେରାଲ ଭି.କେ. ସିଂ ଉପସ୍ଥିତ ରହି ଶିଳାନ୍ୟାସ କରିବେ। କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଉପସ୍ଥିତ ରହିବା ନେଇ ସୂଚନା ରହିଛି।

## ପ୍ରାର୍ଥନା ବେଳେ ଖସିଲା କଂକ୍ରିଟ: ଛାତ୍ରୀ ଗୁରୁତର

ଭୋଗରାଇ, ୨୮।୭(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୁନାଧର ପଞ୍ଚାୟତ ମାଟିଖଣା ପ୍ରାଥମିକ ସ୍କୁଲରେ ଶୁକ୍ରବାର ପୂର୍ବାହ୍ନ ୧୦ଟା ବେଳେ ପ୍ରାର୍ଥନା ହେଉଥିବା ବେଳେ ଛାତରୁ କଂକ୍ରିଟ ପ୍ଲାଷ୍ଟର ଖସି ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଛି। ସମ୍ପୃକ୍ତ ଛାତ୍ରୀ ହେଲେ ସୁନାଧରବସାଣ ଗ୍ରାମର ହରନାରାୟଣ କରଙ୍କ ଝିଅ ପ୍ରତିଭା। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ କଟକ କିମ୍ବା ଭୁବନେଶ୍ୱର ସ୍ଥାନାନ୍ତର ଲାଗି ଡାକ୍ତର ପରାମର୍ଶ ଦେଇଛନ୍ତି। ସ୍କୁଲ ବିପଦସଙ୍କୁଳ ଅବସ୍ଥାରେ ଥିବା ବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶ୍ରେଣୀଗୃହ କାନ୍ଥ, ଛାତ ଫାଟିଯାଇଥିବାରୁ ମରାମତି ପାଇଁ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧି, ବିଡିଇଓ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ବାରମ୍ବାର ଦାବି କରିଥିଲେ। ହେଲେ ତାହା ପ୍ରତିଶ୍ରୁତିରେ ସୀମିତ ରହିଯାଇଛି।

## ସାପ କାମୁଡ଼ାରେ କଲେଜ ଛାତ୍ରୀ ମୃତ

ପାଟଣା,୨୮।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଶିବନାରାୟଣପୁର ମୌଜାର ଲକ୍ଷ୍ମୀପ୍ରିୟା ମେସ୍ ନାମକ ଘରୋଇ ଛାତ୍ରୀନିବାସ ସାପ କାମୁଡ଼ାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାହାରପଡ଼ା ବ୍ଲକ୍ ଦାମାହୁଦା ପଞ୍ଚାୟତ ବଡ଼ପଶି ଗ୍ରାମର କୈଳାସ ଲୋହାରଙ୍କ ଝିଅ ସ୍ୱପ୍ନା ଲୋହାର(୧୭)। ସେ ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟରେ +୨ କଳାରେ ଅଧ୍ୟୟନ କରୁଥିଲେ। ଗୁରୁବାର ରାତିରେ ସ୍ୱପ୍ନା ମେସ୍‌ରେ ତଳେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ଅନ୍ତେବାସୀ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୩) ରୁଜୁ ହୋଇଛି। ମେସ୍ ମାଲିକ ଯୁଧିଷ୍ଠିର ମହାନ୍ତଙ୍କୁ ପଚାରିବାରୁ ପିଲାମାନେ ଭଡ଼ା ସୂତ୍ରରେ ରହି ରୋଷେୟା ରଖି ପାଠ ପଢୁଥିଲେ। ତାଙ୍କୁ ବର୍ଷକୁ ଜଣକ ପିଛା ୫୫୦୦ଟଙ୍କା ମିଳୁଥିଲା। ଘର ଯେତିକି ସ୍ୱଚ୍ଛ ଓ ଉଚ୍ଚା ଅଛି ସାପ ପଶିବା ସମ୍ଭବ ନୁହେଁ। ଡାକ୍ତର ମଧ୍ୟ ସନ୍ଦେହରେ ଚିକିତ୍ସା କରିଛନ୍ତି ବୋଲି ସେ କହିଛନ୍ତି।



# ଦୁର୍ନୀତି ବିରୋଧୀ ବାର୍ତ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୨୦୨୪ ବିଧାନସଭା ନିର୍ବାଚନ ପାଇଁ ପ୍ରାୟ ଏକ ବର୍ଷ ବାକି ଥିବାବେଳେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟର ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ଉତ୍ତରଦାୟୀ କରି ଦୁର୍ନୀତି ବିରୋଧରେ ଏକ ଦୃଢ଼ ବାର୍ତ୍ତା ଦେବାର ସୁଯୋଗ ହାତକୁ ନେଉଛନ୍ତି। ସୂଚନା ଅନୁଯାୟୀ, ଦୁର୍ନୀତି ଅଭିଯୋଗ ଥିବା ରାଜ୍ୟର ୪୧ଜଣରୁ ଅଧିକ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଆଣ୍ଟି କରପ୍ସନ ବ୍ୟୁରୋ(ଏସିବି) ବା ଦୁର୍ନୀତି ନିବାରଣ ବ୍ୟୁରୋ ତଦନ୍ତ କରୁଛି। ଗତବର୍ଷ ପ୍ରାରମ୍ଭରେ ଖଟ୍ଟର ରାଜ୍ୟ ଭିଜିଲାନ୍ସ ବ୍ୟୁରୋର ନାମକୁ ଦୁର୍ନୀତି ନିବାରଣ ବ୍ୟୁରୋ ଭାବରେ ନାମିତ କରିଥିଲେ। ସେତେବେଳେ ବରିଷ୍ଠ ଆଇପିଏସ୍ ଅଧିକାରୀ ଶତ୍ରୁଜିତ କପୁର ତାହାର ନେତୃତ୍ୱ ନେଇଥିଲେ ଓ ଦୁର୍ନୀତି ବିରୋଧରେ ବଡ଼ ପରିବର୍ତ୍ତନ ଆରମ୍ଭ ହୋଇଥିଲା। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ ସରକାର କୋହଳ ମନୋଭାବ ପୋଷଣ କରୁଛନ୍ତି ବୋଲି ବିରୋଧୀଦଳ ଅଭିଯୋଗ ଆଣିବା ପରେ ଖଟ୍ଟର ଏହି ପଦକ୍ଷେପ ନେଇଥିଲେ। କପୁର ଏକ ବ୍ୟାପକ ତଦନ୍ତର ନେତୃତ୍ୱ ନେଇଛନ୍ତି, ଯେଉଁଥିରେ ୧୨ ଜଣ ଆଇଏଏସ୍ ଅଧିକାରୀ, ୨ ଜଣ ଆଇପିଏସ୍ ଅଧିକାରୀ, ୩ଜଣ ଆଇଏଫ୍ଏସ୍ ଅଧିକାରୀ, ୨୦ଜଣ ଏଚ୍ସିଏସ୍ ଅଧିକାରୀ ଏବଂ ୪ଜଣ ଏଚ୍ପିଏସ୍ ଅଧିକାରୀଙ୍କ ସମେତ ଅନେକ ସରକାରୀ କର୍ମଚାରୀ ଦୁର୍ନୀତି ଫାଶରେ ପଡ଼ିଛନ୍ତି । ଏସିବି ମୁଖ୍ୟଙ୍କ ଅନୁଯାୟୀ, ଲାଞ୍ଚ ନେବା ଅଭିଯୋଗରେ ଅନେକ ଅଧିକାରୀଙ୍କୁ ତାଙ୍କ ଟିମ୍ ଗିରଫ କରିଛି ଏବଂ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ବ୍ୟୁରୋ ଅନୁମତି ଚାହୁଁଛି। ସୂତ୍ରରୁ ଜଣାପଡ଼ିଛି, ଦୁର୍ନୀତି ଅଭିଯୋଗର ସମ୍ମୁଖୀନ ହେଉଥିବା ଅତି କମ୍‌ରେ ଦୁଇଜଣ ବରିଷ୍ଠ ଆଇଏଏସ୍ ଅଧିକାରୀ ଏସିବିର ପଦକ୍ଷେପକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚିଛନ୍ତି। ଖଟ୍ଟର ତାଙ୍କ ଲକ୍ଷ୍ୟରେ ସଫଳ ହୋଇପାରିବେ ନା ଭାଜପା ସପକ୍ଷରେ ନିର୍ବାଚନକୁ ଆଣିପାରିବେ, ତାହା ଦେଖିବାକୁ ବାକି ରହିଲା।

### ମଧ୍ୟରାତ୍ରର ନିଷ୍ପତ୍ତି

କେନ୍ଦ୍ର ସରକାରରେ ଆସନ୍ନ ପରିବର୍ତ୍ତନର ଗୁଞ୍ଜରଣ ସୃଷ୍ଟି ହୋଇଛି। ଏହା ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ କ୍ୟାବିନେଟରୁ ହଟାଯିବା ନେଇ ଗୁଜବ ଉଠିଛି, ଯଦିଓ ଏହା ଅସମ୍ଭବ ମନେହେଉଛି । ଦେଖିବାକୁ ଗଲେ ବାସ୍ତବରେ ପରବର୍ତ୍ତୀ ବଜେଟ କେବଳ ନିର୍ବାଚନ ଭିତ୍ତିକ ହେବ। ସମ୍ଭବତଃ ଅର୍ଥମନ୍ତ୍ରୀଙ୍କ ଅଫିସର୍ ଅଫ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ପଦରୁ ବିବେକ ସିଂ ହଟିବା ପରେ ଏଭଳି ହାସ୍ୟାସ୍ପଦ କଥା ଉଠିଛି। ଏବିଭିପି ପ୍ରତି ସମର୍ପିତ ରହିଆସିଥିବା ସିଂଙ୍କ କାର୍ଯ୍ୟକାଳକୁ ସମୟ ପୂର୍ବରୁ ଅପ୍ରତ୍ୟାଶିତ ଭାବେ ଶେଷକରିବା ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଏହା ପଛରେ ଥିବା କାରଣଗୁଡ଼ିକ ବିଶେଷକରି ମଧ୍ୟରାତ୍ରରେ ହଠାତ୍ ନିଆଯାଇଥିବା ଏଭଳି ନିଷ୍ପତ୍ତିକୁ ନେଇ ଅନେକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ ସିଂ ପଦ ଛାଡ଼ିବା ସମସ୍ତଙ୍କୁ ଅଧିକ ଆଶ୍ଚର୍ଯ୍ୟ କରିଛି। ଏହି ଶାସନର ସ୍ୱଭାବକୁ ଦେଖିଲେ ଜଣାଯାଏ ଏଠାରେ ବହୁ ସମୟରେ ସ୍ୱଚ୍ଛତା ପାଇବା କଷ୍ଟକର। କୌତୂହଳର ବିଷୟ, ଜାନୁୟାରୀ ୨୦୨୨ରେ ସିଂଙ୍କୁ ୪ ବର୍ଷ ପାଇଁ ସୀତାରାମନଙ୍କ ଓଏସ୍‌ଡି ଭାବେ ନିଯୁକ୍ତ କରାଯାଇଥିଲା। କେତେକେ ଦାବି କରିଛନ୍ତି ଯେ, ସିଂ ଆଗାମୀ ନିର୍ବାଚନରେ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଇଚ୍ଛା କରିଥିଲେ। ଅନ୍ୟମାନେ ମତ ଦେଇଛନ୍ତି ଯେ, ସେ କୌଣସି ପଦବୀ ପାଇଁ ଆଗ୍ରହୀ ହୋଇ ନ ପାରନ୍ତି। ଯାହା ହେଉନା କାହିଁକି, ଆଶା କରାଯାଉଛି, ସେ ଝାଡ଼ଖଣ୍ଡରେ ଏକ ନୂତନ ଦାୟିତ୍ୱ ଗ୍ରହଣ କରିବେ, ଯାହାର ନିର୍ବାଚନ ସହ ସମ୍ପର୍କ ରହିଛି।

### ସିଭିଲ ସର୍ଭାଣ୍ଟ: ଅତୀତ ଓ ବର୍ତ୍ତମାନ

ଇଷ୍ଟ ଇଣ୍ଡିଆ କମ୍ପାନୀ 'ସିଭିଲ ସର୍ଭାଣ୍ଟ'ଶବ୍ଦ ଉଦ୍ଭାବନ କରିଥିଲା। ଏହି କମ୍ପାନୀ ଅଢ଼େଇ ଶତାବ୍ଦୀ ମଧ୍ୟରେ ନିରନ୍ତର ଭାବେ ଭାରତରେ ବ୍ରିଟିଶର ପ୍ରଭାବ ବିସ୍ତାର କରି ଚାଲିଥିଲା। କିନ୍ତୁ ଏହାର ପ୍ରାଧାନ୍ୟ ଉପରେ ନିୟନ୍ତ୍ରଣ ବଜାୟ ରଖିବା ପାଇଁ କମ୍ପାନୀ ଭାରତୀୟ ଏଜେଣ୍ଟମାନଙ୍କ ସହଯୋଗ ଆବଶ୍ୟକ କରୁଥିଲା। ବାସ୍ତବରେ ଅଫିମ ବଦଳରେ ଚା' ଆଣିବା ଭଳି ସିଭିଲ ସର୍ଭାଣ୍ଟ ବି ଚାଇନାରୁ ଅଣାଯାଇଥିଲେ। ସିଭିଲ ସର୍ଭାଣ୍ଟ ଧାରଣା ନିରପେକ୍ଷତା ଏବଂ ଜନସେବା ବିଚାରକୁ ଧାରଣ କରିଥିଲା, ଯଦିଓ ବାସ୍ତବରେ ବହୁ ସମୟରେ ଏହା କମ୍ପାନୀର ଉପନିବେଶିକ ଉଦ୍ଦେଶ୍ୟ ଦ୍ୱାରା କଳୁଷିତ ହୋଇଥିଲା। ସମୟ କ୍ରମେ 'ସିଭିଲ ସର୍ଭାଣ୍ଟ'ଶବ୍ଦଟି ସରକାରୀ କର୍ମଚାରୀ ବା ଅଧିକାରୀ ପାଲଟିଲା, ଯେଉଁମାନେ ଜନସାଧାରଣଙ୍କ ପାଇଁ କାମ କରନ୍ତି ଓ ରାଜ୍ୟ କାର୍ଯ୍ୟ ପରିଚାଳନା କରିଥାନ୍ତି। ଭାରତୀୟ ପରିପ୍ରେକ୍ଷୀରେ ଏମାନେ ନମ୍ର ବାବୁ! ମୋଗଲ ଯୁଗରେ ବି 'ବାବୁ' ସମ୍ମାନର ମୋହର ଥିଲା, ଯାହା ଜଣେ ଭାରତୀୟଙ୍କ ପାଇଁ ସର୍ବୋଚ୍ଚ ସମ୍ମାନ। ବ୍ରିଟିଶମାନେ ତାଙ୍କ ଶାସନରେ 'ବାବୁ' ଶବ୍ଦ ଗ୍ରହଣ କରି ସେମାନଙ୍କର ବିଶ୍ୱସ୍ତ ଭାରତୀୟ ସହାୟକମାନଙ୍କୁ ସମ୍ବୋଧିତ କରିବା ପାଇଁ ଏହି ଶବ୍ଦ ଉପଯୁକ୍ତ ବୋଲି ସ୍ଥିର କରିଥିଲେ। ଆଜି 'ବାବୁ'ର ଏକ ସୁନାମ ରହିଛି, ଏଥିରେ ପ୍ରଶଂସା ଓ ଅପମାନ ବି ଅଛି। ବାବୁମାନେ କାହାଣୀକୁ ପୁନଃଲିଖନ କରିବା ଲକ୍ଷ୍ୟରେ ଅଛନ୍ତି। ପ୍ରଶାସନିକ ସଂସ୍କାର ସହିତ ସେମାନେ ବୃତ୍ତିଗତ, ଉତ୍ତରଦାୟିତ୍ୱ ଏବଂ ଜନସେବା ଉପରେ ଗୁରୁତ୍ୱ ଦେଇ ଏହି ଶବ୍ଦର ମହତ୍ତ୍ୱକୁ ପୁନଃନିର୍ଦ୍ଧାରଣ କରିବାକୁ ଚେଷ୍ଟା କରୁଛନ୍ତି । 'ସିଭିଲ ସର୍ଭାଣ୍ଟ'ଶବ୍ଦର ଉତ୍ପତ୍ତି ଏକ ଶୋଷଣକାରୀ ପ୍ରାଇଭେଟ କମ୍ପାନୀ ସହ ଜଡ଼ିତ ହୋଇପାରେ, କିନ୍ତୁ ଏହାର ଅର୍ଥ ପରିବର୍ତ୍ତନ ଆମ ଜଟିଳ ଇତିହାସ ଏବଂ ପ୍ରଶାସନିକ ବ୍ୟବସ୍ଥାର ବିବର୍ତ୍ତନକୁ ପ୍ରତିଫଳିତ କରିଛି।


Email: dilipcherian@gmail.com


# ପଠନ, ଲିଖନ ଓ ବନାନ ଚୁଲିକୁ ଗଲାଣି



ସହଦେବ ସାହୁ

ସ୍ମାର୍ଟ ଫୋନ୍ ନିଜର ସାଙ୍ଗ ହୋଇଗଲା ଦିନୁ ଡିଜିଟାଲ୍ ଆକର୍ଷଣ ଏତେ ବଢ଼ିଗଲାଣି ଯେ ଆକର୍ଷଣ ଶବ୍ଦ ଆଉ ଯୁକ୍ତିଯୁକ୍ତ ମନେ ହେଉନାହିଁ, ଏହା ଏକ ଡିଷ୍ଟ୍ରାକ୍ସନ୍ ବା ଅନ୍ୟମନସ୍କତାର କାରଣ ହେଲାଣି। ଛପା ବହି କି ଖବରକାଗଜ ପଢ଼ାପଢ଼ିରେ ଆଉ ମନ ନାହିଁ, ଚିଠିପତ୍ର ଲେଖିବାରେ ଓ ଡାକଘରେ ପକାଇବା ଆମେ ଭୁଲିବା ଆରମ୍ଭ କଲୁଣି। ଥୁଣ୍ଟାମୁନବାଲା କାଠି (ଷ୍ଟାଇଲ୍‌ସ) କଲମର ଜାଗା ନେଲାଣି, ଆଉ ଅଙ୍ଗୁଳିର ଅପାରଗପଣିଆକୁ ବଢ଼ାଇଦେଲାଣି, ଭୁଲ୍ ବା ଏକାଧିକ ଅକ୍ଷର ବା ମାତ୍ରାକୁ ବାଛିବାରେ ସିଦ୍ଧହସ୍ତ ନ ହୋଇ ସିଦ୍ଧମୁନ ହେଲୁଣି। ବ୍ୟାକରଣ ଭୁଲିଯାଅ, ଲମ୍ବା ଲମ୍ବା ଓ ଶୁଦ୍ଧ ବାକ୍ୟ ଭୁଲିଯାଅ। ଇଲୁ (ଆଇ ଲଭ୍ ୟୁ) ଭଳି ସଂକ୍ଷିପ୍ତ ଶବ୍ଦ ବା ଇମୋଜି ଭଳି ଭାବସୂଚକ ମୁଖଭଙ୍ଗୀର ବ୍ୟଙ୍ଗ ଛବି ବ୍ୟବହାର କର। ସଂକ୍ଷିପ୍ତ ସନ୍ଦେଶ (ଏସ୍ଏମ୍ଏସ୍) କଲେ ବ୍ୟାକରଣ ବା ରଚନାଶୈଳୀ ପ୍ରତି ଲକ୍ଷ୍ୟ ରଖିବା ଦରକାର ନାହିଁ। ଅକ୍ଷର ଓ ମାତ୍ରା ମିଶି ୨୫୦ରୁ ବେଶି ନୁହେଁ, ବେଶି ହେଲେ ଥର ଥର କରି ଲେଖିବ, ଅବଶ୍ୟ ପ୍ରାପକ ପୂରା ପାଉଛି। ବ୍ୟାକରଣକୁ ଗୁଳିମାର, ଉଚ୍ଚାରଣ ଉପରେ ଧ୍ୟାନ ଦିଅ, ଗୋଟିଏ ଅକ୍ଷର ଗୋଟିଏ ଶବ୍ଦ ବୁଝାଇପାରେ ତ ପୂରା ଶବ୍ଦ କାହିଁକି ଲେଖିବ? କାଳକ୍ରମେ ନୂଆ ଶବ୍ଦ ଡିଜିଟାଲ୍-ଦୁନିଆର ଲୋକଙ୍କ ଶବ୍ଦଭଣ୍ଡାର (ଭୋକାବୁଲାରି)ର ଅଂଶ ହୋଇପଡ଼ିଲାଣି। ଟାଣିଓଟାରି ମାନେ ବୁଝିବାକୁ ପଡ଼ିବ, ଯଥା 'ନିମିତ୍ତ' ବା 'ପାଇଁ' ଲାଗି ଇଂଲିଶ'ଫର୍' ନ ହୋଇ ସଂଖ୍ୟା '୪', 'ଫୋର୍' ତା ବୁଝାଇବ। ଇମୋଜି ତୁମ ମନର ଭାବ ବୁଝାଇବ। 'ଅମରକୋଷ' ଭୁଲିଯିବାର ବେଳ ଆସିଗଲାଣି।

ହାତରେ ଲେଖିବା ଅଭ୍ୟାସ କମିଗଲେ ପଢ଼ିବାର 'ସ୍ପୃହା' କମିଯିବ, 'ସ୍ପୃହା' କମିଗଲେ ଲମ୍ବା ଲମ୍ବା ରଚନା ପଢ଼ିବାର 'ସାମର୍ଥ୍ୟ' ଆପେ ଆପେ ହ୍ରାସ ପାଇବ, ନବଯୁବବର୍ଗ ଓ ସିନିୟର୍ ସିଟିଜେନ୍‌ମାନେ ବହିପତ୍ର ନ ପଢ଼ି ସ୍ମାର୍ଟଫୋନ୍‌ରେ ମେଶିନ ପଢୁଥିବା ଶୁଣିଦେଉଛନ୍ତି। ଶ୍ରୁତି ବା ଅଡିଓ ସୁବିଧା ମଣିଷକୁ ନିରକ୍ଷର ହେବାକୁ ପ୍ରବର୍ତ୍ତାଉଛି, ହାତ ଲେଖା କି ବହି ଲେଖା ପଢ଼ିବାରେ ସମୟ କଟାଇବା ମାନେ ଧୀରସ୍ଥିର ହୋଇ ବସିରହିବା, ଚଳଚଞ୍ଚଳ ଜୀବନରେ ନବଯୁବମାନେ ଗୋଟିଏ କାମରେ ସାରିବାଯାଏ ସ୍ଥିର ରହିବା ଚାହୁଁନାହାନ୍ତି। କ'ଣ ବେଦ ଉପନିଷଦ୍ ସମୟର ଶ୍ରୁତି ଯୁଗ ଫେରୁଛି? ଏପରି ପରିସ୍ଥିତିକୁ ଉତ୍ସାହିତ କରୁଛି କିଣ୍ଡଲ୍ ଭଳି କହିବା ବହି। ସ୍ମାର୍ଟ ଫୋନ୍ ପକେଟରେ ଥିବ ତ କାନରେ ସ୍ପିକର୍ ନ ଲଗାଇ ବହିର ପାଠ ଶୁଣିହେବ। ମୁଦ୍ରିତ ଖବରକାଗଜଗୁଡ଼ିକ ବି ଇଣ୍ଟରନେଟ୍‌ରୁ ନୂଆ ନୂଆ ଖବର ସଂଗ୍ରହ କରିନେଉଛନ୍ତି, ୩ କି ୫ କି ୭ ମିନିଟ୍‌ର ଶୁଣିବା (ଲିଶିନିଂ) ସାଙ୍ଗକୁ ପଢ଼ାପାଠ ଯୋଗାଉଛନ୍ତି।



ଆଇଟି-ବିଶେଷଜ୍ଞ ଗୁରୁ ଓ ଆମେ ଶିଷ୍ୟ ହୋଇ ପୁଣି ଗୁରୁ-ଶିଷ୍ୟ ପରମ୍ପରାକୁ ଫେରିବା ମନେହୁଏ। ଘଟଣାର ଜାଗାକୁ ଯାଇ ବା ଗବେଷଣା କରି ନୂଆ ତଥ୍ୟ ବାହାର କରିଥିବା ବ୍ୟକ୍ତି ପାଖକୁ ଯାଇ ଖବର ସଂଗ୍ରହ କରିବା ଅଭ୍ୟାସ ଛାଡ଼ିଦେଇ ଯାହା ଡିଜିଟାଲ ଆକାରରେ ମିଳୁଛି ତାକୁ ବହି ବା ଖବରକାଗଜ ବା ପତ୍ରିକାକୁ ଉତ୍ତାରିନେବେ ନିଜର ସମ୍ପାଦନା ସହିତ। ଆମ ଭିତରୁ ଅନେକେ ଖବରକାଗଜ ପଢ଼ିବା ଛାଡି ଇଣ୍ଟର୍‌ନେଟ୍‌ରେ ଖବର ପଢ଼ିଶୁଣି ଦେଉଛୁ। ପୂର୍ବାପର ସମ୍ପର୍କ ବି ଆମକୁ ଇଣ୍ଟରନେଟ୍‌ରେ ମିଳୁଛି, ଆମ ଅଞ୍ଚଳର ପାଠାଗାରକୁ ଯାଇ ଦରାଣ୍ଡିବାକୁ ପଡୁନାହିଁ, ସମୟର ଅପଚୟ ଓ ଅର୍ଥର ବ୍ୟୟଭାର କମୁଛି।

ଏସବୁର ଅର୍ଥ ଓ କାରଣ ହାତପାଆନ୍ତାରେ ସ୍ମାର୍ଟଫୋନ୍। ତାହା ଆମର ଅନ୍ୟମନସ୍କତା (ଡାଇଭର୍ସନ୍ ବା ଡିଷ୍ଟର୍ବାନ୍ସ) ବଡ଼ କାରଣ, ଆମେ କୌଣସି ଗୋଟିଏ କାମରେ ମନୋନିବେଶ କରିପାରୁନାହୁଁ। ପ୍ରତିଦିନ ଆମେ ଏତେ ବେଶି ପରିମାଣର ସୂଚନା, ଖବର ବା ଜ୍ଞାନ ପାଉଛୁ ଯେ ଆମ ମସ୍ତିଷ୍କ ଏତେଗଡ଼ିଏ କଥା ହଜମ କରି ପଢ଼ାପଢ଼ି କରିବାର ସାମର୍ଥ୍ୟ ଯୋଗାଡ଼ କରିବାରେ ଏତେ ଡୁରୁଡୁରିଆ ହୋଇ ଯାଉଛୁ ଯେ ଆମ ବ୍ରେନ୍ ସେଗୁଡ଼ିକର ଯଥାଯଥଃ ପ୍ରକ୍ରିୟାକରଣ କରିପାରୁନାହିଁ, ନିଷ୍ପତ୍ତି ନେଇପାରୁନାହିଁ। ଅବିରତ ବିଜ୍ଞପ୍ତି ଆସୁଛି ବହୁତ ପ୍ରକାରର ମଞ୍ଚରୁ, ଆପ୍ସରୁ, ଡିଭାଇସ୍‌ରୁ, ସୋସିଆଲ୍ ମିଡିଆରୁ, ବିଭିନ୍ନ ଖବର ମିଡିଆ ମଞ୍ଚରୁ। କୌଣସି ଗୋଟିଏ ମଞ୍ଚକୁ ବିଶେଷ ଧ୍ୟାନ ଦେଇପାରୁନାହୁଁ। ଏକାଗ୍ରତା ହରାଇବା ଆରମ୍ଭ କଲୁଣି। କମ୍ପ୍ୟୁଟର ମଣିଷ ପରସ୍ପରର ପ୍ରଭାବ ଅନୁଧ୍ୟାନ କରୁ କରୁ ଗବେଷକମାନେ ଦେଖିଲେ ପଢ଼ିବା-ମସ୍ତିଷ୍କ କିପରି ବିକଶିତ ହେଲା, ପୁଣି ବିଭିନ୍ନ ପାଠ ପଢ଼ି ସେଗୁଡିକର ସମ୍ମିଶ୍ରଣରେ ନୂଆ ନୂଆ ଧାରଣା (ଆଇଡିଆ) ତିଆରି କରିବାର ସାମର୍ଥ୍ୟ କିପରି ବିକଶିତ ହେଲା। ଏହା ଭିତରେ ଥିବା ସ୍ପାନ୍ ଅଫ୍ ଆଟେନଶନ୍ (ଧ୍ୟାନର ପରିସର) ଉପରେ ବି ଗବେଷଣା ହେଲା। ପଢ଼ିବାର ଗୁରୁତ୍ୱ ବଢ଼ିଲା କାରଣ ତା' ଦୃଷ୍ଟିକୋଣ ବଢ଼ାଇଲା, ବିଭିନ୍ନ ଆଇଡିଆକୁ ଛଣାଛଣି (ଡିସର୍ନିଂ) କରି କେଉଁଟା ସ୍ଥାନିତ ହେବା ଯୋଗ୍ୟ ତାହା ବାଛିପାରିଲା, ଆହୁରି ଭାବିହେଲା, ଆହୁରି ପଢ଼ିବାକୁ ଇଚ୍ଛା ହେଲା। ପଢ଼ିବା ଗହୀରରୁ ଗହୀରତର ହେଲା, ଚିନ୍ତା କରିବାର ସାମର୍ଥ୍ୟ ବଢ଼ିଲା, ତେଣୁ ମଣିଷ ବାଛିପାରିଲା କେଉଁଟା ବେଶି ଉପଯୁକ୍ତ। ପିଲାର ଶିଖିବାର (ପଢ଼ିବାର) ସ୍ପୃହା ବଢ଼ିଲା।

ସାଧାରଣ ଲୋକଙ୍କ ଅଜାଣତରେ ଏହା ଭିତରେ ବହୁତ ବଦଳିଗଲାଣି। ଆମେ ଏତେ ଶୀଘ୍ର ଶୀଘ୍ର ନୂଆ ନୂଆ ଆଇଡିଆରେ ଅବଗତ ହେଉଛୁ ଯେ ଗୋଟିଏ ପାଠ ଭିତରେ ମଜ୍ଜି (ବୁଡ଼ି) ଗଲେ ଯେ ବେଶି ଜାଣିହେବ ତା' ଭୁଲିଗଲୁଣି। ଏତେ ଶୀଘ୍ର ଶୀଘ୍ର ପଢୁଛୁ ଯେ ସତେ ଯେମିତି ଜୀବନକାଳ ସରିଆସୁଛି। ସ୍ମାର୍ଟ ଫୋନ୍ ଆମ ନଜରକୁ ଆକର୍ଷଣ କରୁଥିବ ତ ଆମେ ଯେଉଁ କାମ କରିବା କଥା ତା' ଉପରେ ଆମ ଧ୍ୟାନ କେନ୍ଦ୍ରୀଭୂତ ହେବ କିପରି? ହଜାର ହଜାର ଇଞ୍ଜିନିୟର, ଡେଭଲପ୍‌ର, ଡିଜାଇନର୍ ଓ ପ୍ରୋଗ୍ରାମର୍ ଲୋକଙ୍କ ମନ ଜିଣିବା ଲାଗି ଜାଣିଶୁଣି ପ୍ରୋଗ୍ରାମ ତିଆରି କରୁଛନ୍ତି – ଆମ ଧ୍ୟାନ ଆକର୍ଷଣ କରିବାର ଚେଷ୍ଟା କରୁଛନ୍ତି, କେମିତି ଆମେ ଅଧିକରୁ ଅଧିକ ବିଜ୍ଞାପନ ଦେଖିବା ତା' ଚେଷ୍ଟା କରୁଛନ୍ତି। ଖାଉଟିଙ୍କୁ ପ୍ରଲୁବ୍ଧ କରୁଛନ୍ତି। ଆମେ ବି ସୂଚିପତ୍ର ଦେଖି ଦେଇ ବହି ବିଷୟରେ ଅନୁମାନ କରିନେଉଛୁ। ବହିର ଶେଷ ମଲାଟରେ ଥିବା ସଂକ୍ଷିପ୍ତ ଲେଖାରୁ ବହି ବିଷୟରେ ସମ୍ପୂର୍ଣ୍ଣ ଧାରଣା କରିନେଉଛୁ। ହାତରେ ଦୁଇଟି ସ୍ମାର୍ଟ ଫୋନ୍ ଥିବ, ଆଖି ଆଗରେ ଲାପ୍‌ଟପ୍‌ର ସ୍କ୍ରିନ୍‌ରେ ଚାର୍ଟ ଦିଶୁଥିବ, କମ୍ପାନୀ କ'ଣ ଚାହୁଁଛି ତାକୁ ଖୋଜୁଥିବ – ଏ ତିନି ତିନିଟା କାମ ଏକାଥରକରେ!

ଏମିତି ମଲ୍ଟିଟାସ୍କିଂରେ କଗ୍ନିଟିଭ୍ କଷ୍ଟ (ବିଚାର କରିବାରେ ବ୍ୟୟ) ଖୁବ୍ ବେଶି। ଘରେ ପହଞ୍ଚି ଆଉ କିଛି କରିବାକୁ ଇଚ୍ଛା ହୁଏ ନାହିଁ ତ ଘରସଂସାର ଭାଙ୍ଗିବାର ସମ୍ଭାବନା ବଢ଼େ, କାରଣ ଦମ୍ପତି ଭିତରେ ବିଳମ୍ବରେ ଘରକୁ ଫେରିବା ଘେନି ସନ୍ଦେହ ବଢ଼େ ଓ କଳି ଜନ୍ମ ନିଏ। ମିଡିଆ ମଲ୍ଟିଟାସ୍କିଂ ବି ସାମ୍ବାଦିକଙ୍କୁ ଓ ଖବରକାଗଜର ସମ୍ପାଦକମାନଙ୍କୁ ବହୁତ ଜଞ୍ଜାଳ ଦିଏ। ଗୁଡ଼ିଏ ମିଡିଆ ମଞ୍ଚ, ବିବିଧ ଘଟଣା, କ୍ରସ୍ ଆଲୋଚନା, ପ୍ରୋସେସେସ୍ ବା ପ୍ରକ୍ରିୟାମାନ, ଏତେ ପ୍ରକାରର କାମ ଏକାଥରେ ମାଡି ବସେ ଯେ ଖବର ସଂଗ୍ରହ ଓ ସମ୍ପାଦନକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରି ସହସମ୍ପାଦକମାନଙ୍କୁ ଦିଆଯାଏ। ଏବେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଏସବୁ କାମ ନେଇଯିବ। ମଣିଷ ଏଆଇର ମାଲିକ ହେବା ସାଙ୍ଗେ ସାଙ୍ଗେ ତାହାର ଅଧୀନ ହୋଇ ରହିବ। ସ୍ମାର୍ଟ ଫୋନ୍‌ର ଅବସ୍ଥିତି କାନ ଓ ଆଖିର ଦିଗ୍‌ବଳୟରେ ଅଛି ବୋଲି ଜାଣିଥିବା ଲୋକର ମନ ସେଆଡେ ଥାଏ, ଛାତ୍ରମାନଙ୍କ ଏକ ଡିଷ୍ଟ୍ରାକ୍ସନ୍ ବା ଚିତ୍ତବିଭ୍ରମ, ତେଣୁ ଫେଲ୍ ହେବାର ବା କମ୍ ମାର୍କ ରଖିବାର ଏକ ମୁଖ୍ୟ କାରଣ।


sahadevas@yahoo.com


# ରାସ୍ତା ଦୁର୍ଘଟଣାର ପ୍ରତିକାର



ଡ.ମୌସୁମୀ ପରିଡ଼ା

ଜନସଂଖ୍ୟା ବୃଦ୍ଧି ଓ ପାଣିପାଗର ପରିବର୍ତ୍ତନ ଅନୁଯାୟୀ ସ୍ଥାନାଭାବ, ଖାଦ୍ୟପାନୀୟ ଅଭାବ ଇତ୍ୟାଦି ସମସ୍ୟା ଦ୍ୱାରା ଜୀବଜନ୍ତୁମାନେ ଅଳ୍ପବହୁତେ ପ୍ରଭାବିତ। ପ୍ରାୟତଃ ଖାଦ୍ୟ କିମ୍ବା ପାନୀୟ ପାଇଁ ରାସ୍ତାକଡ଼ରେ କିଛି ପାଳିତ ଓ ବୁଲା ଜୀବଜନ୍ତୁ ରାସ୍ତା ଅବରୋଧ କରୁଥିବା ବା ଏଣେତେଣେ ବୁଲୁଥିବାର ଦୃଷ୍ଟିଗୋଚର ହୁଏ। ପ୍ରକାଶ ଥାଉ କି ବୁଲାକୁକୁରଙ୍କ ସଂଖ୍ୟାରେ ଭାରତ ପୃଥିବୀରେ ପ୍ରଥମ। ପ୍ରାୟ ୨୦ କୋଟି ବୁଲାକୁକୁର ରହୁଥିବା ପୃଥିବୀରେ ଭାରତର ଏହି ସଂଖ୍ୟା ପାଖାପାଖି ୬.୨ କୋଟି। ଆମ ଦେଶରେ ବିପୁଳ ପରିମାଣରେ ଖାଦ୍ୟ ନଷ୍ଟ ହୋଇ ଏଣେତେଣେ ପଡିରହିବା ବୁଲାକୁକୁରମାନଙ୍କ ସଂଖ୍ୟାବୃଦ୍ଧିର ଅନ୍ୟତମ କାରଣ। ନେଦରଲାଣ୍ଡ ଏକମାତ୍ର ଦେଶ, ଯେଉଁଠାରେ ବୁଲାକୁକୁରଙ୍କୁ ଦେଖିବାକୁ ମିଳେନାହିଁ। କାରଣ ସେଠାକାର ଲୋକେ ଏମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ନିଜ ଘରେ ଖାଦ୍ୟ ଓ ଆବଶ୍ୟକୀୟ ପ୍ରତିଷେଧକ ସହିତ ଲାଳନପାଳନ କରନ୍ତି।

ପ୍ରଶାସନ ତରଫରୁ କାଗଜ କଲମରେ ଏସବୁର ଯଥାବିଧି ତଦାରଖ ଚାଲିଛି ବୋଲି ପ୍ରତିବର୍ଷ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦିଆଯାଉଥିବାବେଳେ ବୁଲା ଜୀବଜନ୍ତୁଙ୍କ ଦ୍ୱାରା ଅକାଳରେ ଅନେକ ପ୍ରାଣହାନି ଘଟୁଛି। ଉଦ୍‌ବେଗର କଥା ଯେ ରାସ୍ତା ଦୁର୍ଘଟଣା କେବଳ ମଦ୍ୟପାନଜନିତ କିମ୍ବା ଦ୍ରୁତ ଗାଡ଼ିଚାଳନା ଯୋଗୁ ନୁହେଁ ବୁଲା କୁକୁର, ଷଣ୍ଢ, ମାଙ୍କଡ଼ଙ୍କ ସହିତ ଛେଳି, ମେଣ୍ଢା, ଗୋରୁ, ମଇଁଷି ଆଦି ଗୃହପାଳିତ ପଶୁମାନଙ୍କ ଦ୍ୱାରା ମଧ୍ୟ ସଂଘଟିତ ହୋଇଚାଲିଛି। ରାସ୍ତାରେ ଦିନକୁ ଦିନ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଅନେକ ଜୀବନ ଚାଲିଯାଉଛି। ଦ୍ରୁତ ଗାଡିଚାଳନା, ଡ୍ରାଇଭିଂ ଲାଇସେନ୍ସ, ଗାଡ଼ି କାଗଜପତ୍ର, ହେଲମେଟ୍ ପିନ୍ଧିବାକୁ ନେଇ ନୀତିନିୟମ ଓ ଫାଇନ୍ ଆଦାୟ କରାଯାଉଥିଲେ ମଧ୍ୟ ବୁଲା ଜୀବଜନ୍ତୁ କିମ୍ବା ଖରାପ ରାସ୍ତାକୁ ନେଇ ସେହିପରି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ।

ପୃଥିବୀର ସର୍ବବୃହତ୍ ଜନସଂଖ୍ୟାବିଶିଷ୍ଟ ଦେଶ ଭାରତ। ଜନସଂଖ୍ୟାର ଘନତା ଦୃଷ୍ଟିରୁ ଖାଦ୍ୟ, ସ୍ଥାନ, ରୋଜଗାରକୁ ଭିତ୍ତିକରି ନାନାଦି ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। କିଛି କିଛି ସମସ୍ୟାକୁ ଏଡ଼େଇଦେବା ସମସ୍ୟାର ନିରାକରଣ ନୁହେଁ ବରଂ ବର୍ଦ୍ଧୀକରଣ। ଏହାକୁ ଅଣଦେଖା କରିବା ହେତୁ ଜୀବଜନ୍ତୁଜନିତ ଦୁର୍ଘଟଣା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମାଞ୍ଚଳରେ ତ ଏ ସମସ୍ୟା ଉତ୍କଟ। ନିହାତି ଦଶ କି.ମି. ବାଟ ଭିତରେ ବିଭିନ୍ନ ଗୃହପାଳିତ ପଶୁମାନଙ୍କ ଅବାଧ ଚଳପ୍ରଚଳ ଦେଖିହେବ। ଦୁର୍ଘଟଣାରେ ସେମାନଙ୍କ ପଶୁ ଆହତ କିମ୍ବା ନିହତ ହେଲେ ଗାଡିଚାଳକଠାରୁ ଜରିମାନାସ୍ୱରୂପ ମୋଟା ଅଙ୍କର ଅର୍ଥ ଆଦାୟ କରିନେବେ। ଅଥଚ ସେମାନଙ୍କ ପଶୁ ଦ୍ୱାରା ଗାଡିଚାଳକ ମୃତ୍ୟୁ କିମ୍ବା ଆଘାତପ୍ରାପ୍ତ ହେଲେ ତାକୁ କୌଣସି କ୍ଷତିପୂରଣ ମିଳେନାହିଁ। ବିଚିତ୍ର ନିୟମ ଆମ ଦେଶରେ ଯାହା ଅସମାନ, ଅନିୟନ୍ତ୍ରିତ ଓ କୁପରିଚାଳିତ।

ଭାରତରେ ଏବେସୁଦ୍ଧା ପ୍ରାୟ ୬.୨ କୋଟି ବୁଲାକୁକୁର ଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୧୭ଲକ୍ଷରୁ ଅଧିକ ଓ ଦେଶର ଦ୍ୱିତୀୟ ବୃହତ୍ତମ ବୁଲାକୁକୁର ଥିବା ରାଜ୍ୟ। ଉତ୍ତରପ୍ରଦେଶ, ଓଡ଼ିଶା



ଓ ମହାରାଷ୍ଟ୍ରରେ ଏହି ସଂଖ୍ୟା ସର୍ବାଧିକ। ଏକ ଅଧ୍ୟୟନରୁ ଜଣାଯାଏ ଯେ କୁକୁରମାନଙ୍କର ପ୍ରଜନନ କ୍ଷମତା ଏତେ ଅଧିକ ଯେ ମାତ୍ର ତିନି ବର୍ଷ ମଧ୍ୟରେ ୩୦୦ ପର୍ଯ୍ୟନ୍ତ ସଂଖ୍ୟା ବୃଦ୍ଧି କରିପାରନ୍ତି। ସେମାନଙ୍କ ଦ୍ୱାରା ବିଭିନ୍ନ ରୋଗ ବ୍ୟାପିବା ସହିତ ରାସ୍ତା ଦୁର୍ଘଟଣାରେ ଲୋକଙ୍କ ପ୍ରାଣହାନି ଘଟିଚାଲିଛି। ସେମାନଙ୍କୁ ଉଚିତ ସମୟରେ ରୋଗ ପ୍ରତିଷେଧକ ସହିତ ପ୍ରଜନନ କ୍ଷମତାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା କରିବା ନିହାତି ଜରୁରୀ।

ଆନିମଲ୍ ୱେଲଫେଆର୍ ବୋର୍ଡ ବୁଲା କୁକୁରଙ୍କର ଖାଦ୍ୟ ବ୍ୟବସ୍ଥା ସହିତ ସେମାନଙ୍କ ପ୍ରତି କେହି ଯେପରି କ୍ରୁର ଆଚରଣ ନ କରେ ସେଥିପାଇଁ ବିହିତ ପଦକ୍ଷେପ ନେଉଛି। ଆଇନ ଅନୁଯାୟୀ କୁକୁରମାନଙ୍କ ପାଇଁ ଜନ୍ମନିୟନ୍ତ୍ରଣ ବ୍ୟବସ୍ଥା କରାଯାଉଛି। ସେମାନଙ୍କୁ ଆଘାତ ଦେବା, ମାରିଦେବା, ବିଷ ଦେବା, ସ୍ଥାନାନ୍ତରିତ କରିବା ଆଇନତଃ ଦଣ୍ଡନୀୟ ଅପରାଧ। ୧୮୬୦ରୁ ନିର୍ଦ୍ଧାରିତ ଭାରତୀୟ ପିଙ୍ଗଳ ଧାରା ୪୨୮ ଅନୁଯାୟୀ ପଶୁମାନଙ୍କ ପ୍ରତି ନୃଶଂସତା ନିରାକରଣ ପାଇଁ ଆବଶ୍ୟକ ସ୍ଥଳେ ଦୁଇବର୍ଷ କାରାଦଣ୍ଡ କିମ୍ବା ଫାଇନ୍ ବ୍ୟବସ୍ଥା କରାଯାଇଛି। ଏହା ଉଚିତ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ।

ପ୍ରତ୍ୟେକ ପ୍ରାଣୀର ଏ ପୃଥିବୀରେ ବଞ୍ଚିବା ପାଇଁ ସମାନ ଅଧିକାର ରହିଛି। କିନ୍ତୁ ଅନୁପାତ ଠିକ୍ ନ ରହିଲେ ପ୍ରକୃତିର ଭାରସାମ୍ୟ ରହିବନାହିଁ। ପ୍ରାଣୀଜନିତ ରାସ୍ତା ଦୁର୍ଘଟଣା ବହୁ ପରିମାଣରେ ବଢ଼ିଛି। ଗାଡ଼ି ଚାଳକ ସେଥିପ୍ରତି ସତର୍କ ଓ ସଜାଗ ରହିଲେ ମଧ୍ୟ ଦୁର୍ଘଟଣାକୁ ଏଡ଼େଇ ଦିଆଯାଇ ନ ପାରେ। ଗୋରୁ, ମଇଁଷି, ଛେଳିମେଣ୍ଢା ଆଦି ଗୃହପାଳିତ ପଶୁମାନଙ୍କ ପାଇଁ ସେମାନଙ୍କ ମାଲିକମାନେ ଦାୟୀ ରହିବା ଉଚିତ। କାରଣ ସେମାନେ ନିଜ ଦାୟିତ୍ୱ ସଂପନ୍ନ ନ କରି ରାସ୍ତାରେ ଛାଡ଼ି ଦେଉଥିବା ଅପରିଣାମଦର୍ଶିତା; ଯେଉଁଥିରେ ଲଗାମ୍ ଲାଗିବା ଆବଶ୍ୟକ। ସେହିପରି ବୁଲାକୁକୁରମାନଙ୍କ ଜନ୍ମ ନିୟନ୍ତ୍ରଣ ସହିତ ରାସ୍ତାରେ ସେମାନଙ୍କ ଅବାଧ ବିଚରଣ ବିଷୟରେ ପ୍ରଶାସନ ଦୃଷ୍ଟିଦେବା ନିହାତି ଜରୁରୀ।

ପଶୁ ସଂରକ୍ଷଣ କରିବା ନ୍ୟାୟରେ ଜନସାଧାରଣଙ୍କ ଜୀବନହାନି ନ ହେଉ। ହାତୀ, ଚିତା, ହରିଣ, ସମ୍ବର ଆଦି ବନ୍ୟପ୍ରାଣୀମାନେ ଜଙ୍ଗଲରୁ ସହରମୁହାଁ ହେବାରେ, ସେମାନଙ୍କ ବାସଭୂମିକୁ ନଷ୍ଟ କରୁଥିବା ମଣିଷମାନେ ଦାୟୀ ହେବା ପରି ବୁଲାଜୀବଜନ୍ତୁଙ୍କ ଅବାଧ ବିଚରଣରେ ପଶୁପାଳକମାନେ ମଧ୍ୟ ସମପରିମାଣରେ ଦାୟୀ। ତେଣୁ ସେମାନଙ୍କଠାରୁ ମଧ୍ୟ ଫାଇନ୍ ଆଦାୟ କରାଯାଉ। କିନ୍ତୁ ମାଲିକହୀନ ବୁଲାକୁକୁରମାନଙ୍କ ବିଚରଣ ଓ ଆଚରଣ ଏବଂ ସଂଖ୍ୟାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେଥିପ୍ରତି ଆବଶ୍ୟକୀୟ ପଦକ୍ଷେପ ନେବା ଏବଂ ତାହା ପାଳିତ ହେଉଛି କି ନାହିଁ ସେସବୁର ତଦାରଖ କରିବା ପ୍ରଶାସନିକ ଦାୟିତ୍ୱ; ଯାହାଫଳରେ ରାସ୍ତା ଦୁର୍ଘଟଣା ହ୍ରାସ ପାଇବ। କେବଳ ମୋଟର ଆରୋହୀ ଚାହିଁଲେ ଦୁର୍ଘଟଣାରୁ ବର୍ତ୍ତିପାରିବ ନାହିଁ ସେଥିପାଇଁ ଉପଯୁକ୍ତ ପଥ, ପଥିକ, ମାଲ୍‌ବାହୀ ବଡଯାନଗୁଡ଼ିକର ମନଇଚ୍ଛା ଅବାଧ ଚଳପ୍ରଚଳରେ ଲଗାମ୍ କଷିବା ସହିତ କଡ଼ା ଆଭିମୁଖ୍ୟର ଆବଶ୍ୟକତା ରହିଛି।


ମୋ- ୯୪୩୭୩୧୭୦୨୬


## ପାଠକ ଶ୍ରେଷ୍ଠ ବିଚାରକ

### ବିରିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରର ବିକଳ ଚିତ୍ର

ମହାଶୟ,

ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୨୦୧୦ ମସିହାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଛି। ଏହା ବିରିଡ଼ି ବ୍ଲକ ୨୧ଟି ପଞ୍ଚାୟତର ୩ ଲକ୍ଷରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁରକ୍ଷା କବଚ। ମାତ୍ର ଗତ ୧୩ ବର୍ଷ ମଧ୍ୟରେ ଏହି ଅନୁଷ୍ଠାନର ଭିତ୍ତିଭୂମି ଉନ୍ନୟନ ଦିଗରେ ସରକାରୀ ଅବହେଳା ଜଳଜଳ ହୋଇ ଦିଶୁଛି। ବହିଃ ବିଭାଗ ଚିକିତ୍ସା କେନ୍ଦ୍ର, ଡାକ୍ତରଙ୍କ ପ୍ରକୋଷ୍ଠ, ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟାଳୟ, ପରୀକ୍ଷାଗାର ଓ ରୋଗୀଙ୍କ ପ୍ରତୀକ୍ଷାଳୟ ଏବେ ଭଙ୍ଗାଟିଣ ଘରେ ରହିଛି। ସେହିପରି ନିରାମୟ ଔଷଧ ବିତରଣ କେନ୍ଦ୍ର ଓ ଟିକାକରଣ ପ୍ରକୋଷ୍ଠ ଭଙ୍ଗା ଆଜ୍‌ବେଷ୍ଟସ ଘରେ ଚାଲିଛି। ସାମାନ୍ୟ ବର୍ଷା ହେଲେ ପାଣି ଗଳିବା ଫଳରେ ରୋଗୀସେବା ବ୍ୟାହତ ହେଉଛି। ଇନଭର୍ଟର ଆବଶ୍ୟକତା ଅନୁସାରେ ନ ଥିବାରୁ ବିଦ୍ୟୁତ୍ କାଟ ସମୟରେ ମଧ୍ୟ ରୋଗୀସେବା ବ୍ୟାହତ ହେଉଛି। ୧୦ ଜଣ ଡାକ୍ତର ଥିବା ବେଳେ ଆବାସସ୍ଥଳି ମାତ୍ର ଗୋଟିଏ ରହିଛି। ଅନ୍ୟ ସମସ୍ତ କର୍ମଚାରୀଙ୍କ ପାଇଁ ଆବାସ ଗୃହର ଘୋର ଅଭାବ ରହିଛି। ଏହି ଚିକିତ୍ସାଳୟର ଅଭାବ ଅସୁବିଧା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଥିବା ସତ୍ତ୍ୱେ ଏହାର ବିକଳ ଚିତ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ନ ପାରିବା ଦୁର୍ଭାଗ୍ୟଜନକ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


## ଏଇ ଭାରତରେ

ବାଇକିଂକୁ ଭଲ ପାଇଲେ ବି ମହିଳା ସଶକ୍ତୀକରଣରେ ରହିଛି ଜୟ ଭାରତୀଙ୍କ ଆନନ୍ଦ। ହାଇଦ୍ରାବାଦ ନିବାସୀ ଭାରତୀ ୨୦୧୩ରୁ ୧ ଲକ୍ଷ କି.ମି. ଡ୍ରାଇଭ କରିସାରିଲେଣି। ଅନ୍ୟପକ୍ଷରେ ୨୦୧୯ରେ ଏମ୍‌ଓଡବ୍ଲ୍ୟୁଓ ନାମକ ସାମାଜିକ ଅଭିଯାନ ଆରମ୍ଭ କରି ତା' ମାଧ୍ୟମରେ ଆର୍ଥିକ ସ୍ତରରେ ଦୁର୍ବଳ ଥିବା ୩୦୦୦ରୁ ଅଧିକ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିପାରିଛନ୍ତି। ମହିଳାମାନଙ୍କୁ ମାଗଣାରେ ବିଶେଷକରି ଦୁଇଚକିଆ ଓ ତିନିଚକିଆ ଯାନ (ଅଟୋ) ଡ୍ରାଇଭିଂ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରି ରୋଜଗାରର ବାଟ ଦେଖାଉଛନ୍ତି। ଏପରି କି ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ, ଅନ୍ୟ ମହିଳାମାନଙ୍କୁ ମଧ୍ୟ ଚାକିରି ପାଇବାରେ ସାହାଯ୍ୟ କରୁଛନ୍ତି। ସେ ୫ ଲକ୍ଷ ଟଙ୍କାରେ ଏମ୍‌ଓଡବ୍ଲ୍ୟୁଓ ଅଭିଯାନ ଆରମ୍ଭ କରି ତେଲଙ୍ଗାନା ସରକାରଙ୍କ ସହଯୋଗରେ ୧ ଏକର ଜମିରେ ଟ୍ରେନିଂ ସ୍କୁଲ ପ୍ରତିଷ୍ଠା କରିଥିଲେ। ମହିଳାମାନେ ୧୫ରୁ ୨୦ ଦିନରେ ଡ୍ରାଇଭିଂ ଶିଖିଯାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁଲାଇ ୧୯୯୮

- କାମ୍ବୋଡିଆରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ହୁନସେନଙ୍କ କାମ୍ବୋଡିଆନ ପିପୁଲ୍ସ ପାର୍ଟିର ବିପୁଳ ବିଜୟ।
- ଜମ୍ମୁ-କଶ୍ମୀରର ଦୋଦା ଜିଲା ଅନ୍ତର୍ଗତ ଶାନାଠାକା ଗ୍ରାମରେ ଉଗ୍ରବାଦୀଙ୍କ ଆଖିବୁଜା ଗୁଳିମଡ଼ରେ ୨ ମହିଳାଙ୍କ ସମେତ ୧୬ ମୃତ।
- ଆମେରିକାର ଭାରତ ଉପରେ ଲାଗୁ କରାଯାଇଥିବା ଅର୍ଥନୈତିକ ପ୍ରତିବନ୍ଧକର ସାଙ୍କେତିକ ପ୍ରତିବାଦ ସ୍ୱରୂପ କେନ୍ଦ୍ର ମନ୍ତ୍ରଣାଳୟଗୁଡ଼ିକର କ୍ୟାଣ୍ଟିନରେ ପେପ୍‌ସୀ ଓ କୋକ୍ ବିକ୍ରି ନିଷେଧ।

## ଚିରନ୍ତନୀ

ପୂର୍ଣ୍ଣ ଦୁଇଗୋଟି ଶଶୀ ନ ଖେଳୁଣୁ ତା'
ନୟନ ପରେ
ନ ଶିଖୁଁ ଡାକିବା ପାଇଁ ତୋଳି ତାକୁ କ୍ଷୁଦ୍ର
ଦୁଇ କରେ
ଦିଓଟି ଶଶୀରେ ତା'ର ସରିଯାଏ କ୍ରୀଡ଼ା
ନ ଦେଖଇ ସୁଖ ପୀଡ଼ା!
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | 2 | | | |
| | | | | | | 7 | 1 | 9 |
| | | 1 | | | | | | 6 |
| 9 | | | | 1 | | 5 | | 2 |
| 4 | | | | 3 | | 1 | | |
| | | 7 | | | 9 | | | 4 |
| 3 | | 4 | | 6 | | | | |
| | 5 | 9 | | | 4 | 8 | | |
| | | | | | 5 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 2 | 4 | 3 | 8 | 9 | 6 | 1 |
| 6 | 1 | 3 | 2 | 7 | 9 | 8 | 4 | 5 |
| 4 | 8 | 9 | 5 | 6 | 1 | 2 | 3 | 7 |
| 9 | 4 | 6 | 7 | 8 | 5 | 3 | 1 | 2 |
| 5 | 3 | 1 | 9 | 2 | 4 | 7 | 8 | 6 |
| 2 | 7 | 8 | 3 | 1 | 6 | 4 | 5 | 9 |
| 3 | 9 | 4 | 1 | 5 | 2 | 6 | 7 | 8 |
| 1 | 6 | 7 | 8 | 9 | 3 | 5 | 2 | 4 |
| 8 | 2 | 5 | 6 | 4 | 7 | 1 | 9 | 3 |

ଗତକାଲିର ଉତ୍ତର

**ବିମାନରେ ମହିଳା ଡାକ୍ତରଙ୍କୁ ଯୌନ ନିର୍ଯାତନା: ପ୍ରଫେସର ଗିରଫ**

ନୂଆଦିଲ୍ଲୀ,୨୮।୭ : ଦିଲ୍ଲୀରୁ ମୁମ୍ବାଇ ଯାଉଥିବା ବିମାନରେ ଜଣେ ମହିଳା ଡାକ୍ତରଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଜଣେ ୪୭ ବର୍ଷୀୟ ପ୍ରଫେସର ଗିରଫ ହୋଇଛନ୍ତି। ଗତ ବୁଧବାର ଅପରାହ୍ନ ୫ଟା ୩୦ରେ ବିମାନଟି ଦିଲ୍ଲୀ ଛାଡ଼ିଥିଲା। ଅଭିଯୁକ୍ତ ଏବଂ ୨୪ ବର୍ଷୀୟା ମହିଳା ଯାତ୍ରୀ ପାଖାପାଖି ସିଟ୍‌ରେ ବସିଥିଲେ। ମୁମ୍ବାଇରେ ଅବତରଣ କରିବା ପୂର୍ବରୁ ପ୍ରଫେସର ଜଣକ ମହିଳାଙ୍କୁ ଅସଂଗତ ଭାବେ ସ୍ପର୍ଶ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା ଓ ମହିଳା ଯାତ୍ରୀ ବିମାନ କର୍ମଚାରୀଙ୍କ ସହଯୋଗ ଲୋଡ଼ିଥିଲେ। ମୁମ୍ବାଇରେ ଅବତରଣ ପରେ ଉଭୟ ସହର ଥାନାକୁ ଯାଇଥିଲେ। ଅଭିଯୁକ୍ତ ପ୍ରଫେସରଙ୍କୁ କୋର୍ଟରୁ ଜାମିନ ମିଳିଥିବାବେଳେ ତଦନ୍ତ ଜାରି ରହିଛି।

# ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ, ଆଦିବାସୀ ପ୍ରସଙ୍ଗ ଉଠାଇଲେ ଓଡ଼ିଶା ଏମ୍‌ପି

**ନୂଆଦିଲ୍ଲୀ,୨୮।୭**

ମଣିପୁର ହିଂସାକୁ ନେଇ ବିରୋଧୀ ଦଳଗୁଡ଼ିକର ହଟ୍ଟଗୋଳ ମଧ୍ୟରେ ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ପ୍ରଥମ ସପ୍ତାହରେ ଓଡ଼ିଶା ଏମ୍‌ପିମାନେ ମହିଳା ସ୍ଥାନ ସଂରକ୍ଷଣ ବିଲ୍ ଗୃହୀତ କରାଇବା ଲାଗି ଦାବି କରିବା ସହ ରାଜ୍ୟର କେତେକ ଆଦିବାସୀ ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜନଜାତି ତାଲିକାରେ ସାମିଲ କରିବା ଆଦି ପ୍ରସଙ୍ଗ ଉଠାଇଥିଲେ। ମଣିପୁର ଜାତିଆଣ ହିଂସା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଦାବିକରି ୨୬ ବିରୋଧୀ ଦଳର ମେଣ୍ଟ 'ଇଣ୍ଡିଆ' ପକ୍ଷରୁ ହଟ୍ଟଗୋଳ ଲାଗି ରହିଥିବାରୁ ଉଭୟ ଗୃହରେ ଅଚଳାବସ୍ଥା ଦେଖାଦେଇଛି। କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ସଂକ୍ଷିପ୍ତ ଆଲୋଚନା ପାଇଁ ରାଜି ଥିବାବେଳେ ପ୍ରଧାନମନ୍ତ୍ରୀ ବିବୃତି ରଖିବାକୁ ମନା କରିଦେଇଛି। ଅନ୍ୟପକ୍ଷରେ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକରେ ମହିଳାଙ୍କ ପ୍ରତି ଅପରାଧ ଉପରେ ଆଲୋଚନା ପାଇଁ ଶାସକ ଦଳର ଏମ୍‌ପିମାନେ ଦାବି ଉଠାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିରେ ବିରୋଧୀ ଅଟଳ ରହିଥିବାବେଳେ ମଣିପୁର ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରୁଥିବା ଏଏପି ଏମ୍‌ପି ସଞ୍ଜୟ ସିଂଙ୍କୁ ରାଜ୍ୟ ସଭା ଅଧ୍ୟକ୍ଷ ଗୃହରୁ ନିଲମ୍ବନ କରିଛନ୍ତି। ସରକାରଙ୍କ ଉପରେ ଚାପ ସୃଷ୍ଟି ଲାଗି ବିରୋଧୀ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ବିଜେଡି ମଧ୍ୟ ପାର୍ଲାମେଣ୍ଟରେ ମଣିପୁର ପ୍ରସଙ୍ଗ ଉପରେ ଆଲୋଚନା ଚାହେଁ ବୋଲି ବରିଷ୍ଠ ଏମ୍‌ପି ସସ୍ମିତ ପାତ୍ର ଗଣମାଧ୍ୟମକୁ କହିଛନ୍ତି। ତେବେ ଏହି ଦଳ ରୁଲ୍ ୨୬୭ ଅନୁସାରେ ଆଲୋଚନା ଚାହେଁ କି ୧୭୬ରେ ତାହା ସ୍ପଷ୍ଟ କରିନାହିଁ। ଓଡ଼ିଶାର ୧୬୯ ଆଦିବାସୀ ସମ୍ପ୍ରଦାୟଙ୍କୁ ଏସ୍‌ଟି ତାଲିକାରେ ସାମିଲ କରିବା ପାଇଁ ବିଜେଡି ଏମ୍‌ପି ସସ୍ମିତ୍ ପାତ୍ର ଏବଂ ନିରଞ୍ଜନ ବିଶି ଦାବି କରିଥିଲେ। ସେହିପରି ଦଳର ଦୀର୍ଘଦିନର ଦାବି ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବା ପାଇଁ ପାତ୍ର ଦାବି ଉଠାଇଥିଲେ। ଶିଶୁକୈନ୍ଦ୍ରିକ ଜାତୀୟ ପରିବେଶ ନୀତିର ଆବଶ୍ୟକତା ସମ୍ପର୍କରେ ବିଶି ଆଲୋଚନା କରିଥିଲାବେଳେ ଏଥିପାଇଁ ଏକ ଜାତୀୟ ଯୋଜନା ଆଣିବାକୁ ସରକାରଙ୍କୁ ନିବେଦନ କରିଥିଲେ। ଭାଜପା ଏମ୍‌ପି ବସନ୍ତ କୁମାର ପଣ୍ଡା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି କଳାହାଣ୍ଡି ଜିଲାରେ ବିଭିନ୍ନ ରେଳ ପ୍ରକଳ୍ପ ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ କଳାହାଣ୍ଡିରେ ବିଦ୍ୟୁତ୍‌ଚାଳିତ ରେଳଇଞ୍ଜିନ ୱାର୍କଶପ୍ କାର୍ଯ୍ୟ ଆରମ୍ଭ ଲାଗି ପଣ୍ଡା ଅନୁରୋଧ କରିଥିଲେ।

# କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଲେ ବାଲେଶ୍ୱର ଏସ୍‌ପି

**ବାଲେଶ୍ୱର,୨୮।୭(ମାନସ ବିଶ୍ୱାଳ)**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍‌ଏସ୍‌ସି) ଜେଇ ସିଭିଲ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ମାଷ୍ଟରମାଇଣ୍ଡ ଏବଂ ରାଜ୍ୟର ଦୁଇଜଣ ଶିକ୍ଷକ ସମ୍ପୃକ୍ତ ଥିବାରୁ ସମସ୍ତଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବାଲେଶ୍ୱର ଜିଲା ଏସ୍‌ପି ସାଗରିକା ନାଥ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଏନେଇ ଶୁକ୍ରବାର ସୂଚନା ମିଳିଛି।

ଏହି ମାମଲାର ମାଷ୍ଟରମାଇଣ୍ଡ ବିହାର ରାଜ୍ୟର ବିଶାଲ କୁମାର ଚୌରାସିଆ (୩୫) ପାଟନା ଆକାଉଣ୍ଟାଣ୍ଟ ଜେନେରାଲ(ଏଜି)ଙ୍କ ଅଫିସ୍‌ର ଜଣେ ବରିଷ୍ଠ କର୍ମଚାରୀ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିହାର ଏଜିଙ୍କୁ ଚିଠି ଲେଖିଛନ୍ତି ବାଲେଶ୍ୱର ଏସ୍‌ପି। ସେହିପରି ଯାଜପୁର ଜିଲାର ସୁଶାନ୍ତ କୁମାର ସାହୁ (୪୨) ଶିକ୍ଷକ ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଯାଜପୁର ଡିଇଓଙ୍କୁ ଏବଂ ଗଞ୍ଜାମ ଜିଲାର ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ (୩୩) କନ୍ଧମାଳ ଜିଲାରେ ଶିକ୍ଷକତା କରୁଥିବାରୁ କନ୍ଧମାଳ ଡିଇଓଙ୍କୁ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିଠି ଲେଖିଥିବା ଜଣାପଡ଼ିଛି। ଏଥିସହିତ ଡିଲ୍‌ରେ ସମ୍ପୃକ୍ତ ୮୮ ପ୍ରାର୍ଥୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ପାଇଁ ଓଏସ୍‌ଏସ୍‌ସିକୁ ଚିଠି ଲେଖିଥିବା ବେଳେ ଭବିଷ୍ୟତରେ ଓଏସ୍‌ଏସ୍‌ସି ସମସ୍ତ ପରୀକ୍ଷାରୁ ସେମାନଙ୍କୁ ନିବୃତ୍ତ ରଖିବାକୁ ଚିଠି ଲେଖିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ୧୬ ତାରିଖରେ ଓଏସ୍‌ଏସ୍‌ସି ଜେଇ ସିଭିଲ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ନେଇ ବାଲେଶ୍ୱର ପୋଲିସକୁ ସୂଚନା ମିଳିଥିଲା। ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ସହଦେବଖୁଣ୍ଟା ଥାନା ଅ୧୬ ନଂ. ଜାତୀୟ ରାଜପଥର ବାରୁଣୀ ବ୍ରିଜ୍‌ଠାରେ ଏକ ଗ୍ରୁପ୍‌କୁ ଠାବ କରାଯାଇ ସେମାନଙ୍କ ନିକଟରୁ ତଥ୍ୟ ଅନୁସାରେ ଅନ୍ୟ ଏକ ଗ୍ରୁପ୍‌କୁ ଦୀଘା ନିକଟ ଏକ ହୋଟେଲରୁ ମୋଟ ୯ଜଣଙ୍କୁ ଗିରଫ କରାଯାଇଥିଲା। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୩୦୩/୨୩) ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇଥିଲା। ସେମାନଙ୍କ ନିକଟରୁ ମିଳିଥିବା ତଥ୍ୟ ଅନୁସାରେ ବାଲେଶ୍ୱର ପୋଲିସର ସ୍ୱତନ୍ତ୍ର ଟିମ୍ ବିହାର, ମଧ୍ୟପ୍ରଦେଶ ଏବଂ ଓଡ଼ିଶାରୁ ମାଷ୍ଟରମାଇଣ୍ଡଙ୍କ ସହ ୮ଜଣଙ୍କୁ ଗିରଫ କରିଥିଲା। ମୋଟ ଗିରଫ ୧୭ଜଣଙ୍କ ଠାରୁ ୨୫ଟି ମୋବାଇଲ, ୩ଟି ଦସ୍ତଖତ ଥିବା ବ୍ଲାଙ୍କ ଚେକ୍, ୩ଟି ଅରିଜିନାଲ ସାର୍ଟିଫିକେଟ୍, ଗୋଟିଏ ବସ୍, ଗୋଟିଏ ସ୍କର୍ପିଓ, ୩ଟି କାର୍, ୨ଟି ଟ୍ରାଭେଲର୍ସ, ନଗଦ ଲକ୍ଷାଧିକ ଟଙ୍କା ଜବତ କରାଯାଇଥିବା ଗତ ୨୭ ତାରିଖରେ ବାଲେଶ୍ୱର ଏସ୍‌ପି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ।

**ଓଏସ୍‌ଏସ୍‌ସି ଜେଇ ସିଭିଲ ମେନ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲା**



ଏସ୍‌ପି ସାଗରିକା ନାଥ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଅଫିସ କାମ ପାଇଁ Lady ପିଅନ ଆବଶ୍ୟକ । ନଖରା କଟକ ବୟସ ୩୦ ବର୍ଷ ଭିତରେ ଖାଇବା + ରହିବା Free + 7500 to 10,000
ଯୋଗାଯୋଗ–7809525452

**WANTED**
Driver Wanted for 3 Wheeler Van at Bhubaneswar for E-Commerce Company. Salary: 15000 +.
Call: 9861888268, 9556120168

**OFFICE OF THE PRINCIPAL**
**PANCHAYAT SAMITI HIGHER SECONDARY SCHOOL, MURIBAHAL**
**WALK-IN-INTERVIEW**
An Interview for the post of Lecturer-in-Odia (Guest Faculty) along with one Male Peon (Self-Finance) is scheduled to be held in Panchayat Samiti Higher Secondary School, Muribahal on Dt.06.08.2023 at 11.30 A.M. to 3.00 P.M. Interested candidates for said lecturer post having at least 55% of Marks in Post Graduation level may attend the interview. Preference will be given to the B.Ed. candidates.
**N.B.:** No TA, DA will be given to the applicants.
**Contact No.: 9437367435**
Sd./- Principal-cum-Secretary
P.S. Higher Secondary School,
Muribahal

# ଭୁଲ୍ ଅସ୍ତ୍ରୋପଚାର ଯୋଗୁ ମହିଳାଙ୍କ ଜୀବନ ଗଲା

## ଅଭିଯୋଗ ଆଣିଲେ ପରିବାର ଲୋକ

**ଭଦ୍ରକ,୨୮।୭(ସନାତନ ରାଉତ)**

ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରରେ ତ୍ରୁଟି ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ବାଲେଶ୍ୱର ଜିଲା ଔପଦା ବ୍ଲକ ଅଧୀନ ଗଡ଼ସାହି ଗ୍ରାମର ଯଶୋବନ୍ତ ବାରିକଙ୍କ ସ୍ତ୍ରୀ ଜୟନ୍ତୀ(୨୪)। ତାଙ୍କ ବାପଘର ଆଗରପଡ଼ା ଥାନା ଅଧୀନ ରାଉତରାପୁର ଗ୍ରାମରେ। ଡାକ୍ତରଙ୍କ ଭୁଲ୍ ଅପରେଶନ ଯୋଗୁ ଜୟନ୍ତୀଙ୍କ ଜୀବନ ଯାଇଥିବା ନେଇ ତାଙ୍କ ବାପା ହୃଷୀକେଶ ବେଜ ଶୁକ୍ରବାର ଅପରାହ୍ନରେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଜୟନ୍ତୀଙ୍କ ସ୍ୱାମୀ ଯଶୋବନ୍ତ ଏନେଇ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜୟନ୍ତୀ ବାପଘରକୁ ଆସିଥିବା ବେଳେ ଗତ ମଙ୍ଗଳବାର ରାଉତରାପୁର ଆଶାକର୍ମୀଙ୍କ ସହ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅସ୍ତ୍ରୋପଚାର ପାଇଁ ଯାଇଥିଲେ। ଅସ୍ତ୍ରୋପଚାର ସାରି ଘରକୁ ଫେରିବା ପରେ ସନ୍ଧ୍ୟାରେ ତାଙ୍କ ପେଟ ଫୁଲିବା ସହ ବାନ୍ତି ହୋଇଥିଲା। ଭୀଷଣ ଯନ୍ତ୍ରଣା ହେବାରୁ ତାଙ୍କୁ ରାତିରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ବୁଧବାର ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟ ତାଙ୍କର ଆଉ ଏକ ଅସ୍ତ୍ରୋପଚାର କରାଯାଇଥିଲା। ତଥାପି ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ କଟକ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ଶୁକ୍ରବାର ମୃତଦେହ ଗାଁକୁ ଅଣାଯାଇଥିଲା। ଜୟନ୍ତୀଙ୍କର ମାତ୍ର ୧୬ ମାସର ଶିଶୁପୁତ୍ର ଥିବାବେଳେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କିପରି କରାଗଲା, ସେନେଇ ପ୍ରଶ୍ନ ଉଠିଛି।

## ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ

**ନୂଆଗାଁ, ୨୮।୭ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ଥାନା ସୋରଡ଼ାରେ ଶୁକ୍ରବାର ଶିବ ମନ୍ଦିରକୁ ଲାଗି ରହିଥିବା ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସୋରଡା ଗାଁର ରାକେଶ ନାୟକ (୬), ଓଡ଼ଗାଁ ଥାନା ପେଟାପଲ୍ଲୀ ଆରଡା ଗାଁର ରିତେଶ ନାୟକ (୬)। ପୋଲିସ ସୂଚନା ମୁତାବକ, ଓଡ଼ଗାଁ ଥାନା ପେଟାପଲ୍ଲୀ ଆରଡା ଗ୍ରାମର ମହେଶ ନାୟକଙ୍କ ପୁଅ ରିତେଶ ମା'ଙ୍କ ସହିତ ସୋରଡ଼ାସ୍ଥିତ ଅଜା ଘରକୁ ଗୁରୁବାର ଆସିଥିଲେ। ସେଠାରେ ସୋରଡ଼ା ଗ୍ରାମର ବାବୁ ନାୟକଙ୍କ ପୁଅ ରାକେଶ ସମ୍ପର୍କୀୟ ଭାଇ ରିତେଶ ସହ ମିଶି ଖେଳକୁଦ ଓ ବୁଲାବୁଲି କରୁଥିଲେ। ସେହିପରି ସକାଳୁ ମଧ୍ୟ ରାକେଶ ଅଙ୍ଗନୱାଡି କେନ୍ଦ୍ରକୁ ନ ଯାଇ ରିତେଶ ସହ ଏଣେତେଣେ ବୁଲିଥିଲେ। ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପୂର୍ବାହ୍ନ ୧୧ଟାରେ ସୋରଡା ଗ୍ରାମର କେତେଜଣ ଯୁବକ ସେହି ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣି ଭିତରେ ଶିଶୁ ଭାସୁଥିବା ଦେଖିବାକୁ ପାଇ ତାଙ୍କୁ ବାହାରକୁ ଆଣିଥିଲେ। ଚେତାଶୂନ୍ୟ ଅବସ୍ଥାରେ ରିତେଶଙ୍କୁ ଉଦ୍ଧାର କରିବା ପରେ ରାକେଶଙ୍କୁ ଖୋଜା ପଡ଼ିଥିଲା। ସନ୍ଦେହ କରି ପୋଖରୀ ଭିତରେ ଖୋଜିବାରେ ରାକେଶଙ୍କୁ ମଧ୍ୟ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଉଭୟଙ୍କୁ ଅଟୋ ଯୋଗେ ଦଶପଲ୍ଲା ଡାକ୍ତରଖାନାକୁ ନେବାରେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।









## ବିବେକାନନ୍ଦ ପାଠଚକ୍ର ଅନୁଷ୍ଠାନର ସାଧାରଣ ସଭା

କଟକ, (କାର୍ତ୍ତିକ ସାହୁ): ବିବେକାନନ୍ଦ ପାଠଚକ୍ରର ସାଧାରଣ ସଭା ଶେଖ୍‌ବଜାରସ୍ଥିତ ଶିବାଶିଷ ସୁରଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରର ସଭାପତି ଡା. ଦେବାଶିଷ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ସୁବାସ ଚନ୍ଦ୍ର ପ୍ରଧାନ ପ୍ରାରମ୍ଭିକ ଭାଷଣ ଓ ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ବିବରଣୀ ପାଠ କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଦେବାଶିଷ ଆଚାର୍ଯ୍ୟ, ଉପସଭାପତି ଶିବାଶିଷ ସୁର, ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, ସହସମ୍ପାଦକ ବଟକୃଷ୍ଣ ଦାସ, ଶିବ ନାୟକ, କୋଷାଧକ୍ଷ ସତ୍ୟଗୋପାଳ ପରିଜାଙ୍କ ସମେତ ଉପଦେଷ୍ଟା ଓ କାର୍ଯ୍ୟନିର୍ବାହୀ ସଦସ୍ୟମାନଙ୍କୁ ମନୋନୀତ କରାଯାଇଥିଲା।

## ସଂକ୍ଷେପରେ

### ପିଜି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ

ଭୁବନେଶ୍ୱର,୨୮।୭(ଅନୁରାଧା ମହାରଣା)

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୧୦ଟି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଶୁକ୍ରବାର ପ୍ରକାଶ ପାଇଥିବା ଏହି ତାଲିକା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୧୯ ହଜାର ୮୨୫ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୬ହଜାର ୮୬୪ଜଣ ଛାତ୍ର, ୧୨ହଜାର ୯୫୯ଜଣ ଛାତ୍ରୀ ଏବଂ ୨ ଜଣ ଟ୍ରାନ୍ସଜେଣ୍ଡର ଅଛନ୍ତି। ୬ଟି ବିଶ୍ୱବିଦ୍ୟାଳୟ ଓ ୯୪ଟି ମହାବିଦ୍ୟାଳୟରେ ୨୭ ହଜାର ୮୧୬ଟି ସିଟ୍ ରହିଥିବାବେଳେ ୫୪ ହଜାର ୧୦୭ଜଣ ଆବେଦନ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ୩୯ ହଜାର ୬୯୬ ଜଣ ଆବେଦନ ପାଇଁ ଯୋଗ୍ୟ ବିବେଚିତ ହୋଇଛି।

### ନାବାଳିକା ବଳାତ୍କାର ମାମଲା
### ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

କଟକ ଅଫିସ,୨୮।୭

ନାବାଳିକା ବଳାତ୍କାର ମାମଲାରେ କଟକ ଅତିରିକ୍ତ ଜିଲା ଜଜ୍ ତଥା ପୋକ୍ସୋ ସ୍ୱତନ୍ତ୍ର କୋର୍ଟ ବିଚାରପତି ଅଶୋକ କୁମାର ପହି ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଆଉ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ କିଶନନଗର ଥାନା ଅନ୍ତର୍ଗତ ମହମ୍ମଦପୁର ଗ୍ରାମର ଚୁନିଆ ବେହେରା(୪୨)। ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଅଦାଲତ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ୨୦୧୭ ମେ' ୨୪ ତାରିଖ ରାତି ପ୍ରାୟ ୧୦ଟାରେ ନାବାଳିକା ଜଣକ ଘର ବାହାରକୁ ପରିସ୍ରା କରିବାକୁ ଯାଇଥିବାବେଳେ ଅଭିଯୁକ୍ତ ଜଣଙ୍କ ତାଙ୍କୁ ବଳାତ୍କାର କରିଥିଲେ। ଏ ସଂକ୍ରାନ୍ତରେ ପରିବାର ଲୋକ ଜାଣିବା ପରେ ଗ୍ରାମର ଭଦ୍ରଲୋକଙ୍କ ମାଧ୍ୟମରେ ସମାଧାନ କରିବାକୁ ପ୍ରୟାସ କରାଯାଇଥିଲା। ହେଲେ ତାହା ବିଫଳ ହେବାରୁ ପରିବାର ଲୋକେ ଜୁନ୍ ୧୨ ତାରିଖରେ କିଶନନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୭ ଅକ୍ଟୋବର ୭ରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ପୋକ୍ସୋ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ବିଚାରପତି ୧୭ଟି ପ୍ରମାଣ ଓ ୧୯ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ମାମଲାର ଶୁଣାଣି ଶେଷ କରି ଗତ ୨୪ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ଏସ୍‌ଭି ନିରତାର୍‌ରେ ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତି

କଣ୍ଟାପଡା,୨୮।୭(ସୁରନାରାୟଣ ସାହୁ)


ଡା. ପତିତପାବନ ମହାନ୍ତି

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଅଧିକାରିତା ଓ ସଶକ୍ତିକରଣ ମନ୍ତ୍ରଣାଳୟ ଅଧୀନ କଟକ ଜିଲା ଓଲଟପୁରଠାରେ ଥିବା ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ଏସ୍‌ଭି ନିର୍‌ତାରର ସ୍ଥାୟୀ ନିର୍ଦ୍ଦେଶକ ଭାବେ ଡା. ପତିତପାବନ ମହାନ୍ତିଙ୍କୁ ନିଯୁକ୍ତି ପାଇଁ ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତିପ୍ରକାଶ ପାଇଛି। ୨୦୨୨ ଜାନୁୟାରୀରୁ ଉକ୍ତ ପଦବୀ ଖାଲି ପଡିଥିବାବେଳେ ଡା. ମହାନ୍ତି ଅସ୍ଥାୟୀ ଭାବେ ଏହି ଦାୟିତ୍ୱ ତୁଲାଇ ଆସୁଥିଲେ। ନିର୍‌ତାର ସମେତ ଦେଶର ଅନ୍ୟ ୯ଟି ଅନୁଷ୍ଠାନର ସ୍ଥାୟୀ ନିର୍ଦ୍ଦେଶକ ପଦବୀ ପାଇଁ ଗତ ୧୭ରୁ ୨୧ ତାରିଖ ମଧ୍ୟରେ ନୂଆଦିଲ୍ଲୀସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷ ଓ ପଣ୍ଡିତ ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଭବନରେ ଆବେଦନକାରୀଙ୍କ ସାକ୍ଷାତକାର ପରୀକ୍ଷା କରାଯାଇଥିଲା। ଏଥିରେ ଡା. ମହାନ୍ତି କୃତକାର୍ଯ୍ୟ ହୋଇଛନ୍ତି। ଡା. ମହାନ୍ତି ତାଙ୍କର ଅସ୍ଥାୟୀ କାର୍ଯ୍ୟକାଳ ମଧ୍ୟରେ ନିର୍‌ତାରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଉନ୍ନତୀକରଣ, ନିର୍‌ତାର ପାଇଁ ଜମି ଅଧିଗ୍ରହଣ, ଛାତ୍ରୀଛାତ୍ରଙ୍କ ଶିକ୍ଷାର ମାନବୃଦ୍ଧି ପାଇଁ ଭୁବନେଶ୍ୱରସ୍ଥିତ ଏମସ୍ ସହ ଚୁକ୍ତିନାମା ସ୍ୱାକ୍ଷରିତ ଆଦି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି।

# ବଡ଼ବିଲ-ଭୋଗେଶ୍ୱର ରାସ୍ତା ବିପର୍ଯ୍ୟସ୍ତ



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲ।

କଣ୍ଟାପଡା,୨୮।୭(ସୁରନାରାୟଣ ସାହୁ)

■ଅବଧି ସରିଗଲା,କାମ ହେଲାନି
■ଯାତାୟାତରେ ସମସ୍ୟା
■ମରାମତି ନ ହେଲେ ଆନ୍ଦୋଳନ

କଣ୍ଟାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବଡବିଲ ହାଇସ୍କୁଲ ଛକଠାରୁ ଭୋଗେଶ୍ୱର ପର୍ଯ୍ୟନ୍ତ ୪.୫ କିମି ରାସ୍ତାର ଉନ୍ନତି ଓ ପ୍ରଶସ୍ତୀ କରଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଇତିମଧ୍ୟରେ କାମର ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ। ମରାମତି ନ ହେବା ଯୋଗୁ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ତୁରନ୍ତ ରାସ୍ତା ମରାମତି କରା ନ ଗଲେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନ କରିବେ ବୋଲି ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ ରାଉତରାୟ ଚେତାବନୀ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୪.୩୫ କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା କାମ ପାଇଁ ଜଣେ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାରଙ୍କୁ ଟେଣ୍ଡର ଦିଆଯାଇଥିଲା। ୧୮।୧୧।୨୨ଠାରୁ ୧୭।୮।୨୩ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ସମୟ ଦିଆଯାଇଥିଲା। ଇତିମଧ୍ୟରେ ଧାର୍ଯ୍ୟସମୟ ଶେଷ ହୋଇଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇପାରିନାହିଁ। ଫଳରେ ରାସ୍ତାରେ ଖାଲଖମା ସୃଷ୍ଟି ହେବା ସହ ବର୍ଷା ହେଲେ ସେଥିରେ ପାଣି ଜମି ରହୁଛି। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଅପରପକ୍ଷେ ରାସ୍ତା କାମ ପାଇଁ ଟେଣ୍ଡର ଦିଆଯାଇଥିବାରୁ ବିଭାଗ ପକ୍ଷରୁ ଖାଲଖମାଗୁଡ଼ିକ ମରାମତି କରାଯାଇ ପାରୁନାହିଁ। ଚଳିତ ବର୍ଷାରେ ରାସ୍ତାର ବିଭିନ୍ନ ସ୍ଥାନ ସମେତ ସାଇଲୋ-ବଡବିଲି ହାଇସ୍କୁଲ ରାସ୍ତାରେ ବଡଖାଲ ସୃଷ୍ଟି ହୋଇଛି। ଏହି ରାସ୍ତାରେ ଦୈନିକ ଶତାଧିକ ଯାନବାହନ ଚଳାଚଳ କରୁଥିବାବେଳେ ସ୍କୁଲକୁ ଛାତ୍ରୀଛାତ୍ରମାନେ ଯାତାୟାତ କରୁଛନ୍ତି। ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରା ନ ଗଲେ ଆଗାମୀ ଦିନରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଅଞ୍ଚଳବାସୀ ସତର୍କ କରାଇ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସୋନାଲୀ ନନ୍ଦ କହିଛନ୍ତି, ଠିକାଦାର ଠିକ୍ ସମୟରେ କାମ ନ କରିବାରୁ କାମଟିକୁ ବନ୍ଦ କରି ଦିଆଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।


କଟକ ମିଶନରୋଡ଼ସ୍ଥିତ ଷ୍ଟିୱାର୍ଟ ସ୍କୁଲରେ ଅନୁଷ୍ଠିତ ବିଜ୍ଞାନମେଳାରେ ଛାତ୍ରୀଛାତ୍ର ପ୍ରକଳ୍ପ ଦେଖୁଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ନିରାମୟ ଉପଦେଷ୍ଟା

କଟକ ସଦର,୨୮।୭(ସୁଶାନ୍ତ କୁମାର ଜେନା)

ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ ବିଶାଳ ଶୁକ୍ରବାର କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କ ସହ ଅସୁବିଧା ସମ୍ପର୍କରେ ଆଲୋଚନା କରି କେନ୍ଦ୍ରରେ ମୂଲ୍ୟବାନ ଔଷଧ ସରକାର ମାଗଣାରେ ଯୋଗାଇ ଦିଆଯାଉଥିବା କଥା କହିଥିଲେ। ଏହାଛଡା ଡା. ବଞ୍ଚୁ ମାରାଣ୍ଡି ଓ ଅନ୍ୟ ପାରା ମେଡିକାଲ ଷ୍ଟାଫ୍‌ମାନଙ୍କ ସହ ଆଲୋଚନା କରିଥିଲେ। ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ସତ୍ୟ ସିଦ୍ଧାନ୍ତ ଦାଶ, କିଶୋର ନଗର ପଞ୍ଚାୟତ ବିଜେଡି ସଭାପତି ଭବାନୀ ଶଙ୍କର ରାୟ, ଗଗନ ବିହାରୀ ମହାପାତ୍ର, ଇଲାବତୀ ବିଶୋୟୀ ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପଦେଷ୍ଟା ବିଶ୍ୱାଳଙ୍କ ସହ ଆଲୋଚନା କରିଥିଲେ।

# ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନରେ ଏମ୍‌ଓୟୁ ସ୍ୱାକ୍ଷରିତ



କଟକ,୨୮।୭ (କାର୍ତ୍ତିକ ସାହୁ)

### 'ସୁଗମ ହେବ ଉଦ୍ୟୋଗ ବିକାଶ'

ଉଦ୍ୟୋଗବିକାଶ, ଗୁଣାତ୍ମକ ସ୍ନାତକୋତ୍ତର ଅନୁସନ୍ଧାନ, ଛାତ୍ରୀଛାତ୍ରମାନଙ୍କ ତାଲିମ ଓ ଅତ୍ୟାଧୁନିକ କ୍ଷେତ୍ରରେ ସହଯୋଗୀ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ପାଇଁ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଏନ୍‌ଆର୍‌ଆର୍‌ଆଇ) ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ କଟକ ଜିଲା ଅଡ଼ଶପୁରସ୍ଥିତ ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ସହିତ ପ୍ରତିଷ୍ଠାନ ଦୁଇଟି ପୃଥକ୍ ଏମ୍‌ଓୟୁ ସ୍ୱାକ୍ଷର କରିଥିବା ଏନ୍‌ଆର୍‌ଆର୍‌ଆଇ ପକ୍ଷରୁ ଶୁକ୍ରବାର ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

ଅଧ୍ୟାପକ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପାଠ୍ୟ, ତାଲିମ ସମ୍ବନ୍ଧୀୟ ବିନିମୟ କାର୍ଯ୍ୟ ଏହି ଏମ୍‌ଓୟୁ ସ୍ୱାକ୍ଷର ଦ୍ୱାରା ସୁଗମ ହୋଇପାରିବ। ଏନ୍‌ଆର୍‌ଆର୍‌ଆଇ ସହ ଉପରୋକ୍ତ ଦୁଇଟି ଅନୁଷ୍ଠାନର ମିଳିତ ପ୍ରୟାସ ଦ୍ୱାରା ଅନେକ କିଛି ଲକ୍ଷ୍ୟ ସାଧିତ ହୋଇପାରିବ। ବିଶେଷକରି ଗବେଷକ, ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଧାନ ଇକୋସିଷ୍ଟମ ଓ ଚାଷ ପ୍ରଣାଳୀରେ ମୂଲ୍ୟବାନ ଏକ୍ସପୋଜର ହାସଲ କରିବା ସହଜ ହୋଇପାରିବ। କଟକ ଜିଲା ବିଦ୍ୟାଧରପୁରସ୍ଥିତ ପ୍ରତିଷ୍ଠାନ ପରିସରରେ ଆୟୋଜିତ ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଏ. କେ. ନାୟକ କହିଥିଲେ, ଉଭୟ ଅନୁଷ୍ଠାନର ସ୍ନାତକୋତ୍ତର ଓ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରୀଛାତ୍ରଙ୍କ ପାଇଁ ଏହି ପ୍ରତିଷ୍ଠାନରେ ଉପଲବ୍ଧ ଜ୍ଞାନକୌଶଳ ତଥା ଗୁଣାତ୍ମକ ପରୀକ୍ଷାଗାର ସୁବିଧାର ପ୍ରବେଶ ଓ ଏକ୍ସପୋଜର ଅତ୍ୟନ୍ତ ଲାଭଦାୟକ ହେବ। ଏମ୍‌ଓୟୁ ସ୍ୱାକ୍ଷର କରିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ବିନିମୟ କାର୍ଯ୍ୟକ୍ରମ ସୁଗମ କରାଯିବ। ଏମ୍‌ଓୟୁ ସ୍ୱାକ୍ଷର କରିଥିବା ଉଭୟ ଅନୁଷ୍ଠାନର ପଞ୍ଜୀକୃତ ଛାତ୍ରୀଛାତ୍ରମାନଙ୍କ ସହଯୋଗରେ ଗବେଷଣା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ନାୟକ କହିଛନ୍ତି। ଏହି ଏମ୍‌ଓୟୁ ମାଧ୍ୟମରେ ସହଯୋଗ ବୃଦ୍ଧି କରି ଏନ୍‌ଆର୍‌ଆର୍‌ଆଇ ଚାଉଳ ଅନୁସନ୍ଧାନ, କୃଷିକ୍ଷେତ୍ରରେ ଜ୍ଞାନ ବାଣ୍ଟିବା, ବିକାଶର ମହତ୍ତ୍ୱକୁ ବଞ୍ଚାଇ ରଖିବା ସହିତ ସମସ୍ତ ତିନୋଟି ଅନୁଷ୍ଠାନର ଛାତ୍ର ଓ ଅଧ୍ୟାପିକାଅଧ୍ୟାପକଙ୍କ ଶୈକ୍ଷିକ ଏବଂ ଗବେଷଣା କ୍ଷମତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହି ସହଭାଗିତା ଅତ୍ୟାଧୁନିକ ଅନୁସନ୍ଧାନକୁ ଅଗ୍ରଗତି କରିବା ଓ ସ୍ଥାନୀୟ ଅଞ୍ଚଳ ସମେତ ବାହାରେ ନିରନ୍ତର କୃଷି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଦିଗରେ ଫଳାଫଳ ଉତ୍ତମ ହେବ ବୋଲି ଆଶା କରାଯାଉଥିବା ନିର୍ଦ୍ଦେଶକ କହିଛନ୍ତି।

ଏହି ଏମ୍‌ଓୟୁ ସ୍ୱାକ୍ଷରିତ କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ରେଜିଷ୍ଟ୍ରାର ପ୍ରଫେସର ଡ. ଡି. ପି. ସାହୁ, ଡିନ୍ ପ୍ରଫେସର କୁମାରସ୍ୱାମୀ, ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର ପିଜି ମୁଖ୍ୟ ପ୍ରଫେସର ଡ. ଶାନ୍ତିଲତା ସାହୁ, ପ୍ରତିଷ୍ଠାନର ବୈଜ୍ଞାନିକ ଡ. ଏମ୍. ଜେ. ବେଗ, ଡ. ଜି.ଏ. କେ. କୁମାର, ଡ. ସଂଘମିତ୍ରା ସାମନ୍ତରାୟ ଓ ଡ. ଏସ୍. ଡି. ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ପି ସନ୍ତୁଷ୍ଟ ହେଲେ ଦେଇପାରନ୍ତି ଅନୁମତି

କଟକ,୨୮।୭ (କାର୍ତ୍ତିକ ସାହୁ)

### ବାଲେଶ୍ୱରରେ ମହରମ ତାଜିଆ ଶୋଭାଯାତ୍ରା ମାମଲା

ମହରମ ଅବସରରେ ବାଲେଶ୍ୱରରେ ତାଜିଆ ଶୋଭାଯାତ୍ରା ଉପରେ ପୋଲିସ କଟକଣାକୁ ବିରୋଧ କରି ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଖଣ୍ଡପୀଠ ମାମଲାର ଶୁଣାଣି କରି ବାଲେଶ୍ୱର ଏସ୍‌ପି ଏ ବାବଦରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଛନ୍ତି।

ଇର୍‌ସାଦ ଅଲ୍ଲିଙ୍କ ପକ୍ଷରୁ ଦାଏର ମାମଲାର ବିବରଣୀ ଅନୁସାରେ, ବାଲେଶ୍ୱର ଏସ୍‌ପି ସହରର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ମହରମ୍ ଶୋଭାଯାତ୍ରା ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି। ହେଲେ ତାଜିଆ ଶୋଭାଯାତ୍ରା ବାଲେଶ୍ୱରର ବିଦ୍ୟାଧରପୁର, ମଙ୍ଗଳପୁର ଓ ବଡ଼ିବଜାର ଅନ୍ତର୍ଗତ ୭ଟି ମୁସ୍‌ଲିମ୍ ବସ୍ତିରେ ପାରମ୍ପରିକ ଭାବେ ଅନୁଷ୍ଠିତ ହୋଇଆସୁଛି। ତେଣୁ ଏସ୍‌ପି ଓ ସ୍ଥାନୀୟ ତହସିଲଦାର ଉପରୋକ୍ତ ସମସ୍ତ ଗ୍ରାମରେ ଜୁଲାଇ ୨୯ ଓ ୩୦ ତାରିଖରେ ତାଜିଆ ଶୋଭାଯାତ୍ରା ନିମନ୍ତେ ଅନୁମତି ଦେବାକୁ ଆବେଦନକାରୀ ଦରଖାସ୍ତ କରିଥିଲେ। ହେଲେ ସମ୍ପୃକ୍ତ ଅଞ୍ଚଳରେ ଗୋଟିଏ ଗୋଷ୍ଠୀ ତାଜିଆ ଶୋଭାଯାତ୍ରା ପାଇଁ ଯୋଜନା କରୁଥିବାବେଳେ ଅନ୍ୟ ଗୋଷ୍ଠୀ ଏହାକୁ ବିରୋଧ କରୁଛି। ଦୁଇଗୋଷ୍ଠୀ ମଧ୍ୟରେ ତିକ୍ତତା ରହିଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ପୋଲିସ ଏଭଳି କଟକଣା ଲଗାଇଥିବା ଶୁଣାଣିବେଳେ ସରକାରୀ ଓକିଲ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ତେବେ ବିନା ଆଇନଶୃଙ୍ଖଳା ପରିସ୍ଥିତିରେ ତାଜିଆ ଶୋଭାଯାତ୍ରା ଅନୁଷ୍ଠିତ ହୋଇପାରୁଥିବା ୨ କିମ୍ବା ୩ଟି ବସ୍ତିର ନାମ ସହ ବାଲେଶ୍ୱର ଏସ୍‌ପିଙ୍କ ନିକଟରେ ନୂଆ କରି ଅନୁମତି ପାଇଁ ଦରଖାସ୍ତ କରିବାକୁ ଆବେଦନକାରୀଙ୍କୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଶୁକ୍ରବାର ଅପରାହ୍ନ ୪.୩୦ରେ ଏହି ଦରଖାସ୍ତ ଏସ୍‌ପିଙ୍କୁ ଦେବାକୁ ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କଠାରୁ ଏଭଳି ଦରଖାସ୍ତ ପାଇବା ପରେ ଏସ୍‌ପି ଯଦି ଉଲ୍ଲେଖ କରାଯାଇଥିବା ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ସନ୍ତୁଷ୍ଟ ହୁଅନ୍ତି ତା'ହେଲେ ସେ ତାଜିଆ ଶୋଭାଯାତ୍ରା ନିମନ୍ତେ ଅନୁମତି ଦେଇପାରିବେ ବୋଲି କୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଏ. ଏନ୍. ପଟ୍ଟନାୟକ ଓ ସରକାରଙ୍କ ପକ୍ଷରୁ ଆଇନଜୀବୀ ଜେ. ପି. ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

## ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ
# 'ସଂକ୍ରମଣ ରୋକିବାକୁ ସଚେତନତା ଲୋଡ଼ା'

କଟକ,୨୮।୭ (କାର୍ତ୍ତିକ ସାହୁ)



ପଦ୍ମିନୀ କେୟାର ହସ୍ପିଟାଲରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଫେସର, ଡାକ୍ତରଙ୍କ ସହ ଅନ୍ୟମାନେ।

ପଦ୍ମିନୀ କେୟାର ହସ୍ପିଟାଲରେ ବିଶ୍ୱ ହେପାଟାଇଟିସ୍ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ସହ ଅଧକ୍ଷ ଇଂ. ଦୁର୍ଗାପ୍ରସାଦ ରଥ ଯୋଗଦେଇ ଏହି ରୋଗ ସଂକ୍ରମଣ ରୋକିବାକୁ ସଚେତନତା ଲୋଡ଼ା ବୋଲି କହିଥିଲେ। ଏଥିସହ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜାଙ୍କ ଅଧକ୍ଷତାରେ ବହିଃ ବିଭାଗ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପ୍ରଫେସର ଶକ୍ତିପ୍ରସାଦ ଦାସ, ଡା. ସମରେନ୍ଦ୍ରନାଥ ଦାସ, ଡା. ଦୀପକ ସ୍ୱାଇଁ, ଡା.ବିନୟ କୁମାର ଜୟସ୍ୱାଲ, ନିର୍ବାହୀ ଅଧିକାରୀ ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ଅରୁଣ ପ୍ରସାଦ ପଣ୍ଡା, ସାରଦା ପ୍ରସାଦ ପଣ୍ଡା, ଶୁଭଶ୍ରୀ ଲେଙ୍କା, ସୁକନ୍ୟା ଦାସ, ନିବେଦିତା ମହାନ୍ତି, ଶୁଭେନ୍ଦୁ ସିଂହ, ପାର୍ବତୀ ମଲ୍ଲିକ ପ୍ରମୁଖ ଯୋଗଦେଇ ହେପାଟାଇଟିସ୍‌ର କାରଣ ଓ ନିରାକରଣ ସମ୍ପର୍କରେ କହିଥିଲେ।

ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ଓଏମ୍‌ପି ଛକସ୍ଥିତ ମାର୍କେଟ କମ୍ପ୍ଲେକ୍ସଠାରେ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଏହାକୁ ଉଦ୍‌ଘାଟନ କରି ହେପାଟାଇଟିସ୍ ଉଭୟ ଜୀବନ ଓ ଯକୃତକୁ ନଷ୍ଟ କରିଦେଉଥିବାରୁ ପ୍ରତ୍ୟେକ ବ୍ୟକ୍ତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥାର ଅଧକ୍ଷ ଡା. ଦୀନବନ୍ଧୁ ମହାରଣା ଅଧକ୍ଷତା କରି କହିଥିଲେ, କରୁକି, ଭୁଇଁ ଅଁଳା, ପୁନର୍ଣ୍ଣବା ମଣ୍ଡୁର, ପୋଟଳ, ଡାଳିମ୍ବ, ଅଦା ଏବଂ ଅଁଳା ଭଳି ଦ୍ରବ୍ୟ ସେବନ ଦ୍ୱାରା ଯକୃତ ବୃଦ୍ଧି ଓ ହେପାଟାଇଟିସ୍ ସମସ୍ୟାର ନିରାକରଣ ହୋଇପାରିବ ବୋଲି କହିଥିଲେ। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଅନନ୍ତ ବଳିଆ କଲେଜର ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ, ଆୟୁର୍ବେଦ ବିଶେଷଜ୍ଞ ଡା. ମିନତି ମହାରଣା, ଆନନ୍ଦ ଚୈତନ୍ୟ ବ୍ରହ୍ମଚାରୀ, ଡା. ଦିବ୍ୟଜ୍ୟୋତି ମହାରଣା ପ୍ରମୁଖ ଯୋଗଦେଇଥିଲେ।

କଟକ ବାର୍ ଆସୋସିଏଶନର ପାଠାଗାରଠାରେ ଏଲ.ଆଇ.ଜି.ଜି ହସ୍ପିଟାଲ ଓ ରୋଟାରୀ କ୍ଲବ ମହାନଦୀର ମିଳିତ ଆନୁକୂଲ୍ୟରେ ହେପାଟାଇଟିସ-ବି ଟିକାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁ ଓ ଆସୋସିଏଶନ ସଭାପତି ଚୌଧୁରୀ ପ୍ରଶାନ୍ତ କୁମାର ମିଶ୍ର ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ଆଇନଜୀବୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଉପ ସଭାପତି ନିରଞ୍ଜନ ପ୍ରସାଦ ପାତ୍ର, ସମ୍ପାଦକ ଦିଲ୍ଲୀପ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ନଳିନୀ କୁମାର ସେନାପତି, ସହସମ୍ପାଦକ ଉମ୍ରାନ ଖାନ୍, କୋଷାଧକ୍ଷ ବିଶ୍ୱଜିତ୍ ଲେଙ୍କା, ପାଠାଗାର ସମ୍ପାଦକ ଦେବାଶିଷ ମହାନ୍ତି, ରୋଟାରୀ କ୍ଲବ ମହାନଦୀର ସଭାପତି ନଟବର ପଣ୍ଡା ଓ ସମ୍ପାଦିକା ସଂଯୁକ୍ତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାରାଣସୀସ୍ଥିତ ସର୍ବୋଦୟ ଜାତୀୟ ସାଧନକେନ୍ଦ୍ର ଧ୍ୱଂସ ପ୍ରତିବାଦରେ ଶୁକ୍ରବାର ଗାନ୍ଧୀବାଦୀ ଗଣ ସଙ୍ଗଠନ ପକ୍ଷରୁ କଟକ ପୁରୀଘାଟସ୍ଥିତ ଗାନ୍ଧୀପୀଠ ଠାରେ ଗଣ ସତ୍ୟାଗ୍ରହ।



ମଣିପୁରରେ ବର୍ବରୋଚିତ ଅମାନବୀୟ ନିର୍ଯାତନା ଘଟଣା ପ୍ରତିବାଦରେ କଟକ ନଗର ମହିଳା କଂଗ୍ରେସ ପକ୍ଷରୁ ଶୁକ୍ରବାର କଟକ କଲେଜଛକଠାରେ ବିକ୍ଷୋଭ ପ୍ରଦର୍ଶନ।

**ସଂକ୍ଷେପରେ**

## ଆଜି ନନ୍ଦନକାନନରେ ଅନ୍ତର୍ଜାତୀୟ ବାଘ ଦିବସ

**ବାରଙ୍ଗ,୨୮।୭(ଲିଙ୍ଗରାଜ ରାଉତ):** ଚଳିତବର୍ଷର ଅନ୍ତର୍ଜାତୀୟ ବ୍ୟାଘ୍ରଦିବସ ଶନିବାର ନନ୍ଦନକାନନ ପାଳିବାକୁ ଯାଉଛି। ଏହାର ନାମ ରଖାଯାଇଛି ନନ୍ଦନକାନନ ବାଘ ସହିତ ଦିନଟିଏ। ଏ ନେଇ କର୍ତ୍ତୃପକ୍ଷ ତରଫରୁ ପ୍ରସ୍ତୁତି ଶେଷ ହୋଇଛି। ଏଥର ସ୍କୁଲ ପିଲାମାନଙ୍କୁ ନେଇ ଏହାକୁ ପାଳନ କରିବାକୁ ଚିନ୍ତା କରିଛି ନନ୍ଦନକାନନ। ନନ୍ଦନକାନନର ଚତୁଃପାର୍ଶ୍ୱରେ ଥିବା ୪ଟି ସ୍କୁଲର ପିଲାମାନଙ୍କୁ ଏଥିରେ ସାମିଲ ହେବାକୁ କୁହାଯାଇଛି। ସ୍କୁଲ ପିଲାମାନଙ୍କୁ ନେଇ ନନ୍ଦନକାନନର ବିଭିନ୍ନ ଏନକ୍ଲୋଜରରେ ଥିବା ବାଘଙ୍କୁ ଦେଖାଯିବ। ତା'ସହ ବାଘଙ୍କର କିଭଳି ଯତ୍ନ ନିଆଯାଉଛି ଖାଦ୍ୟ, ଚିକିତ୍ସା ଆଦି ବିଷୟରେ ବୁଝାଯିବା ସହ ବାଘ ରହୁଥିବା ଏନକ୍ଲୋଜରକୁ ନେଇ ବୁଲାଇ ଦେଖାଯିବ। ଏହି ଅବସରରେ ପିଲାମାନଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯିବ। ଏହାସହ ପିଲାମାନଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକମାନଙ୍କୁ ନେଇ ଏକ ଦସ୍ତଖତ ଅଭିଯାନ କରାଯିବା ସହ ବ୍ୟାଘ୍ର ସୁରକ୍ଷା ନିମନ୍ତେ ସଚେତନତାର ବାର୍ତ୍ତା ଦିଆଯିବ। ଏହି କାର୍ଯ୍ୟକ୍ରମରେ ଜଣେ ଓଡ଼ିଆ ଅଭିନେତ୍ରୀଙ୍କୁ ସାମିଲ କରିବା ପାଇଁ ଚେଷ୍ଟା କରାଯାଇଛି। ଅପରାହ୍ନରେ ବାଘଙ୍କ ଦାୟିତ୍ୱରେ ଥିବା ଆନିମଲ କିପରମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ସେମାନେ ପର୍ଯ୍ୟଟକମାନଙ୍କୁ ବାଘଙ୍କ ବିଷୟରେ ଏନକ୍ଲୋଜର ଆଗରେ ରହି ବୁଝାଇବେ। ରାଜ୍ୟରେ ଦିନକୁ ଦିନ ବ୍ୟାଘ୍ରବଂଶ ହ୍ରାସ ପାଉଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ସାଧାରଣଲୋକଙ୍କୁ ସଚେତନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି ନନ୍ଦନକାନନ। ଏବେ ନନ୍ଦନକାନନରେ ୨୭ଟି ବାଘ ଅଛନ୍ତି। ତନ୍ମଧ୍ୟରୁ ୭ଟି ଧଳାବାଘ, ୧୭ଟି ସାଧାରଣ ବାଘ ଓ ୩ଟି କଳାବାଘ ଅଛନ୍ତି।

## ଇନ୍ଦିରା ବଜାରରେ ବୋମା ମାଡ଼

**କୋଣାର୍କ,୨୮।୭(ଜ୍ୟୋତିରାଜ ମହାନ୍ତି):** କୋଣାର୍କ ଥାନା ଅଧୀନ ବାଲିଦୋକାନ ନିକଟସ୍ଥ ଇନ୍ଦିରା ବଜାର ଉପରେ ଶୁକ୍ରବାର ସନ୍ଧ୍ୟାରେ ୨ଜଣ ଦୁର୍ବୃତ୍ତଙ୍କ ଦ୍ୱାରା ଦୁଇଟି ବୋମାମାଡ଼ କରିଛନ୍ତି। କୋଣାର୍କ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଖବର ଅନୁଯାୟୀ, କୋଣାର୍କ–କାକଟପୁର ମୁଖ୍ୟରାସ୍ତା ବାଲିଦୋକାନ ନିକଟ ଇନ୍ଦିରା ବଜାର ମୁଖ୍ୟ ଛକ ଉପରେ କାକଟପୁର ଆଡୁ ଦୁଇଜଣ ଯୁବକ ଏକ ରୟାଲ ଏନ୍‌ଫିଲ୍ଡ ବୁଲେଟରେ ସନ୍ଧ୍ୟାରେ ଆସି ଅଚାନକ ଦୁଇଟି ବୋମା ମାଡ଼ କରି ଫେରାର ହୋଇଯାଇଥିଲେ। ବୋମା ମାଡ଼ରେ ସ୍ଥାନୀୟ ଲୋକ ଭୟଭୀତ ହୋଇଯାଇଥିବା ବେଳେ ବଜାରରେ ଉପସ୍ଥିତ ଥିବା କେତେଜଣ ସାମାନ୍ୟ ଆହତ ହୋଇଛନ୍ତି। ପରେ ପୋଲିସ ଆସି ତଦନ୍ତ କରୁଥିବା ବେଳେ ଦୁର୍ବୃତ୍ତମାନେ ଭୟଭୀତ କରିବା ଉଦ୍ଦେଶ୍ୟରେ ଏଭଳି କରିଥିବା ଚର୍ଚ୍ଚା ହେଉଛି। ତଦନ୍ତ ପରେ ସମସ୍ତ ଘଟଣା ଜଣାପଡିବ ବୋଲି କୋଣାର୍କ ଥାନାଧିକାରୀ ପଞ୍ଚାନନ ପରିଡା ପ୍ରକାଶ କରିଛନ୍ତି।

# ଗଛ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ

**ପାଇକ ସ୍ମାରକୀ ନିର୍ମାଣ ପ୍ରସଙ୍ଗ**

ସ୍ଥାନାନ୍ତର ହେବ ୭୭୯, ପ୍ରଥମ ପର୍ଯ୍ୟାୟରେ ୨୪ ଉଠିଲା

ଖୋର୍ଦ୍ଧା ଅଫିସ,୨୮।୭
(ପ୍ରଭାତ ପାଣିଗ୍ରାହୀ)

ବହୁ ପ୍ରତୀକ୍ଷିତ ବରୁଣେଇ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣରେ ବିଳମ୍ବ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦ୍ରର ସମସ୍ତ ସହଯୋଗ ସତ୍ତ୍ୱେ ରାଜ୍ୟ ସରକାରଙ୍କ ଅବହେଳାରୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେଉଥିବା ନେଇ ଜୁଲାଇ ୭ତାରିଖରେ ସ୍ମାରକୀସ୍ଥଳ ପରିଦର୍ଶନ ଓ ସମୀକ୍ଷା ବେଳେ କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ କହିଥିଲେ। ସ୍ମାରକୀ ନିର୍ମାଣସ୍ଥଳରେ ବିଦ୍ୟୁତ ଖୁଣ୍ଟ ଓ ଜଙ୍ଗଲ ବିଭାଗର ଗଛ ସ୍ଥାନାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ ଲାଗି ଜିଲା ପ୍ରଶାସନ ଏବଂ ଉଭୟ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ସେ ତାଗିଦ୍ କରିଥିଲେ। ଏହା ପରେ ଗତ ଦୁଇଦିନ ହେବ ଜଙ୍ଗଲ ବିଭାଗ ପକ୍ଷରୁ ଗଛ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଉତ୍ତରପ୍ରଦେଶର ରୋହିତ ନର୍ସରୀ ଏହି ଦାୟିତ୍ୱରେ ରହିଛି। ପ୍ରଥମଦୁଇ ଦିନରେ ୨୪ଟି ଗଛ ପ୍ରସ୍ତାବିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଏସିଏଫ୍ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି। ପ୍ରସ୍ତାବିତ ସ୍ଥଳରେ ଜଙ୍ଗଲ ବିଭାଗ ପକ୍ଷରୁ ଲାଗିଥିବା ଗଛ ସ୍ଥାନାନ୍ତର ପାଇଁ ବିଭାଗ ପକ୍ଷରୁ ୫୫ଲକ୍ଷ ଟଙ୍କାର ଏକ ବଜେଟ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ପଠାଯାଇଥିଲା। କେନ୍ଦ୍ର ପକ୍ଷରୁ ଉକ୍ତ ଟଙ୍କା ବ୍ୟୟ ମଞ୍ଜୁର ପରେ ଜଙ୍ଗଲ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ଉତ୍ତରପ୍ରଦେଶର ଉକ୍ତ ସଂସ୍ଥା ଟେଣ୍ଡର ପାଇଥିଲା। ୩ମାସ କାମର ଟାର୍ଗେଟ ରଖାଯାଇଛି। ଟାର୍ଗେଟ ପୂର୍ବରୁ ଗଛ ସ୍ଥାନାନ୍ତର ପ୍ରକ୍ରିୟା ସାରିବା ପାଇଁ ପ୍ରଚେଷ୍ଟା କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ୨୦୧୯ ଡିସେମ୍ବର ୮ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶରେ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏ ନେଇ କେନ୍ଦ୍ର ସରକାର ୫୦ଏକର ଜାଗା ମାଗିଥିବା ବେଳେ ସରକାର ୧୦ଏକର ଜାଗା ଯୋଗାଇ ଦେଇଥିଲେ। ପ୍ରସ୍ତାବିତ ଜମି ଜବରଦଖଲ ମୁକ୍ତ ଏବଂ ପରେ ରାଜ୍ୟ ସରକାର ପ୍ରସ୍ତାବିତ ଜମିର ଫ୍ରି ପ୍ରିମିୟମ ଭାବେ ଯୋଗାଇ ଦେବା ଲାଗି ବିଭିନ୍ନ ସଙ୍ଗଠନ ଦାବି କରିଥିଲେ। ୨୦୨୨



ମେଶିନ୍ ସାହାଯ୍ୟରେ ଗଛକୁ ସ୍ଥାନାନ୍ତର କରାଯାଉଛି।

ଜୁଲାଇ ମାସରେ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଖୋର୍ଦ୍ଧା ମୌଜାର ବରୁଣେଇ ପାହାଡ ପାଦଦେଶରେ ଏକର ୯.୬୮୫ ଡିସିମେଲ ସରକାରୀ ଜମିକୁ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ପାଇକ ସ୍ମାରକୀ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ବିନା ପ୍ରିମିୟମରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟକୁ ପ୍ରଦାନ କରିଛନ୍ତି। ଏଥିନିମନ୍ତେ ୩୧କୋଟି ୯୬ଲକ୍ଷ, ୬୨,୯୩୪ ଟଙ୍କା ରାଜସ୍ୱ ଦେୟ ଛାଡ କରିଥିଲେ। ୨୦୨୨ ଡିସେମ୍ବର ୨୬ତାରିଖରେ ସ୍ଥାନୀୟ ପ୍ରଶାସନ ଉପସ୍ଥିତିରେ ନିର୍ମାଣ ଦାୟିତ୍ୱରେ ଥିବା ଇଣ୍ଡିଆ ଫାଉଣ୍ଡେଶନ ଅଧିକାରୀ ଭୂମିପୂଜା କରାଯାଇ ନିଅଁ ଖୋଲାଯାଇଥିଲା। ତେବେ ଜଙ୍ଗଲ ବିଭାଗ ପକ୍ଷରୁ ଲାଗିଥିବା ଜମିରେ ଗଛ ସମ୍ପ୍ରସାରଣ ନହେବା ପର୍ଯ୍ୟନ୍ତ କାମ କରିପାରିବେ ନାହିଁ ବନଖଣ୍ଡ ଅଧିକାରୀଙ୍କ ତାଗିଦ୍ ଯୋଗୁ ଗତ ଜାନୁୟାରୀ ମାସରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ବହୁ ବାଦ ବିବାଦ ପରେ ଖୋର୍ଦ୍ଧା ଡିଏଫଓ ଗଛ ସମ୍ପ୍ରସାରଣ ଲାଗି ୫୫ଲକ୍ଷ ଟଙ୍କା ପ୍ରଦାନ ଲାଗି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ। ଏଥିଲାଗି ଟେଣ୍ଡର ସରିଛି। ଖୁବଶୀଘ୍ର ଗଛ ସ୍ଥାନାନ୍ତର କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ପ୍ରସ୍ତାବିତ ଜମିରେ ଜଙ୍ଗଲ ବିଭାଗର ୧୩ଶହ ଗଛ ରହିଥିବା ବେଳେ ସେଥିରୁ ୭୭୯ ଗଛ ଅନ୍ୟତ୍ର ସ୍ଥାନାନ୍ତରିତ ହେବ। ସେହିପରି ଉକ୍ତ ଜମିରେ ବିଦ୍ୟୁତ ବିଭାଗର ୩୩ ଓ ୧୧ କେଭି ତାର, ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଖୁଣ୍ଟ ରହିଛି। ଏହାକୁ ସ୍ଥାନାନ୍ତର ଲାଗି ୩କୋଟି ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରିପୋର୍ଟ ଜିଲା ପ୍ରଶାସନ ଏବଂ କେନ୍ଦ୍ରକୁ ପଠାଯାଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ପାଇକ ସଙ୍ଗଠନ ମଧ୍ୟରେ ଆନନ୍ଦ ଉଲ୍ଲାସ ଖେଳିଯାଇଛି। କଳିଙ୍ଗ ପାଇକ ସଙ୍ଗଠନର ସଭାପତି ଭୀମସେନ ପ୍ରଧାନ, ଉପଦେଷ୍ଟା ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂ, ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଫୁଲ୍ଲ ସାମନ୍ତରାୟ ଙ୍କ ସମେତ ଅନ୍ୟ ମାନେ ଖୁସିବ୍ୟକ୍ତ କରିଛନ୍ତି। ପାଇକ ସ୍ମାରକୀ ଓଡ଼ିଆ ଜାତିର ଅସ୍ମିତା। ଏ ଜାତିର ସ୍ୱାଭିମାନ, ଗର୍ବ ଓ ଗୌରବ। ଏହି ସ୍ମାରକୀ ପାଇକ ବୀରଙ୍କ ବୀରତ୍ୱର ଗାଥା କହିବା ସହ ଜାତୀୟ ସ୍ତରରେ ଖୋର୍ଦ୍ଧା ମାଟିର ଗୌରବ ବଢିବ ବୋଲି କହିଛନ୍ତି।

## ପିଜି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ

ଭୁବନେଶ୍ୱର,୨୮।୭
(ଅନୁରାଧା ମହାରଣା)

ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ମୋଟ ୧୧୦ଟି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଶୁକ୍ରବାର ପ୍ରକାଶ ପାଇଥିବା ଏହି ତାଲିକା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୧୯ ହଜାର ୮୨୫ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬ ହଜାର ୮୬୪ ଜଣ ଛାତ୍ର, ୧୨ ହଜାର ୯୫୯ଜଣ ଛାତ୍ରୀ ଏବଂ ୨ ଜଣ ଟ୍ରାନ୍ସଜେଣ୍ଡର ଅଛନ୍ତି। ୬ଟି ବିଶ୍ୱ ବିଦ୍ୟାଳୟ ଓ ୯୪ ଟି ମହାବିଦ୍ୟାଳୟରେ ୨୭ ହଜାର ୮୧୬ଟି ସିଟ୍ ରହିଥିବାବେଳେ ୫୪ ହଜାର ୧୦୭ ଜଣ ଆବେଦନ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ୩୯ ହଜାର ୬୯୬ ଜଣ ଆବେଦନ ପାଇଁ ଯୋଗ୍ୟ ଅଟନ୍ତି। ଅନ୍ୟପଟେ ପିଜି ନାମଲେଖାକୁ ସୂଚାରୁରୂପେ ସମ୍ପାଦନ ପାଇଁ ପ୍ରସ୍ତୁତ ରହିବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏସଓପି ଜାରି କରାଯାଇଛି। ସାମସ୍ ଲ୍ୟାବ, ଇଣ୍ଟରନେଟ ସେବା, କମ୍ପ୍ୟୁଟର ଓ ଅନ୍ୟାନ୍ୟ ସମାଗ୍ରୀ ମହଜୁଦ୍ ରଖିବା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।




ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

## ୫ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ

ବୋଲଗଡ଼,୨୮।୭(ଦେବବ୍ରତ ହୋତା)

ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ବିଜୁ ମହାବୀର ଜୟପୁର ଫୁଟସେଣ୍ଟର ପକ୍ଷରୁ ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାନପଦର ପଞ୍ଚାୟତର ଏକ କଲ୍ୟାଣ ମଣ୍ଡପଠାରେ ସ୍ଥାନୀୟ ଅଞ୍ଚଳର ୫ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଛି। ଏହି ଅନନ୍ୟ ଉତ୍ପାଦନ ୫ ଦିବ୍ୟାଙ୍ଗଙ୍କୁ ସମ୍ପୂର୍ଣ୍ଣ ସକ୍ଷମ କରିବ ବୋଲି ଏଠାରେ ଯୋଗଦେଇ ବିଏସ୍‌ଏସ୍‌ଓ କାମଦେବ ନାୟକ କହିଛନ୍ତି। ବିଶେଷଜ୍ଞମାନେ ଦିବ୍ୟାଙ୍ଗଙ୍କ ପାଇଁ ମାପ ଅନୁସାରେ କୃତ୍ରିମ ଗୋଡ଼ ସହ ବଙ୍କା ଥିବା ଅଙ୍ଗ ସଜାଡିବା ପାଇଁ କୃତ୍ରିମ ଯନ୍ତ୍ର ପ୍ରସ୍ତୁତି କରିବାପରେ ସେମାନଙ୍କୁ ପ୍ରଦାନ କରିଥିଲେ। ଏହି ସେବା ପାଇଁ ପୂର୍ବରୁ ୧୧ଜଣ ଦିବ୍ୟାଙ୍ଗ ପଞ୍ଜିକୃତ ହୋଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ୬ ଜଣ ଅନୁପସ୍ଥିତ ଥିଲେ। ଶିବିରରେ ଏବିଡିଓ ଡ.ରତିକାନ୍ତ ମିଶ୍ର, ସରପଞ୍ଚ ବୈକୁଣ୍ଠ ସ୍ୱାଇଁ ପ୍ରମୁଖ ଯୋଗଦେଇ ଥଇଥାନ ଓ ତାଲିମ ଦ୍ୱାରା ଦିବ୍ୟାଙ୍ଗଙ୍କୁ ସଶକ୍ତ କରିବାକୁ ରାଜ୍ୟ ସରକାରଙ୍କ ପଦକ୍ଷେପ ଓ ଖୋର୍ଦ୍ଧା ଗୁରୁଜଙ୍ଗର ଜୟପୁର ଫୁଟ୍‌କେନ୍ଦ୍ରର ଭୂମିକାକୁ ପ୍ରଶଂସା କରିଥିଲେ। ଏହି କୃତ୍ରିମ ଅଙ୍ଗ ଓ ଯନ୍ତ୍ର ବ୍ୟବହାର କରି ଦିବ୍ୟାଙ୍ଗମାନେ ଚାଲିବା, ଦୌଡ଼ିବା ସହ ଅନ୍ୟାନ୍ୟ କାର୍ଯ୍ୟ କରିପାରିବେ ବୋଲି ବିଜୁ ମହାବୀର ଫୁଟ କେୟାର ସେଣ୍ଟରର ଡା. ଦିବ୍ୟଜ୍ଞାନ ବେଉରା ଓ ସତ୍ୟବ୍ରତ ଗିରି ଏବଂ ଖୋର୍ଦ୍ଧା ଜିଲା ଭିନ୍ନକ୍ଷମ ଥଇଥାନ ଅଧିକାରୀ ଚନ୍ଦ୍ରଶେଖର ପରିଡା କହିଛନ୍ତି।



ଜଣେ ମହିଳାଙ୍କ ଗୋଡ଼ରେ କୃତ୍ରିମ ଅଙ୍ଗ ଲଗାଯାଉଛି।

## ପ୍ରତ୍ୟେକ ବ୍ୟକ୍ତି ସବୁଜ ସେନାନୀ ହେବାକୁ ଆହ୍ୱାନ

**ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ**

ଖୋର୍ଦ୍ଧା,୨୮।୭(ପ୍ରଭାତ ପାଣିଗ୍ରାହୀ)

ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ଶୁକ୍ରବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତି ସଭାପତିତ୍ୱ କରି କହିଥିଲେ, ଦ୍ରୁତ ଶିଳ୍ପାୟନ, ଜଙ୍ଗଲ କ୍ଷୟ ଯୋଗୁ ପରିବେଶ ନଷ୍ଟ ହେଉଛି। ପରିବେଶ ଅସନ୍ତୁଳନ ହେବା ସହ ଏହାର ପ୍ରଭାବ ଜୀବଜଗତ ଉପରେ ପଡୁଛି। ପ୍ରକୃତିର ସଂରକ୍ଷଣ ପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଜରୁରୀ। ପ୍ରକୃତି ବଞ୍ଚିଲେ, ଜୀବଜଗତ ବଞ୍ଚିବ। କେବଳ ବର୍ଷା ଦିନ ଆସିଲେ ଚାରାଟିଏ ଲଗାଇବେ ଓ ପରିବେଶ ସୁରକ୍ଷା ସଂକଳ୍ପ ନେବେ, ଏଭଳି ମାନସିକତାକୁ ଭୁଲି ବର୍ଷସାରା କିଭଳି ପରିବେଶ ସୁରକ୍ଷା କରାଯାଇପାରିବ ସେଥିପ୍ରତି ଯତ୍ନବାନ ହୁଅନ୍ତୁ। ନିଜ ବାରି, ବିଲ, ଖୋଲାସ୍ଥାନ, ଶିକ୍ଷାନୁଷ୍ଠାନ ପରିସର ପ୍ରଭୃତି ସ୍ଥାନରେ ଚାରାଟିଏ ରୋପଣ କରି ତାହାର ସୁରକ୍ଷା ମଧ୍ୟ ସୁନିଶ୍ଚିତ କରନ୍ତୁ। ପ୍ରତ୍ୟେକ ବ୍ୟକ୍ତିବିଶେଷ ଏ ଦିଗରେ ସବୁଜ ସେନାନୀ ଭାବେ ଅଗ୍ରସର ହେଲେ ପ୍ରକୃତି ସଂରକ୍ଷଣ ହୋଇପାରିବ।

ଏହି ଆଲୋଚନାଚକ୍ରରେ ଶିକ୍ଷକ ନବକୃଷ୍ଣ ମିଶ୍ର, ବିଭୁପ୍ରସାଦ ପଣ୍ଡା, ଶିକ୍ଷୟିତ୍ରୀ ପୁଷ୍ପଲତା ପାତ୍ର, ନିବେଦିତା ଛୁଆଳସିଂ ପ୍ରମୁଖ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଏକାଧିକ ଛାତ୍ର ନିଜ ମତ ରଖିଥିଲେ। ନିଜ କ୍ୟାମ୍ପସର ସବୁଜିମା ତଥା ଏକ ସୁସ୍ଥ କ୍ୟାମ୍ପସ ଗଠନ ପାଇଁ ସଂକଳ୍ପ ନେଇଥିଲେ। ଶିକ୍ଷକ ଚନ୍ଦ୍ରକାନ୍ତ ଦାସ, ଶ୍ରୀରାମ ଭୂୟାଁ, ଚିନ୍ମୟ ମାର୍ଥା, ରୋଜାଲିନ ରାଉତରାୟ, ଜ୍ୟୋତିର୍ମୟୀ ପଣ୍ଡା, ସ୍ନିଗ୍ଧାରାଣୀ ଦାଶ, ସୀମାରାଣୀ ବେହେରାଙ୍କ ସମେତ ସମସ୍ତ ଛାତ୍ର ଉପସ୍ଥିତ ଥିଲେ।

## ଗଛରୁ ଖସି ଯୁବକଙ୍କ ମୃତ୍ୟୁ

**ବାରଙ୍ଗ,୨୮।୭(ଲିଙ୍ଗରାଜ ରାଉତ):** ଶୁକ୍ରବାର ସକଳେ କଣ୍ଠାପାଟଣା ଗ୍ରାମର ଏକ ମନ୍ଦିର ପରିସରରେ ଥିବା ନଡ଼ିଆ ଗଛ କାଟୁଥିବାବେଳେ ଗଛରୁ ପଡି ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଉକ୍ତ ଗ୍ରାମର ଦୀପକ ବେହେରା। ସୂଚନା ଅନୁଯାୟୀ, ଦୀପକ ବାରଙ୍ଗରେ ରହି ନଡିଆବେପାର କରନ୍ତି। ଶୁକ୍ରବାର ସକାଳେ କଣ୍ଠାପାଟଣା ଗାଁରେ ଥିବା ଏକ ମନ୍ଦିର ପରିସରରେ ଥିବା ବଡ଼ ନଡିଆଗଛକୁ କାଟିବା ପାଇଁ ଆସିଥିଲେ। କଟର ସାହାଯ୍ୟରେ ଗଛ କାଟୁଥିବା ବେଳେ ଉପରଭାଗରୁ ହଠାତ୍ ଖସି ଏକ କୋଠାର ଡାଜା ଉପରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

## ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସାମାଜିକ ସମୀକ୍ଷା

ବୋଲଗଡ,୨୮।୭(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳର ବିଦ୍ୟାଳୟଗୁଡିକରେ ଚାଲିଥିବା ମଧ୍ୟାହ୍ନଭୋଜନ ପ୍ରକ୍ରିୟାର ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଖୋର୍ଦ୍ଧା ଜିଲା ପରିଷଦ ଆନୁକୂଲ୍ୟରେ ତଥା ଓସାଟ(OSSAAT), ପଞ୍ଚାୟତି ରାଜ ଓ ଜିଲା ମଙ୍ଗଳ (P.R & D.W) ବିଭାଗ ନିର୍ଦ୍ଦେଶରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ନିଯୁକ୍ତ କର୍ମଚାରୀମାନେ ସାମିଲ ହୋଇ ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନଭୋଜନ ପାଇଁ ପ୍ରସ୍ତୁତ ଖାଦ୍ୟର



କାର୍ଯ୍ୟକ୍ରମରେ ୨ ଛାତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

ମାନ ଓ ଗୁଣବତ୍ତା ପରୀକ୍ଷା କରି ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ଏହି କ୍ରମରେ ବ୍ଲକର ଗୋପାଳପୁର ପଞ୍ଚାୟତ ନାରାୟଣପଡା ସରକାରୀ ଉନ୍ନୀତ ମଧ୍ୟ ଇଂଲିଶ୍ ବିଦ୍ୟାଳୟରେ ସାମାଜିକ ସମୀକ୍ଷା ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବ୍ଲକ ସୋସିଆଲ ଅଡିଟର ସୌମ୍ୟରଞ୍ଜନ ଦାସ ଓ ଭିଲେଜ ରିସୋର୍ସ ପର୍ଶନ ରୀନା ପବନସିଂ ପ୍ରମୁଖ ଯୋଗଦେଇ ମଧ୍ୟାହ୍ନଭୋଜନ ପାଇଁ ରନ୍ଧାଖାଦ୍ୟର ମାନ ଓ ଗୁଣବତ୍ତା ଯାଞ୍ଚ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କୁ ରକ୍ତହୀନତା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ନିରାକରଣ ଉଦ୍ଦେଶ୍ୟରେ ଆଇରନ ଓ ଫୋଲିକ ଏସିଡ ଯୁକ୍ତ ବଟିକା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନୃତ୍ୟ ସଙ୍ଗୀତ ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ।

## ବ୍ଲକ କାର୍ଯ୍ୟାଳୟରେ ଅଧିକାଂଶ ପଦବୀ ଖାଲି

ବୋଲଗଡ,୨୮।୭ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ କାର୍ଯ୍ୟାଳୟରେ ଅଧିକାଂଶ ପଦବୀ ଖାଲି ପଡ଼ିଛି। ବିଭିନ୍ନ ଅଧିକାରୀ ଓ ଆବଶ୍ୟକ କର୍ମଚାରୀ ନ ଥିବାରୁ ଅନେକ ଉନ୍ନୟନ କାର୍ଯ୍ୟ ସବୁ ଠିକ୍ ଭାବେ ହୋଇପାରୁ ନାହିଁ। ସୂଚନା ଅନୁଯାୟୀ, ଏହି ବ୍ଲକ ଅନ୍ତର୍ଗତ ୧୯ଟି ପଞ୍ଚାୟତ ପାଇଁ ୧୯ଟି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଆବଶ୍ୟକ ଥିବାବେଳେ ଅଛନ୍ତି ମାତ୍ର ୯ଜଣ। ଫଳରେ ଦୁଇ ଦୁଇଟି ପଞ୍ଚାୟତର ଦାୟିତ୍ୱ ଜଣେ ସମ୍ପ୍ରସାରଣ ଅଧିକାରୀ ନେଇଥିଲେ ମଧ୍ୟ ଉଭୟ ପଞ୍ଚାୟତକୁ ଆବଶ୍ୟକ ସମୟ ଦେଇପାରୁ ନାହାନ୍ତି। ଯେଉଁଥିଲାଗି ପଞ୍ଚାୟତରେ ବହୁ ଗୁରୁତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରିତାରେ ବିଳମ୍ବ ଘଟି ଲୋକମାନେ ହଇରାଣ ହେଉଛନ୍ତି। ସେହିପରି ଏହି ବ୍ଲକ କାର୍ଯ୍ୟାଳୟର କାର୍ଯ୍ୟ ସୁଚାରୁ ରୁପେ ପରିଚାଳନା କରିବା ପାଇଁ ଆବଶ୍ୟକ ସେକ୍ସନ ଅଫିସର, ଜୁନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ, ସିନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ, ଜିପିଓ, ବିପିଏମ, ସିଇଓ, ଏଏଫଓ, ଆଇପିଓ ଓ ଡବ୍ଲ୍ୟୁଓ ଆଦି ପଦବୀ ଖାଲି ପଡିଛି। ଏପରି ସ୍ଥଳେ କାର୍ଯ୍ୟକ୍ରମ କିପରି ଚାଲିଛି ତାହା ସହଜରେ ଅନୁମେୟ। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ, ଜିଲାପାଳଙ୍କୁ ଅବଗତ କରିଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇପାରି ନାହିଁ। ତୁରନ୍ତ ନୂତନ କର୍ମଚାରୀ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

## ପ୍ରଧାନଶିକ୍ଷକ ଦୁଃଖୀଶ୍ୟାମ ଥିଲେ ଛାତ୍ରବତ୍ସଳ

ବେଗୁନିଆ,୨୮।୭(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ କୁରାଢ଼ିଲୋ ଗ୍ରାମର ସ୍ୱର୍ଗତ ପ୍ରଧାନଶିକ୍ଷକ ଦୁଃଖୀଶ୍ୟାମ ଜେନାଙ୍କର ଦ୍ୱାଦଶାହ ଅବସରରେ ଦୁଃଖୀଶ୍ୟାମ ସ୍ମୃତି ସଂସଦ ପକ୍ଷରୁ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡ.ଗଣେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ଖଣ୍ଡାୟତ ସଭାପତି ଇଂ ଦୁଷ୍ମନ୍ତ ସ୍ୱାଇଁ, ଶିକ୍ଷାବିତ ରାଜକିଶୋର ପାଣିଗ୍ରାହୀ, ସରପଞ୍ଚ ମାନସ ବିଶ୍ୱାଳ, ବିଧାୟକ ପ୍ରତିନିଧି ପ୍ରଶାନ୍ତ ବେହେରା, ଗାୟକ ଶ୍ୟାମସୁନ୍ଦର ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ। ଦୁଃଖୀଶ୍ୟାମ ଜଣେ ଛାତ୍ର ବତ୍ସଳ ପ୍ରଧାନ ଶିକ୍ଷକ ଭାବେ



ସଭାରେ ଉପସ୍ଥିତ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ।

ନିଜର ପ୍ରତିଭାକୁ ବିକଶିତ କରିପାରିଥିଲେ। ବିଦ୍ୟାଳୟରେ ଶିକ୍ଷାଦାନକୁ ଗୁରୁତ୍ୱ ଦେବା ସହ ଅତି ନିଷ୍ଠାପର ଶିକ୍ଷକ ଭାବେ ନିଜର କର୍ମମୟ ଜୀବନକୁ ଉତ୍ସର୍ଗ କରିଥିଲେ। ଏହି ଅବସରରେ ଶିକ୍ଷାବିତ ବିଦ୍ୟାଧର ପଣ୍ଡା, କରୁଣାକର ମହାପାତ୍ର, ଶରତ ଚନ୍ଦ୍ର ପଣ୍ଡା,ମକର କେତନ ପଣ୍ଡା, ଚୈତନ୍ୟ ଜୟସିଂହ, ଜଗମୋହନ ରାଉତ, ତନୁଜା ପାଟ୍ଟଶାଣୀ, ସୁକାନ୍ତ ଜୟସିଂହଙ୍କୁ ଦୁଃଖୀଶ୍ୟାମ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଣ୍ଡିତ କୈଳାସ ପଣ୍ଡା ସଂଯୋଜନା କରିଥିବା ବେଳେ ଶଶାଙ୍କ ଶେଖର ସାହୁ ଧନ୍ୟବାଦ ଦେଇଥିଲେ।

## ଟାଙ୍ଗୀ ବନାଞ୍ଚଳରେ ହାତୀପଲ

**ବନ ବିଭାଗ ପକ୍ଷରୁ ସଚେତନତା ଜାରି**

ନିରାକାରପୁର,୨୮।୭
(ମାନସଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ଗୟାବନ୍ଧ, ଭୂଷଣ୍ଡପୁର ଓ ବଘେଇପୁଟ ଅଞ୍ଚଳରେ ଜଙ୍ଗଲୀ ହାତୀପଲ ଥିବା ଦେଖିବାକୁ ମିଳିଛି। ଏ ନେଇ ବନ ବିଭାଗ ସୂଚନା ପାଇବାପରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଗାଁ ଗାଁ ବୁଲି ସଚେତନତା କରାଯାଉଛି। କିନ୍ତୁ ବନ ବିଭାଗ ସୂଚନା ଅନୁଯାୟୀ ଅଦ୍ୟାବଧି ଗୟାବନ୍ଧରେ ଗୋଟିଏ, ଭୂଷଣ୍ଡପୁରରେ ଗୋଟିଏ, ବଘେଇପୁଟରେ ୨ଟି ମୋଟ ୪ଟି ହାତୀ ଥିବା ଜଣାଯାଇଛି। ଅଞ୍ଚଳରେ ହାତୀପଲ ଥିବା ଜାଣି ସ୍ଥାନୀୟ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ହାତୀ ଭୟରେ ଲୋକେ ପଦାକୁ ବାହାରିପାରୁ ନ ଥିବାବେଳେ ଉକ୍ତ ଗ୍ରାମଗୁଡିକର



ବନ କର୍ମଚାରୀମାନେ ସଚେତନ କରୁଛନ୍ତି।

ମୁଖ୍ୟ ରାସ୍ତା ସବୁ ଏକ ପ୍ରକାର ଶୂନଶାନ ହୋଇଯାଇଛି। ବିଶେଷକରି ମୌସୁମୀର ନିଅଣ୍ଟିଆ ବର୍ଷା ଯୋଗୁ ଏବେ କ୍ଷେତରେ ଧାନ ତଳିପକା କାର୍ଯ୍ୟ ଚାଲୁ ରହିଛି। ଯଦି ଏହି ହାତୀପଲ ଧାନ କ୍ଷେତ ମୁହାଁ ହୁଅନ୍ତି, ତେବେ ବ୍ୟାପକ ଫସଲ ନଷ୍ଟ ହେବ। କେବଳ ସେତିକି ନୁହେଁ ପଡିଆ, ପଦର, ତଇଲା ଆଦି ସ୍ଥାନରେ ଲଗାଯାଇଥିବା ସବୁଜ ପନିପରିବା କ୍ଷତି ହେବାର ସମ୍ଭାବନା ଥିବାରୁ ଏହାକୁ ନେଇ ଚାଷୀ ଏବେ ଚିନ୍ତାରେ ଅଛନ୍ତି। ତେଣୁ ଯେପରି ଜଙ୍ଗଲୀ ହାତୀପଲ କିଛି କ୍ଷତି ନ ଘଟାଇବେ ସେନେଇ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯିବା ସହ ବିନା କାରଣରେ ରାତିରେ କେହି ପଦାକୁ ନବାହାରିବାକୁ ବନ ବିଭାଗ ପକ୍ଷରୁ ଡକାବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା କରାଯାଇଛି। ଏଥିସହ କେହି ଭୟଭୀତ ନ ହେବା ପାଇଁ ମଧ୍ୟ କୁହାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୭।୨୦୨୩

| | |
|---|---|
| ୩,୯୬,୪୦୦ ଟଙ୍କା | |
| ସୁନା | ୪.୭୦୦ ଗ୍ରାମ୍ |
| ରୁପା | ୪୯.୩୦୦ ଗ୍ରାମ୍ |

# ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ

ସାକ୍ଷୀଗୋପାଳ,୨୮।୭
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ବହୁ ପ୍ରତୀକ୍ଷିତ ସାକ୍ଷୀଗୋପାଳ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ସବୁଜ ସଙ୍କେତ ମିଳିଛି। ସମସ୍ତ ପ୍ରକ୍ରିୟା ହେବା ପରେ ନିର୍ମାଣ କାର୍ଯ୍ୟ ପାଇଁ ସରକାରଙ୍କର ପ୍ରଶାସନିକ ଅନୁମୋଦନ ମିଳିସାରିଛି। ଏ ନେଇ ସତ୍ୟବାଦୀ ତହସିଲ ଅଫିସ ପକ୍ଷରୁ ଦୀର୍ଘଦିନ ତଳୁ ମାପଚୁପ କରାଯିବା ସହିତ ଏକ ନକ୍ସା ପ୍ରସ୍ତୁତ କରାଯାଇ ଉକ୍ତ ବିଭାଗକୁ ପ୍ରଦାନ କରାଯିବା ପରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଜିଲା ମାଜିଷ୍ଟ୍ରେଟ ଏବଂ କଲେକ୍ଟର ଅଫିସ, ପୁରୀ (ଜମି ଅଧିଗ୍ରହଣ ବିଭାଗ) ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଆର ଆଣ୍ଡ ବି ଡିଭିଜନ, ପୁରୀ ସାକ୍ଷୀଗୋପାଳ ଅଲୁଗମ ରାସ୍ତାରେ ପ୍ରସ୍ତାବିତ (ଆର୍ ଓବି) ନିର୍ମାଣ ପ୍ରକଳ୍ପ ଅଧୀନରେ ସର୍ଭେ ପାଇଁ ଆନୁମାନିକ ଏସ୍ଆଇଏ( ସୋସିଆଲ ଇମ୍ପାକ୍ଟ ଆଶେଷମେଣ୍ଟ) ଫି ଜମା କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆଯାଇସାରିଥିଲା। ଏହାପରେ ଚଳିତ ମାସରେ ଉପରୋକ୍ତ ପ୍ରକଳ୍ପର ଅଧ୍ୟୟନ ନିମନ୍ତେ ନିୟୋଜିତ ନୋଡାଲ ଏଜେନ୍ସି ନବକ୍ରଷ୍ଣା ଚୌଧୁରୀଙ୍କୁ ୬,୫୦,୮୧୭ ଟଙ୍କା ଉକ୍ତ ବିଭାଗ ପକ୍ଷରୁ ପ୍ରଦାନ କରାଯାଇସାରିଛି ବୋଲି ଆର୍ ଆଣ୍ଡ ବି ଅଧିକାରୀ ଶଶୀଭୂଷଣ ମହାନ୍ତି କହିଛନ୍ତି। ଏହି ଓଭରବ୍ରିଜ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯିବାକୁ ଥିବା ଜମି ମଧ୍ୟରୁ ୨,୬୭୩୫ ଏକର ସରକାରୀ ଜମି। ୨,୫୩୫୫ ହେଉଛି ବ୍ୟକ୍ତିଗତ ତଥା ବେସରକାରୀ ଜମି ଓ ୧ ,୩୦୦୦ ଏକର ହେଉଛି ଦେବୋତ୍ତର ଜମି ରହିଛି । (ରାଇଟ ଟୁ ଫେୟାର) କ୍ଷତିପୂରଣ ଧାରା ୪ ରୁ ୧୦ ଅନୁଯାୟୀ ଜମି ଅଧିଗ୍ରହଣ ସମୟରେ କ୍ଷତିଗ୍ରସ୍ତଙ୍କୁ ଥଇଥାନ ତଥା ପୁନର୍ବାସ ଆଇନ - ୨୦୧୩ ସ୍ୱଚ୍ଛତାକୁ ଅବଲମ୍ବନ କରାଯିବା ପାଇଁ ପତ୍ରରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି।

ପ୍ରାରମ୍ଭିକ ଭାବେ ଏହି ପ୍ରକଳ୍ପର ଆନୁମାନିକ ମୂଲ୍ୟ ରହିଛି ୫୪,୪୪,୫୨,୭୫୭,୦୦ କୋଟି। ଏଥିରେ ସାଇଡ କାନ୍ଥ, ପାଖାପାଖି ରାସ୍ତା, ସେବା ରାସ୍ତା, ଟ୍ରାଫିକ ସଙ୍କେତ, ନାଳି, ସ୍ଲାବ କୁଲଭର୍ଟ, ଗଛ କାଟିବା ଓ ବୃକ୍ଷରୋପଣ, ଜମି ଅଧିଗ୍ରହଣ ମୂଲ୍ୟ, ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ସମୟରେ କ୍ଷତି ଗ୍ରସ୍ତଙ୍କୁ ଥଇଥାନ ଓ ସହାୟତା, ବିଦ୍ୟୁତୀକରଣ (ଷ୍ଟ୍ରିଟ ଲାଇଟ) ଆଦିର ବ୍ୟବସ୍ଥା ରହିଛି। ଏହି ପ୍ରକଳ୍ପଟି ରେଳ ବିଭାଗର କିଛି ଅଂଶଧନ ଓ ରାଜ୍ୟ ସରକାରଙ୍କର ମିଳିତ ଅଂଶଧନରେ କରାଯିବ। ପ୍ରକାଶ ଥାଉକି, ଏହି ସାକ୍ଷୀଗୋପାଳ ମୁଖ୍ୟ ବଜାର ମଧ୍ୟ ଦେଇଯାଇଥିବା ରେଳଲାଇନରେ ଦୈନିକ ୧୨୦ଟ୍ରେନ ଯାତାୟାତ କରିଥାଏ। ଏଥିପାଇଁ ଦୀର୍ଘ ସମୟ ପର୍ଯ୍ୟନ୍ତ ରେଳ ଫାଟକ ପଡିବା ଯୋଗୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ତେଣୁ ଏହି ରେଳଓଭର ବ୍ରିଜ ନିର୍ମାଣ ହେଲେ ଟ୍ରାଫିକ ସମସ୍ୟାର ଦୂର ହେବା ସହ ଅଞ୍ଚଳରେ ବାସକରୁଥିବା ଲକ୍ଷାଧିକ ଜନସାଧାରଣ ଉପକୃତ ହେବେ ।

### ଓଭରବ୍ରିଜ ହେଲେ ଟ୍ରାଫିକ ସମସ୍ୟା ଦୂର ହେବ



ସାକ୍ଷୀଗୋପାଳ ମୁଖ୍ୟ ବଜାରରେ ଥିବା ରେଳ ଫାଟକରେ ଦୈନିକ ସ୍ଥାନୀୟ ଯାତ୍ରୀ ଅଟକି ରହିଛନ୍ତି।

## ସଂକ୍ଷେପରେ

## ୨ ବାଇକ୍ ଧକ୍କା, ଦମ୍ପତି ସହ ୪ ଗୁରୁତର

ଗୋପ,୨୮।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ - ଚାରିଛକ ରାସ୍ତାର ଗୋଠଚୈକା ଛକ ନିକଟରେ ଶୁକ୍ରବାର ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ନିମାପଡ଼ା ଥାନା ଅଞ୍ଚଳ ଭୋଗସଳଦା ଗ୍ରାମର ଦମ୍ପତି ଅର୍ଜୁନ ରାଉତ (୫୪) ଓ ତାଙ୍କ ସ୍ତ୍ରୀ ମିତୁ (୪୪) ଗୁରୁତର ହୋଇଥିବା ବେଳେ ନିମାପଡ଼ା ଥାନା ଅଞ୍ଚଳ ବାଲୁଙ୍କ ଗ୍ରାମର ରାଜେଶ ପ୍ରଧାନ (୨୪), କପିଳା ମୁଦୁଲି (୨୨) ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଅପରାହ୍ନରେ ଭୋଗସଳଦା ଗ୍ରାମର ଏହି ଦମ୍ପତି ବାଇକ୍‌ରେ ଗୋପ ଆସୁଥିବା ବେଳେ ଅପରପାର୍ଶ୍ୱରୁ ଆସୁଥିବା ବାଇକ୍ ନମ୍ବର ଓଡି ୦୫-ଏମ-୧୧୫୧ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ୨ ବାଇକ୍‌ରେ ଥିବା ୪ଜଣ ରାସ୍ତାରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ଦମ୍ପତିଙ୍କୁ ଉଦ୍ଧାର କରି ଗୋପ ଡାକ୍ତରଖାନାକୁ ପଠାଇ ଥିବାବେଳେ ଦୁଇ ଯୁବକଙ୍କୁ ଚାରିଛକ ଡାକ୍ତରଖାନାକୁ ପଠାଇଥିଲେ। ଦୁଇ ଦମ୍ପତି ଚେତାଶୂନ୍ୟ ଥିବାରୁ ୬ ନମ୍ବର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଚାରିଛକ ଡାକ୍ତରଖାନା ମଧ୍ୟ ୨ ଯୁବକଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀ ଡାକ୍ତରଖାନା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ହେପାଟାଇଟିସ୍ ସଂକ୍ରାନ୍ତ ଆଲୋଚନାଚକ୍ର, ପ୍ରତିଯୋଗିତା

ପୁରୀ, ୨୮।୭(ଅଜିତ ମହାନ୍ତି):

ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ ଅବସରରେ ଶୁକ୍ରବାର ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡା. ଅଶୋକ କୁମାର ଚୌଧୁରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇ ହେପାଟାଇଟସ୍ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ମାଗଣା ହେପାଟାଇଟସ୍ ପରୀକ୍ଷଣ କରାଯାଇଥିଲା। ଅଧ୍ୟକ୍ଷ ଡା. ସୁଦର୍ଶନ ବେହେରା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରାୟ ୫୦ ରୋଗୀଙ୍କର ସଫଳତାର ସହ ପରୀକ୍ଷା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ହେପାଟାଇଟିସ୍ ସଂକ୍ରାନ୍ତ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ ବିଲିଆରୀ ସାଇନ୍ସେସ୍ (ଆଇଏଲ୍‌ବିଏସ୍) ଦିଲ୍ଲୀ ତରଫରୁ ଲିଭର ପାଇଁ ଉପକାରୀ ଗଛ ଯଥା ଅଁଳା, ଘୃତ ଇତ୍ୟାଦିର ଚାରା ଆୟୁର୍ବେଦ କଲେଜ ପରିସରରେ ଥିବା ହର୍ବାଲ ଗାର୍ଡେନରେ ରୋପଣ କରାଯାଇଥିଲା। ପ୍ରଫେସର ସୁଦେଷ୍ଣା ମେହେର, ସୁମା ମିଶ୍ର, ପ୍ରଜ୍ଞାପ୍ରିୟଦର୍ଶିନୀ ମଲ୍ଲିକ, ତନୁଚନ୍ଦ୍ର ମରାଇ, ରାଜୀବ କୁମାର ଜେନା, ଡା. ସୋନାଲିକା ଜେନା, ଡା. ସୁବ୍ରତ କୁମାର ଜୟସିଂ, ଡା. ବିନୋଦ କୁମାର ସିଂ, ଡା. କ୍ରିଷ୍ଣା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଡା. ଦେବୀ ପ୍ରସାଦ ଦାଶ ଓ ଡା. ଭାରତୀଲତା ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରୀ ଉପସ୍ଥିତ ଥିଲେ। ପ୍ରଫେସର ରଞ୍ଜନ କୁମାର କାସ୍ତ ଧନ୍ୟବାଦ ଦେଇଥିଲେ।

## ଯୋଗ ପ୍ରତିଯୋଗିତାରେ ଭାଗନେଲେ ୨୦



ଜଣେ ପ୍ରତିଯୋଗୀ ଯୋଗ ପ୍ରଦର୍ଶନ କରୁଛନ୍ତି ।

ପୁରୀ, ୨୮।୭(ଅଜିତ ମହାନ୍ତି):

ପୁରୀ ଜିଲା ଦ୍ୱିତୀୟ ଯୋଗାସନ ସ୍ପୋର୍ଟସ୍ ଆସୋସିଏଶନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଝାଡ଼େଶ୍ୱରୀ କ୍ଲବ୍ ଓ ଶ୍ରୀମା ମନ୍ଦିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଯୋଗ ଅନୁଷ୍ଠାନରୁ ୧୨୦ ପ୍ରତିଯୋଗୀ ଭାଗନେଇଥିଲେ। ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ଆସନ୍ତା ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଭାଗନେବେ। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୋଗର ଉପକାରିତା ବିଷୟରେ ସେ ପିଲାଙ୍କୁ ବୁଝାଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ମନୋଜ କୁମାର ମୁଖାର୍ଜୀ, ଅଶୋକ କୁମାର ସ୍ୱାଇଁ, ମମତା ସାହୁ, ବାସୁଦେବ ମହାପାତ୍ର, ରେକି ରାୟ, ଜମ୍ବେଶ୍ୱର ଖୁଣ୍ଟିଆ, ପ୍ରଭାତ ସାହୁ, ପ୍ରଦୀପ ଦଳାଇ, ରଞ୍ଜନ ପାତ୍ର, ଲଲାଟ ମାଲିକ ପ୍ରକାଶ, ଅଜିତ ଏବଂ କୁମାର ନାୟକ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ନିର୍ଦ୍ଦେଶିକା ମଧୁଛନ୍ଦା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜକ ପ୍ରକାଶ କୁମାର ଗୋଛି ସହଯୋଗ କରିଥିଲେ। ନିଖିଳ କୁମାର ଦଳାଇ ସଭା ପରିଚାଳନା କରିଥିଲେ। ସଞ୍ଜୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ବାଇକ୍ ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ

ପିପିଲି,୨୮।୭(ପ୍ରଭାତ ପାଣିଗ୍ରାହୀ)

ଗୁରୁବାର ବିଳମ୍ବିତ ରାତିରେ ପୁରୀ-ଭୁବନେଶ୍ୱର ମୁଖ୍ୟରାସ୍ତା ଦାଣ୍ଡମୁକୁନ୍ଦପୁର ବ୍ରାହ୍ମଣ ସାହି ଛକ ବାଇପାସ୍‌ଠାରେ ଗୋଟିଏ ବାଇକ୍ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ସଂପୁର ପଞ୍ଚାୟତ ଗଡମାଳିସାହି ଗ୍ରାମର ସୁକେଶ ଚନ୍ଦ୍ର ରାଉଳ(୫୦)। ଖବରପାଇ ଦୁର୍ଘଟଣାସ୍ଥଳରେ ପିପିଲି ପୋଲିସ ପହଞ୍ଚି ସାଇକେଲ ସହ ମୃତଦେହକୁ ଜବତ କରି ତଦନ୍ତ କରୁଥିବା ବେଳେ ବ୍ୟବଚ୍ଛେଦ ପାଇଁ ଶୁକ୍ରବାର ମୃତଦେହକୁ ପୁରୀ ପଠାଇଛନ୍ତି। ଅପରପକ୍ଷେ ଦୁର୍ଘଟଣା ପରେ ବାଇକ୍ ଆରୋହୀ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୩୪୪/୨୩) ରୁଜୁ କରିଛି। ସୂଚନା ମୁତାବକ, ସୁକେଶ ଦୈନିକ ପିପିଲି ବ୍ଲକ ନିକଟରେ ଥିବା ଏକ ହୋଟଲରେ କାର୍ଯ୍ୟ କରନ୍ତି। ତେବେ ଗୁରୁବାର ହୋଟେଲ କାର୍ଯ୍ୟ ସାରି ବିଳମ୍ବିତ ରାତିରେ ନିଜ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ପିପିଲି ପଟୁ ନିକଟସ୍ଥ ଗ୍ରାମର ୨ଜଣ ଯୁବକ ଦ୍ରୁତଗତିରେ ଏକ ଗ୍ଲାମର ବାଇକରେ ଆସି ସାଇକେଲକୁ ଧକ୍କା ଦେଇଥିଲେ। ଫଳରେ ସାଇକେଲ ଆରୋହୀ ସୁକେଶ ଛିଟିକି ପଡି ଗୁରୁତର ହୋଇଯାଇଥିବା ବେଳେ ବାଇକ ଆରୋହୀ ୨ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ସୁକେଶଙ୍କୁ ୧୦୮ ଆମ୍ବୁଲାନ୍ସରେ ପିପିଲି ମେଡିକାଲକୁ ପଠାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ବିଷୟରେ ସୁକେଶଙ୍କ ପରିବାର ଲୋକ ଜାଣିବା ପରେ ସୁକେଶଙ୍କ ସ୍ତ୍ରୀ ମନି ରାଉଳ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ କହିଛନ୍ତି।


ପୁରୀ ଚନ୍ଦନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ।

# ମୋ ଗୁହାଳ ଯୋଜନାରେ ଦୁର୍ନୀତି

### ଭିଜିଲାନ୍ସ ତଦନ୍ତ ଦାବି

କୋଣାର୍କ,୨୮।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ କାଦୁଆ ନୂଆଗାଁ ପଞ୍ଚାୟତରେ ୨୦୧୭ ରୁ ୨୦୨୨ ମସିହା ପର୍ଯ୍ୟନ୍ତ ୮୮ଜଣ ହିତାଧିକାରୀଙ୍କୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅଧୀନରେ ଆସୁଥିବା ମୋ ଗୁହାଳ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ସୂଚନା ଅଧିକାର ଆଇନ ତଥ୍ୟରେ ଜଣାପଡ଼ିଛି। ଏହି ସୂଚନା ଧନିତ୍ରୀ ଗ୍ରାମର ଜଣେ ହିତାଧିକାରୀ ମାଗିଥିଲେ। ପ୍ରତି ଗୁହାଳ ପିଛା ୧ ଲକ୍ଷ ୧୩ ହଜାର ଟଙ୍କା ମଞ୍ଜୁର ହୋଇଥିଲେ ହେଁ ହିତାଧିକାରୀମାନେ ଏହି ଅର୍ଥ ପାଇ ନାହାନ୍ତି। ଏପରିକି ଜଣେ ବ୍ୟକ୍ତିବିଶେଷ ବୁଝାମଣାରେ ନିଜକୁ ଭେଣ୍ଡର ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ୨୦୧୭ ମସିହାରୁ କାଦୁଆ ନୂଆଗାଁ ପଞ୍ଚାୟତରେ ୮୮ଟି ମୋ ଗୁହାଳ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ପରେ ପ୍ରତ୍ୟେକ ହିତାଧିକାରୀଙ୍କୁ ଶ୍ରମିକ ବାବଦ ମଜୁରି ଟଙ୍କା ପ୍ରଦାନ କରାଯାଇଥିବାବେଳେ ସାମଗ୍ରୀ କିଣା ବାବଦ ଅର୍ଥକୁ ଜଣେ ଭେଣ୍ଡର ଜରିଆରେ ଅର୍ଥ ହରିଲୁଟ କରିଥିବା ଅଭିଯୋଗ ହୋଇଛି। ଏହା ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ଲକ୍ଷ ଲକ୍ଷ ଟଙ୍କାର ହୋଇଥିବା ଦୁର୍ନୀତି ଲୋକଲୋଚନକୁ ଆସିପାରିବ ବୋଲି ହିତାଧିକାରୀ ସୁରେନ୍ଦ୍ର ମିରିକାପ, ଉଗ୍ରସେନ ବେହେରା ଓ ଦୁର୍ଯୋଧନ ଭୂୟାଁ ପ୍ରମୁଖଙ୍କ ପକ୍ଷରୁ ଦାବି ହୋଇଛି।

## ପ୍ରକୃତି ସଂରକ୍ଷଣ ଦିବସ

ପୁରୀ, ୨୮।୭(ଅଜିତ ମହାନ୍ତି):

ଚନ୍ଦନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶୁକ୍ରବାର ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ଇକୋ କ୍ଲବ୍ ତରଫରୁ ଆୟୋଜିତ ଏବଂ ପରିବେଶ ଶିକ୍ଷାକେନ୍ଦ୍ର ଭୁବନେଶ୍ୱର ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମୁଖ୍ୟ ସୂଚନା ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଏବଂ ଭୁବନେଶ୍ୱର ପରିବେଶ ଶିକ୍ଷାକେନ୍ଦ୍ରର ଯୋଜନା ସହାୟକ ଭରତ ଚନ୍ଦ୍ର ଜେନା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜନ ଜୀବନ ସୁରକ୍ଷାରେ ପ୍ରକୃତିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମସମ୍ପାଦକ ଦୀନବନ୍ଧୁ ସାମନ୍ତରା, ଉପସଭାପତି ପ୍ରକାଶ ଚନ୍ଦ୍ର ପରିଡା ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ସନାତନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଚାରାରୋପଣ କରାଯାଇଥିଲା। ବକ୍ତୃତା ଓ ରଚନା ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫିପ୍ରଦାନ କରାଯାଇଥିଲା।

## ରାଷ୍ଟ୍ରପତିଙ୍କୁ ଚାନ୍ଦୁଆ ଉପହାର ଦେଲା ସାମ୍ବାଦିକ ସଂଘ

ପିପିଲି,୨୮।୭(ପ୍ରଭାତ ମହାପାତ୍ର)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶାରେ ଗସ୍ତରେ ଥିବାବେଳେ କଳିଙ୍ଗ ପେସାଦାର ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ରାଜଭବନଠାରେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ସମୟରେ ଖବରଦାତାମାନଙ୍କର ସାମଗ୍ରିକ ସମସ୍ୟା ସମ୍ପର୍କରେ ସଂଘର କର୍ମକର୍ତ୍ତାମାନେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଛନ୍ତି। ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ବିଗ୍ରହ ତିଆରି କରାଯାଇଥିବା ପିପିଲି ଚାନ୍ଦୁଆ ଓ ଏକ ପ୍ରୀତି ଉପହାରକୁ ଉପସ୍ଥିତ ଖବରଦାତାମାନେ ରାଷ୍ଟ୍ରପତିଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପିପିଲିର ଖବରଦାତା ତଥା ସଂଘର ରାଜ୍ୟ ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ ପିପିଲି ଚାନ୍ଦୁଆ କାରିଗର ଜାତୀୟ ସ୍ତରରେ ସମ୍ମାନିତ କରାଯିବାକୁ ନେଇ ଦେଶର ପ୍ରଥମ ନାଗରିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଙ୍ଘର ସଭାପତି ମନୋଜ ଦାସଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକାରୀ ସଭାପତି ପରମେଶ୍ୱର ଦାସ, ଉପସଭାପତି ବିନାୟକ ମିଶ୍ର, ସୌରଭ ପଟ୍ଟନାୟକ, ବରିଷ୍ଠ ସଭ୍ୟ ନୀଳମଣି ସାହୁ ଓ କୋଷାଧ୍ୟକ୍ଷ ସୁବାସ ସ୍ୱାଇଁ ପ୍ରମୁଖ ସେଠାରେ ଉପସ୍ଥିତ ରହିଥିଲେ।

## ଇନ୍ଦିରା ବଜାରରେ ବୋମା ମାଡ଼

କୋଣାର୍କ,୨୮।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ବାଲିଦୋକାନ ନିକଟସ୍ଥ ଇନ୍ଦିରା ବଜାର ଉପରେ ଶୁକ୍ରବାର ସନ୍ଧ୍ୟାରେ ୨ଜଣ ଦୁର୍ବୃତ୍ତଙ୍କ ଦ୍ୱାରା ଦୁଇଟି ବୋମାମାଡ଼ କରିଛନ୍ତି। ଖବରପାଇ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏ ନେଇ ତଦନ୍ତ ଚଳାଇଛି। ଖବର ଅନୁଯାୟୀ, କୋଣାର୍କ-କାକଟପୁର ମୁଖ୍ୟରାସ୍ତା ବାଲିଦୋକାନ ନିକଟ ଇନ୍ଦିରା ବଜାର ମୁଖ୍ୟ ଛକ ଉପରେ କାକଟପୁର ଆଡୁ ଦୁଇଜଣ ଯୁବକ ଏକ ରୟାଲ ଏନ୍‌ଫିଲ୍ଡ ବୁଲେଟରେ ସନ୍ଧ୍ୟାରେ ଆସି ଅଚାନକ ଦୁଇଟି ବୋମା ମାଡ଼ କରି ଫେରାର ହୋଇଯାଇଥିଲେ। ବୋମା ମାଡ଼ରେ ସ୍ଥାନୀୟ ଲୋକ ଭୟଭୀତ ହୋଇଯାଇଥିବା ବେଳେ ବଜାରରେ ଉପସ୍ଥିତ ଥିବା କେତେଜଣ ସାମାନ୍ୟ ଆହତ ହୋଇଛନ୍ତି। ପରେ ପୋଲିସ ଆସି ତଦନ୍ତ କରୁଥିବା ବେଳେ ଦୁର୍ବୃତ୍ତମାନେ ଭୟଭୀତ କରିବା ଉଦ୍ଦେଶ୍ୟରେ ଏଭଳି କରିଥିବା ସାଧାରଣରେ ଚର୍ଚ୍ଚା ଧରିଛି। ତଦନ୍ତ ପରେ ସମସ୍ତ ଘଟଣା ଜଣାପଡିବ ବୋଲି କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡା ପ୍ରକାଶ କରିଛନ୍ତି।

## ୬ ବେଆଇନ ଗୃହ ନିର୍ମାଣ ବନ୍ଦ କଲେ ତହସିଲଦାର

କୋଣାର୍କ,୨୮।୭(ଜ୍ୟୋତିରାଜ ମହାନ୍ତି)

ଗୋପ ତହସିଲଦାର ଭାଗ୍ୟଶ୍ରୀ ହାଁସଦା ଏବେ ଆକ୍ସନ ମୋଡରେ। କୋଣାର୍କରେ ସରକାରୀ ଜମିକୁ ଜବରଦଖଲ କରି ବେଆଇନ ଗୃହ ନିର୍ମାଣ ନେଇ ବାରମ୍ବାର ଅଭିଯୋଗ ହେବା ପରେ ଏବେ ତତ୍ପରତା ଦେଖାଇଛି ତହସିଲ ପ୍ରଶାସନ। ଗୋପର ନୂତନ ତହସିଲଦାର ଭାଗ୍ୟଶ୍ରୀ ଶୁକ୍ରବାର ଅପରାହ୍ନରେ ଅଚାନକ କୋଣାର୍କ ଆସି ବିଭିନ୍ନ ସ୍ଥାନରେ ନିର୍ମାଣ ଚାଲିଥିବା ବେଆଇନ ଗୃହ ଉପରେ ଅଙ୍କୁଶ ଲଗାଇଛନ୍ତି। ଲାବନ୍ୟ ଲଜ ଛକର ହୋଟେଲ ପାର୍ଶ୍ୱରେ ଥିବା ୨ମହଲା ବିଶିଷ୍ଟ ଗୃହ, ଅର୍ବାନ ହାଟ ସମ୍ମୁଖ, କରମଙ୍ଗା ରାସ୍ତାପାର୍ଶ୍ୱ, କୋଣାର୍କରୁ ରାଉଳପାଟଣା ରାସ୍ତା ପାର୍ଶ୍ୱ, ଡାଲିମ୍ବ ଗୋରଡି ରାସ୍ତା ପାର୍ଶ୍ୱ ଭଳି ଏପରି ୬ଟି ସ୍ଥାନରେ ଚଢ଼ାଉ କରି ସରକାରୀ ଜମିରେ ବେଆଇନ ଭାବେ ନିର୍ମାଣଧୀନ ଗୃହକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଜବରଦଖଲକାରୀମାନେ ଏଥିରେ ବ୍ୟତିକ୍ରମ କରନ୍ତି ତେବେ ଆଗାମୀ ଦିନରେ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ହାଁସଦା କହିଛନ୍ତି। ଏହି ଚଢାଉରେ ଅତିରିକ୍ତ ଆର୍‌ଆଇ ଯଶୋବନ୍ତ ନାୟକ, କୋଣାର୍କ ଥାନା ପକ୍ଷରୁ ଏସ୍‌ଆଇ ଅଜିତ ସ୍ୱାଇଁ, ଶୁଭାସିନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।


ବେଆଇନ ଘରକୁ ପୋଲିସ ଭାଙ୍ଗିଦେଉଛି ।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

### ଶିଶୁ ସଙ୍କୁଳ ସ୍ତରକୁ ୭୭ ମନୋନୀତ

ପୁରୀ,୨୮।୭(ଅଜିତ ମହାନ୍ତି):

ପୁରୀ କଲେଜ ଛକ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୈଷୟିକ ଜ୍ଞାନ ପ୍ରୟୋଗ ସହ ସ୍ମାର୍ଟବୋର୍ଡ ବ୍ୟବହାର କରି ବୈଦିକ ଗଣିତ, ବିଜ୍ଞାନ ଓ ସଂସ୍କୃତିବୋଧ ପରିଯୋଜନାର ପ୍ରଶ୍ନମଞ୍ଚ ପ୍ରତିଯୋଗିତା ହୋଇଥିଲା। ସେହିପରି ବିଜ୍ଞାନ ଓ ଗଣିତ ପତ୍ରବାଚନ ସହିତ ଉକ୍ତ ବିଷୟରେ ପ୍ରୟୋଗ ଓ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ସଂସ୍କୃତି ବୋଧ ପରିଯୋଜନାରେ କଥା କଥନ ସହ ଚଳିତ ବର୍ଷ ନୂତନ କରି ମୂର୍ତ୍ତିକଳା ଓ ଲୋକନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଚତୁର୍ଥ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତିଭାଗୀମାନଙ୍କୁ ଶିଶୁ, ବାଲ୍, କିଶୋର ଓ ତରୁଣ ବର୍ଗରେ ବିଭକ୍ତ କରି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ମୃତ୍ତିକା ସରଂକ୍ଷଣ ବିଭାଗ, ଖୋର୍ଦ୍ଧାର ସହକାରୀ ନିର୍ଦ୍ଦେଶକ ଶ୍ରୁତି ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପୂର୍ବ ଛାତ୍ର ତଥା ଇସ୍ରୋ ପ୍ରଦର୍ଶନ କରିବାର ସୁଯୋଗ ପାଇଥିବା ସାଇରାମ ମଙ୍ଗରାଜ ଓ ତତ୍କାଳିକ ଭାଷଣରେ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ହୋଇଥିବା ରୁଦ୍ର ପ୍ରସାଦ ଦାଶ ଉପସ୍ଥିତ ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଓ ଗଣିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଚାରକ ଭାବେ ଯୋଗଦେଇ ୩୬୪ ପ୍ରତିଭାଗୀଙ୍କ ମଧ୍ୟରୁ ୨୧୦ଜଣ ଶ୍ରେଷ୍ଠ ପ୍ରତିଭାଗୀଙ୍କୁ ବିଜେତା ଘୋଷଣା କରିଥିଲେ। ତନ୍ମଧ୍ୟରୁ ୭୭ ଜଣ ଶିଶୁ ସଂକୁଳ ସ୍ତରକୁ ମନୋନୀତ ହୋଇଛନ୍ତି। ବିଜ୍ଞାନ ମେଳାରେ ଶ୍ରୀମନ୍ଦିରରେ ବର୍ଷାଜଳର କିଭଳି ସୁବିନିଯୋଗ କରାଯିବ ତା'ର ଏକ ନମୁନା ଦେଖିବାକୁ ମିଳିଥିଲା। ଅଷ୍ଟମ ଶ୍ରେଣୀର ଶ୍ରୀୟା ସୁହାନି ପାଢ଼ୀ ଏହି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ବିଜ୍ଞାନ ମେଳାର ଉଦ୍‌ଯାପନ ପର୍ବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର ଓ ସମ୍ମାନିତ ଅତିଥି ଭାବେ ପୁରୀ ବିଜ୍ଞାନ ପର୍ଯ୍ୟବେକ୍ଷକ ତାପସ ପ୍ରିୟଦର୍ଶନ ଯୋଗଦେଇ ଶ୍ରେଷ୍ଠ ପ୍ରତିଭାଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଭିମନ୍ୟୁ ଭୂୟାଁ, ସମ୍ପାଦକ ସୀମାଚଳ ପଣ୍ଡା, ଯୁଗ୍ମ ସମ୍ପାଦକ ବିକାଶ ଦତ୍ତ ଓ ପୂର୍ବ ପରିଚାଳନା ସମିତିର ସମ୍ପାଦକ ଶ୍ୟାମାକାହ୍ନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସ ବିବରଣୀ ପଠନ କରିଥିବାବେଳେ ବିକାଶ ଦତ୍ତ ଧନ୍ୟବାଦ ଦେଇଥିଲେ। ଆଚାର୍ଯ୍ୟ ଦୁର୍ଗାପ୍ରସାଦ ସ୍ୱାଇଁଙ୍କ ପରିଚାଳନା ଓ ବିଦ୍ୟାଳୟର ଗୁରୁଜୀ ଗୁରୁମା ଓ ସେବକ ସେବିକାଙ୍କ ସହଯୋଗ ସହ ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।


ଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

## ଧାର୍ମିକ ବିଦ୍ୱେଷ ମନ୍ତବ୍ୟ, ଯୁବକ ଗିରଫ

ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ): ଧର୍ମ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ କରିବା ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଖୋର୍ଦ୍ଧା ଟାଉନ ଥାନା ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି। ସେ ହେଲେ ମୁକୁନ୍ଦପ୍ରସାଦର ହବିବ ଖାନ(୨୫)। ସେ ନିଜ ଫେସ୍‌ବୁକ ଆକାଉଣ୍ଟରେ ଧାର୍ମିକ ଭାବନାକୁ ଆଘାତ ଦେବା ଏବଂ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦ ସୃଷ୍ଟି ପାଇଁ ଉସୁକାଇବା ଭଳି ମନ୍ତବ୍ୟ ପୋଷ୍ଟ କରିଥିବା ନେଇ ନଜରକୁ ଆସିବା ପରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଦଫା ୨୯୪, ୫୦୬, ୧୫୩(ଏ)ରେ ଏକ ମାମଲା (ନଂ. ୪୭୦/୨୩) ରୁଜୁ ହୋଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସାହିତ୍ୟ ସଂସ୍କୃତି ସମାରୋହ ପକ୍ଷରୁ ୨ୟ ଜାତୀୟ ସାହିତ୍ୟ ମହୋତ୍ସବ, ସୂଚନା ଭବନ, ସକାଳ ୯ଟାରୁ ଆରମ୍ଭ।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜ୍ଞାନବିଜ୍ଞାନ ମେଳା, ବିଦ୍ୟାଳୟ ପରିସର, ଜୟଦେବ ବିହାର, ଭୁବନେଶ୍ୱର-୧୫, ସକାଳ ୯ଟା ୩୦ରୁ ଆରମ୍ଭ।
- ଅଭ୍ୟୁଥନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରିଜିଓନାଲ ସେମିନାର, ଗୀତା ଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ଶିଶୁଙ୍କ ସାମ୍ବିଧାନିକ ଅଧିକାର ଶିକ୍ଷାଦାନ ନିମନ୍ତେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ, ସିଆଇୟୁଟିସି ଅଫିସ(ରିଜର୍ଭ ବ୍ୟାଙ୍କ ପଛ) ବିଦ୍ୟାଳୟ, ଖାରବେଳ ନଗର, ପୂର୍ବାହ୍ନ ୧୦ଟା ୩୦।
- ବ୍ୟାଘ୍ର ଦିବସ ଅବସରରେ ପ୍ରଦର୍ଶନୀ, ରିଜିଓନାଲ ସାଇନ୍ସ ସେଣ୍ଟର, ପୂର୍ବାହ୍ନ ୧୧ଟା।
- ଆୱାକିନ ପକ୍ଷରୁ ଧ୍ୱନି-୨୦୨୩, ନାଇଣ୍ଟ ଷ୍ଟ୍ରିଟ ବଙ୍କେଟ ହଲ୍, ନିକୋ ପାର୍କ ନିକଟ, ଅପରାହ୍ନ ୪ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାହିତ୍ୟ ମାସିକୀ, ସୂଚନା ଭବନ ପ୍ରଦର୍ଶନୀ କକ୍ଷ, ସନ୍ଧ୍ୟା ୬ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୯୨ତମ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳନଗର, ସନ୍ଧ୍ୟା ୬ଟା।

# ରାଜଧାନୀରେ ଡେଙ୍ଗୁ ରୋଗୀ ସଂଖ୍ୟା ୪୫୦ ଛୁଇଁଲା

**ଜୟଦେବ ବିହାର, ନୟାପଲ୍ଲୀ ଅଞ୍ଚଳରେ ସର୍ବାଧିକ**



ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)

ଦିନକୁ ଦିନ ରାଜଧାନୀ ଭୁବନେଶ୍ୱର ଡେଙ୍ଗୁ ହଟ୍‌ସ୍ପଟ୍ ପାଲଟୁଛି। ୨୬ ତାରିଖ ସୁଦ୍ଧା ସହରରୁ ୩୫୧ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ୪୮ ଘଣ୍ଟାରେ ଏହା ୪୫୦ ଛୁଇଁଛି। ଦୈନିକ ହାରାହାରି ୫୦ ରୋଗୀ ଚିହ୍ନଟ ହେଉଥିବା ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି। ଗତ ୨୪ ଘଣ୍ଟାରେ ମୋଟ ୧୪୦ ଟେଷ୍ଟ କରାଯାଇଥିବାବେଳେ ସେଥିରୁ ୩୦ଜଣଙ୍କ ନମୁନା ପଜିଟିଭ ଆସିଛି। ସହରସାରା ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ଜୟଦେବ ବିହାର, ନୟାପଲ୍ଲୀ ଅଞ୍ଚଳରୁ ସର୍ବାଧିକ ୫୭ଜଣ ରହିଛନ୍ତି। ସେହିପରି ୩୯୩ ଆକ୍ରାନ୍ତଙ୍କ ମଧ୍ୟରୁ ପୁରୁଣା ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୧ ରହିଥିବାବେଳେ ବାକି ଆକ୍ରାନ୍ତ ସହରର ବିଭିନ୍ନ ୱାର୍ଡରୁ ଚିହ୍ନଟ ହୋଇଛନ୍ତି। ଅପରପକ୍ଷେ କ୍ୟାପିଟାଲ ହସ୍ପିଟାଲରେ ଏଯାବତ୍ ୨୬୦ଜଣ ଡେଙ୍ଗୁ ରୋଗୀ ଭର୍ତ୍ତି ହୋଇଥିବା ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି। ସେ କହିଛନ୍ତି, ଗତବର୍ଷ ଅପେକ୍ଷା ଚଳିତବର୍ଷ କମ୍‌ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏବେ କ୍ୟାପିଟାଲ ହସ୍ପିଟାଲରେ ୩୦ଜଣ ସକ୍ରିୟ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଏଥିପାଇଁ ୧୦ଟି ବେଡ୍ ରିଜର୍ଭ ରଖାଯାଇଛି। ତେବେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଲେ ବେଡ୍ ସଂଖ୍ୟାକୁ ୬୦ ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ଏବେସୁଦ୍ଧା କ୍ୟାପିଟାଲ ହସ୍ପିଟାଲରେ କୌଣସି ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ହୋଇନାହିଁ କିମ୍ବା କେହି ଅତ୍ୟନ୍ତ ଗୁରୁତର ନାହାନ୍ତି। କିଛି ରୋଗୀଙ୍କ ପ୍ଲେଟ୍‌ଲେଟ୍ ସାମାନ୍ୟ କମ୍ ରହୁଛି, କିନ୍ତୁ ମେଡିକାଲରେ ଆବଶ୍ୟକ ସମସ୍ତ ସାମଗ୍ରୀ ମହଜୁଦ ରହିଛି। ଏବେ ଦୈନିକ ହସ୍ପିଟାଲରେ ୮୦ ନମୁନା ସଂଗ୍ରହ କରାଯାଉଥିବାବେଳେ ୧୨ରୁ ୧୫ ଜଣ ପଜିଟିଭ ଚିହ୍ନଟ ହେଉଥିବା ଡା. ସାହୁ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ବଢୁଥିବା ଡେଙ୍ଗୁ ରୋଗୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ବିଏମ୍‌ସି 'ଆଗ୍ରେସିଭ ଆୱାରନେସ୍' ଆରମ୍ଭ କରିଛି। ସହରର ୨୨ ସହରାଞ୍ଚଳ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ଡେଙ୍ଗୁ ଚିହ୍ନଟ ହେଉଥିବା ଅଞ୍ଚଳକୁ ଯାଇ ଲୋକଙ୍କ ଘର ଭିତର ଓ ବାହାର ଯାଞ୍ଚ କରିବା ସହ ସଚେତନ କରୁଛନ୍ତି। ମୌସୁମୀଜନିତ ଲଗାଣ ବର୍ଷା ମଶାବଂଶ ବୃଦ୍ଧିରେ ସହାୟକ ହୋଇଥିବାରୁ ସହରରେ ଫଗିଙ୍ଗ, ମଶାତେଲ ଓ ଧୂଆଁ ଛାଡ଼ିବାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହାବାଦ୍ ଘରଘର ଅଭିଯାନ ମଧ୍ୟ ଆରମ୍ଭ କରାଯାଇଛି। ମାତ୍ର ଏତେ ପରେ ବି ସହରରେ ଦୈନିକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ବିଏମ୍‌ସିର ସବୁ ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କିଛି ଅଞ୍ଚଳରେ ବିଏମ୍‌ସି ମଶା ତେଲ ପକାଇ ଫଟୋ ଛାଡି ବାହାବା ନେଉଥିବାବେଳେ ଏବେ ମଧ୍ୟ ଏକାଧିକ ୱାର୍ଡକୁ ମଶା ଧୂଆଁ ଗାଡ଼ି ଯାଇ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୩୦ ଛୁଇଁଥିବାବେଳେ ଆଗକୁ ସ୍ଥିତି ଭୟାବହ ହେବାର ଆଶଙ୍କା ଦେଖାଦେଇଛି।

## ମେୟର, କମିଶନଙ୍କ ନାମରେ ଏତଲା



ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)

**ଡେଙ୍ଗୁ ମୃତ୍ୟୁ ପାଇଁ ଉଭୟଙ୍କୁ ଦାୟୀକଲା ଭାଜପା**

ରାଜଧାନୀରେ ଡେଙ୍ଗୁ ମୃତ୍ୟୁ ଅଭିଯୋଗ ଆଣିବା ସହ ଏଥିପାଇଁ ଉଭୟ ମେୟର ଓ ବିଏମ୍‌ସି କମିଶନରଙ୍କୁ ଦାୟୀକରି ଉଭୟଙ୍କ ନାମରେ କ୍ୟାପିଟାଲ ଥାନାରେ ଏତଲା ଦେଇଛି ଭୁବନେଶ୍ୱର ସାଂଗଠନିକ ଜିଲା ଭାଜପା। ଉଭୟ ସହରବାସୀଙ୍କୁ ଠକିଥିବାରୁ ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରି ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ବିଏମ୍‌ସିର ଅପାରଗତା ଓ ଦାୟିତ୍ୱହୀନତା ପାଇଁ ରାଜଧାନୀରେ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ଦୈନିକ ରୋଗୀ ସଂଖ୍ୟା ବୃଦ୍ଧି ପାଇବା ସହ ଜୀବନ ଯାଉଛି। ରାଜଧାନୀରେ ଡେଙ୍ଗୁରେ ୨ଟି ମୁଣ୍ଡ ଯିବାପରେ ବି ସରକାରଙ୍କ ନିଦ ଭାଙ୍ଗୁନି। ରାଜ୍ୟ ସରକାର ନିଜର ଅପାରଗତାକୁ ଘୋଡାଇବା ପାଇଁ ତଥ୍ୟ ଲୁଚାଉଛନ୍ତି। ଅପରପକ୍ଷେ ରାଜଧାନୀରେ ଡ୍ରେନ ଅବ୍ୟବସ୍ଥା, ରାସ୍ତାରେ ପାଣି ଜମା ହେଉ ଥିବାରୁ ଡେଙ୍ଗୁ ମଶାର ବଂଶ ବିସ୍ତାର ହେଉଛି। ଜଳ ନିଷ୍କାସନ ପାଇଁ ଥିବା ଡ୍ରେନ ପୋତାଯାଇ କେଉଁଠି ବିଲ୍ଡିଂ ହେଲାଣି ତ କେଉଁଠି ରାସ୍ତା। ଅନେକ ସ୍ଥାନରେ ଅଳିଆ ଆବର୍ଜନାର ଅସ୍ଥାୟୀ ଡମ୍ପିଂୟାର୍ଡ ଚିନ୍ତାର କାରଣ ପାଲଟିଛି। ଏସବୁ ପ୍ରତି ବିଏମ୍‌ସି ଆଖିବୁଜି ଦେଇ ଥିବାରୁ ରାଜଧାନୀରେ ଡେଙ୍ଗୁ ସ୍ଥିତି ନିୟନ୍ତ୍ରଣରେ ନାହିଁ ବୋଲି ସାଂଗଠନିକ ଜିଲା ଭାଜପା ସଭାପତି ବାବୁ ସିଂ ଅଭିଯୋଗ କରିଛନ୍ତି। ସେହିପରି ପ୍ରତିବର୍ଷ ବର୍ଷାର ଦୁଇମାସ ପୂର୍ବରୁ ଅର୍ଥାତ୍ ମେ' ଓ ଜୁନ୍‌ରୁ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଏକ ପ୍ରୋଟୋକଲ ଥିଲେ ବି ବିଏମ୍‌ସି ତାକୁ ପାଳନ କରୁନି। ଡେଙ୍ଗୁ ମୃତ୍ୟୁ ପାଇଁ ଏମାନେ ଦାୟୀ ବୋଲି ରାଜ୍ୟ ପ୍ରବକ୍ତା ଦିଲୀପ ମହାନ୍ତି ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଅଭିଯୋଗ କରିଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ଜୟ କିରଣ ସମ୍ମାନ ପ୍ରଦାନ ଉତ୍ସବରେ ସମ୍ମାନିତ ବ୍ୟକ୍ତିତ୍ୱଙ୍କ ସହ ଅତିଥିମାନେ। (ଫଟୋ– ବିକାଶ ନାୟକ)

## ସଂକ୍ଷେପରେ

### ଗଛରୁ ଖସି ଯୁବକଙ୍କ ମୃତ୍ୟୁ

ବାରଙ୍ଗ,୨୮।୭(ଲିଙ୍ଗରାଜ ରାଉତ)

ଶୁକ୍ରବାର ସକଳେ କଣ୍ଟାପାଟଣା ଗ୍ରାମର ଏକ ମନ୍ଦିର ପରିସରରେ ଥିବା ନଡ଼ିଆ ଗଛ କାଟୁଥିବାବେଳେ ଗଛରୁ ପଡି ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଉକ୍ତ ଗ୍ରାମର ଦୀପକ ବେହେରା। ସୂଚନା ଅନୁଯାୟୀ, ଦୀପକ ବାରଙ୍ଗରେ ରହି ନଡିଆବେପାର କରନ୍ତି। ଶୁକ୍ରବାର ସକାଳେ କଣ୍ଟାପାଟଣା ଗାଁରେ ଥିବା ଏକ ମନ୍ଦିର ପରିସରରେ ଥିବା ବଡ଼ ନଡିଆଗଛକୁ କାଟିବା ପାଇଁ ଆସିଥିଲେ। କଟର ସାହାଯ୍ୟରେ ଗଛ କାଟୁଥିବା ସମୟରେ ଗଛ ଉପରଭାଗରୁ ଅସାବଧାନତାବଶତଃ ହଠାତ୍ ଖସି ପାଖରେ ଥିବା ଏକ କୋଠାର ତାଜା ଉପରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

### ବ୍ଲକ ଶିକ୍ଷାଧିକାରୀଙ୍କୁ ସ୍ୱାଗତ

ବାଲିପାଟଣା,୨୮।୭(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ଶୈଳଧିରାଜ ତନାୟ ଶତପଥୀଙ୍କ ବଦଳି ହୋଇ ଏକ ମାସ ପଦବୀ ଖାଲିପଡ଼ିଥିଲା। ଗତ ୧୯ତାରିଖରେ ବିଇଓ ଆକାଂକ୍ଷିତା ପ୍ରିୟଦର୍ଶିନୀ ପ୍ରଧାନବାଲିପାଟଣା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଯୋଗଦେଇଥିଲେ। ନୂତନଭାବେ ଯୋଗଦାନ କରିଥିବା ବାଲିପାଟଣା ଗୋଷ୍ଠୀ ଶିକ୍ଷାଅଧିକାରୀ ଆକାଂକ୍ଷିତା ପ୍ରିୟଦର୍ଶନୀ ପ୍ରଧାନଙ୍କୁ ଘରୋଇ ବିଦ୍ୟାଳୟ ସଂଘ ପକ୍ଷରୁ ଶୁକ୍ରବାର ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଉନ୍ନତି ପାଇଁ ମିଳିମିଶି କାମ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ସରୋଜିନୀ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ସାମନ୍ତରାୟ, ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଥାନାରେ ସମାଧାନ ବେଳେ ମହିଳା ପୋଲିସକୁ ମାଡ଼

- ମା, ପୁଅ ଓ ୨ଝିଅ ଗିରଫ
- ନିର୍ଯାତନା ଅଭିଯୋଗରେ ବାପା ଗିରଫ

ଭୁବନେଶ୍ୱର,୨୮।୭ (ସୂର୍ଯ୍ୟକାନ୍ତ ବେହେରା)

ଥାନାରେ ପାରିବାରିକ ଗଣ୍ଡଗୋଳ ଘଟଣାର ସମାଧାନ ଉଦ୍ୟମ ଚାଲିଥିବାବେଳେ ଜଣେ ମହିଳା ପୋଲିସକୁ ମାଡ଼ ହୋଇଛି। ଖାରବେଳନଗର ଥାନାରେ ଶୁକ୍ରବାର ଏହି ଘଟଣା ଘଟିଥିବାବେଳେ ପୋଲିସ ଆକ୍ରମଣକାରୀ ମା', ପୁଅ ଓ ୨ ଝିଅଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଘରର ମୁରବୀ ବା ଉକ୍ତ ମହିଳାଙ୍କ ସ୍ୱାମୀ ମଧ୍ୟ ଗିରଫ ହୋଇଛନ୍ତି। ସୂଚନାନୁସାରେ, କୌଣସି କାରଣକୁ ନେଇ ଉକ୍ତ ପରିବାରରେ ବିବାଦ ଲାଗି ରହୁଥିଲା। ପରସ୍ପର ମଧ୍ୟରେ ସବୁବେଳେ ଝଗଡ଼ା ହେଉଥିଲା। ଘରର ମୁରବୀ ଜଣକ ହର୍ଟିକଲ୍‌ଚର ବିଭାଗରେ ଚାକିରି କରନ୍ତି। କିଛି ଦିନ ହେବ ସେ ସେଠାରେ ରହିବା ସହ ଘରକୁ ଆସୁ ନ ଥିଲେ। ମା', ପୁଅ ଓ ୨ ଝିଅ ଅନ୍ୟ ଏକ ସ୍ଥାନରେ ରହୁଥିଲେ। ଶୁକ୍ରବାର ରାତିରେ ମା' ଓ ପୁଅ ହର୍ଟିକଲ୍‌ଚର ପାଚେରି ଡେଇଁ ଭିତରକୁ ପଶିଥିଲେ। ସେମାନଙ୍କୁ ଦେଖି ଗୃହକର୍ତ୍ତା ଭୟଭୀତ ହୋଇ ପିସିଆର୍‌କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବା ପରେ ସମସ୍ତ ୫ ଜଣଙ୍କୁ ଥାନାକୁ ନେଇ ଆପୋସ ସମାଧାନ କରିବାକୁ ଉଦ୍ୟମ ଆରମ୍ଭ କରିଥିଲା। ଆଲୋଚନା ସମୟରେ କୌଣସି ଏକ କଥାକୁ ନେଇ ମା, ପୁଅ ଓ ୨ ଝିଅ ଉତ୍ତେଜିତ ହୋଇପଡିଥିଲେ। ଥାନା ଭିତରେ ହୋହଲ୍ଲା କରିବା ସହ ପୋଲିସ କର୍ମଚାରୀଙ୍କୁ ଗୋଡ଼ାଇ ପିଟିଥିଲେ। ଏହାକୁ ନେଇ ଥାନା ଭିତରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଦୋଷୀଙ୍କୁ ବର୍ଷେ ଜେଲଦଣ୍ଡ

**ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ମାମଲା**

ଭୁବନେଶ୍ୱର,୨୮।୭(ସତ୍ୟଜିତ୍ ରାଉତ)

ସ୍ତ୍ରୀଙ୍କୁ ଯୌତୁକଜନିତ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ ମାମଲାରେ ଭୁବନେଶ୍ୱର ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ ଶୁକ୍ରବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ସ୍ୱାମୀ ବଡ଼ଗଡ଼ ଥାନା ଅନ୍ତର୍ଗତ ବ୍ରିଟ୍ କଲୋନିର ମନୋଜ କୁମାର ପ୍ରଧାନ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୧ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ଜରିମାନା ଅନାଦାୟେ ଅଧିକ ୮ ମାସ ଜେଲ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତା ଓ ମନୋଜଙ୍କ ୨୦୦୯ରେ ବିବାହ ହୋଇଥିଲା। ଦମ୍ପତିଙ୍କ ୮ ବର୍ଷର ଝିଏଟିଏ ରହିଛି। ମନୋଜଙ୍କ ସ୍ତ୍ରୀ ଅନ୍ଧାରୁଆ ହେଲ୍‌ଥ ସେଣ୍ଟରରେ ଏଏନ୍‌ଏମ୍ ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ଦମ୍ପତ୍ତି ଶିମିଳିପାଟଣା ଗ୍ରାମରେ ଭଡ଼ାଘରେ ରହୁଥିଲେ। ତେବେ ମନୋଜ ଯୌତୁକ ନିର୍ଯାତନା ଦେବାରୁ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ସେମାନେ ଅଲଗା ରହିଥିଲେ। ୨୦୧୪ ନଭେମ୍ବର ୨ରେ ଚନ୍ଦକା ଏନ୍‌ଆଇଟି ନିକଟରେ ପିଡ଼ୀତା ତାଙ୍କ ଭଡ଼ା ଘରକୁ ଆସୁଥିବା ବେଳେ ମନୋଜ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଫଳରେ ପୀଡ଼ିତା ଗୁରୁତର ହୋଇଥିଲେ। ଏନେଇ ଏତଲାକ୍ରମେ ଚନ୍ଦକା ଥାନା ପୋଲିସ ଏକ ମାମଲା (ନଂ.୯୯/୨୦୧୪) ରୁଜୁ କରି ଅଭିଯୁକ୍ତ ମନୋଜଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୧୦ ଜଣଙ୍କ ସାକ୍ଷ୍ୟକୁ ଆଧାର କରି ବିଚାରପତି ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ବିଶେଶ୍ୱରୀ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଓଡିଆ ପ୍ରତି ଝାଡ଼ଖଣ୍ଡ ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ଉତ୍କଳ ସମ୍ମିଳନୀର ପ୍ରତିବାଦ




ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)

ଦ୍ୱିତୀୟ ରାଜ୍ୟଭାଷାର ମାନ୍ୟତା ପାଇଥିବା ଓଡିଆ ପ୍ରତି ଝାଡ଼ଖଣ୍ଡ ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରତିବାଦ କରାଯାଇଛି। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା, ସମ୍ମିଳନୀ ଉପଦେଷ୍ଟା ଅନନ୍ତ ପ୍ରସାଦ ଜେନା, ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାଶ ପ୍ରମୁଖ ଶୁକ୍ରବାର ରାଜଭବନ ସମ୍ମୁଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ପାଖରେ ଏକାଠି ହୋଇ ପ୍ରତିବାଦ ଜଣାଇଛନ୍ତି। ୨୦୧୧ ସେପ୍ଟେମ୍ବର ୧ରେ ଝାଡଖଣ୍ଡ ସରକାର ଓଡିଆ ଭାଷାକୁ ଦ୍ୱିତୀୟ ରାଜ୍ୟଭାଷାର ମାନ୍ୟତା ଦେଇଥିଲେ। ମାତ୍ର ୨୦୨୧ରେ ଝାଡଖଣ୍ଡ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱିତୀୟ ରାଜ୍ୟଭାଷା ଓଡିଆକୁ ଉଚ୍ଛେଦ କରିବା ପାଇଁ ନିଷ୍ପତ୍ତି ନେବା ପରେ ଓଡିଆ ଭାଷାଭାଷୀ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଷଢେଇକଳା ଓ ଖରସୁଆଁରେ ଓଡିଆ ସମାବେଶ, ଗଣଧାରଣା ଓ ପ୍ରତିବାଦ ହେବା ସହିତ ଉତ୍କଳ ସମ୍ମିଳନୀ ପକ୍ଷରୁ ମଧ୍ୟ ଓଡିଶାରେ ପ୍ରତିବାଦ କରାଯାଇଥିଲା। ଏହାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ପତ୍ର ଲେଖିବା ସହ ରାଜ୍ୟ ସରକାରଙ୍କ ତତ୍କାଳିନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଝାଡଖଣ୍ଡ ଶିକ୍ଷାମନ୍ତ୍ରୀ ଜଗରନାଥ ମହତୋଙ୍କୁ ପତ୍ର ଲେଖିଥିଲେ। ଏହାବାଦ୍ ବିରୋଧିଦଳ ନେତା, ଓଡ଼ିଶା କଂଗ୍ରେସ କମିଟିର ତତ୍କାଳୀନ ସଭାପତି ମଧ୍ୟ ଏନେଇ ଝାଡଖଣ୍ଡ ସରକାରଙ୍କ ସହ ଆଲୋଚନା କରିଥିଲେ। ମାତ୍ର ଏହାସତ୍ତ୍ୱେ ନିକଟରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ଝାଡଖଣ୍ଡ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପରୀକ୍ଷା ତାଲିକାରେ ଓଡିଆ ଭାଷାର ସ୍ଥାନ ନାହିଁ। ଉତ୍କଳ ସମ୍ମିଳନୀ ପକ୍ଷରୁ ଝାଡଖଣ୍ଡ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନିନ୍ଦା କରିଛି। ଏଥିସହ ଏଥିରେ ହସ୍ତକ୍ଷେପ କରିବା ପାଇଁ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବ ବୋଲି ସମ୍ମିଳନୀ ପକ୍ଷରୁ ନିଷ୍ପତି ନିଆଯାଇଛି।

## ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି

ଭୁବନେଶ୍ୱର,୨୮।୭(ଅନୁରାଧା ମହାରଣା)

ରାଜଧାନୀକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ପାଇଁ ଦାବି ତେଜିବାରେ ଲାଗିଛି। ଭୁବନେଶ୍ୱର ଜିଲା ଗଠନ ସଂଘ ପକ୍ଷରୁ ଶୁକ୍ରବାର ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ଉପସ୍ଥାପନ କରାଯାଇଛି। ୧୯୯୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶାର ୧୩ଟି ରାଜସ୍ୱ ଜିଲାକୁ ୩୦ ରାଜସ୍ୱ ଜିଲାରେ ପରିଣତ କରିଥିଲେ। ସେତେବେଳେ ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ଜିଲାରେ ପରିଣତ କରାଯିବାର ପ୍ରସ୍ତାବ ଥିଲା। ପରବର୍ତ୍ତୀ କାଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ମଧ୍ୟ ଭୁବନେଶ୍ୱରକୁ ଏକ ଜିଲାର ମାନ୍ୟତା ଦେବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏନେଇ ଉକ୍ତ କମିଟି ମଧ୍ୟ ତତ୍କାଳୀନ ସରକାରଙ୍କୁ ସୁପାରିଶ କରିଥିଲେ। ୧୯୯୩ରେ ଭୁବନେଶ୍ୱରର ଜନସଂଖ୍ୟା ୧୧ ଲକ୍ଷ ଥିଲା। ୨୦୧୧ ଏହା ୧୫ ଲକ୍ଷ ୩୯ ହଜାର ୯୭୭ରେ ପହଞ୍ଚିଥିଲା ଓ ଏବେ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ହେଲାଣି। ସେହିପରି ଭୁବନେଶ୍ୱର ଗୋଟିଏରୁ ୩ଟି ବିଧାନସଭା କ୍ଷେତ୍ରରେ ପରିଣତ ହୋଇଛି। ପ୍ରାଶାସନିକ କାର୍ଯ୍ୟଚାପ ବୃଦ୍ଧି ପାଉଥିବାରୁ ଲୋକେ ହଇରାଣ ହେଉଛନ୍ତି। ଶାସନର ସୁବିଧା ଦୃଷ୍ଟିରୁ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା କରାଯାଉ ବୋଲି ସଂଘ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ଉପସଭାପତି ସନ୍ତୋଷ ମହାନ୍ତି, ସମ୍ପାଦକ ଅସିତ୍ କୁମାର ମହାନ୍ତି ଓ ସଂଗଠନ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି।

## ଭାଉଜଙ୍କ ସମେତ ୨ ଗିରଫ

- ଭାଉଜଙ୍କ ଆକ୍ରମଣରେ ନଣନ୍ଦଙ୍କ ଗର୍ଭନଷ୍ଟ ଘଟଣା

ଭୁବନେଶ୍ୱର,୨୮।୭ (ସୂର୍ଯ୍ୟକାନ୍ତ ବେହେରା)

ଭାଉଜଙ୍କ ଆକ୍ରମଣରେ ନଣନ୍ଦଙ୍କ ଗର୍ଭନଷ୍ଟ ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆକ୍ରମଣ କରିଥିବା ଅଭିଯୁକ୍ତା ଭାଉଜ ଓ ତାଙ୍କ ଭଉଣୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଭାଉଜ ଶୁଭଲତା ନାୟକ ଓ ତାଙ୍କ ଭଉଣୀ ଶୁରଭି ନାୟକ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ପୀଡିତା ଈଶାନେଶ୍ୱର ବସ୍ତିରେ ଥିବା ତାଙ୍କ ଘରକୁ ଭାଇ ଓ ଭାଉଜଙ୍କୁ ଭଡ଼ା ଦେଇଥିଲେ। କିନ୍ତୁ ଭାଇ-ଭାଉଜ ବର୍ଷେ ହେବ ଭଡା ଟଙ୍କା ଦେଉ ନ ଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଝଗଡା ଲାଗି ରହୁଥିଲା। ପୀଡିତା ତାଙ୍କର ଭାଉଜ ଶୁଭଲତାଙ୍କୁ ଘର ଖାଲି କରିବାକୁ କହିବାକୁ ୨୫ ତାରିଖ ରାତିରେ ଯାଇଥିବାବେଳେ ଅଭିଯୁକ୍ତା ଶୁଭଲତା ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କ ଭଉଣୀ ସୁରଭିଙ୍କ ସହ ମିଶି ଗୋଟିଏ କାଠ ଫାଳିଆରେ ପୀଡିତାଙ୍କୁ ଆକ୍ରମଣ କରିଥିଲେ।

## ଅବସରପ୍ରାପ୍ତ ଅମିନଙ୍କୁ ୩ବର୍ଷ ଜେଲଦଣ୍ଡ

**ଲାଞ୍ଚ ମାମଲାର ରାୟ**

- ଜମି ମ୍ୟୁଟେଶନ ରିପୋର୍ଟ ପାଇଁ ୭ହଜାର ଲାଞ୍ଚ ନେଇ ଗିରଫ ହୋଇଥିଲେ
- ବନ୍ଦ ହେବ ପେନ୍‌ସନ

ଭୁବନେଶ୍ୱର,୨୮।୭(ସତ୍ୟଜିତ୍ ରାଉତ)

ତିନୋଟି ପ୍ଲଟ୍‌ର ମ୍ୟୁଟେଶନ ରିପୋର୍ଟ ଦେବାକୁ ୭ହଜାର ଟଙ୍କା ଲାଞ୍ଚ ନେବା ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶୁକ୍ରବାର ଅବସରପ୍ରାପ୍ତ ଅମିନ ଧ୍ରୁବଚରଣ ଭୋଇଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୩ ବର୍ଷ ଜେଲ ଓ ୧୦ ହଜାର ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲ ଭୋଗିବାକୁ ବିଚାରପତି ଦେବାଶିଷ ରାଉତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ସ୍ନେହଲତା ଦାସ ୨୦୧୩ରେ ଭୁବନେଶ୍ୱର ସାମପୁର ମୌଜାରେ ୩ଟି ପ୍ଲଟ୍ କିଣିଥିଲେ। ସେ ଏହି ପ୍ଲଟ୍‌ଗୁଡ଼ିକର ମ୍ୟୁଟେଶନ ପାଇଁ ଭୁବନେଶ୍ୱର ରେଣ୍ଟାଲ କଲୋନିରେ ଆସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସ୍‌ର କ୍ୟାମ୍ପରେ ଆବେଦନ କରିଥିଲେ। ସେଠାରେ ଧ୍ରୁବଚରଣ ଅମିନ ଭାବେ କାର୍ଯ୍ୟ କରୁଥିଲେ। ତେବେ ଏହି ମ୍ୟୁଟେଶନ ରିପୋର୍ଟ ଦେବାକୁ ଧ୍ରୁବଚରଣ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂକ୍ରାନ୍ତରେ ସ୍ନେହଲତା ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଧ୍ରୁବଚରଣଙ୍କୁ ଧରିବାକୁ ଯୋଜନା କରିଥିଲା। ୨୦୨୩ ସେପ୍ଟେମ୍ବର ୪ରେ କ୍ୟାମ୍ପ ଅଫିସ୍‌ରେ ଅମିନ ଧ୍ରୁବଚରଣ ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଏନେଇ ଭିଜିଲାନ୍ସ ମାମଲା ରୁଜୁକରି ତାଙ୍କୁ ଗିରଫ କରିଥିଲା। ପରେ ଧ୍ରୁବଚରଣ ଜେଲ ଯାଇ ଜାମିନରେ ଆସିଥିଲେ। ୨୦୧୪ରେ ଭିଜିଲାନ୍ସ ଏହି ମାମଲାରେ ଚାର୍ଜଶିଟ୍ ଦାଖଲ କରିବା ପରେ କୋର୍ଟରେ ଶୁଣାଣି ଆରମ୍ଭ ହୋଇଥିଲା। ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ଏହି ଦଣ୍ଡାଦେଶକୁ ଆଧାରକରି ଧ୍ରୁବଚରଣ ପାଉଥିବା ପେନ୍‌ସନ୍ ରାଶିକୁ ବନ୍ଦ କରିବାକୁ କମ୍ପିଟେଣ୍ଟ ଅଥରିଟିକୁ ଜଣାଇ ଦିଆଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଜଙ୍ଗଲ ରାଜାଙ୍କ ସୁରକ୍ଷା ନେଇ ସଚେତନତା



ପୁରୁଣା ଭୁବନେଶ୍ୱର,୨୮।୭ (ସୁବାସ ଚନ୍ଦ୍ର ପ୍ରଧାନ)

ଶନିବାର ହେଉଛି ବିଶ୍ୱ ବ୍ୟାଘ୍ର ଦିବସ। ବ୍ୟାଘ୍ର ବଂଶର ସୁରକ୍ଷା, ସଂରକ୍ଷଣ ଏବଂ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୨୯କୁ ବିଶ୍ୱ ବ୍ୟାଘ୍ର ଦିବସ ରୂପେ ପାଳିତ ହୋଇଥାଏ। ଜାତୀୟ ପଶୁର ମାନତ୍ୟା ପ୍ରାପ୍ତ ପଶୁର ସୁରକ୍ଷା ଲାଗି ବ୍ୟାପକ ପଦକ୍ଷେପ ନେବା ସତ୍ତ୍ୱେ ବାଘ ସଂଖ୍ୟା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଏଭଳି ଧାରା ଜାରି ରହିଲେ ଆଗାମୀ ପିଢ଼ି ବାଘର ହେଣ୍ଟାଳ ଶବ୍ଦ ଶୁଣିପାରିବ କି ବୋଲି ଆଶଙ୍କା ସୃଷ୍ଟି ହେଉଛି। ଓଡ଼ିଶାରେ ଗତ ତିନି ବର୍ଷ ମଧ୍ୟରେ ଏସ୍‌ଟିଏଫ୍ ଦ୍ୱାରା ୩୬ଟି ବାଘଛାଲ ଜବତ ହୋଇଛି। ଏହି ପରିପ୍ରେକ୍ଷୀରେ ବାଘର ସୁରକ୍ଷାକୁ ନେଇ ପୋଖରୀପୁଟଠାରେ ଚିତ୍ରଶାଳା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାଘ ତଥା ବନ୍ୟଜନ୍ତୁ ଶିକାରୀମାନଙ୍କ ପାଇଁ କଡାକଡି ଆଇନ କରିବା, ଜଙ୍ଗଲ ବିଭାଗ ପକ୍ଷରୁ ବନ୍ୟ ଜନ୍ତୁ ସୁରକ୍ଷାକୁ ପ୍ରାଧାନ୍ୟ ଦେବା, ସରକାରୀ ସ୍ତରରେ ଜାତୀୟ ପଶୁକୁ ସୁରକ୍ଷିତ ରଖିବା ଭଳି ବାର୍ତ୍ତା ଦିଆଯାଇଥିଲା। ଏଥିରେ ଭାଗ ନେଇଥିବା କୁନି କୁନି ଚିତ୍ର ଶିଳ୍ପୀମାନେ ଆମ ଦେଶର ଜାତୀୟ ପଶୁ ବାଘର ଶିକାର ଏବଂ ସୁରକ୍ଷା ଉପରେ "ବିପଦରେ ଜଙ୍ଗଲ ରାଜା" ଶୀର୍ଷକକୁ ନେଇ ଚିତ୍ରମାନ ଅଙ୍କନ କରିଥିଲେ।

## ଆଜି ନନ୍ଦନକାନନରେ ଅନ୍ତର୍ଜାତୀୟ ବାଘ ଦିବସ

ବାରଙ୍ଗ,୨୮।୭(ଲିଙ୍ଗରାଜ ରାଉତ)

ଚଳିତବର୍ଷର ଅନ୍ତର୍ଜାତୀୟ ବ୍ୟାଘ୍ରଦିବସ ଶନିବାର ନନ୍ଦନକାନନ ପାଳିବାକୁ ଯାଉଛି। ଏହାର ନାମ ରଖାଯାଇଛି ନନ୍ଦନକାନନ ବାଘ ସହିତ ଦିନଟିଏ। ଏ ନେଇ କର୍ତ୍ତୃପକ୍ଷ ତରଫରୁ ପ୍ରସ୍ତୁତି ଶେଷ ହୋଇଛି। ଏଥର ସ୍କୁଲ ପିଲାମାନଙ୍କୁ ନେଇ ଏହାକୁ ପାଳନ କରିବାକୁ ଚିନ୍ତା କରିଛି ନନ୍ଦନକାନନ। ନନ୍ଦନକାନନର ଚତୁଃପାର୍ଶ୍ୱରେ ଥିବା ୪ଟି ସ୍କୁଲର ପିଲାମାନଙ୍କୁ ଏଥିରେ ସାମିଲ ହେବାକୁ କୁହାଯାଇଛି। ସ୍କୁଲ ପିଲାମାନଙ୍କୁ ନେଇ ନନ୍ଦନକାନନର ବିଭିନ୍ନ ଏନକ୍ଲୋଜରରେ ଥିବା ବାଘଙ୍କୁ ଦେଖାଯିବ। ତା'ସହ ବାଘଙ୍କର କିଭଳି ଯତ୍ନ ନିଆଯାଉଛି ଖାଦ୍ୟ, ଚିକିତ୍ସା ଆଦି ବିଷୟରେ ବୁଝାଯିବା ସହ ବାଘ ରହୁଥିବା ଏନକ୍ଲୋଜରକୁ ନେଇ ବୁଲାଇ ଦେଖାଯିବ। ଏହି ଅବସରରେ ପିଲାମାନଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯିବ। ଏହାସହ ପିଲାମାନଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକମାନଙ୍କୁ ନେଇ ଏକ ଦସ୍ତଖତ ଅଭିଯାନ କରାଯିବା ସହ ବ୍ୟାଘ୍ର ସୁରକ୍ଷା ନିମନ୍ତେ ସଚେତନତାର ବାର୍ତ୍ତା ଦିଆଯିବ। ଏହି କାର୍ଯ୍ୟକ୍ରମରେ ଜଣେ ଓଡ଼ିଆ ଅଭିନେତ୍ରୀଙ୍କୁ ସାମିଲ କରିବା ପାଇଁ ଚେଷ୍ଟା କରାଯାଇଛି। ଅପରାହ୍ନରେ ବାଘଙ୍କ ଦାୟିତ୍ୱରେ ଥିବା ଆନିମଲ କିପରମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ସେମାନେ ପର୍ଯ୍ୟଟକମାନଙ୍କୁ ବାଘଙ୍କ ବିଷୟରେ ଏନକ୍ଲୋଜର ଆଗରେ ରହି ବୁଝାଇବେ। ରାଜ୍ୟରେ ଦିନକୁ ଦିନ ବ୍ୟାଘ୍ରବଂଶ ହ୍ରାସ ପାଉଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ସାଧାରଣଲୋକଙ୍କୁ ସଚେତନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି ନନ୍ଦନକାନନ। ଏବେ ନନ୍ଦନକାନନରେ ୨୭ଟି ବାଘ ଅଛନ୍ତି। ତନ୍ମଧ୍ୟରୁ ୭ଟି ଧଳାବାଘ, ୧୭ଟି ସାଧାରଣ ବାଘ ଓ ୩ଟି କଳାବାଘ ଅଛନ୍ତି।

# ୨ ପ୍ରଯୋଜକ ଗୋଷ୍ଠୀ ମୁହାଁମୁହିଁ, ଯୁକ୍ତିତର୍କରୁ ହାତାହାତି

ଭୁବନେଶ୍ୱର,୨୮।୭(ଶର୍ମିଷ୍ଠା ପାଣିଗ୍ରାହୀ)





ୟୁସିସି ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ୨ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ସମୟର ଦୃଶ୍ୟ।

ଓଡ଼ିଆ ସିନେ ପ୍ରଯୋଜକଙ୍କୁ ନେଇ ଗଠିତ ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ(ୟୁସିସି)ରେ ଏବେ ଗୋଷ୍ଠୀକନ୍ଦଳ ଚରମ ସୀମାରେ ପହଞ୍ଚିଛି। ୟୁସିସି ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ଫିଲ୍ମ ପ୍ରଡ୍ୟୁସର ଆସୋସିଏଶନ (ଓଏଫ୍‌ପିଏ)ରେ ଆର୍ଥିକ ଅନିୟମିତତାକୁ ନେଇ କୋର୍ଟ ଓ ଥାନାରେ ମାମଲା ପହଞ୍ଚିଥିବାବେଳେ ଏହାକୁ ନେଇ ଶୁକ୍ରବାର ୟୁସିସି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ସ୍ଥିତି ଏପରି ହୋଇଥିଲା ଯେ, ଶେଷରେ ପୋଲିସ ପହଞ୍ଚି ଖବରଦାତା ସମ୍ମଳନୀକୁ ଅଧାରୁ ବନ୍ଦ କରିଦେଇଥିଲା। ଏଥିସହ ଉଭୟ ପକ୍ଷକୁ ଥାନାକୁ ଡାକି ବୁଝାଶୁଝା କରିବା ସହ ମାମଲାର ସମାଧାନ ନ ହେବା ପର୍ଯ୍ୟନ୍ତ ଗଣମାଧ୍ୟମରେ କେହି ବିବୃତି ଦେଇପାରିବେ ନାହିଁ ବୋଲି ତାଗିଦ୍ କରାଯାଇଛି। ଗତ ସୋମବାର ୟୁସିସିର ୬ଜଣ ସଦସ୍ୟ କଟକ ପୁରୀଘାଟ ଥାନାରେ ଓଏଫ୍‌ପିଏ ନାଁରେ ଏକ ଅଭିଯୋଗ କରିଥିଲେ। ଏହା ଏକ ପଞ୍ଜୀକୃତ ସଂସ୍ଥା ହୋଇ ନ ଥିଲେ ମଧ୍ୟ ସଦସ୍ୟ ଦେୟ ବାବଦରେ ୫୦ହଜାର ଟଙ୍କା ନେଇ ୩କୋଟିର ଆର୍ଥିକ ଅନିୟମିତତା କରାଯାଇଥିବାବେଳେ ନିର୍ବାଚନ ନ କରି ମନମୁଖି କାର୍ଯ୍ୟ କରାଯାଉଥିବା ନେଇ ମଙ୍ଗଳବାର ସେମାନେ ଭୁବନେଶ୍ୱରଠାରେ ଏକ ଖବରଦାତା ସମ୍ମିଳନୀ କରି ଗଣମାଧ୍ୟମକୁ ଏ ପ୍ରସଙ୍ଗରେ ଜଣାଇଥିଲେ। ଏହାର ଜବାବ ଦେବାକୁ ୟୁସିସି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆଉ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ୟୁସିସି ସଭାପତି ଯୁଗଳ ଦେବତା, ଉପସଭାପତି ଅଜୟ କୁମାର ରାଉତରାୟ, ଯୁଗ୍ମ ସଚିବ ସଚ୍ଚିକାନ୍ତ ଜେନା, ସଦସ୍ୟ ସମରେଶ ରାଉତରାୟ, ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ରହି ଉକ୍ତ ଅଭିଯୋଗର ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ। ସେମାନେ କହିଥିଲେ, ୟୁସିସିର ୩ଟି ବିଭାଗରୁ ପ୍ରଯୋଜକ ସଂଘ (ଓଏଫ୍‌ପିଏ) ଗୋଟିଏ ବିଭାଗ। କିଛି ସଦସ୍ୟ ନିଜର ସ୍ୱାର୍ଥ ସାଧନ ପାଇଁ ଆମକୁ ନ ପଚାରି, ଆମଠାରୁ ଅନୁମତି ନ ନେଇ ଗଣମାଧ୍ୟମ ଆଗରେ ବହୁତ ଭୁଲ୍ ତଥ୍ୟ ଦେଇ ସଂଘକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ପ୍ରଯୋଜକ ସଂଘର ଆଜୀବନ ସଦସ୍ୟ ଦେୟ ୫୦ହଜାର ଟଙ୍କା, ଯାହା ମାତ୍ର ଥରେ ଦେବାକୁ ପଡ଼େ। ଏହା ବାଦ୍ ସଂଘର ବିକାଶମୂଳକ କାର୍ଯ୍ୟ ପାଇଁ ବାର୍ଷିକ ୫୦୦ଟଙ୍କା ଦେବାକୁ ହୁଏ। ଏହା ଜେନେରାଲ ବଡି ମିଟିଂରେ ଗ୍ରହଣ ହୋଇସାରିଛି। ମାତ୍ର ୩ କୋଟିର ହେରଫେର ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢ଼ା କଥା। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ଅଛି ଓ ସମସ୍ତ ଦସ୍ତାବିଜ୍ ଆମେ ନ୍ୟାୟାଳୟରେ ଦାଖଲ କରିଛୁ। ରସିଦ ବହିରେ କେବଳ ବାର୍ଷିକ ଦେୟ ନଗଦ ଟଙ୍କା ଆକାରରେ ଆଦାୟ କରାଯାଏ। ଯଦି କେହି ସଦସ୍ୟ କୋଟି କୋଟି ଟଙ୍କା କୌଣସି ସଦସ୍ୟଙ୍କ ବ୍ୟାଙ୍କ୍ ଖାତାରେ ଜମା କରିଛନ୍ତି ବା କୌଣସି ପ୍ରକାରରେ ଦେଇଛନ୍ତି ତେବେ ପ୍ରମାଣ ସହ କୁହନ୍ତୁ। ୟୁସିସି ଏହାର ତୁରନ୍ତ ପଦକ୍ଷେପ ନେବ। ଏହାଛଡ଼ା ସଂଘର କର୍ମକର୍ତ୍ତା ନିର୍ବାଚନ ପ୍ରତିବର୍ଷ କରାଯାଏ, ପ୍ରତିଦ୍ୱନ୍ଦ୍ୱୀ କେହି ରୁହନ୍ତି ନାହିଁ। ତେଣୁ ପୂର୍ବ ପଦପଦବୀକୁ କାୟମ ରଖୁ। ଚଳିତବର୍ଷ ସବୁ ଦିଗକୁ ଆଖି ଆଗରେ ରଖି ସଂଘର ନିର୍ବାଚନକୁ ନିୟମ ଅନୁସାରେ ପୋଲିସ ସହାୟତାରେ ସୁଚାରୁରୂପେ ଶେଷ କରାଯାଇଛି। ଯଦି କାହାର କିଛି ଅଭିଯୋଗ ଥିଲା ସେନେଇ ୟୁସିସିକୁ ଲିଖିତ ଭାବେ ଜଣାଇଥିଲେ ସମାଧାନ କରାଯାଇପାରିଥାନ୍ତା ବୋଲି ସେମାନେ କହିଥିଲେ। ହେଲେ ଏହାକୁ ୟୁସିସିର ସଦସ୍ୟ ଥିବା ଅଭିଯୋଗକାରୀ ପ୍ରଯୋଜକମାନେ ବିରୋଧ କରିବା ସହ ସେମାନଙ୍କ ଯୁକ୍ତି ବାଢ଼ିଥିଲେ। ଲିଖିତ ଭାବେ ଅଭିଯୋଗ ପରେ ସମାଧାନ ନ ହେବାରୁ କୋର୍ଟ ଓ ଥାନାର ଦ୍ୱାରସ୍ଥ ହୋଇଛୁ। ନିର୍ବାଚନ କରାଯାଉନାହିଁ, ସଦସ୍ୟ ଦେୟ ଟଙ୍କା କୁଆଡ଼େ ଯାଉଛି ବୋଲି ଅଭିଯୋଗକାରୀ ପ୍ରଯୋଜକ ସଞ୍ଜୟ ନାୟକ, ବିନି ସମାଲ, ଏନ୍. ଜି ରେଡ୍ଡୀ ପ୍ରମୁଖ ଯୁକ୍ତି କରିଥିଲେ। ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କରୁ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରବଳ ହୋହଲ୍ଲା ସହ ଠେଲାପେଲା ମଧ୍ୟ ହୋଇଥିଲା। ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ଏହା ଶୁଣି ଅଟକି ଯାଇଥିଲେ। ଓଭରବ୍ରିଜ୍ ଉପରୁ ମଧ୍ୟ ଲୋକେ ଠିଆ ହୋଇ ଭିତରର ଦୃଶ୍ୟ ଦେଖିବାକୁ ଚେଷ୍ଟା କରିଥିଲେ। ନିକଟରେ ଥିବା ଶହୀଦନଗର ଥାନା ଏହା ଜାଣିବା ପରେ ଉକ୍ତ ହୋଟେଲରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଅନ୍ୟପକ୍ଷରେ ଓଡ଼ିଆ ସିନେମାର ସ୍ଥିତି ସୁଧୁରିବାବେଳେ ସିନେ ପ୍ରଯୋଜକଙ୍କ କଳି ଓଲିଉଡ୍‌କୁ ବଦନାମ କରୁଛି ବୋଲି ସିନେପ୍ରେମୀ ମତ ଦେଇଛନ୍ତି।

**ୟୁସିସିରେ ଅନିୟମିତତା କଳି ସୀମା ଟପିଲା**

- ଅଧାରୁ ଖବରଦାତା ସମ୍ମିଳନୀ ବନ୍ଦକଲା ପୋଲିସ
- ଥାନାରେ ହେଲା ଆପୋସ ବୁଝାମଣା
- ମାମଲାର ସମାଧାନ ପୂର୍ବରୁ ଗଣମାଧ୍ୟମରେ ବିବୃତି ମନା




ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ ବାଘ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଅଭିଯୁକ୍ତ ପ୍ରଯୋଜକଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର,୨୮।୭(ସତ୍ୟଜିତ୍ ରାଉତ)

**ଅଭିନେତ୍ରୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ ଘଟଣା**

ଓଡ଼ିଆ ସିନେ ଇଣ୍ଡଷ୍ଟ୍ରିର ଜଣେ ଆଗଧାଡ଼ିର ଅଭିନେତ୍ରୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ ସହ ତାଙ୍କୁ ବିଭିନ୍ନ ପ୍ରକାରରେ ନିର୍ଯାତନା ମାମଲାରେ ଲକ୍ଷ୍ମୀସାଗର ଥାନା ପୋଲିସ ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଥିବାବେଳେ ସମ୍ପୃକ୍ତ ଅଭିଯୁକ୍ତ ପ୍ରଯୋଜକ ଦୟାନିଧି ଦହିମା ମୋବାଇଲ ସୁଇଚ୍ ଅଫ୍ କରି ଫେରାର ହୋଇଥିବା ସୂଚନା ମିଳିଛି। ପୋଲିସର ତଦନ୍ତକୁ ଡରି ସେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀରେ ରହୁଥିବା ଘରକୁ ମଧ୍ୟ ଆସୁନାହାନ୍ତି। ପୋଲିସ ତାଙ୍କୁ ପଚରାଉଚରା କରିବା ପାଇଁ ଖୋଜାଖୋଜି କରୁଥିଲେ ମଧ୍ୟ ପାଉ ନ ଥିବା କହିଛି। ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ କହିଛନ୍ତି, ଏହି ମାମଲାରେ ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ଜେରା ପାଇଁ ପ୍ରଯୋଜକ ଦୟାନିଧିଙ୍କୁ ନୋଟିସ୍ କରାଯିବ ବୋଲି ସେ କହିଛନ୍ତି। ଅଭିଯୋଗ ଅନୁଯାୟୀ, ପୀଡିତା ଅଭିନେତ୍ରୀଙ୍କ ସହ ଦୟାନିଧିଙ୍କର ୨୦୧୯ରେ ପରିଚିତ ହୋଇଥିଲା। ସେ ଜାତୀୟ ସିନେମାରେ ଅଭିନେତ୍ରୀଙ୍କୁ ସୁଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉଭୟଙ୍କ ମଧ୍ୟରେ ବନ୍ଧୁତା ଧୀରେଧୀରେ ନିବିଡ଼ ହୋଇଥିଲା। ଏପରିକି ପାରିବାରିକ ସମ୍ପର୍କ ମଧ୍ୟ ଗଢ଼ି ଉଠିଥିଲା। ମାତ୍ର ଏହାପରେ ଦୟାନିଧି ତାଙ୍କୁ ବିଭିନ୍ନ ପ୍ରକାରରେ ବ୍ଲାକମେଲ୍ କରିଥିଲେ। ଦୟାନିଧି ନିଜ ସଂସ୍ଥାରେ ଅଭିନେତ୍ରୀଙ୍କୁ କମ୍ ଟଙ୍କାରେ କାମ କରାଇବା ସହ ସମସ୍ତ ପ୍ରୋଜେକ୍ଟ ତାଙ୍କ ମାଧ୍ୟମରେ କରିବାକୁ ବାଧ୍ୟ କରିଥିଲେ। ଅଭିନେତ୍ରୀ ଜଣକ ତାଙ୍କ କଥାରେ ରାଜି ନ ହେବାରୁ ଦୟାନିଧି ପ୍ରତିଶୋଧପରାୟଣ ହୋଇପଡ଼ିଥିଲେ। ଅଭିନେତ୍ରୀଙ୍କ ମା'ଙ୍କୁ ବହୁ ସମୟରେ ଫୋନ୍ କରି ହଇରାଣ କରିଥିଲେ। ଏଥିସହ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏପରିକି ଅଭିନେତ୍ରୀଙ୍କ ସାନଭାଇଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ୨୦୨୨ରେ ପ୍ରଯୋଜକ ଜଣକ ଅଭିନେତ୍ରୀଙ୍କ ନାଁରେ ବିଭିନ୍ନ ଫେକ୍ ଆଇଡି କରି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରିଥିଲେ। ଏହାକୁ ନେଇ ୨୦୨୨ ମାର୍ଚ୍ଚରେ ଲକ୍ଷ୍ମୀସାଗର ଥାନାରେ ଆପୋସ ସମାଧାନ ହୋଇଥିଲା। ହେଲେ ଦୟାନିଧି ଏହାପରେ ମଧ୍ୟ ସୁଧୁରି ନ ଥିଲେ। ନିବିଡ଼ ସମ୍ପର୍କ ମଧ୍ୟରେ ଦୟାନିଧି ଉଠାଇ ରଖିଥିବା ଅଭିନେତ୍ରୀଙ୍କ ବିଭିନ୍ନ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ଭାଇରାଲ କରିଥିଲେ। ଏହାପରେ ଅଭିନେତ୍ରୀ ଜଣକ ଗତ ଜୁଲାଇ ୭ରେ ଭୁବନେଶ୍ୱର ଜେଏମ୍ଏଫ୍‌ସି-୪ଙ୍କ କୋର୍ଟରେ ପିଟିଶନ ଦାଖଲ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଦୟାନିଧିଙ୍କ ନାଁରେ ପୋଲିସ ଏକ ମାମଲା (ନଂ.୨୯୮/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ଡ. ଆଶିଷ ଘୋଷ ଆଇଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ

ଭୁବନେଶ୍ୱର,୨୮।୭
(ଅନୁରାଧା ମହାରଣା)



ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେଶନ ଟେକ୍ନୋଲୋଜି (ଆଇଆଇଆଇଟ) ଭୁବନେଶ୍ୱରର ନୂଆ ନିର୍ଦ୍ଦେଶକ ଭାବେ ଡ. ଆଶିଷ ଘୋଷ ନିଯୁକ୍ତ ହୋଇଛନ୍ତି। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ଡ. ଘୋଷଙ୍କୁ ଏହି ପଦବୀରେ ନିଯୁକ୍ତ କରିଛନ୍ତି। ଏହା ପୂର୍ବରୁ ଡ. ଘୋଷ କୋଲକାତାର ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ, ଟେକ୍ନୋଲୋଜି ଇନୋଭେଶନ ହବ୍‌ରେ ପ୍ରଫେସର ତଥା ପ୍ରକଳ୍ପ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କର ୨୮ ବର୍ଷର ଅଧ୍ୟାପନା ଅଭିଜ୍ଞତା ରହିଛି। ସେ ୧୦ଟି ପୁସ୍ତକ ରଚନା କରିବା ସହ ୧୦ଜଣ ପିଏଚ୍‌ଡି ଛାତ୍ରଙ୍କୁ ସଫଳତାର ସହ ମାର୍ଗଦର୍ଶନ କରାଇଛନ୍ତି। ଆଇଆଇଆଇଟି ଭୁବନେଶ୍ୱର ଛାତ୍ରୀଛାତ୍ରଙ୍କୁ ଉତ୍ତମାନର ଶିକ୍ଷାଦାନ ଦିଗରେ ପ୍ରାଥମିକତା ଦେବା ପ୍ରଥମ ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି।

# ନୀତି ସବ୍‌କମିଟି ବୈଠକରେ ଝୁଲିଲା ନିଷ୍ପତ୍ତି

ପୁରୀ, ୨୮।୭(ଅଜିତ କୁମାର ମହାନ୍ତି)



ନୀତି ସବ୍‌କମିଟି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଅନ୍ୟମାନେ।

**ବନକଲାଗି ବିବାଦ**

- ଅଗଷ୍ଟ ୧ ପରିଚାଳନା କମିଟି ବୈଠକକୁ ଅପେକ୍ଷା
- ଜିଦ୍ ଧରିଥିବା ଦଇତାପତି ଦଉମହାପାତ୍ର ନିଯୋଗ ନରମିଲା

ମହାପ୍ରଭୁଙ୍କ ବନକଲାଗି ନୀତିକୁ ନେଇ ଚାଲିଥିବା ବିବାଦ ତୁଟିନାହିଁ। ଫଳରେ ନୀଳାଦ୍ରି ବିଜେ ପରଠାରୁ ଏପର୍ଯ୍ୟନ୍ତ ଦୀର୍ଘ ୨୮ ଦିନ ହେଲା ମହାପ୍ରଭୁଙ୍କ ବନକ ଲାଗି ବା ଶ୍ରୀମୁଖ ଶୃଙ୍ଗାର ହୋଇପାରିନାହିଁ। ଶ୍ରୀମନ୍ଦିର ପ୍ରଶାସନ ବୁଧବାର ଓ ଦଉମହାପାତ୍ର ନିଯୋଗ ଗୁରୁବାର ବନକଲାଗି ନୀତି କରିବା ପାଇଁ ଜିଦ୍ ଧରି ବସଛନ୍ତି। ଏହି ବିବାଦର ସମାଧାନ ପାଇଁ ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ନୀତି ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ବୈଠକରେ ଦୀର୍ଘ ସମୟ ଧରି ବିସ୍ତୃତ ଭାବେ ବିଚାରବିମର୍ଷ ପରେ ବି କୌଣସି ନିଷ୍କର୍ଷ ବାହାରିପାରିନାହିଁ। ତେଣୁ ନିଷ୍ପତ୍ତି ଝୁଲିରହିଛି। ଆସନ୍ତା ଅଗଷ୍ଟ ୧ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ ଏବଂ ଦଉମହାପାତ୍ର ନିଯୋଗ ମଧ୍ୟରେ ସମନ୍ୱୟର ଅଭାବ ଦେଖାଦେଇଛି। ଗୋଟିଏ ପଟେ ପ୍ରତ୍ୟେକ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ଜିଦ୍ ଧରିଛି। ଅନ୍ୟପଟେ ପ୍ରତ୍ୟେକ ଗୁରୁବାର ବନକଲାଗି କରିବାକୁ ଦଉମହାପାତ୍ର ନିଯୋଗ ଅଡ଼ି ବସିଛି। ଫଳରେ ବିବାଦ ଉପୁଜିବା ସହ କେଉଁ ବାରରେ ବନକଲାଗି ହେବ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ନେଇ ଶୁକ୍ରବାର ନୀତି ସବ୍‌କମିଟି ବୈଠକ ବସିଥିଲା। ତେଣୁ ସମାଧାନର ବାଟ ବାହାରିବ ବୋଲି ଆଶା କରାଯାଉଥିଲା। ହେଲେ ସେହି ଆଶା ମଉଳିଯାଇଛି। ବୈଠକରେ ବାମଦେବ ସଂହିତା, ନୀଳାଦ୍ରି ମହୋଦୟ ପ୍ରଭୃତି ଶାସ୍ତ୍ର, ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ୍ସ ଏବଂ ବିଭିନ୍ନ ନିଯୋଗର ସଦସ୍ୟମାନଙ୍କ ମତାମତକୁ ଭିତ୍ତି କରି ବିସ୍ତୃତ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରି ନ ଥିଲା। ବୈଠକ ପରେ ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ମହାପ୍ରଭୁଙ୍କ ବନକଲାଗି ପାଇଁ ବାରକୁ ନେଇ ବିବାଦ ଦେଖାଦେଇଛି। ତେବେ ଖୁବ୍‌ଶୀଘ୍ର ବିବାଦର ଅନ୍ତ ହେବ ବୋଲି ଆଶା ରହିଛି। ନୀତି ସବକମିଟି ବୈଠକରେ ବରିଷ୍ଠ ସଦସ୍ୟମାନେ ବିଭିନ୍ନ ମତ ଦେଇଛନ୍ତି। ଏବେ ମତଗୁଡ଼ିକୁ ସାର୍ବଜନୀନ କରିବା ଠିକ୍ ନୁହେଁ। ଆସନ୍ତା ଅଗଷ୍ଟ ୧ତାରିଖରେ ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ। କାରଣ ଚୂଡ଼ାନ୍ତ ନିଷ୍ପତ୍ତି ନେବାର ଅଧିକାର କେବଳ ପରିଚାଳନା କମିଟିର ରହିଛି। ଶାସ୍ତ୍ରର ମତ, ରେକର୍ଡ ଅଫ୍ ରାଇଟ୍‌ସ ଏବଂ ଆସିଥିବା ମତାମତକୁ ଭିତ୍ତି କରି ନିଷ୍ପତ୍ତି ନିଆଯିବ। ଆଲୋଚନାର ବାଟ ବର୍ତ୍ତମାନ ଖୋଲା ରହିଛି। ଆଶା କରୁଛୁ, ପ୍ରଶାସନକୁ ଦଉ ମହାପାତ୍ରମାନେ ସହଯୋଗ କରିବେ। ପରିଚାଳନା କମିଟି ଏବଂ ନୀତି ସବ୍‌କମିଟିର ନିଷ୍ପତ୍ତିକୁ ପ୍ରଶାସନ କାର୍ଯ୍ୟକାରୀ କରିବ। ବିକଳ୍ପର ବ୍ୟବସ୍ଥା ରହିଛି। ତେବେ ବର୍ତ୍ତମାନ ଯାଏ ବିକଳ୍ପ ନେଇ କୌଣସି ଆଲୋଚନା କରାଯାଇନାହିଁ। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସମହାପାତ୍ର କହିଛନ୍ତି, ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଗଲା। ସମସ୍ତେ ମତ ରଖିଥିଲେ। ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ଦଉମହାପାତ୍ର ନିଯୋଗ ନରମି ଥିବା ଜଣାପଡ଼ିଛି। ଦଉମହାପାତ୍ର ସେବକ ବିଜୟ ଦଉମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ପାଇଁ ଯେବେ ମନ୍ଦିର ପ୍ରଶାସନ କହିବ ଆମେ କରିବା ପାଇଁ ପ୍ରସ୍ତୁତ ଅଛୁ। ପରିଚାଳନା କମିଟିରେ ଏନେଇ ଆଲୋଚନାର ଆବଶ୍ୟକତା ନାହିଁ। ଆସନ୍ତା ବୁଧବାର ନକ୍ଷତ୍ର ବନ୍ଦାପନା ପଡୁଥିଲେ ମଧ୍ୟ ଯଦି ପ୍ରଶାସନ କହିବ ତେବେ ନୀତି କରିବୁ। ଅନେକ ଦିନ ହେଲା ବନକଲାଗି କରାଯାଇନାହିଁ, ଶ୍ରୀବିଗ୍ରହମାନେ ମଳିନ ଦେଖାଗଲେଣି। ତେଣୁ ଭଲ ଲାଗୁନାହିଁ, କଥା ଧରିକି କିଛି ଲାଭ ନାହିଁ। ମହାପ୍ରଭୁ ଯାହା କରିବେ। ତେବେ ବୁଧବାର ଭଳି ଗୁରୁବାର ମଧ୍ୟ ବନକଲାଗି କରାଯିବାର ସୁଯୋଗ ଦିଆଯିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଆସନ୍ତା ବୁଧବାର ନକ୍ଷତ୍ର ବନ୍ଦାପନା ନୀତି ଥିବାରୁ ବନକଲାଗି ହେବ କି ନାହିଁ, ତାକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଆସନ୍ତା ଅଗଷ୍ଟ ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ କ'ଣ ନିଷ୍ପତ୍ତି ନିଆଯାଉଛି ଏବେ ତାହା ଉପରେ ସମସ୍ତଙ୍କ ନଜର।

## ସେଲ୍ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଜଗନ



@ ମନୋଜ



@ ମେଲ୍ପି



@ ପଞ୍ଚାନନ



@ ଜୁନେଦ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଲୟୋଲା ଡେ' ପାଳିତ



ସମ୍ମାନିତ ଫାଦରମାନଙ୍କ ସହ ବିଦ୍ୟାଳୟ ଅଧ୍ୟକ୍ଷ ଫାଦର ଭିକ୍ଟର.ଏଫ୍. ମିସ୍କୁଇଥ।

ଭୁବନେଶ୍ୱର,୨୮।୭(ଅନୁରାଧା ମହାରଣା)

ଲୟୋଲା ସ୍କୁଲ ପରିସରରେ ଶୁକ୍ରବାର ଲୟୋଲା ଡେ' ପାଳିତ ହୋଇଯାଇଛି। ଜେସୁଇଟ୍ ସୋସାଇଟ୍‌ର ଫାଉଣ୍ଡର ସେଣ୍ଟ ଇଗ୍ନେସିୟସ୍‌ଙ୍କ ସ୍ମୃତି ତଥା ଜୀବନୀ ଉପରେ ପିଲାଙ୍କୁ ଅବଗତ କରାଇବା ଏହି ଉତ୍ସବର ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ବିଦ୍ୟାଳୟରେ କାର୍ଯ୍ୟରତ ଫାଦରମାନଙ୍କୁ ସେମାନଙ୍କ ତ୍ୟାଗ ତଥା ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ, ନୃତ୍ୟ, ଗୀତ ତଥା ଅଭିନୟ ମାଧ୍ୟମରେ ସେଣ୍ଟଇଗ୍ନେସିୟସ୍‌ଙ୍କ ତ୍ୟାଗ ତଥା ସଂଘର୍ଷପୂର୍ଣ୍ଣ ଜୀବନ ଉପରେ ଆଲୋକପାତ କରିଥିଲେ। ରେକ୍ଟର ଫାଦର ଅଗଷ୍ଟିନ୍ ନିଜ ପ୍ରେରଣାଦାୟକ ଭାଷଣ ଦ୍ୱାରା ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଫାଦର ଭିକ୍ଟର.ଏଫ୍. ମିସ୍କୁଇଥ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଘ ଓ ପରିସଂସ୍ଥା



ପରିସଂସ୍ଥା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରାକୃତିକ ବ୍ୟବସ୍ଥା। ଏହାର ସନ୍ତୁଳନ ରକ୍ଷା ତନ୍ମଧ୍ୟରେ ବାସ କରୁଥିବା ପ୍ରତ୍ୟେକ ସଜୀବର ସୃଷ୍ଟି , ବିକାଶ ଓ ସ୍ଥିତି ପାଇଁ ଅତ୍ୟାବଶ୍ୟକ ଏବଂ ପକ୍ଷାନ୍ତରେ ଏହି ପ୍ରତ୍ୟେକ ପ୍ରଜାତିର ମଧ୍ୟ ଏଥିପ୍ରତି ଅବଦାନ ରହିଛି। ଏଣୁ ତହିଁରୁ କାହାରି ବଂଶ ଅତ୍ୟଧିକ ହ୍ରାସ ବୃଦ୍ଧି ଏ ସନ୍ତୁଳନକୁ ବାଧା ପହଞ୍ଚାଇଥାଏ। ବର୍ତ୍ତମାନ ମନୁଷ୍ୟର ବିବିଧ ଅପରିଣାମଦର୍ଶୀ କାର୍ଯ୍ୟକଳାପ ହେତୁ ପରିବେଶ ବିପର୍ଯ୍ୟସ୍ତ ହେବା ସହିତ ଏମାନଙ୍କ ବାସସ୍ଥାନ ସଙ୍କୁଚିତ ହୋଇ ପରିସଂସ୍ଥୀୟ ସନ୍ତୁଳନକୁ ନଷ୍ଟ କରିବାରେ ଲାଗିଛି। ପରିଣାମରେ ପ୍ରତ୍ୟହ ବିଲୁପ୍ତ ହେବାରେ ଲାଗିଛି ଶତାଧିକ ଜଣା ଅଜଣା ପ୍ରଜାତି ଏବଂ ବିଲୁପ୍ତିପଥରେ ଆଗେଇ ଚାଲିଛନ୍ତି ଆହୁରି ଅନେକ। ବାଘ ଏବର ଶେଷୋକ୍ତ ଶ୍ରେଣୀର ଅନ୍ୟତମ ସଦସ୍ୟ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଜାତି ହୋଇଥିବାରୁ ଏହାର ବିଲୁପ୍ତି କିମ୍ବା ବ୍ୟାପକ ବଂଶହାନି ପରିବେଶ ଓ ପରିସଂସ୍ଥାକୁ ଗଭୀର ଭାବେ ପ୍ରଭାବିତ କରିବ।

ଏକଦା ଆମ ଦେଶର ଅରଣ୍ୟଗୁଡ଼ିକରେ ଥିଲେ ହଜାର ହଜାର ସଂଖ୍ୟକ ବାଘ। ବ୍ୟାପକ ଶିକାର, କୃଷିର ସମ୍ପ୍ରସାରଣ ଓ ଶିଳ୍ପ ତଥା ବସତି ସ୍ଥାପନ ଲାଗି ଅରଣ୍ୟକ୍ଷୟ ଇତ୍ୟାଦି କାରଣରୁ ସେମାନଙ୍କ ବଂଶ ଦ୍ରୁତ ହ୍ରାସ ପାଇବାକୁ ଲାଗିଲା ଏବଂ ୧୯୭୨ ମସିହାରେ ଅନୁଷ୍ଠିତ ପ୍ରଥମ ସର୍ବଭାରତୀୟ ବ୍ୟାଘ୍ର ଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ପହଞ୍ଚିଯାଇଥିଲା ମାତ୍ର ୧୮୨୭ରେ। ତେଣୁ ତଦାନିନ୍ତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ପ୍ରଣୟନ କଲେ ଏବଂ ୨୯ଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପ୍ରତିଷ୍ଠା କରାଇଲେ। ଫଳରେ ସେମାନଙ୍କ ସଂଖ୍ୟା ହଠାତ୍ ବୃଦ୍ଧି ପ୍ରାପ୍ତ ହେଲା ଏବଂ ତପ୍ପରେ ପୁନଶ୍ଚ କିଛିଟା ହ୍ରାସ ପାଇଲା। କିନ୍ତୁ ୨୦୦୭ ମସିହାଠାରୁ ଏହା କ୍ରମାଗତ ଭାବେ ବଢ଼ି ବଢ଼ି ଚାଲିଛି। ସର୍ବଭାରତୀୟ ବ୍ୟାଘ୍ର ଗଣନା ଅନୁସାରେ ଏହା ୧୯୭୨ ମସିହାରୁ ୧୯୭୯ ମସିହା ମଧ୍ୟରେ ୧୮୨୭ ରୁ ୩୦୧୫କୁ ବୃଦ୍ଧି ପାଇଲା ବେଳେ ୧୯୮୪ ମସିହା ବେଳକୁ ୪୦୦୫ରେ, ୧୯୮୯ରେ ୪୩୩୪ରେ ପହଞ୍ଚିଥିଲା। ତପ୍ପରେ ୧୯୯୩ ମସିହାରେ ତାହା ୩୭୫୦ରେ, ୧୯୯୭ ମସିହା ବେଳକୁ ୩୫୦୬, ୨୦୦୨ ମସିହା ବେଳକୁ ୩୬୪୨ ଏବଂ ୨୦୦୬ ମସିହାରେ ୧୪୧୧କୁ ଖସି ଆସିଲା। କିନ୍ତୁ ଏହା ପରଠାରୁ ଅର୍ଥାତ ୨୦୧୦ ମସିହାରେ ଆମ ଦେଶର ବାଘ ସଂଖ୍ୟା ୧୭୦୬ ତଥା ୨୦୧୪, ୨୦୧୮ ଏବଂ ୨୦୨୨ ଯଥାକ୍ରମରେ ୨୨୨୬, ୨୯୬୭ ଏବଂ ୩୧୬୭କୁ ବୃଦ୍ଧି ପାଇବାର ବ୍ୟାଘ୍ର ଗଣନାରୁ ଜଣାପଡ଼ିଛି। ଇତିମଧ୍ୟରେ (୨୦୨୩ ମସିହା ସୁଦ୍ଧା) ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଖ୍ୟା ମଧ୍ୟ ୫୩ରେ ପହଞ୍ଚିଛି। ଫଳରେ ଏଠାରେ ଏବେ ବାସ କରୁଛନ୍ତି ସମଗ୍ର ବିଶ୍ୱର ୭୦ ରୁ ୭୫ ଶତାଂଶ ବାଘ। ଆଶା କରାଯାଏ ଯେ, ଆଗାମୀ ବର୍ଷଗୁଡ଼ିକରେ ଏମାନଙ୍କ ସଂଖ୍ୟା ଆହୁରି ୧୫୦୦ରୁ ୫୦୦୦ ପର୍ଯ୍ୟନ୍ତ ବଢ଼ିପାରେ। ତେବେ ଆମ ଦେଶରେ ସମୁଦାୟ ବାଘ ସଂଖ୍ୟାକୁ ୪୦୦୦ରୁ ୫୦୦୦ ମଧ୍ୟରେ ସୀମିତ ରଖିବାକୁ ମତ ଦେଲେଣି କିଛି ପରିବେଶବିଜ୍ଞାନୀ। ତଦନୁସାରେ ଏହା ତହିଁରୁ ଅଧିକ ହୋଇଗଲେ ସେଗୁଡିକର ସୁପରିଚାଳନା ହୋଇପାରିବ ନାହିଁ ଏବଂ ମଣିଷ-ବାଘ ସଂଘର୍ଷ ବଢ଼ି ଚାଲିବ। ଏପରିକି ପରିସଂସ୍ଥୀୟ ସନ୍ତୁଳନକୁ ମଧ୍ୟ ବ୍ୟାହତ କରିବ।

ବାଘକୁ କୁହାଯାଏ 'ଛତ୍ର ପ୍ରଜାତି'। କାରଣ ଖାଦ୍ୟଶୃଙ୍ଖଳ ଶୀର୍ଷରେ ଥିବା ଖାଦକ ହିସାବରେ ଏହା ନିଜେ ବାସ କରୁଥିବା ପରିସଂସ୍ଥାର ରୂପରେଖ ନିର୍ଦ୍ଧାରଣ କରେ ଏବଂ ଏହା ମାଧ୍ୟମରେ ସୁରକ୍ଷାର 'ଛାୟା' ପ୍ରଦାନ କରେ ହଜାର ହଜାର ଅନ୍ୟାନ୍ୟ ପ୍ରଜାତିମାନଙ୍କୁ। ଆମ ଦେଶର ୩୫୦ରୁ ଅଧିକ ନଦନଦୀର ନିର୍ଗମନ ଘଟିଛି ବାଘମାନଙ୍କ ବାସସ୍ଥଳୀରୁ। ଏହି ବଣଜଙ୍ଗଲ ପୂର୍ଣ୍ଣ ସ୍ଥାନଗୁଡିକ ମଣିଷ ଦାଉରୁ ଅଧିକ ସୁରକ୍ଷିତ। ସେଗୁଡ଼ିକ ନଦୀଗୁଡ଼ିକୁ ଜଳପୁଷ୍ଟ ହେବା, ବାୟୁରୁ ଅଙ୍ଗାରକାମ୍ଳ ଶୋଷଣ ସହିତ ତାହାକୁ ଅମ୍ଳଜାନରେ ସମୃଦ୍ଧ କରିବା ଏବଂ ଭୂତଳ ଜଳସ୍ତର ବୃଦ୍ଧି ଆଦି ପ୍ରାକୃତିକ ପ୍ରକ୍ରିୟାରେ ସହାୟକ ହେଉଛନ୍ତି। ଅନ୍ୟପକ୍ଷରେ ଏହାଦ୍ୱାରା ଜଳବାୟୁ ପରିବର୍ତ୍ତନ, ବାତ୍ୟା, ବନ୍ୟା ଇତ୍ୟାଦି ବିପର୍ଯ୍ୟୟ ନିୟନ୍ତ୍ରିତ ହେଉଛି। ଏସବୁର ମୂଲ୍ୟ ବାର୍ଷିକ ପ୍ରାୟ ୨୧୯ ହଜାର ନିୟୁତ ଆମେରିକୀୟ ଡଲାର ହୋଇପାରେ ବୋଲି ଆକଳନ କରିଛନ୍ତି ଭାରତ ଓ ଅଷ୍ଟ୍ରେଲିଆର ଏକ ବୈଜ୍ଞାନିକ ଦଳ।

> ୨୦୧୦ ମସିହାରେ ଆମ ଦେଶର ବାଘ ସଂଖ୍ୟା ୧୭୦୬ ଥିବାବେଳେ ୨୦୧୪ରେ ୨୨୨୬, ୨୦୧୮ରେ ୨୯୬୭ ଏବଂ ୨୦୨୨ରେ ୩୧୬୭କୁ ବୃଦ୍ଧି ପାଇବାର ବ୍ୟାଘ୍ର ଗଣନାରୁ ଜଣାପଡ଼ିଛି। ଏଥିସହିତ ୨୦୨୩ ମସିହା ସୁଦ୍ଧା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଖ୍ୟା ମଧ୍ୟ ୫୩ରେ ପହଞ୍ଚିଛି।

ବ୍ୟାଘ୍ର ସଂରକ୍ଷଣର ଜାଗତିକ ଉଷ୍ମତା ବୃଦ୍ଧି ଉପରେ ଏବେ ଅଧ୍ୟୟନମାନ ଚାଲିଛି। ସେଥିରୁ ଗୋଟିଏ ଭୋପାଳସ୍ଥିତ 'ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ ଅଫ୍ ଫରେଷ୍ଟ ମ୍ୟାନେଜମେଣ୍ଟ' ଏବଂ 'ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି 'ଦ୍ୱାରା ଛ'ଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ବେଟ, କାହ୍ନା, କାଜିରଙ୍ଗା, ପେରିୟାର, ରାଥାମ୍ଭୋର ଏବଂ ସୁନ୍ଦରବନଠାରେ ଅନୁଷ୍ଠିତ ହୋଇଥିଲା। ତହିଁରୁ ଜଣାପଡିଥିଲା ଯେ, ଏଗୁଡିକର ଅର୍ଥନୈତିକ ଅବଦାନ ହେଉଛି ବାର୍ଷିକ ୮.୩ ରୁ ୧୭.୬ ହଜାର ନିୟୁତ (ବିଲିୟନ) ଟଙ୍କା। ତପ୍ପରେ ୨୦୧୯ ମସିହାରେ ଆନାମଲାଇ, ବଣ୍ଡିପୁର, କୁଧଓ୍ୱା, ମେଲଘାଟ, ନାଗାର୍ଜୁନସାଗର, ଶ୍ରୀସାଇଲମ୍, ପାକ୍କେ, ପାଲାମାଉ, ପାନ୍ନା, ସିମିଳିପାଳ ଏବଂ ବାଲ୍ମୀକି (୧୦ଟି) ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପଗୁଡ଼ିକରେ ଅନୁଷ୍ଠିତ ସେହି ପ୍ରକାର ଅଧ୍ୟୟନରୁ ଏଗୁଡିକର ସାମୂହିକ ଆର୍ଥିକ ଅବଦାନ (ପରିସଂସ୍ଥା ସମୁନ୍ନତ ଇତ୍ୟାଦି ) ୫,୦୯୫ରୁ ୧୬,୨୦୨ କୋଟି ଟଙ୍କା ବୋଲି ଆକଳନ କରାଯାଇଥିଲା। ତେବେ ଜାଗତିକ ଉଷ୍ମତା ହ୍ରାସ ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରକୁ ଏହାର ଅବଦାନ କଥା ତହିଁରେ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା।

ନିକଟରେ ଏ ବିଗରେ ଆଲୋକପାତ କରିଛନ୍ତି 'ନ୍ୟାଶନାଲ ୟୁନିଭର୍ସିଟି ଅଫ ସିଙ୍ଗାପୁର' ସ୍ଥିତ 'ସେଣ୍ଟର ଫର୍ ନେଚର-ବେସ୍ଡ କ୍ଲାଇମେଟ୍ ଚେଞ୍ଜ ସଲ୍ୟୁଶନ'ର ଆକାଶ ଲାମ୍ବା ଏବଂ ତାଙ୍କ ସହଯୋଗୀମାନେ। ତଦନୁସାରେ 'ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି' ଦ୍ୱାରା ଆମ ଦେଶରେ ସ୍ଥାପିତ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପଗୁଡ଼ିକର ଅର୍ଥନୈତିକ ଅବଦାନ ବାର୍ଷିକ ୬୭୯ କୋଟି ଟଙ୍କା ଏବଂ ସେଗୁଡ଼ିକ ବାୟୁମଣ୍ଡଳକୁ ପ୍ରାୟ ୧ ନିୟୁତ ଟନ୍ ଅଙ୍ଗାରକାମ୍ଳର ପ୍ରବେଶ ନିବାରଣ କରନ୍ତି। (ନେଚର ଇକୋଲୋଜି ଆଣ୍ଡ ଇଭାଲ୍ୟୁଶନ ପତ୍ରିକା, ଜୁନ୍ ୨୦୨୩)। ଏହା ବ୍ୟତୀତ ବାଘଙ୍କ ଉପସ୍ଥିତି ଅରଣ୍ୟକୁ କାଠମାଫିଆ ଏବଂ ଶିକାରୀମାନଙ୍କଠାରୁ ସୁରକ୍ଷା ଦେବା ଫଳରେ ଜୈବ ବିବିଧତାର ସୁରକ୍ଷା ଏବଂ ଜାଗତିକ ଉଷ୍ମତା ନିୟନ୍ତ୍ରଣ ମଧ୍ୟ ହୋଇପାରୁଛି।

ଇତିମଧ୍ୟରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବାହାରେ ଥିବା କେତେକ ଅରଣ୍ୟ ମଧ୍ୟରେ ବାଘ ଓ ଚିତାବାଘ ପାଳନ ଲାଗି ପ୍ରୟାସ ହେଉଛି। କାରଣ ସେସବୁ ସ୍ଥାନରେ ଆଗରୁ ସେମାନେ ବାସ କରୁଥିଲେ। କିନ୍ତୁ ଏ ଉଦ୍ୟମ ସଫଳ ହେଉନାହିଁ। କାରଣ ଇତିମଧ୍ୟରେ ସେଠାର ପରିସଂସ୍ଥା ବଦଳି ସାରିଛି। ଏପରିସ୍ଥଳେ ତାହା ନ କରି ଯଦି ସମ୍ଭବ ହୁଏ ଏବଂ ପରିବେଶ ବିଜ୍ଞାନୀମାନେ ସମ୍ମତ ହୁଅନ୍ତି ତେବେ ଅଧିକ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସ୍ଥାପନ, ସେଗୁଡିକୁ ସେମାନଙ୍କ ଯାତାୟତ ପାଇଁ ଅରଣ୍ୟ ରାସ୍ତା ଦ୍ୱାରା ଯୋଡ଼ିବା, ବାଘ ସମେତ ସେମାନଙ୍କ ଖାଦ୍ୟ ରୂପେ ବ୍ୟବହାର ହେଉଥିବା ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଶିକାର ରୋକିବା ଆଦି ଦିଗରେ ପଦକ୍ଷେପ ଅଧିକ ଫଳପ୍ରଦ ହେବ।

**- ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**

ଉଷାନିବାସ, ୧୨୪/୨୪୪୫ ଖଣ୍ଡଗିରି ବିହାର,
ଭୁବନେଶ୍ୱର, ମୋ-୯୯୩୭୩୦୧୪୬୦

## ରାଜ୍ୟ ଖବର

### ସଂକ୍ଷେପରେ

## ବନ୍ଧୁଙ୍କୁ ସହାୟତା କରି ବନ୍ଧାହେଲେ ୨

### କନିଷ୍ଠଯନ୍ତ୍ରୀଙ୍କ ନିକଟରୁ ମିଳିଲା ଜୀବନ୍ତ ଗୁଳି

ଦାମନଯୋଡି,୨୮।୭(ନରସିଂହ ବ୍ରହ୍ମା)

ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ସୁନାବେଡ଼ା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ବିଦ୍ୟୁତ୍ ବିଭାଗ ଟାଟାପାୱାରର କନିଷ୍ଠଯନ୍ତ୍ରୀ ସରୋଜ କୁମାର ବେହେରା ଅଛନ୍ତି। ତାଙ୍କ ଘର ଦାମନଯୋଡି ନିକଟସ୍ଥ ଭେଜାପୁଟ ଅଞ୍ଚଳର ଶାନ୍ତି ନଗରରେ। ଗିରଫ ଅନ୍ୟ ଜଣେ ହେଉଛନ୍ତି ସଞ୍ଜୟ ପ୍ରଧାନ। ଉଭୟଙ୍କୁ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଖବରରୁ ଜଣାପଡିଛି, ସଞ୍ଜୟ ତାଙ୍କ ବାପାଙ୍କ ସହ ପାରିବାରିକ କୌଣସି ବିଷୟକୁ ନେଇ ନିକଟରେ କଳହ ହୋଇଥିଲା। ବାପାଙ୍କୁ ଭୟଭୀତ କରାଇବା ପାଇଁ ସଞ୍ଜୟ ବାପାଙ୍କୁ ବନ୍ଧୁକ ଦେଖାଇଥିଲେ। ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ସୁନାବେଡ଼ା ପୋଲିସ ସଞ୍ଜୟଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ତେବେ ବନ୍ଧୁକ ସମ୍ପର୍କରେ ତାଙ୍କୁ ପଚରାଯିବାରୁ ସେ ଟାଟାପାୱାରର କନିଷ୍ଠଯନ୍ତ୍ରୀ ସରୋଜଙ୍କ ନାଁ ନେଇଥିଲେ। ପୋଲିସ ତଦନ୍ତ କରି ସରୋଜଙ୍କଠାରୁ ଜୀବନ୍ତ ଗୁଳି ଜବତ କରିଥିଲା। ତାଙ୍କୁ ଗିରଫ କରି ଆଣି ପଚରାଉଚରା ପରେ କୋର୍ଟଚାଲାଣ କରାଯାଇଥିଲା। ସଞ୍ଜୟ ତାଙ୍କ ବାପାଙ୍କୁ ବନ୍ଧୁକ ଦେଖାଉଥିବା ବେଳେ ସେଥିରେ ଗୁଳି ନ ଥିଲା। ଏହି ଗୁଳି ସରୋଜଙ୍କ ନିକଟରେ ଥିଲା। ବନ୍ଧୁତା ଦୃଷ୍ଟିରୁ ସଞ୍ଜୟଙ୍କୁ ସାହଯ୍ୟ କରି ସରୋଜ ଜେଲ ଗଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଓଡ଼ିଶା ହେବ ଆଇଟି, ସେମିକଣ୍ଡକ୍ଟର ହଟ୍‌ସ୍ପଟ୍

- ୪ ହଜାର କୋଟି ପୁଞ୍ଜିନିବେଶ କରିବ ଏଚ୍‌ଡିଆଇ-ପିସିବି ମାନୁଫାକ୍ଚରିଂ ଫାସିଲିଟି
- ବିଭିନ୍ନ ଆଇଟି କମ୍ପାନୀ ସହ ଆଲୋଚନା କଲେ ଓଡ଼ିଶା ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର,୨୮।୭(ଅନିଲ ଦାସ)

ଓଡ଼ିଶା ବିଶ୍ୱର ଆଇଟି ଏବଂ ସେମିକଣ୍ଡକ୍ଟର ହଟ୍‌ସ୍ପଟ୍ ହେବାକୁ ଯାଉଛି। ବହୁ ଆଇଟି ଓ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶାରେ ସେମାନଙ୍କ ପୁଞ୍ଜିନିବେଶ ପାଇଁ ଆଗ୍ରହ ଦେଖାଇଛନ୍ତି। ଆମେରିକା ଗସ୍ତରେ ଥିବା ଓଡ଼ିଶା ଟିମ୍ ସିଲିକନ ଭ୍ୟାଲିଠାରେ ଆଇଟି, ସେମିକଣ୍ଡକ୍ଟର ଡିଜାଇନ ଓ ଅଟୋମେଶନ, ଭିସି, ପ୍ରଫେସନାଲ ସର୍ଭିସେସ, ଏଆଇ/ଏମ୍ଏଲ୍, ୫ଜି ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ସହ ଆଲୋଚନା କରିଛି। ଏଥିସହିତ ପ୍ରତିନିଧି ଦଳ ବିଭିନ୍ନ ସଫ୍ଟୱେର କମ୍ପାନୀ, ମେଜର ଆଇଟି, ଏମ୍ଏନ୍‌ସି, କଗ୍‌ନିଜାଣ୍ଟ ଟେକ୍ନୋଲୋଜି ସଲ୍ୟୁଶନ କମ୍ପାନୀ ସହ ଆଲୋଚନା କରିଛି। ଏଥିସହିତ ପ୍ରତିନିଧି ଦଳ ଗ୍ଲୋବାଲ ଏଚ୍‌ଡିଆଇ ପିସିବି ମାନୁଫାକ୍ଚରିଂ ଆଇଏସି ପ୍ରମୋଟର ତଥା ଇଣ୍ଟେଲର ପୂର୍ବତନ ଏକ୍‌ଜିକ୍ୟୁଟିଭ ପି.ଆର. ପଟେଲଙ୍କୁ ସାକ୍ଷାତ କରିବା ସହ ଓଡ଼ିଶାରେ ପୁଞ୍ଜିନିବେଶର ଅନୁକୂଳ ବାତାବରଣ ସମ୍ପର୍କରେ ସୂଚନା ଦେଇଥିଲା। ଆଲୋଚନା ପରେ ପଟେଲ ଓଡ଼ିଶାରେ ୪୩୬୦ କୋଟି ଟଙ୍କାର ଏଚ୍‌ଡିଆଇ-ପିସିବି ମାନୁଫାକ୍ଚରିଂ ଫାସିଲିଟି ସେଣ୍ଟର ସ୍ଥାପନ କରିବାକୁ ଆଗ୍ରହ ଦେଖାଇଛନ୍ତି। ଏହାଦ୍ୱାରା ରାଜ୍ୟରେ ୩୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏଚ୍‌ଡିଆଇ-ପିସିବି ହେଉଛି ପ୍ରିଣ୍ଟେଡ ସର୍କିଟ ବୋର୍ଡ(ପିସିବି), ଯାହା ପାରମ୍ପରିକ ସର୍କିଟ ବୋର୍ଡଠାରୁ ଉନ୍ନତମାନର। ପଟେଲଙ୍କ ଏକ ଟିମ୍ ଖୁବ୍‌ଶୀଘ୍ର ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ସେହିପରି ଓଡ଼ିଶା ପ୍ରତିନିଧି ଦଳ ଇଣ୍ଟିଗ୍ରେଅନ ସିଇଓ ସୁବ୍ରତୋ ମୁଖାର୍ଜୀଙ୍କ ସହିତ ଆଲୋଚନା କରିଥିଲା। ଏହି କମ୍ପାନୀ ଭାରତ ସମେତ ଆମେରିକା, ୟୁକେ ଏବଂ ଫିଲିପାଇନ୍ସରେ କାର୍ଯ୍ୟ କରୁଛି। ଏହା କଣ୍ଟ୍ରାକ୍ଟ ମ୍ୟାନେଜମେଣ୍ଟ, ଲିଗାଲ ଅପରେଶନ ସିଷ୍ଟମ୍ ସପୋର୍ଟ, ବିଜ୍‌ନେସ ଇଣ୍ଟେଲିଜେନ୍ସ ଆଣ୍ଡ ରିସର୍ଚ ଅପରେଶନ କ୍ଷେତ୍ରରେ ସେବା ଯୋଗାଇ ଆସୁଛି। ଓଡ଼ିଶାରେ ଇଣ୍ଟିଗ୍ରେଅନ ୫୦୦ ବ୍ୟକ୍ତି କ୍ଷମତା ବିଶିଷ୍ଟ ଅଫ୍‌ସୋର ଡେଭଲପମେଣ୍ଟ ସେଣ୍ଟର ଖୋଲିବ। କମ୍ପାନୀ ପକ୍ଷରୁ ଲେଟର ଅଫ୍ ଇଣ୍ଟେଣ୍ଟ(ଏଲ୍ଓଆଇ) ଗ୍ରହଣ କରାଯାଇଛି। ପରେ ପ୍ରତିନିଧି ଦଳ ସେଲୋନା ସିଇଓ ତଥା କୋ ଫାଉଣ୍ଡର ରାଜୀବ ଶାହାଙ୍କ ସହ ସାକ୍ଷାତ କରି ଆଲୋଚନା କରିଥିଲା। ଏହା ଓଡ଼ିଶାରେ ୫-ଜି ସେବା ସହ ଶିଳ୍ପାୟନ କ୍ଷେତ୍ରରେ ସହାୟତା କରିବ। ଏହାଛଡ଼ା ପ୍ରତିନିଧିମଣ୍ଡଳୀ ଇଫାବଲେସ୍ କର୍ପୋରେଶନ ସିଇଓ ମାଇକେଲ ୱାର୍ଷ୍ଟଙ୍କ ସହ ଆଲୋଚନା କରିଥିଲା।



କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସିଲେଟ ପଞ୍ଚାୟତ ଝାଞ୍ଜି ଗାଁରେ ଆମ୍ବୁଲାନ୍ସ ନ ଆସିପାରିବାରୁ ଜଣେ ଗର୍ଭବତୀଙ୍କୁ ଭାରରେ ଡାକ୍ତରଖାନାକୁ ବୋହି ନିଆଯାଉଛି।

## କାର୍ଯ୍ୟରେ ଅବହେଳା, ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

କାଲିମେଳା, ୨୮।୭(ଜୀବନକୃଷ୍ଣ ଦାସ)

ବିଦ୍ୟାଳୟ ପରିଚାଳନାରେ ଅବ୍ୟବସ୍ଥା ଏବଂ ଜଣେ ଛାତ୍ରୀ ନବୋଦୟ ପରୀକ୍ଷାରୁ ବଞ୍ଚିତ ହେବା ଘଟଣାରେ କାଲିମେଳା ବ୍ଲକ ତେଲରାଇ ପଞ୍ଚାୟତ ଅନ୍ତର୍ଗତ ଏମଭି-୧୨୬ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ସରକାର ନିଲମ୍ବିତ ହୋଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଜେନାଙ୍କ ନିର୍ଦ୍ଦେଶରେ ବିଇଓ ରମେଶ ବାରୋଇ ତାଙ୍କୁ ନିଲମ୍ବନ କରିଛନ୍ତି। ମମତା ସ୍କୁଲକୁ ଠିକ ସମୟରେ ନ ଆସିବା, ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଠିକ ରୂପେ ଖାଇବାକୁ ନ ଦେବା, ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିବା ନେଇ ବିଇଓ ଓ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା।

## ଓଡ଼ିଶାର ବିଭିନ୍ନ ପଛୁଆବର୍ଗଙ୍କୁ କେନ୍ଦ୍ରର ଓବିସି ସୂଚୀରେ ସାମିଲ କରାଯାଉ



### କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀଙ୍କୁ ଅନୁରୋଧକଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୮।୭(ସୁନିତ୍ ମିଶ୍ର)

ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ବିଭିନ୍ନ ପଛୁଆବର୍ଗଙ୍କୁ କେନ୍ଦ୍ରର ଅନ୍ୟାନ୍ୟ ପଛୁଆବର୍ଗ (ଓବିସି) ସୂଚୀରେ ସାମିଲ କରିବା ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାରଙ୍କ ସହ ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଛନ୍ତି। ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ଗଞ୍ଜାମ ଓ ଗଜପତି ଜିଲାରେ ବସବାସ କରୁଥିବା 'ରାଜଶ୍ରୀ ବଳାଶି' ସମୁଦାୟର ପ୍ରତିନିଧିମାନେ ମଧ୍ୟ ଏହି ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଛନ୍ତି। ଏହାର ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଧର୍ମେନ୍ଦ୍ର ତାଙ୍କୁ ସାଧୁବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ଆର୍ଥିକ ଦୃଷ୍ଟିରୁ ପଛୁଆବର୍ଗର ଲୋକଙ୍କ ଉନ୍ନତି ପାଇଁ ନରେନ୍ଦ୍ର ମୋଦିଙ୍କ ସରକାର ପ୍ରତିଶ୍ରୁତିବଦ୍ଧ। ଅନ୍ୟାନ୍ୟ ପଛୁଆବର୍ଗ ନିମନ୍ତେ ଉଦ୍ଦିଷ୍ଟ ଜାତୀୟ କମିଶନ ଏବଂ ସଂରକ୍ଷଣ ବ୍ୟବସ୍ଥାରେ ବିଭିନ୍ନ ପଛୁଆବର୍ଗଙ୍କୁ ସାମିଲ କରାଯାଇ ସେମାନଙ୍କ ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରାଯାଇଛି।

## ଦୂରହେଲା ନାଲ୍‌କୋ ଅଚଳାବସ୍ଥା

### ଆନ୍ଦୋଳନ ସ୍ଥଗିତ ରଖିଲା ତାଳଚେର ସୁରକ୍ଷା ମଞ୍ଚ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଧାୟକ, ମଞ୍ଚ କର୍ମକର୍ତ୍ତା ଓ ଅନ୍ୟମାନେ।

ତାଳଚେର (ମନୋଜ ନନ୍ଦ)/
ବଣ୍ଟଁରପାଳ,୨୮।୭(ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲା ନାଲ୍‌କୋ ସିପିପିରେ ଅଚଳାବସ୍ଥା ଦୂର ହୋଇଛି। ଲିମ୍ବସ୍ଥୁରି ପ୍ରୋଜେକ୍ଟ ଦ୍ୱାରା କ୍ଷତିଗ୍ରସ୍ତ ତାଳଚେର ବ୍ଲକର ୫ ପଞ୍ଚାୟତର ଜମିହରା ଗତ ୧୩ ତାରିଖରୁ ଚଳାଇଥିବା ଆନ୍ଦୋଳନକୁ ମାସକ ପାଇଁ ସ୍ଥଗିତ ରଖିଥିବା ଶୁକ୍ରବାର ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ନାଲ୍‌କୋ କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତମାନଙ୍କ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିବା ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ କୁହାଯାଇଛି। ଫଳରେ ଶୁକ୍ରବାରଠାରୁ ନାଲ୍‌କୋର ଲିମ୍ବସ୍ଥୁରି ପ୍ରୋଜେକ୍ଟରେ ପାଉଁଶ ନିଷ୍କାସନ ସ୍ୱାଭାବିକ ହୋଇଛି।

ତାଳଚେର ସାଉଥ ବଲଣ୍ଡାସ୍ଥିତ ଜଗନ୍ନାଥ କଳାକେନ୍ଦ୍ରଠାରେ ଖବରଦାତା ସମ୍ମିଳନୀରେ ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ନାଲ୍‌କୋ କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତଙ୍କ ନିଯୁକ୍ତି ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିବାରେ ବିଫଳ ହେବାରୁ ଗତ ୧୬ ଦିନ ଧରି ମଞ୍ଚ ନେତୃତ୍ୱରେ ଆନ୍ଦୋଳନ ଚାଲିଥିଲା। ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ କିଭଳି ଭାବେ ସମାଧାନ କରାଯିବ ସେଥିନିମନ୍ତେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ନାଲ୍‌କୋ ସିଏମ୍‌ଡି ଓ ସୁରକ୍ଷା ମଞ୍ଚ ସଭାପତି ମୁରଲୀଧର ସାହୁଙ୍କ ଉପସ୍ଥିତିରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସଙ୍ଗରେ ରାଜ୍ୟ ସରକାର ହସ୍ତକ୍ଷେପ କରିବା ସହ ଏକ ମାସ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇ କ୍ଷତିଗ୍ରସ୍ତଙ୍କ ଦାବି ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହେଇଥିଲା। ତେବେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଧାୟକ ପ୍ରଧାନ ଏହି ଅଚଳାବସ୍ଥା ପାଇଁ ନାଲ୍‌କୋ ହିଁ ଦାୟୀ ବୋଲି କହିଥିଲେ। ଏକ ମାସ ମଧ୍ୟରେ ଏହାର ସମାଧାନ ନେଇ ସିଏମ୍‌ଡି ଲିଖିତ ପ୍ରତିଶ୍ରୁତି ଦେଇଥିବାରୁ ଆନ୍ଦୋଳନ ସ୍ଥଗିତ ରଖିବାକୁ ବିଧାୟକ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ମିଳନୀରେ ମଞ୍ଚ ସଭାପତି ସାହୁଙ୍କ ସହ ଜିଲା ପରିଷଦ ସଦସ୍ୟା ରୀତାରାଣୀ ଦାସ, ନାଲ୍‌କୋ ସିପିପି ମୁଖ୍ୟ ସୁନୀଲ ମହାପାତ୍ର, ନାଲ୍‌କୋ ଏମ୍ପ୍ଲୋୟିଜ ୟୁନିଅନ କର୍ମକର୍ତ୍ତା, କ୍ଷତିଗ୍ରସ୍ତ ପଞ୍ଚାୟତଗୁଡ଼ିକର ଜନପ୍ରତିନିଧି, ଜମିହରା ପ୍ରଜା ଉପସ୍ଥିତ ଥିଲେ।

## ଲିଫ୍ଟ ଦେବା ବାହାନାରେ ଯୁବତୀଙ୍କୁ ଗଣବଳାତ୍କାର

### ୩ ଗିରଫ, ବୋଲେରୋ ଜବତ

କୁଚିଣ୍ଡା,୨୮।୭(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଲିଫ୍ଟ ଦେବା ବାହାନାରେ ଗଣବଳାତ୍କାର କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଆଇପିସି ଦଫା ୩୭୬, ୩୭୬(ଡି), ୩୬୬, ୧୨୦(ବି)ରେ ଏକ ମାମଲା (ନଂ.୧୦୧/୨୩) ରୁଜୁ କରି ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି ଗୁରୁବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋବିନ୍ଦପୁର ଥାନା ଗଡ଼ପୋଷ (ଦେହୁରିପଡା)ର ଇନ୍ଦ୍ର ଛଞ୍ଚାଣ (୩୮) ଓ ସୁରଜ ଗନ୍ଧା (୩୨) ଏବଂ ବୋଲେରୋ ଚାଳକ ରବଗା ପଞ୍ଚାୟତ ନୂଆଁପାଲିର ଜୀବନଧନ ଲୁଗୁନ(୩୨)। ପୋଲିସ ଏଥିରେ ବ୍ୟବହୃତ ବୋଲେରୋ (ଓଆର୍୨୨ଇ ୫୪୪୫)କୁ ଜବତ କରିଛି। ଘଟଣା ସମ୍ବେଦନଶୀଳ ହୋଇଥିବାରୁ ସମ୍ବଲପୁର ଡିଏସ୍‌ପି ପ୍ରଭା ଧାନ ଏହାର ତଦନ୍ତ କରୁଛନ୍ତି।

ଯୁବତୀ ଜଣକ ବୁଧବାର ଉଚ୍ଚକାପାଟ ପଞ୍ଚାୟତର ଟାଙ୍ଗରମୁଣ୍ଡା ଷ୍ଟେଟ୍ ବ୍ୟାଙ୍କରେ କାମସାରି ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ସମ୍ପର୍କୀୟଙ୍କ ଘରକୁ ବାହାରିଥିଲେ। ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିବା ସମୟରେ ବାଇକ୍‌ରେ ଇନ୍ଦ୍ର ଓ ସୁରଜ ଆସି ତାଙ୍କୁ ସମ୍ପର୍କୀୟଙ୍କ ଘରେ ଛାଡି ଦେବାକୁ କହି ବାଇକ୍‌ରେ ବସାଇ ମହାବୀର ପାହାଡ ଅଞ୍ଚଳକୁ ନେଇ ବଳାତ୍କାର କରିଥିଲେ। ପରେ ସେଠାରୁ ଯୁବତୀଙ୍କୁ ଗଡ଼ପୋଷକୁ ଆଣି ବୋଲେରୋ ଚାଳକଙ୍କୁ ଫୋନ୍‌ରେ ଡାକିଥିଲେ। ରାତିରେ ସେମାନେ ପୀଡ଼ିତାଙ୍କୁ ଜବରଦସ୍ତି ମଦ ପିଆଇ ବୋଲେରୋରେ ନିଛାଟିଆ ସ୍ଥାନକୁ ନେଇ ପୁଣି ବଳାତ୍କାର କରିଥିଲେ। ବିଳମ୍ବିତ ରାତିରେ ସେମାନେ ପୀଡିତାଙ୍କୁ ମାତାଲ ଅବସ୍ଥାରେ ଛାଡିଦେଇ ଫେରାର ହୋଇଯାଇଥିଲେ।

## ୩୧ ସୁଦ୍ଧା ଫସଲ ବୀମା ପଞ୍ଜୀକରଣ ଶେଷ କର

### ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୭ (ଅନିଲ ଦାସ)

ଜୁଲାଇ ୩୧ ସୁଦ୍ଧା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ କୃଷକମାନଙ୍କର ନାମ ପଞ୍ଜୀକରଣ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧାନ ପାଇଁ ଗ୍ରାମ ପଞ୍ଚାୟତ, ବିଜ୍ଞାପିତ ଅଞ୍ଚଳ ପରିଷଦ କିମ୍ବା ମ୍ୟୁନିସିପାଲିଟିରେ ଏବଂ ଅଣଧାନ ପାଇଁ ବ୍ଲକ ସ୍ତରରେ କୃଷକମାନଙ୍କର ନାମ ପଞ୍ଜୀକୃତ ହେଉଛି। ଋଣ ନେଇଥିବା କୃଷକମାନେ ବ୍ୟାଙ୍କ ଶାଖା ବା ପ୍ରାଥମିକ କୃଷି ସମବାୟ ସମିତିରେ ନାମ ପଞ୍ଜୀକରଣ କରିପାରିବେ। ବ୍ୟାଙ୍କ ଶାଖା, ଜନସେବା କେନ୍ଦ୍ର, ବୀମା କମ୍ପାନୀ ମଧ୍ୟସ୍ଥ ସଂସ୍ଥା, ବୀମା କମ୍ପାନୀଗୁଡ଼ିକରେ କାର୍ଯ୍ୟକ୍ଷମ କାର୍ଯ୍ୟାଳୟ କିମ୍ବା ବୀମା ଆପ୍ଲିକେଶନ ଜରିଆରେ ନାମ ପଞ୍ଜୀକରଣ କରିପାରିବେ।

ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୀମା ପୋର୍ଟାଲରେ ପଞ୍ଜୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଆଲୋଚନା ହୋଇଛି। ଆସନ୍ତା ୩୧ ସୁଦ୍ଧା କୃଷକମାନେ ନିଜ ନାମ ବୀମା ପୋର୍ଟାଲରେ ପଞ୍ଜୀକରଣ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ମୌସୁମୀ ବିଳମ୍ବିତ ହୋଇଥିବାରୁ ଓ ବୀମା ପୋର୍ଟାଲରେ ବିଭିନ୍ନ କାରଣରୁ ପଞ୍ଜୀକରଣ ବିଳମ୍ବିତ ହେଉଥିବାରୁ ସମୟସୀମା ଅଗଷ୍ଟ ୫ ପର୍ଯ୍ୟନ୍ତ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ସମୟ ଶେଷ ହୋଇ ଆସୁଥିବାରୁ ଜୁଲାଇ ୩୧ ସୁଦ୍ଧା ଚାଷୀଙ୍କ ନାମ ପଞ୍ଜୀକରଣ କରିବାକୁ କୁହାଯାଇଛି। ଧାନ, ହରଡ଼, ମକା, ଚିନାବାଦାମ, ମାଣ୍ଡିଆ, କପା, ଅଦା, ହଳଦୀ ଭଳି ୮ଟି ଫସଲକୁ ବୀମାଭୁକ୍ତ କରିବା ପାଇଁ ଚଳିତ ବର୍ଷ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏ ସମ୍ପର୍କରେ ପୂର୍ବରୁ ଜିଲାରେ କେତେ ସଂଖ୍ୟକ ଚାଷୀମାନଙ୍କର ପଞ୍ଜୀକରଣ କରାଯିବ ସେ ନେଇ ଏକ ସମ୍ଭାବ୍ୟ ସଂଖ୍ୟା କୃଷି ବିଭାଗ ତରଫରୁ ପଠାଯାଇଛି। ଆସନ୍ତା ୨୯ ଓ ୩୦ ଛୁଟି ଥିବା ସତ୍ତ୍ୱେ ଜିଲା ପ୍ରଶାସନ, କୃଷି ବିଭାଗ ସମସ୍ତେ ସହଯୋଗ କରି କାର୍ଯ୍ୟ ତ୍ୱରାନ୍ୱିତ କରି ଚାଷୀମାନଙ୍କର ବୀମା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ସବୁ ଜିଲାରେ ଧାନ, ୧୬ ଜିଲାର ୭୫ ବ୍ଲକରେ ଚିନାବାଦାମ, ୯ ଜିଲାର ୪୪ ବ୍ଲକରେ କପା, ୧୪ ଜିଲାର ୧୨୧ ବ୍ଲକରେ ହରଡ ଓ ୧୮ ଜିଲାର ୧୮୦ ବ୍ଲକରେ ମକା, ୭ ଜିଲାର ୨୫ ବ୍ଲକରେ ଅଦା, ୬ ଜିଲାର ୬୬ ବ୍ଲକରେ ମାଣ୍ଡିଆକୁ ଚାଷୀ ବୀମାକରଣ କରିପାରିବେ। ୨୦୧୬ରୁ ଓଡ଼ିଶା ସରକାର ରାଜ୍ୟରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲ କ୍ଷତି ହେଲେ କ୍ଷତିଗ୍ରସ୍ତ କୃଷକମାନଙ୍କୁ ବୀମା କମ୍ପାନୀ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯାଉଛି। ଏହି ପଞ୍ଜୀକରଣ ପାଇଁ ରାଜ୍ୟ ସରକାର ନିଜ ଭାଗ ପ୍ରିମିୟମ ବହନ କରିବା ସହ କୃଷକମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ପ୍ରିମିୟମ ଅଂଶ ମଧ୍ୟ ପ୍ରଦାନ କରୁଛନ୍ତି।

**ଖସିଲା ଶେୟାର ବଜାର କାରବାର**

**ନୂଆଦିଲ୍ଲୀ:** କ୍ରମାଗତ ୨ୟ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୦୭(୧୦୬.୬୨) ପଏଣ୍ଟ କମି ୬୬,୧୬୦ (୬୬,୧୬୦.୨୦) ଅଙ୍କରେ କାରବାର ବନ୍ଦ କରିଥିଲା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪ (୧୩.୮୫) ପଏଣ୍ଟ ହ୍ରାସ ଘଟି ୧୯,୬୪୬(୧୯,୬୪୬.୦୫) ଅଙ୍କରେ କାରବାର ବନ୍ଦ ହୋଇଛି।

# ଗ୍ରାମୀଣ ବ୍ୟାଙ୍କିଙ୍ଗ୍ ସେବାକୁ ଗୁରୁତ୍ୱ

ଭୁବନେଶ୍ୱର,୨୮।୭: (ଅଭୟ ଦାଶ)



ଅଶୋକ ଚନ୍ଦ୍ର

ଦେଶର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବାବେଳେ ବଳକା ଲୋକ ଅର୍ଦ୍ଧସହରାଞ୍ଚଳ ଓ ସହରାଞ୍ଚଳ ଆଦିରେ ବସବାସ କରୁଛନ୍ତି। ଏପରିକି ବର୍ତ୍ତମାନ ସମୟରେ ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ଫଳରେ ଗ୍ରାମାଞ୍ଚଳ କ୍ଷେତ୍ରରେ ଯୁବ ଉଦ୍ୟୋଗୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ସରକାର ସମସ୍ତ ସରକାରୀ ଯୋଜନା ଓ ପ୍ରୋତ୍ସାହନ ଯୋଗାଇବା ସହ ଅର୍ଥନୀତି ଓ ନିଯୁକ୍ତିରେ ସୁଧାର ଆଣିବାକୁ ପ୍ରୟାସ କରୁଛନ୍ତି। ବିଗତ ଦିନର ପରିସ୍ଥିତି ଓ ବର୍ତ୍ତମାନ ସ୍ଥିତିକୁ ଠିକ୍ ଭାବେ ଆକଳନ କଲେ ଗ୍ରାମାଞ୍ଚଳର ଉନ୍ନତି ତାହା ପରିପ୍ରକାଶ କରୁଛି। ଏଭଳି କିଛି ଦୃଶ୍ୟପଟ ସହ ଗ୍ରାମୀଣ କ୍ଷେତ୍ରରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବା ସହିତ କାରବାର ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର କହିଛନ୍ତି। ସେହିଭଳି ଓଡ଼ିଶାରେ କାନାରା ବ୍ୟାଙ୍କର ଉପସ୍ଥିତି ବହୁତ ଭଲ ରହିଥିବାବେଳେ ଆଗାମୀ ଦିନରେ ଆଉ କିଛି ନୂଆ ସେବା ସୁବିଧା ଓ ଶାଖା ରାଜ୍ୟବାସୀଙ୍କ ପାଇଁ ଆରମ୍ଭ କରାଯିବ ବୋଲି ସେ ମତପ୍ରକାଶ କରିଛନ୍ତି। ଏପରିକି ଓଡ଼ିଶାରେ କାନାରା ବ୍ୟାଙ୍କର ୨୭୭ ଟି ଶାଖା ରହିଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଆଉ ୧୦ଟି ନୂଆ ଶାଖା ଖୋଲିବାକୁ ଯୋଜନା ରଖିଛି। ସେହିପରି ରାଜ୍ୟରେ ବ୍ୟାଙ୍କର ମୋଟ କାରବାର ୩୪,୦୦୦ କୋଟି ଟଙ୍କାରୁ ଅଧିକ ରହିଥିବାବେଳେ ସରକାରଙ୍କ ସହ ମିଳିତ ଭାବେ ବ୍ୟାଙ୍କ କାର୍ଯ୍ୟ କରୁଛି। ଅପରପକ୍ଷରେ ମିଶନ ଶକ୍ତି ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ଗତ ବର୍ଷ ୪୦୦ କୋଟିରୁ ଅଧିକ ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ଏପରିକି ଚଳିତ ବର୍ଷ ଋଣ ପରିମାଣ ଦ୍ୱିଗୁଣିତ କରିବାକୁ ବ୍ୟାଙ୍କ ଲକ୍ଷ୍ୟ ରଖିଛି। ଏଥି ସହିତ ରାଜ୍ୟରେ ବେତନ ପ୍ୟାକେଜି ସ୍କିମ୍ ଆରମ୍ଭ ହୋଇଥିବା ଚନ୍ଦ୍ର ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ଗ୍ରହଣ ସହିତ ଉଭୟ ଋଣ ଓ ଜମା ଉପରେ ୧୦% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଋଣର ୫୫% ରାଶିକୁ ଖୁଚୁରା, କୃଷି ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ରଦାନ କରଯାାଇଥିବା ବେଳେ ୪୫% ରାଶି କର୍ପୋରେଟ ସଂସ୍ଥାମାନଙ୍କୁ ଦିଆଯାଇଛି ବୋଲି ଅଶୋକ ଚନ୍ଦ୍ର ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

## ଇଣ୍ଡିଗୋ ଦେବ ୩୦ଲକ୍ଷର ଜରିମାନା

ଭୁବନେଶ୍ୱର,୨୮।୭

ବିଗତ କିଛି ମାସ ହେବ ଘରୋଇ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଗୋ ଏୟାରଲାଇନ୍ସ ଉପରେ ଭିନ୍ନ ଭିନ୍ନ ଅଭିଯୋଗ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ନିକଟକୁ ଆସିଥିଲା। ଏପରିକି ଡିଜିସିଏ ବିଭିନ୍ନ ଘଟଣାର ତଦନ୍ତ କରିବା ସହ ଅନେକ ଦୁର୍ବଳତା ଦେଖିବାକୁ ପାଇଥିଲେ। ଫଳରେ ଡିଜିସିଏ କମ୍ପାନୀ ଉପରେ ୩୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ବିଶେଷକରି ଉକ୍ତ ଜରିମାନା ରାଶି ପୈଠ ସହିତ କମ୍ପାନୀର କାଗଜପତ୍ରକୁ ନେଇ ମଧ୍ୟ କିଛି ଜରୁରୀ ନିର୍ଦ୍ଦେଶ ଡିଜିସିଏ ପକ୍ଷରୁ ଦିଆଯାଇଛି। ସେହିଭଳି କମ୍ପାନୀକୁ ଡିଜିସିଏର ଆବଶ୍ୟକତା ଓଇଏମ୍ ମାର୍ଗଦର୍ଶିକା ଅନୁଯାୟୀ ନିଜ ଦସ୍ତାବିଜ ଏବଂ ପ୍ରକ୍ରିୟାରେ ପରିବର୍ତ୍ତନ କରିବାକୁ ମଧ୍ୟ କୁହାଯାଇଛି।

## ସ୍ୱତନ୍ତ୍ର ଡାକ ଟିକେଟ ଉନ୍ମୋଚିତ



ଭୁବନେଶ୍ୱର,୨୮।୭

ଭାରତୀୟ ଡାକ ବିଭାଗ ଓ ଆଇଟିସିର ମିଳିତ ସହଭାଗିତାରେ ଏକ ସ୍ୱତନ୍ତ୍ର ଡାକ ଟିକେଟ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ କୈଳାସ ଚୌଧାରୀ, ଡାକ ବିଭାଗର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ମଞ୍ଜୁ କୁମାର ଏବଂ ଆଇଟିସି ଏଗ୍ରିବିଜ୍‌ନେସ ଗ୍ରୁପ୍ ହେଡ୍ ଏସ୍.ଶିବକୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଡାକଟିକେଟ ଉନ୍ମୋଚନ କରିଥିଲେ। ଏ ସମ୍ପର୍କରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ କୈଳାସ ଚୌଧାରୀ ଭାରତ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସହିତ ଶ୍ରୀଅନ୍ନକୁ ପ୍ରୋତ୍ସାହିତ କରିବା ଦିଗରେ ଭାରତ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଆଇଟିସି ଲିମିଟେଡ୍‌ର ଗ୍ରୁପ୍ ହେଡ୍ (ଏଗ୍ରି ବିଜ୍‌ନେସ୍) ଏସ୍.ଶିବକୁମାର କହିଥିଲେ, ମିଲେଟସକୁ ମୁଖ୍ୟ ସ୍ରୋତକୁ ଆଣିବା ନିମନ୍ତେ ସରକାରଙ୍କ ଅଗ୍ରାଧିକାରତାକୁ ସମର୍ଥନକରି ଆଇଟିସି ପକ୍ଷରୁ 'ଆଇଟିସି ମିଶନ ମିଲେଟସ'ନାମରେ ଏକ ଉତ୍ସର୍ଗୀକୃତ ପ୍ରୟାସ କାର୍ଯ୍ୟକାରୀ କରାଯାଉଛି, ଯାହା ମୁଖ୍ୟତଃ ୩ଟି ବିଷୟ ଉପରେ ଆଧାରିତ। ଏଥିରେ ନବସୃଜନ ସମର୍ଥିତ 'ଗୁଡ୍-ଫର୍-ୟୁ' ଖାଦ୍ୟ ବର୍ଗମାଳାର ବିକାଶ, ଏକ ଦୀର୍ଘସ୍ଥାୟୀ କୃଷି ବ୍ୟବସ୍ଥାର କାର୍ଯ୍ୟକାରିତା ଏବଂ ତାହା ସହିତ ମୂଲ୍ୟଯୁକ୍ତ ତଥା ବଜାର ସଂଯୋଗକୁ ପରିବର୍ଦ୍ଧିତ କରିବା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ଏକ ଦମ୍‌ଦାର ମିଲେଟ୍ସ କୃଷିମୂଲ୍ୟ ଶୃଙ୍ଖଳା ସୃଷ୍ଟି କରାଯାଇଛି। ଏଥିସହ ପୋଷକତତ୍ତ୍ୱ ଦୃଷ୍ଟିରୁ ଏକ ଉନ୍ନତର ଖାଦ୍ୟ ବିକଳ୍ପ ଭାବେ ମିଲେଟ୍ସର ଫାଇଦା ସମ୍ପର୍କରେ ଉପଭୋକ୍ତାଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି।

## କେଏଚ୍‌ଏଲ୍ ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ

ଭୁବନେଶ୍ୱର,୨୮।୭

ରାଜ୍ୟ ପ୍ରମୁଖ ଘରୋଇ ଚିକିତ୍ସାଳୟ କଳିଙ୍ଗ ହସ୍ପିଟାଲ ଲିମିଟେଡ୍ (କେଏଚ୍‌ଏଲ୍) ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା। ଉକ୍ତ ପଦଯାତ୍ରାରେ ବହୁ ସଂଖ୍ୟାର ଲୋକ ଉତ୍ସାହର ସହ ସାମିଲ ହୋଇଥିଲେ। ଏପରିକି ପଦଯାତ୍ରାରେ ସାମିଲ ସବୁ ବର୍ଗର ଅଂଶଗ୍ରହଣକାରୀ ହାତରେ ପ୍ଲାକାର୍ଡ ଓ ବ୍ୟାନର୍ ଧରି ହେପାଟାଇଟିସ୍ ଭଳି ମାରାତ୍ମକ ରୋଗରୁ ଦୂରେଇ ରହିବା ପାଇଁ ସଚେତନାତ୍ମକ ସ୍ଲୋଗାନ ଦେଇଥିଲେ। ବିଶେଷକରି କେଏଚ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶିକା ନିଲାଞ୍ଜନା ମୁଖାର୍ଜୀଙ୍କ ନେତୃତ୍ୱରେ ପଦଯାତ୍ରା ଆରମ୍ଭ ହୋଇଥିଲାବେଳେ କେଏଚ୍‌ଏଲ୍‌ର ମୁଖ୍ୟ ପରିଚାଳକ ଦେବୀପ୍ରସାଦ ନନ୍ଦ, ଏମ୍‌ଏସ୍ ଡା. ପି.କେ. ମିଶ୍ରଙ୍କ ସମେତ ବରିଷ୍ଠ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା. ଅନନ୍ତ ଅଗସ୍ତି ଏବଂ ଡା.ଦେବକାନ୍ତ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସେ କହିଛନ୍ତି, ହେପାଟାଇଟିସ୍ ଏକ ଭୟଙ୍କର ରୋଗ, ଯାହାର କିଛି ଲକ୍ଷଣ ହେଉଛି ଅସ୍ୱାସ୍ଥ୍ୟକର ପାଣି ପିଇବା, ନିମ୍ନମାନର ଖାଦ୍ୟ ଏବଂ ସ୍କ୍ରିନିଂ ନ ଥିବା ରକ୍ତର ବ୍ୟବହାର ଇତ୍ୟାଦି।

ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ଆମେ ଅପେକ୍ଷା କରୁନାହୁଁ, ଗୋଟିଏ ଜୀବନ, ଗୋଟିଏ ଯକୃତ' ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଆହ୍ୱାନ ବର୍ତ୍ତମାନ ଭାଇରାଲ୍ ହେପାଟାଇଟିସର ନିରାକରଣ ପ୍ରୟାସକୁ ତ୍ୱରାନ୍ୱିତ କରିବା ଏବଂ ଏହାର ଆବଶ୍ୟକତା ଥିବା ଯକୃତ ଲୋକଙ୍କ ପାଇଁ ପରୀକ୍ଷା ଏବଂ ଚିକିତ୍ସାର ଜରୁରୀ ଆବଶ୍ୟକତାକୁ ତ୍ୱରାନ୍ୱିତ କରିବା ଏହି ଅଭିଯାନରେ ବିଭିନ୍ନ ପ୍ରକାର ହେପାଟାଇଟିସ୍ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି।

## ଥର୍ମାଲ ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୮।୭



ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ ତାପଜ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ଓ ଛତିଶଗଡ଼ ୟୁନିଟ୍‌ରେ ମଧ୍ୟ ଜାତୀୟ ତାପଜ ଇଞ୍ଜିନିୟର୍ସ ଦିବସ ପାଳନକରାଯାଇଛି। ବିଶେଷକରିକମ୍ପାନୀର ସର୍ବବୃହତ୍ କ୍ୟାପ୍‌ଟିଭ ଥର୍ମାଲ ପାୱାର ପୋର୍ଟଫୋଲିଓ ଓଡ଼ିଶାର ଝାରସୁଗୁଡ଼ା ଓ ଲାଞ୍ଜିଗଡ଼ ସମେତ ଛତିଶଗଡ଼ର କୋର୍ବାସ୍ଥିତ ବାଲ୍‌କୋଠାରେ ପ୍ରାୟ ୫୫୦୦ ମେଗାୱାଟ୍ ତାପଜ ବିଦ୍ୟୁତ୍ ଶକ୍ତି ୟୁନିଟ୍ ରହିଛି। ଏପରିକି ଉପରୋକ୍ତ ୟୁନିଟ୍‌ର ଇଞ୍ଜିନିୟର ଓ ବୈଷୟିକ କର୍ମଚାରୀମାନେ ବିଶେଷ ଦାୟିତ୍ୱ ତୁଲାଉଛନ୍ତି। ସେହିଭଳି ଘରୋଇ ଶିଳ୍ପରେ ସ୍ମାର୍ଟ ଉତ୍ପାଦନ ଅଭ୍ୟାସକୁ ଆଗେଇନେବା ଲାଗି କମ୍ପାନୀ ଶିଳ୍ପ ୪.୦ ଓ ୱେବ୍ ଟେକ୍ନୋଲୋଜିରେ ମଧ୍ୟ ନିଜର ସ୍ଥିତିକୁ ମଜଭୁତ କରିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଓଓ (ଆଲୁମିନିୟମ୍ ବ୍ୟବସାୟ) ସୁନୀଲ ଗୁପ୍ତା କହିଛନ୍ତି, ଆମେ ନବୀକରଣଯୋଗ୍ୟ ଶକ୍ତିକୁ ଆମର ଶକ୍ତି ପୋର୍ଟଫୋଲିଓର ଏକ ଅଂଶ ଭାବେ ପରିଣତ କରୁଛୁ, ଯାହା ଆମକୁ ଭାରତର ପ୍ରଥମ ନିମ୍ନ ଅଙ୍ଗାରକାମ୍ଳ, ସବୁଜ ଆଲୁମିନିୟମ୍, ବ୍ରାଣ୍ଡେଡ୍ 'ରେଷ୍ଟୋରା' ଉତ୍ପାଦନ କରିବାରେ ସକ୍ଷମ କରିଛି। ଏପରିକି ଗ୍ରାହକମାନେ ସେମାନଙ୍କର କଞ୍ଚାମାଲର ସ୍ଥାୟୀ ପ୍ରମାଣ ନିଶ୍ଚିତ କରିବାକୁ ଧ୍ୟାନଦେବା ସହ ସମ୍ବଳର ନ୍ୟାୟପୂର୍ଣ୍ଣ ପରିଚାଳନା ଏବଂ ଆମର ଶକ୍ତି ମିଶ୍ରଣରେ ନବୀକରଣଯୋଗ୍ୟ ସାମଗ୍ରୀର ପର୍ଯ୍ୟାୟ ଏକୀକରଣ ଉପରେ କ୍ରମାଗତ ଧ୍ୟାନଦେଇ ଆମେ ଏକ ନେଟ୍ ଜିରୋ ଭବିଷ୍ୟତକୁ ଶିଳ୍ପର ପରିବର୍ତ୍ତନକୁ ସକ୍ରିୟ ଭାବେ ଆଗେଇନେଉଛୁ। ସେହିଭଳି ବେଦାନ୍ତ ଲିମିଟେଡ୍‌ର ସିଇଓ (ପାୱାର) ସୁନୀଲ କୁମାର ସତ୍ୟ କହିଛନ୍ତି, ଶକ୍ତି ସୁରକ୍ଷା ଦେଶର ପ୍ରଗତିର ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ଓ ଏହାର ସଫଳତା ନିଶ୍ଚିତ କରିବାରେ ଥର୍ମାଲ ଇଞ୍ଜିନିୟରମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ବେଦାନ୍ତ ଆଲୁମିନିୟମରେ ଆମର ପ୍ରତିଭାବାନ୍ ଇଞ୍ଜିନିୟର ଦଳଙ୍କ କାର୍ଯ୍ୟକାରିତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ଆମର କାର୍ଯ୍ୟ ଭବିଷ୍ୟତ ଗଠନ ଓ ଭାରତର ଶକ୍ତି ନିରାପତ୍ତାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ।

## ଆର୍‌ବିଏଫ୍ କାରବାରରେ ଅଭିବୃଦ୍ଧି

ଭୁବନେଶ୍ୱର,୨୮।୭

ଏଲ୍ ଆଣ୍ଡ ଟି ଫାଇନାନ୍ସର ରୁରାଲ ବିଜ୍‌ନେସ ଫାଇନାନ୍ସ (ଆର୍‌ବିଏଫ୍) ଶାଖା ପକ୍ଷରୁ ଗତ ଆର୍ଥିକ ବର୍ଷର ବ୍ୟବସାୟିକ ପ୍ରଦର୍ଶନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଆର୍‌ବିଏଫ୍ କାରବାରରେ ଅଭିବୃଦ୍ଧି ହେବା ସହ ଶିଳ୍ପରେ ଘଟିଥିବା ଅଭିବୃଦ୍ଧି ହାରକୁ ମଧ୍ୟ ଟପିଯାଇଛି। ଏପରିକି ଏହାର ଆସେଟ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ)ରେ ଅଭିବୃଦ୍ଧି ୪୧% ଏବଂ ଋଣ ଯୋଗାଣ କ୍ଷେତ୍ରରେ ଅଭିବୃଦ୍ଧି ୭୦% ହୋଇଛି। ଏ ସମ୍ପର୍କରେ ଏଲ୍ ଆଣ୍ଡ ଟି ଫାଇନାନ୍ସର ଚିଫ୍ ଏକଜିକ୍ୟୁଟିଭ (ରୁରାଲ ବିଜ୍‌ନେସ ଫାଇନାନ୍ସ, କଷ୍ଟମର ସର୍ଭିସେସ୍ ଆଣ୍ଡ ଅପରେଶନ୍ସ) ସୋନିଆ କ୍ରିଷ୍ଣନ କୁଞ୍ଚି କହିଛନ୍ତି,୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ରୁରାଲ ବିଜ୍‌ନେସ୍ ଫାଇନାନ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ନିରନ୍ତର ଅଭିବୃଦ୍ଧି ଏବଂ ଲାଭ ଉପାର୍ଜନ ମୂଳଦୁଆ ଉପରେ ନିର୍ମିତ ଏକ ଶୀର୍ଷ ଶ୍ରେଣୀ ରିଟେଲ ଫାଇନାନ୍ସ କମ୍ପାନୀ ଭାବେ ପ୍ରତିଷ୍ଠିତ ହେବାକୁ ଆମର 'ଲକ୍ଷ୍ୟ ୨୦୨୬' ମୁତାବକ ହୋଇଛି, ଯାହାର ସର୍ବାଧୁନିକ ପ୍ରଯୁକ୍ତି ଏବଂ ଇଏସ୍‌ଜି ପ୍ରୟାସ ସମୂହ ଉପରେ ପ୍ରାଧାନ୍ୟ ଜରିଆରେ ଦମ୍‌ଦାର ଆପଦ ପରିଚାଳନା ସାମର୍ଥ୍ୟ ରହିଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ରୁରାଲ ବିଜ୍‌ନେସ୍ ଫାଇନାନ୍ସ ସମ୍ପ୍ରତି ରହିଥିବା ବ୍ୟବସାୟିକ ପ୍ରକ୍ରିୟାଗୁଡ଼ିକୁ ମାର୍ଜିତ କରିବା, ନୂତନ ଉତ୍ପାଦ ପ୍ରଚଳନ ଏବଂ ପରିବର୍ଦ୍ଧିତ ଗ୍ରାହକ ଅନୁଭୂତି ତଥା ନିୟୋଜନତା ଜରିଆରେ ନିଜର ଅଭିବୃଦ୍ଧି ଧାରା ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି।

**ଫୁର୍‌ସତ୍**

## ଏକେ-୪୭ ଅର୍ଡର କଲେ ୮ ବର୍ଷୀୟ ବାଳକ

ଆମଷ୍ଟରଡାମ୍



ଅନ୍‌ଲାଇନ ଆପ୍ ମାଧ୍ୟମରେ ଆମେ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ କିମ୍ବା କିଛି ଜିନିଷ ଅର୍ଡର କରିଥାଉ। ହେଲେ ନିକଟରେ ଜଣେ ୮ ବର୍ଷର ପିଲା ଅନ୍‌ଲାଇନ୍ ମାଧ୍ୟମରେ ଏକେ- ୪୭ ବନ୍ଧୁକ ଅର୍ଡର କରିଛି ଏବଂ ତା'ର ଡେଲିଭରି ମଧ୍ୟ ଘରେ ଆସି ପହଞ୍ଚିଛି। ଯାହା ଦେଖି ତାଙ୍କ ମା' ଆଶ୍ଚର୍ଯ୍ୟ ହୋଇଛନ୍ତି। ନେଦରଲାଣ୍ଡର ବାସିନ୍ଦା ବାରବରା ଜେମିନି କହିଛନ୍ତି, ତାଙ୍କ ପୁଅ ସବୁବେଳେ ମୋବାଇଲ ଏବଂ କମ୍ପ୍ୟୁଟରରେ ଲାଗି ରହିଥାନ୍ତି। ସେ 'ଡାର୍କ ୱେବ୍' ଜରିଆରେ ଏତେ କମ୍ ବୟସରେ ସାଇବର କ୍ରାଇମରେ ଭର୍ତ୍ତି ହୋଇଯାଇଛି। ତାଙ୍କ ପୁଅ ଅନେକ ସମୟରେ ବହୁ କିଛି ଜିନିଷ ଅର୍ଡର କରିଥାଏ, କିନ୍ତୁ ତାହା ବିନା ମୂଲ୍ୟ କିମ୍ବା କମ୍ ମୂଲ୍ୟରେ। ରିପୋର୍ଟ ମୁତାବକ, ତାଙ୍କ ପୁଅ ଅନେକ ପ୍ରକାର କୋଡ୍ ବ୍ୟବହାର କରିଥାନ୍ତି। ଡାର୍କ ୱେବ୍ କଣ୍ଟେଣ୍ଟ ଆଇନ ବିରୋଧ । ଏଥିଲାଗି ସ୍ପେଶାଲ ବ୍ରାଉଜର ବ୍ୟବହାର କରିବାକୁ ପଡ଼ିଥାଏ। ଏହି ଡାର୍କ ୱେବ୍ ଜରିଆରେ ଅନେକ ଅବୈଧ କାର୍ଯ୍ୟ ସବୁ କରିହୁଏ। ଡାର୍କ ୱେବ୍ ବାବଦରେ ସେ ତାଙ୍କ ମା'ଙ୍କୁ କହିଥିଲେ ମଧ୍ୟ ଯେତେବେଳେ ଏକେ-୪୭ ଘରକୁ ଆସିଲା, ସେତେବେଳେ ଏ ବାବଦରେ ଜଣାପଡ଼ିଲା। ପରେ ବାରବରା ସେହି ବନ୍ଧୁକକୁ ପୋଲିସକୁ ହସ୍ତାନ୍ତର କରିଥିଲେ। ଯାଞ୍ଚରୁ ତାଙ୍କ ପୁଅ ଅନ୍ତଃରାଷ୍ଟ୍ରୀୟ ହ୍ୟାକରଙ୍କ ଜାଲରେ ଫସିଥିବା ଜାଣିବାକୁ ପାଇଥିଲେ।

## ଆଲିଆଙ୍କ ବଡ଼ ଫ୍ୟାନ୍ ମହେଶ

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଫିଲ୍ମ 'ରକି ଔର ରାନୀ କି ପ୍ରେମ୍ କାହାଣୀ'କୁ ନେଇ ଏବେ ଦର୍ଶକଙ୍କ ମଧ୍ୟରେ ଜବରଦସ୍ତ କ୍ରେଜ୍ ରହିଛି। ବୁଧବାର ଏହି ଫିଲ୍ମର ସ୍ପେଶାଲ ସ୍କ୍ରିନିଂ ମୁମ୍ବାଇରେ ହୋଇଥିଲା। ସେଠାରେ ଅନେକ ନାମୀଦାମୀ କଳାକାର ଯୋଗଦେଇଥିଲେ। ଏଥିସହ ଆଲିଆଙ୍କ ଚଳଚ୍ଚିତ୍ର ଦେଖିବାକୁ ବାପା ମହେଶ ଭଟ୍ଟ ଏବଂ ମା' ସୋନି ରାଜଦାନ ଉପସ୍ଥିତ ଥିଲେ। ଆଲିଆଙ୍କ ମୁଭି ଦେଖି ମହେଶ ଭଟ୍ଟ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ତାଙ୍କୁ ପଚରା ଯାଇଥିବା ଅନ୍ୟ ପ୍ରଶ୍ନକୁ ଏଡାଇ ଦେଇ ସେ କେବଳ ଆଲିଆଙ୍କ ବଡ଼ ଫ୍ୟାନ୍ ବୋଲି କହିଥିଲେ। ତେବେ କରଣ ଜୋହରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆଲିଆଙ୍କ ସହ ରଣବୀର ସିଂ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ୧୭୮ କୋଟି ବ୍ୟୟରେ ନିର୍ମିତ ଏହି ଫିଲ୍ମ ଜୁଲାଇ ୨୮ରେ ରିଲିଜ୍ ହେବାର ଯୋଜନା ରହିଛି। ମୁଭିରେ ଆଲିଆ, ରଣବୀରଙ୍କ ବ୍ୟତୀତ ଧର୍ମେନ୍ଦ୍ର, ଅଞ୍ଜଳି ଆନନ୍ଦ, ପ୍ରୀତି ଜିଣ୍ଟା, ଜୟା ବଚ୍ଚନ, ସବାନା ଆଜ୍‌ମୀ, ଅନନ୍ୟା ପାଣ୍ଡେଙ୍କୁ ମଧ୍ୟ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ। ତେବେ ଆଲିଆ ୧୯୯୯ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହା ମଧ୍ୟରେ ସେ ତାଙ୍କ ପ୍ରଶଂସକଙ୍କୁ ଅନେକ ହିଟ୍ ଫିଲ୍ମ ଭେଟି ଦେଇଛନ୍ତି। ଆଗକୁ ତାଙ୍କ ହାତରେ ଆଉ ଏକ ଫିଲ୍ମ ରହିଛି। ଏଥିସହ ତାଙ୍କୁ କେତେକ ମ୍ୟୁଜିକ୍ ଭିଡିଓରେ ମଧ୍ୟ ଦେଖିବାକୁ ମିଳିଛି।

## କ୍ୟାନ୍ସର ଚିହ୍ନଟ କରିବ କ୍ଷୁଦ୍ର ସର୍ଜିକାଲ ରୋବୋ



ଲଣ୍ଡନ

ବ୍ରିଟେନ୍‌ର ଲିଡ୍ସ ୟୁନିଭର୍ସିଟିର ଗବେଷକମାନେ ଏକ ଅତି କ୍ଷୁଦ୍ର ରୋବୋ ବିକଶିତ କରିଛନ୍ତି, ଯାହା ସାଧାରଣ ମାନର ଉପକରଣ ତୁଳନାରେ ଫୁସ୍‌ଫୁସ୍‌ର ୩୭ ପ୍ରତିଶତ ଭିତରକୁ ଯାଇପାରିବ ଓ କମ୍ କୋଷର କ୍ଷତି ଘଟାଇବ। ଏହି ରୋବୋ କ୍ୟାନ୍‌ସରର ପ୍ରଥମ ଲକ୍ଷଣ ଚିହ୍ନଟ କରିବାକୁ ସମର୍ଥ। ଚୁମ୍ବକ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଏହି ଅଲ୍‌ଟ୍ରାସଫ୍ଟ ପତଳା ଉପକରଣର ବ୍ୟାସ ମାତ୍ର ୨ ମିଲିମିଟର। ଏହା ସବୁଠୁ କ୍ଷୁଦ୍ର ବ୍ରୋଞ୍ଚିଆଲ ଟ୍ୟୁବ୍‌ରେ ପହଞ୍ଚିପାରୁଥିବାରୁ ଫୁସ୍‌ଫୁସ୍ କ୍ୟାନ୍‌ସର ଚିକିତ୍ସାରେ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ଲିଡ୍ସ ୟୁନିଭର୍ସିଟିର ଷ୍ଟର୍ମ ଲାବ୍‌ର ବୈଜ୍ଞାନିକ,ଇଞ୍ଜିନିୟର ଏବଂ ଚିକିତ୍ସକମାନେ ଉକ୍ତ ରୋବୋକୁ ବିକଶିତ କରିଛନ୍ତି।

## ୨ ଲକ୍ଷ ଚକୋଲେଟ ଚୋରି କରି ୧୮ ମାସ ଜେଲ



**ଲଣ୍ଡନ:** ଛୋଟ ପିଲା ଚକୋଲେଟ ଖାଇବା ବହୁତ ପସନ୍ଦ କରିଥାନ୍ତି। ଅନେକ ସମୟରେ ସେମାନେ ଚକୋଲେଟ ମଧ୍ୟ ଚୋରି କରିଥାନ୍ତି, ଏଥିପାଇଁ ତାଙ୍କୁ କିଛି ଛୋଟମୋଟ ଦଣ୍ଡ ମଧ୍ୟ ମିଳିଥାଏ। ହେଲେ ଯଦି କେହି ବଡ଼ ଲୋକ ଚକୋଲେଟ ଚୋରି କରିବେ, ତେବେ କ'ଣ ହେବ। ନିକଟରେ ଜଣେ ମହିଳାଙ୍କୁ ଚକୋଲେଟ ଚୋରି କରିବା ଅପରାଧରେ ଦେଢ଼ ବର୍ଷ ଜେଲରେ ବିତାଇବାକୁ ପଡ଼ିଛି। ବ୍ରିଟେନ୍‌ର ୩୨ ବର୍ଷୀୟା ଜୋବି ପୁଲ୍ ୨ ଲକ୍ଷ କାଡବରି କ୍ରିମ୍ ଅଣ୍ଡା ବିଶିଷ୍ଟ ଚକୋଲେଟ ଚୋରି କରିଛନ୍ତି, ଯାହାର ମାର୍କେଟ ମୂଲ୍ୟ ୪୦ ହଜାର ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୩୨ ଲକ୍ଷ ୭୫ ହଜାର ଟଙ୍କା ହେବ। ଏହି ଘଟଣା ଟେଲଫୋର୍ଡ ଅଞ୍ଚଳରେ ୧୧ ଫେବୃୟାରୀରେ ଘଟିଛି। କୋର୍ଟର ଫଇସଲା ଅନୁଯାୟୀ, ମହିଳା ଜଣଙ୍କ କାଡବରି କ୍ରିମ୍ ଅଣ୍ଡା ଭର୍ତ୍ତି ଏକ ଟ୍ରାକ୍ଟର ଚୋରି କରିନେଇଥିଲେ। ଏଥିପାଇଁ ସେହି ଦୋକାନୀଙ୍କୁ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା।

**ଚାଷୀଙ୍କ ପଞ୍ଜୀକରଣ ସମୟ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବଢ଼ାଯାଉ: କଂଗ୍ରେସ**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀଙ୍କ ନାମ ପଞ୍ଜୀକରଣ ସମୟ ଚଳିତ ମାସ ୩୧ ତାରିଖ ସୁଦ୍ଧା ସରିବ। ସର୍ତ୍ତାବଳୀ ଅନୁଯାୟୀ ୨ ମାସ ପୂର୍ବରୁ ଚାଷୀ ବୀମାକରଣ ବିଜ୍ଞପ୍ତି ପ୍ରକାଶ କରିବା କଥା। ହେଲେ ବିଳମ୍ବରେ ବିଜ୍ଞପ୍ତି ପ୍ରକାଶ କାରଣରୁ ଲକ୍ଷାଧିକ ଚାଷୀ ବୀମା ସମୟ ସୀମା ଜାଣିପାରି ନାହାନ୍ତି। ଏଥିପାଇଁ କିଏ ଦାୟୀ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ତେଣୁ ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପଞ୍ଜୀକରଣ ସମୟକୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ ପଟ୍ଟନାୟକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ଦୁର୍ନୀତି ପାଇଁ ଓଡ଼ିଶାର ବିକାଶ ହୋଇପାରୁନି: ମନମୋହନ

ଟାଙ୍ଗୀ (ଖୋର୍ଦ୍ଧା),୨୮।୭(ରଘୁନାଥ ସାହୁ)




ଟାଙ୍ଗୀଠାରେ ଆୟୋଜିତ ସମାବେଶରେ ରାଜ୍ୟ ଭାଜପା ସଭାପତି ଉଦ୍‌ବୋଧନ ଦେଉଛନ୍ତି।

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁକ୍ରବାର ଖୋର୍ଦ୍ଧା ଜିଲା ଟାଙ୍ଗୀଠାରେ ଭାରତୀୟ ଜନତା ପାର୍ଟି(ଭାଜପା)ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ସୁବାସ ଜେନା, କୃଷକ ମୋର୍ଚ୍ଚା ଉପସଭାପତି ଶ୍ରୀରଜନ ମଙ୍ଗରାଜ ଓ ପୂର୍ବତନ ଜିଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସଭାପତି ସାମଲଙ୍କୁ ଗଙ୍ଗପଡା, ଖୋର୍ଦ୍ଧା, ରାମେଶ୍ୱର ଛକ, ଚାନ୍ଦପୁର ରାମଚଣ୍ଡୀ ମନ୍ଦିରଠାରେ ଦଳୀୟ କର୍ମୀମାନେ ସମ୍ବର୍ଦ୍ଧନା କରିଥିଲେ। ଏହି ଅବସରରେ ରାଜ୍ୟ ସଭାପତି ସାମଲ କହିଥିଲେ, ଓଡ଼ିଶା ଖଣିଜ ସମ୍ପଦରେ ଭରପୂର ଥିବାବେଳେ ରାଜ୍ୟରେ ଥିବା ଦୁର୍ନୀତିଗ୍ରସ୍ତ ସରକାର ପାଇଁ ବିକାଶ ହୋଇପାରୁ ନାହିଁ। ନିର୍ବାଚନ ପୂର୍ବରୁ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେଇ ନିର୍ବାଚିତ ହୋଇସାରିବା ପରେ ପ୍ରତିଶ୍ରୁତିକୁ ଭୁଲିଯାଉଛନ୍ତି। ବିଜେଡିର ନେତା, ବିଧାୟକ, ମନ୍ତ୍ରୀମାନେ ନିଜ ଦାୟିତ୍ୱ ଭୁଲିଯାଇ ସଚିବମାନଙ୍କ ପାଇଁ ମଞ୍ଚ ନିର୍ମାଣ ଦାୟିତ୍ୱ ନେଉଥିବା ଦେଖାଯାଉଛି। ସେହିଭଳି ଓଡ଼ିଶାର ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୩ ବର୍ଷ ଶାସନ ମଧ୍ୟରେ ଜଳସେଚନ ସୁବିଧା ହୋଇପାରିଲା ନାହିଁ। ଓଡ଼ିଶା ପାଇଁ ଭାଜପାର ଡବଲ ଇ ଇଞ୍ଜିନ ସରକାର ଆବଶ୍ୟକ। ଫଳରେ ବିକାଶର ଧାରା ଆଗେଇଯିବ। ବିଜେଡି ମୁକ୍ତ ଓଡ଼ିଶା ପାଇଁ ଓଡ଼ିଶାବାସୀ ସଂକଳ୍ପ ନେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗ ଦେଇ ବିଜେଡି ସରକାରର ଦୁର୍ନୀତି ଓ ଭ୍ରଷ୍ଟାଚାର ସମ୍ପର୍କରେ ମତ ଦେଇଥିଲେ। ଦଳୀୟ କର୍ମୀମାନେ ସଂଗଠିତ ହୋଇ କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ।

# ସିବିଆଇ ତଦନ୍ତ ଦାବି କଲା ଭାଜପା

**ଜେଇ ସିଭିଲ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା**

ଭୁବନେଶ୍ୱର, ୨୮।୭(ସୁନିତ୍ ମିଶ୍ର)

ରାଜ୍ୟରେ ସରକାରୀ ଚାକିରି ବିକ୍ରି ହେଉଛି। ସରକାରୀ ପ୍ରୋତ୍ସାହନରେ ଚାଲିଥିବା 'ମନି ଫର୍ ଜବ୍' ର୍ୟାକେଟ୍‌ରେ ଗରିବ ମେଧାବୀ ପିଲାମାନେ ବଳିପଡୁଛନ୍ତି। ଜେଇ ସିଭିଲ ମେନ୍ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ଘଟଣାର ତଦନ୍ତ କରୁଥିବା ବାଲେଶ୍ୱର ଏସ୍‌ପିଙ୍କ ବୟାନ ପ୍ରମାଣିତ କରୁଛି ଯେ, ସରକାର ଚାହୁଁନାହାନ୍ତିଅସଲ ଖଳନାୟକ ଧରାପଡ଼ନ୍ତୁ। ଓଏସ୍‌ଏସ୍‌ସିରେ ଅନ୍‌ଲାଇନ ଆବେଦନ ବେଳେ ଦିଆଯାଇଥିବା ମୋବାଇଲ ନମ୍ବର ଦଲାଲମାନଙ୍କ ହାତକୁ କିପରି ଗଲା। ଏହି ବଡ଼ କେଲେଙ୍କାରୀର ତଦନ୍ତ ଓଡ଼ିଶା ପୋଲିସ ବଦଳରେ ସିବିଆଇ କଲେ ବାସ୍ତବ ସତ୍ୟ ପଦାକୁ ଆସିବ ବୋଲି ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଦାବି କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ପ୍ରିଣ୍ଟିଂ ପ୍ରେସ୍ ବିରୋଧରେ କାହିଁକି ଏଫ୍‌ଆଇଆର୍ କରାଯାଇନାହିଁ। ଯାହାକୁ ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି ତାକୁ ଧରିବାର ୨୪ ଘଣ୍ଟା ଭିତରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନକୁ କ୍ଲିନ୍‌ଚିଟ୍ ଦେବା ପଛରେ କି ଉଦ୍ଦେଶ୍ୟ ରହିଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

# 'ଅଣଓଡ଼ିଆଙ୍କୁ ପ୍ରତିରୋଧ କରିବାର ସମୟ ଆସିଛି'

ଭୁବନେଶ୍ୱର, ୨୮।୭(ସୁନିତ୍ ମିଶ୍ର)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପୁଣିଥରେ ଅଣଓଡ଼ିଆ ପ୍ରସଙ୍ଗ ଉଠାଇ ଟାର୍ଗେଟ କରିଛନ୍ତି। ଜଣେ ଅଣ ଓଡ଼ିଆ ମହିଳାଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ଏକାଧିକ ଜମି ରହିବା କଥାକୁ ପ୍ରସଙ୍ଗ କରି ସେ ଓଡ଼ିଶାର ଚାଷୀମାନେ କୁଆଡ଼େ ଯିବେ ବୋଲି ପ୍ରଶ୍ନ ଉଠାଇଛନ୍ତି। ସେ ଟୁଇଟ୍ ମାଧ୍ୟମରେ କିରୁଥାକି ପ୍ରଭାକରନ୍‌ଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ଜମି ବିଷୟରେ କହି ପ୍ରଶ୍ନ ଉଠାଇଛନ୍ତି। ଏହାସହ ଏବେ ଅଣଓଡ଼ିଆଙ୍କୁ ପ୍ରତିରୋଧ କରିବାର ସମୟ ଆସିଥିବା କହି ଟାର୍ଗେଟ କରିଛନ୍ତି।

ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ଲୋକମାନେ ଅଭିଯୋଗ କରୁଛନ୍ତି କିରୁଥାକି ପ୍ରଭାକରନ୍ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଏକାଧିକ ଜମି କିଣିଛନ୍ତି। ଯଦି ଏଭଳି ଛୋଟ ଛୋଟ ଜମି ପ୍ରଭାବଶାଳୀ ଲୋକଙ୍କ ସହାୟତାରେ କିଣାଯିବ ତେବେ ଓଡ଼ିଶାର ଚାଷୀମାନେ କୁଆଡ଼େ ଯିବେ। ଓଡ଼ିଆ ଚାଷୀ କ'ଣ ଛତିଶଗଡ଼ ନା ଝାଡ଼ଖଣ୍ଡ ଯିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ କିରୁଥାକି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ କିଣିଥିବା ଜମିର ବିବରଣୀ ମଧ୍ୟ ନିଜ ଟୁଇଟ୍‌ରେ ପୋଷ୍ଟ କରିଛନ୍ତି। ପ୍ରାୟ

**ପ୍ରଭାକରନ୍‌ଙ୍କ ନାଁରେ ଏକାଧିକ ଜମି ରହିବା ଘଟଣାରେ ବର୍ଷିଲେ ଅପରାଜିତା**

୧୭.୭୪୬ ଏକର ବିଶିଷ୍ଟ ମୋଟ ୩୯ଟି ପ୍ଲଟ୍‌ର ହିସାବ ଅପରାଜିତା ଦେବା ସହିତ ଏବେ ମଧ୍ୟ ଆହୁରି ଅଧିକ ପରିମାଣର ଜମି କିଣିବା ପାଇଁ ପ୍ରଭାକରନ୍ ପ୍ରୟାସ କରୁଥିବା ସଂସଦୀୟ କ୍ଷେତ୍ରର ଲୋକେ ତାଙ୍କୁ ଜଣାଇଛନ୍ତି ବୋଲି ଅପରାଜିତା କହିଛନ୍ତି। ତେବେ ଓଡ଼ିଶାର ଖଣିରୁ ଅର୍ଥ ଉପାର୍ଜନକରି ସରକାରୀ ପ୍ରୋତ୍ସାହନରେ ରାଜଧାନୀ ଭୁବନେଶ୍ୱରରେ ଏଭଳି ଜମି କ୍ରୟ କରୁଥିବା ଅଣଓଡ଼ିଆଙ୍କୁ ଆମେ ପ୍ରତିରୋଧ କରିବାର ସମୟ ଆସିଯାଇଛି ବୋଲି ଅପରାଜିତା ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ସେ ଦେଇଥିବା ତଥ୍ୟ ଅନୁସାରେ ବି ପ୍ରଭାକରନ୍‌ଙ୍କ ନାଁରେ ଘାଟିକିଆରେ ୭୯ଡିସିମିଲ୍ ଜମି ରହିଛି। ଏହାସହ କିରୁଥାକି ପ୍ରଭାକରନ୍‌ଙ୍କ ନାଁରେ ବାପୁଜୀନଗର, ଚନ୍ଦ୍ରଶେଖରପୁର, ସୁନ୍ଦରପୁର, ପଦାସାହି, ଜୁଝାଗଡ଼, ପଥରଗାଡ଼ିଆ, ଦାରୁଠେଙ୍ଗ, ଭାଗବତୀପୁର ଓ ଗିରିଙ୍ଗାପୁଟ ମୌଜାରେ ଏହି ସବୁ ଜମି କ୍ରୟ ହୋଇଛି। ଏସବୁ ମଧ୍ୟରେ ଭଗବତୀପୁରଠାରେ ସର୍ବାଧିକ ୬ଟି ସ୍ଥାନରେ ମୋଟ ପ୍ରାୟ ୧୨ ଏକରରୁ ଅଧିକ ଜମି କ୍ରୟ କରାଯାଇଛି।

# ଆନ୍ତଃ ରାଜ୍ୟ ପ୍ରଶ୍ନପତ୍ର ର୍ୟାକେଟ ଧରାହେବା ପରେ ଭାଜପା ବିଚଳିତ କାହିଁକି: ବିଜେଡି

ଭୁବନେଶ୍ୱର,୨୮।୭ (ଅନିଲ ଦାସ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ(ଓଏସ୍‌ଏସ୍‌ସି) ପ୍ରଶ୍ନପତ୍ର ଲିକ୍ ର୍ୟାକେଟ ଧରାପଡ଼ିବା ଘଟଣାକୁ ନେଇ ଓଡ଼ିଶା ଭାଜପା ନେତାମାନେ ଚିରାଚରିତ ଭାବେ ହୀନ ରାଜନୀତି କରିବା ଆରମ୍ଭ କରିଦେଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଶୁକ୍ରବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ କହିଛନ୍ତି, ନିକଟରେ ଓଡ଼ିଶା ପୋଲିସ ଏକ ଆନ୍ତଃରାଜ୍ୟ ପ୍ରଶ୍ନପତ୍ର ର୍ୟାକେଟର ରହସ୍ୟ ଉନ୍ମୋଚନ କରିବାରେ ସମର୍ଥ ହୋଇଛି। ପୋଲିସ ହାତରେ ଧରାପଡ଼ିଥିବା ଏହି ର୍ୟାକେଟର ମାଷ୍ଟରମାଇଣ୍ଡ ହେଉଛନ୍ତି କେନ୍ଦ୍ର ସରକାରଙ୍କ ଗୋଟିଏ ବିଭାଗ ଅଧୀନରେ କାର୍ଯ୍ୟରତ ଜଣେ କର୍ମଚାରୀ। ଏହି ର୍ୟାକେଟ କେବଳ ଓଡ଼ିଶା ନୁହେଁ, ବିହାର, ମଧ୍ୟପ୍ରଦେଶ ଏବଂ ସେଣ୍ଟ୍ରାଲ ଷ୍ଟାଫ୍ ସିଲେକଶନ କମିଶନର ପ୍ରଶ୍ନପତ୍ର ଲିକ୍ ମାମଲାରେ ମଧ୍ୟ ସମ୍ପୃକ୍ତ ଅଛି। ଏହାଛଡ଼ା ଏହି ର୍ୟାକେଟ ଉତ୍ତରପ୍ରଦେଶ ଓ ଗୁଜରାଟର ଷ୍ଟାଫ୍ ସିଲେକଶନ କମିଶନ ପ୍ରଶ୍ନପତ୍ର ଲିକ୍‌ରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ତଦନ୍ତରୁ ସବୁ କଥା ସ୍ପଷ୍ଟ ହେବ। ମାତ୍ର ଓଡ଼ିଶା ଭାଜପା ନେତାମାନେ ଅଧୈର୍ଯ୍ୟ ହୋଇ ପଡୁଛନ୍ତି। ପ୍ରଶ୍ନପତ୍ର ଲିକ୍ ମାମଲାରେ ଗତ ୧୦ ଦିନ ମଧ୍ୟରେ ମାଷ୍ଟରମାଇଣ୍ଡ ସମେତ ୧୭ ଜଣଙ୍କୁ ପୋଲିସ ଗିରଫ କରିସାରିଲାଣି। ଆମେ ଭାବିଥିଲୁ, ଓଡ଼ିଶା ପୋଲିସର ଏଭଳି ଏକ ବଡ଼ ସଫଳତାକୁ ନେଇ ଭାଜପା ଅନ୍ତତଃ ରାଜନୀତି କରିବ ନାହିଁ। ମାତ୍ର ସବୁ କଥାରେ ହୀନ ରାଜନୀତି କରିବା ରାଜ୍ୟ ଭାଜପା ନେତାମାନଙ୍କର ପୁରୁଣା ଅଭ୍ୟାସ ରହିଛ। ତେଣୁ ସେମାନେ ସୁଧୁରିବେ କେମିତି। ପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଏପରି ସ୍ୱର୍ଶକାତର ଘଟଣାରେ ରାଜନୀତି କରିବାରୁ ଭାଜପା ନେତାମାନେ ବିରତ ରୁହନ୍ତୁ ବୋଲି ଗୌତମବୁଦ୍ଧ କହିଛନ୍ତି।

**GOVERNMENT POLYTECHNIC, SAMBALPUR (RENGALI)**
At./P.O- Rengali-768212, Dist- Sambalpur, Phone : 06632560070
E-mail: gpsambalpurprincipal@gmail.com, Website: gpsambalpur.com

**WALK-IN-INTERVIEW FOR SELECTION OF CANDIDATES**

**No.KK-127:** Interested candidates having requisite qualification as mentioned below may attend the Walk-in-Interview along with ORIGINAL CERTIFICATES & MARKSHEETS and SELF ATTESTED PHOTOCOPIES (02 SETS) as per the schedule below for engagement of PART TIME GUEST FACULTIES (PTGF) & GUEST LABORATORY ASSISTANTS (PTGLA) during the academic session 2023-24. Remuneration will be paid at rates approved by Govt. of Odisha. No TA & DA will be paid for attending the WALK-IN-INTERVIEW.

| Date | 11:00 AM TO 2:00 PM | 3:00 PM TO 6:00 PM |
|---|---|---|
| 07.08.2023 | Part Time Guest Faculty in Electrical/ Electronics & Telecommunication | Part Time Guest Faculty in Computer Application /Mathematics / Physics |
| 08.08.2023 | Part Time Guest Faculty in Civil/ Mechanical | Part Time Guest Laboratory Assistants in Civil / Electrical / Computer Application |
| 10.08.2023 | Publication of Merit list by evening in our institute Notice Board / Website | |
| QUALIFICATION FOR PTGF | 1st class (60%) or equivalent in B.E/B. TECH / MCA /M.Sc in the concerned discipline. Weightage will be given to candidates with teaching experience in Degree / Diploma Engg. Institutions supported by authentic certificate to the effect. | |
| QUALIFICATION FOR PTGLA | 1st class (60%) or equivalent in Diploma / B.Sc / BCA in the concerned discipline. Weightage will be given to candidates with Laboratory experience in Degree / Diploma Engg. Institutions supported by authentic certificate to the effect. | |

OIPR-14116/11/0002/2324 Sd./- PRINCIPAL

**ODISHA PUBLIC SERVICE COMMISSION, CUTTACK**
**NOTICE**
No.6101/P.S.C., Dt.28.7.23
PF-02-1E-03-2023/24 (DR-III)

**No.D-98:** It is for information of all concerned that, pursuant to Advt. No.24 of 2021-22, 03 (Three) candidates bearing following PPSAN have been allowed to appear in the interview to determine their eligibility for recruitment to the post of Post Graduate Teachers in Telugu. The Interview in respect of the following candidates will be held in the office of the Commission, 19 Dr. P.K. Parija Road, Cuttack-753001 on 10.08.2023 as per the Programme mentioned below.

**PROGRAMME OF INTERVIEW**

| Sl.No. | Date | Time of Interview | PPSAN of Candidates |
|---|---|---|---|
| 1. | 10.08.2023 | 2.30 P.M. | 00117959, 00119623 & 00114162 = 03 Candidates |

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.
The candidates are advised to report in the office of the Commission **half an hour before the commencement of interview** on the scheduled date and time as mentioned above.
**NOTE :-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0071/2324 Sd./- Secretary

Government of Odisha "e" Procurement Notice
**WORKS DEPARTMENT**
OFFICE OF THE EXECUTIVE ENGINEER,
QUALITY CONTROL(R&B) DIVISION, BERHAMPUR-760004.
Ph.No.0680-2280391. E.Mail-eeqcrnbbam@gmail.com
No.B-558:
**Bid Identification No. 01/EE/QCD/BAM/2023-24.**

Letter No.1729 Date:15.07.2023
1 .Name of the work :- Supply, Installation & Commissioning of Machineries & Equipment's for Central laboratory at Berhampur during the financial year 2023-24.
2. Period of Completion :- 02 (Two) Calendar Months.
3. Date and Time of availability of Bid document in the portal:- From 10.00 AM on 01.08.2023 to 05.00PM on 16.08.2023
4. Last date/ time for receipt of bids in portal :- 05.00 PM on 16.08.2023
5. Date of opening of Bid from Portal :- 11.30AM on 17.08.2023
6. Name and address of the officer inviting Bid :- Executive Engineer, Quality Control (R&B) Division, Berhampur.
Further details can be seen from the e- procurement portal http://tendersodisha.gov.in

Sd./- Niman Kujur
Executive Engineer
Quality Control (R&B) Division, Berhampur
OIPR-34169/11/0002/2324

Ph. No.(06794)222054, Fax- 06794 222054
**OFFICE OF THE MUNICIPAL COUNCIL : RAIRANGPUR**
No.2341, Dt.28.07.2023
**QUOTATION CALL NOTICE**

**No.C-931:** Sealed quotations in printed forms are invited from the authorized / registered firms / supplier having required valid certificates i.e. IT., GST clearance & PAN Card for supply of the following sanitation materials to Rairangpur Municipality for office Sanitation use only. The quotations should reach the undersigned on or before 12.08.2023 at 2PM through speed post / registry post. This office not responsible for any postal delay and no quotations will be entertained beyond the stipulated period. The quotations will be opened on 12.08.2023 at 4PM in the presence of the quotationers or their authorized representatives. The quotation shall be available in our official website i.e. www.rairangpurmunicipality.org. The quotationer should clearly mention all the terms and conditions specifications in their quotations. No transportation charges will be paid by this office. The undersigned reserves the rights to reject any or all the quotations without assigning any reason thereof.

| Sl.No. | Items | Rate / PC. |
|---|---|---|
| 1 | Bleaching Powder (Grade-I 33% chlorine) | Per Bag (25Kg.) |
| 2 | Phenyl (Black Phenyl) | Per Ltr. |
| 3 | 65Ltr Bucket (Blue & Green) (Reputed Company) | Per No. |
| 4 | 240Ltr wheeled dustbin (Reputed Company) | Per No |

Sd./- Executive Officer
Rairangpur Municipality
OIPR-13106/11/0009/2324

GOVERNMENT OF ODISHA
**ODIA LANGUAGE, LITERATURE & CULTURE DEPARTMENT**
**TENDER CALL NOTICE**

**No.RR-20:** Sealed quotations of rates (exclusive of transport) are invited from the intending reputed Sculptors/Firms of Odisha base for construction and supply of Bronze Statue of eminent personalities for the year, 2023-24. Quotation in prescribed form should be sent in sealed cover through registered post / speed post so as to reach the office of the undersigned on or before 16.08.2023 up to 5.00 P.M. The quotation not received during the prescribed period shall not be entertained. Tender papers shall accompany a refundable E.M.D. of Rs.5,000/- deposited as DD drawn in favour of Director, Odia Language, Literature & Culture Department, Odisha, Bhubaneswar payable at Bhubaneswar.

Technical bids of the quotation will be opened on 18.08.2023 at 11.00 A.M. and the financial bid of qualified technical bidders on 19.08.2023 at 11.00 A.M. in presence of the Committee Members and also the participating Bidder / or his authorized Representative. Details of tender can be downloaded from the Odia Language, Literature & Culture Department, Govt. of Odisha website (www.orissaculture.gov.in) or shall be collected from the Directorate Wing, Odia Language, Literature & Culture Department, Sanskruti Bhawan, Odisha, Bhubaneswar. The tender format can be used while submitting quotation on or before the scheduled date.

Sd./- Director,
Odia Language, Literature & Culture Department

**Address:**
Directorate Wing, Department of Odia Language, Literature & Culture, Sanskruti Bhawan, Museum Campus, Kalpana Square, Odisha, Bhubaneswar-14, Tel. No.:2431945, Fax No. 0674-2432269,
E-mail: directorateofculture@gmail.com
OIPR-03029/11/0012/2324

**DEPARTMENT OF WATER RESOURCES**
**Odisha Community Tank Development & Management Society**
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE
(WORLD BANK PROJECT ID: P163533)
7th Floor, Rajiv Bhawan, Bhubaneswar-751001
Ph. 0674-2542421, E-mail: spuoiipcra.od@gov.in
OIIPCRA/ CBIS-04/2020, Letter No.1840, Date 25.07.2023

**Cancellation of Request for Expression of Interest (REoI) OIIPCRA-EoI-04/2022 on Dated 04-08-2022**

**No.A-381:** In view of non-selection of the 1st Highest Combined Scorer agency, for failing to present human resources with either the required educational qualification or work experience, the Invitation for REoI for the Consultancy Services for "Engagement of Strategic Support Team (SST) for the Offices of the Agriculture Production Commissioner (APC), Odisha and the Additional Chief Secretary (ACS), Water Resources Under the Odisha Integrated Irrigation Project for Climate Resilient Agriculture (OIIPCRA)", invited vide this office Notice OIIPCRA-EoI-04/2022, Dated 04-08-2022, is hereby cancelled.

OIPR-32379/11/0002/2324 Sd./- Project Director, OCTDMS

**BHUBANESWAR MUNICIPAL CORPORATION**
Vivekanand Marg, Bhubaneswar - 751014, Orissa
Phone: 0674-243125, Fax: 0674-24328, E-mail: info@bmc.gov.in, Web: bmc.gov.in
No. 35912 Dt.28.07.2023
XXXX III ENV-31/2023

**''ନଗରବନ୍ଧୁ'' ନିମନ୍ତେ ବିଜ୍ଞପ୍ତି**

**ସରସ ସବୁଜ ଭୁବନେଶ୍ୱର ପାଇଁ ଏକ ଆହ୍ୱାନ**

No. C-936: ଭୁବନେଶ୍ୱର ମହାନଗର ନିଗମ ଆନୁକୂଲ୍ୟରେ ଏବଂ ପ୍ଲାଣ୍ଟ ଲଭର୍ସ ଆସୋସିଏସନ ଓ ଓଡ଼ିଶା ଏନଭାର୍ନମେଣ୍ଟ ସୋସାଇଟିର ମିଳିତ ସହଯୋଗରେ ସଚେତନ ନାଗରିକମାନଙ୍କୁ ''ନଗରବନ୍ଧୁ'' ସମ୍ମାନ ପ୍ରଦାନ କରାଯାଉଅଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ଯେଉଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର ଭୁବନେଶ୍ୱର ପୌରାଞ୍ଚଳର ସୌନ୍ଦର୍ଯ୍ୟକରଣ, ଶକ୍ତି ଓ ଜଳ ସଂରକ୍ଷଣ, ପରିମଳ ତଥା ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ରହିଛି ; ସେମାନଙ୍କୁ ''ନଗରବନ୍ଧୁ'' ଭାବରେ ଆସନ୍ତା ସ୍ୱାୟତ୍ତ ଶାସନ ଦିବସ – ୩୧ ଅଗଷ୍ଟ ୨୦୨୩ରିଖ ଦିନ ସମ୍ମାନିତ କରାଯିବ। ଏହି ସମ୍ମାନ ନିମନ୍ତେ ବିଏମ୍‌ସିର ୬୭ଟି ୱାର୍ଡ ମଧ୍ୟରୁ ବ୍ୟକ୍ତି ତଥା ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଚୟନ କରାଯିବ।
ଏହି ସମ୍ମାନ ପାଇଁ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ସତ୍ୟନଗର କାଳୀ ମନ୍ଦିର ସାମ୍ନା ସ୍ଥିତ ୟୁନିଟ୍–୯, ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ କାର୍ଯ୍ୟାଳୟର (LG Floor)ରେ ଥିବା ପରିବେଶ ଉପବିଭାଗରୁ ଦରଖାସ୍ତ ଫର୍ମ ସଂଗ୍ରହ କରି ଫର୍ମରେ ଦିଆଯାଇଥିବା ନିଜର/ଅନୁଷ୍ଠାନର ନାମ ଲେଖି ଆନୁଷଙ୍ଗିକ ପ୍ରମାଣପତ୍ର ସହ ଦରଖାସ୍ତ ପ୍ରେରଣ କରିପାରିବେ କିମ୍ବା କେହି ତୃତୀୟ ପକ୍ଷ ସେମାନଙ୍କ ମନୋନୟନ ପତ୍ର ପଠାଇ ପାରିବେ। ତା୯ ଅଗଷ୍ଟ ୨୦୨୩ରିଖ ସନ୍ଧ୍ୟା ୫ ଘଟିକା ସୁଦ୍ଧା ନାମାଙ୍କନ ପହଞ୍ଚିବା ଆବଶ୍ୟକ। ନାମାଙ୍କନ ପଠାଇବାର ଠିକଣା: ପରିବେଶ ଉପବିଭାଗ (LG Floor), ମୁଖ୍ୟ କାର୍ଯ୍ୟାଳୟ, (BMC ICOMC Tower), ଭୁବନେଶ୍ୱର ମହାନଗର ନିଗମ, ୟୁନିଟ୍ – ୯, ଭୁବନେଶ୍ୱର – ୭୫୧୦୧୪।

ସ୍ୱା./– ଅତିରିକ୍ତ ଆୟୁକ୍ତ
ଭୁବନେଶ୍ୱର ମହାନଗର ନିଗମ

**ନିମ୍ନଲିଖିତ ବିଷୟରେ ସଂକ୍ଷିପ୍ତ ବିବରଣୀ**

୧. ନିର୍ଦ୍ଦିଷ୍ଟ ଅଞ୍ଚଳରେ ସବୁଜିକରଣ ପାଇଁ ନେଇଥିବା ପଦକ୍ଷେପ (ବୃକ୍ଷରୋପଣ କରାଯାଇଥିବା ଜାଗାର ନିର୍ଦ୍ଦିଷ୍ଟ ବିବରଣୀ ସହିତ):
୨. ବିଦ୍ୟୁତ୍ ଶକ୍ତି ସଞ୍ଚୟ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ଗ୍ରହଣ କରିଥିବା ପରିବେଶଧର୍ମୀ ପଦକ୍ଷେପ।
୩. ନିଜ ହତା ତଥା ଆଖପାଖ ଅଞ୍ଚଳରୁ ବାହାରୁଥିବା କଠିନ ଅଳିଆ/ଆବର୍ଜନା ଏବଂ ମଇଳା ପାଣି ପରିଚାଳନା ତଥା ପରିମଳ ବ୍ୟବସ୍ଥା ନିମନ୍ତେ ଗ୍ରହଣ କରିଥିବା ପଦକ୍ଷେପ।
୪. ପ୍ରାକୃତିକ ସମ୍ପଦ ସଂରକ୍ଷଣ ତଥା ପରିବେଶ ସୁରକ୍ଷା ନିମନ୍ତେ ନେଇଥିବା ପଦକ୍ଷେପ।
୫. ଦରଖାସ୍ତକାରୀଙ୍କର ଏହି କ୍ଷେତ୍ରକୁ ଅବଦାନ ନିମନ୍ତେ ପ୍ରାପ୍ତ ଅନ୍ୟାନ୍ୟ ପୁରସ୍କାର ଓ ସ୍ୱୀକୃତିର ବିବରଣୀ।
୬. ପୂର୍ବରୁ ''ନଗରବନ୍ଧୁ'' ସମ୍ମାନ କେବେ ପାଇଥିଲେ କି ?
୭. ସଦ୍ୟତମ ହୋଲ୍‌ଡିଂ ଟିକସ ଦେୟ ରସିଦ ନକଲ ସଂଲଗ୍ନ କରିବେ।

OIPR-13002/11/0090/2324

**ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର**
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର)
ଫୋନ୍ ନଂ.: ୦୬୭୪–୨୪୩୧୬୧୧/୨୪୩୧୬୧୨

**ଧର୍ମପଦ ପୁରସ୍କାର ପାଇଁ ପ୍ରସ୍ତାବ ଆହ୍ୱାନ**

**ଶେଷ ତାରିଖ ୩୦ ଅଗଷ୍ଟ ୨୦୨୩**

No. RR-12: ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ୨୦୨୩ ମସିହା ପାଇଁ ଧର୍ମପଦ ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା ରାଜ୍ୟର ବୟୋଜ୍ୟେଷ୍ଠ ଶିଳ୍ପୀମାନଙ୍କୁ ପ୍ରଦାନ କରାଯିବ। ଏଥିପାଇଁ ରାଜ୍ୟର ବିଭିନ୍ନ ସାଂସ୍କୃତିକ ତଥା ଚିତ୍ରକଳା ଅନୁଷ୍ଠାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଓ ରାଜ୍ୟର ଶିଳ୍ପୀମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯାଉଛି। ଆବେଦନକାରୀ ଶିଳ୍ପୀଙ୍କର ବୟସ ତା୦୧।୦୧।୨୦୨୩ରିଖ ସୁଦ୍ଧା ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। ପ୍ରସ୍ତାବକାରୀ ନିଜର ନାମ କିମ୍ବା ଅନ୍ୟ ଶିଳ୍ପୀଙ୍କ ନାମ, ଜନ୍ମ ତାରିଖ, ସଂକ୍ଷିପ୍ତ ଜୀବନୀ, ପ୍ରମାଣ ପତ୍ର ସହ ଆସନ୍ତା ତା୩୦।୦୮।୨୦୨୩ରିଖ ମଧ୍ୟରେ ସଚିବ, ଓଡ଼ିଶା ଲଳିତ କଳା ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର – ୭୫୧୦୧୪ କିମ୍ବା E-mail: **odishalka1962@gmail.com** ଜରିଆରେ ଅନୁରୋଧ କରାଯାଇଛି। ଧାର୍ଯ୍ୟ ଦିବସ ପରେ କୌଣସି ପ୍ରସ୍ତାବ ଏକାଡେମୀ ଦ୍ୱାରା ଗ୍ରହଣୀୟ ହେବ ନାହିଁ। ସୂଚନାଥାଉକି ପୁରସ୍କାର ପାଇଁ ଆବେଦନକାରୀ ଏକାଡେମୀର ସାଧାରଣ ପରିଷଦ ସଭ୍ୟ ବା କାର୍ଯ୍ୟକର୍ତ୍ତା ହୋଇ ନ ଥିବା ଆବଶ୍ୟକ।

ସ୍ୱା./– ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ

OIPR-03007/11/0001/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଅଂଶୁ
ପରିବାରବର୍ଗ



ସାଇଦର୍ଶନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜୁଲାଇ ୩୦ ବୈଠକରେ ଅଧ୍ୟକ୍ଷତା କରିବେ ବ୍ରିଜଭୂଷଣ

## ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ

ନୂଆଦିଲ୍ଲୀ, ୨୮।୭ (ପି.ଟି.)

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ନିର୍ବାଚନ ପୂର୍ବରୁ ଜୁଲାଇ ୩୦ରେ ବସିବାକୁ ଥିବା ଏକ ବୈଠକରେ ବିଦାୟୀ ସଭାପତି ବ୍ରିଜଭୂଷଣ ଶରଣ ସିଂ ଅଧ୍ୟକ୍ଷତା କରିବେ। ନୂଆ କର୍ମକର୍ତ୍ତାଙ୍କ ଲାଗି ହେବାକୁଥିବା ନିର୍ବାଚନ ପାଇଁ ସେ ତାଙ୍କ ପ୍ରାର୍ଥୀ ମନୋନୟନ କରିବେ। ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଇଲେକ୍ଟୋରାଲ କଲେଜରେ ଯଦିଓ ବ୍ରିଜ ଭୂଷଣ ଓ ତାଙ୍କ ପୁତ୍ର କରନଙ୍କ ନାମ ନାହିଁ। କିନ୍ତୁ ନିର୍ବାଚନ ପାଇଁ ବିହାରରୁ ପ୍ରତିନିଧିତ୍ୱ କରୁଥିବା ଭାଜପା ନେତାଙ୍କ ଜାମାତା ବିଶାଲ ସିଂ ମୁଖ୍ୟ ପଦବୀ ପାଇଁ ଲଢିବା ଯଥେଷ୍ଟ ସମ୍ଭାବନା ରହିଛି। ବ୍ରିଜ ଭୂଷଣଙ୍କ ଦ୍ୱାରା ଏକ ବୈଠକ ଡକାଯାଇଥିବା ବିଷୟ ବିଦାୟୀ ଡବ୍ଲ୍ୟୁଏଫ୍ଆଇ ସହକାରୀ ସମ୍ପାଦକ ବିନୋଦ ତୋମାର ସ୍ପଷ୍ଟ କରିଛନ୍ତି। ତେବେ ଏହି ବୈଠକ କେଉଁଠାରେ ହେବ ସେ ସମ୍ପର୍କରେ କୌଣସି ସୂଚନା ଦେଇ ନାହାନ୍ତି। ଯଥାସମ୍ଭବ ବୈଠକରେ ବିଭିନ୍ନ ରାଜ୍ୟ ସଂଗଠନରେ ସଭାପତି ଓ ସମ୍ପାଦକ ପଦବୀରେ ରହିଥିବା ବ୍ରିଜଭୂଷଣଙ୍କ ସମର୍ଥକମାନେ ଯୋଗ ଦେବେ। ଅଗଷ୍ଟ ୧୨ ପାଇଁ ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ ଜୁଲାଇ ୩୧ ରଖାଯାଇଛି। ଅଗଷ୍ଟ ୨ରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ଅଗଷ୍ଟ ୭ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଜାତୀୟ କ୍ରୀଡ଼ା ଆଚରଣବିଧି ଅନୁସାରେ ସେ ସର୍ବାଧିକ ୧୨ ବର୍ଷ ଧରି ଜଣେ କର୍ମକର୍ତ୍ତା ରହି ଆସିଛନ୍ତି।

# ଭାରତ-ଇଂଲଣ୍ଡ ମ୍ୟାଚ ଡ୍ର

**ବାର୍ସିଲୋନା, ୨୮।୭ (ପି.ଟି.):** ସ୍ପାନିଶ ହକି ମହାସଂଘ ଶତବାର୍ଷିକୀ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତୀୟ ହକି ଦଳ ଇଂଲଣ୍ଡ ବିପକ୍ଷ ମ୍ୟାଚ ୧-୧ରେ ଅମୀମାଂସିତ ଭାବେ ଶେଷ କରିଛି। ଖେଳର ୫ମ ମିନିଟ୍‌ରେ ଇଂଲଣ୍ଡର ସାମ୍ ୱାର୍ଡ ଗୋଲ ସ୍କୋର ତାଙ୍କ ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ୨୯ତମ ମିନିଟରେ ଭାରତର ହରମନପ୍ରୀତ ସିଂଙ୍କ ଗୋଲ୍ ଜରିଆରେ ଭାରତ ମ୍ୟାଚକୁ ୧-୧ରେ ବରାବର ସ୍ଥିତିକୁ ନେଇ ଆସିଥିଲା। ଡ୍ର’ ରଖିବା ଦ୍ୱାରା ଭାରତ ରବିବାର ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ଟୁର୍ନାମେଣ୍ଟରେ ଭାରତ ପ୍ରଥମେ ଆୟୋଜକ ଦେଶଠାରୁ ପରାଜିତ ହେବା ପରେ ନେଦରଲାଣ୍ଡ ସହ ଡ୍ର ରଖିଥିଲା। ଫାଇନାଲରେ ପ୍ରବେଶ ପାଇଁ ଶୁକ୍ରବାର ଇଂଲଣ୍ଡ ବିପକ୍ଷ ମ୍ୟାଚରେ ବିଜୟ ଭାରତ ପାଇଁ ଜରୁରି ଥିଲା।

# ଜ୍ୟୋସ୍ନାଙ୍କୁ ବ୍ରୋଞ୍ଜ ପଦକ



ବ୍ରୋଞ୍ଜ ପଦକ ସହ ଜ୍ୟୋସ୍ନା ଶବର।

ଭୁବନେଶ୍ୱର, ୨୮।୭
(ତପନ ସ୍ୱାଇଁ)

ଗ୍ରେଟର ନଏଡ଼ାରେ ଚାଲିଥିବା ଏସିଆନ ୟୁଥ୍ ଓ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଜ୍ୟୋସ୍ନା ଶବର ୩ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୪୦ କେଜି ମହିଳା ୟୁଥ୍ ବର୍ଗରେ ଭାଗ ନେଇଥିବା ଜ୍ୟୋସ୍ନା ସ୍ନାଚ୍‌ରେ ୫୫ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୬୪ କେଜି ଉତ୍ତୋଳନ କରିଥିଲେ। ଓଭରଅଲ୍ ୧୧୯ କେଜି ଉତ୍ତୋଳନ ପାଇଁ ତାଙ୍କୁ ୩ଟି ବ୍ରୋଞ୍ଜ ପଦକ ମିଳିଥିଲା। ପ୍ରକାଶ ଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ ୩ଟି କାଟେଗୋରି (ସ୍ନାଚ୍, କ୍ଲିନ୍ ଆଣ୍ଡ ଜର୍କ ଏବଂ ମୋଟ)ରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପଦକ ପ୍ରଦାନ କରାଯାଇଥାଏ। ଏସିଆର ୧୮ଟି ଦେଶରୁ ଉଭୟ ୟୁଥ୍ ଓ ଜୁନିୟର (ମହିଳା ଓ ପୁରୁଷ) ବର୍ଗରେ ୨୨୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି।

# ସ୍ମିଥ୍‌ଙ୍କ ଅର୍ଦ୍ଧଶତକ: ଅଷ୍ଟ୍ରେଲିଆ ଅଗ୍ରଣୀ

## ପଞ୍ଚମ ଆଶେସ ଟେଷ୍ଟ

ଲଣ୍ଡନ, ୨୮।୭

ଓଭାଲରେ ଚାଲିଥିବା ୫ମ ତଥା ଅନ୍ତିମ ଆଶେସ କ୍ରିକେଟ ଟେଷ୍ଟରେ ଷ୍ଟିଭ୍ ସ୍ମିଥଙ୍କ ଅର୍ଦ୍ଧଶତକ ଅଷ୍ଟ୍ରେଲିଆର ସମ୍ମାନ ରଖିଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୨୮୩ ରନ କରିଥିବାବେଳେ ଶୁକ୍ରବାର ଦ୍ୱିତୀୟ ଦିବସ ଶେଷରେ ଅଷ୍ଟ୍ରେଲିଆ ୨୯୫ ରନ କରି ଅଲ୍‌ଆଉଟ ହୋଇଛି। ଫଳରେ ଅଷ୍ଟ୍ରେଲିଆ ୧୨ ରନରେ ଅଗ୍ରଣୀଲାଭ କରିଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୬୧/୧ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଦିବସରେ ଚା’ ବିରତି ପୂର୍ବରୁ ୧୮୫ ରନ ମଧ୍ୟରେ ୭ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଉସମାନ ଖ୍ୱାଜା ୪୭ ରନ କରିଥିଲେ। ମିଡିଲ ଅର୍ଡରରେ ସ୍ମିଥ ଏବଂ ଲୋୟର ଅର୍ଡରରେ କୁମିନ୍ସ ସତର୍କତାର ସହ ବ୍ୟାଟିଂ କରିବାରୁ ଦଳ ଏକ ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା। ସ୍ମିଥ ଓ କୁମିନ୍ସ ୮ମ ଉଇକେଟରେ ୧୦୩ ବଲ୍‌ରୁ ମୂଲ୍ୟବାନ ୫୪ ରନର ଭାଗୀଦାରି ଗଢ଼ିଥିଲେ। ସ୍ମିଥ ଦଳ ପକ୍ଷରୁ ସର୍ବାଧିକ ୭୧ ରନକରି ଆଉଟ ହୋଇଥିଲେ। କୁମିନ୍ସ ୩୬ ରନକରି ଶେଷ ଖେଳାଳିଭାବେ ପ୍ୟାଭିଲିୟନ ଫେରିଥିଲେ। ଟଡ୍ ମର୍ଫି ୩୯ ବଲ୍‌ରୁ ୩୪ (୨ ଚୌକା, ୩ ଛକା) ରନକରି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ୱୋକ୍ସ ସର୍ବାଧିକ ୩ଟି ଏବଂ ଷ୍ଟୁଆର୍ଟ ବ୍ରଡ୍, ମାର୍କ ଉଡ୍ ଓ ଜୋ ରୁଟ୍ ୨ଟି ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ: ୨୮୩। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୯୫/ଅଲ୍‌ଆଉଟ (ଷ୍ଟିଭ୍ ସ୍ମିଥ-୭୧, ଉସମାନ ଖ୍ୱାଜା-୪୭, ପ୍ୟାଟ୍ କୁମିନ୍ସ-୩୬, ଟଡ୍ ମର୍ଫି-୩୪, କ୍ରିସ୍ ୱୋକ୍ସ-୩/୬୧, ଷ୍ଟୁଆର୍ଟ ବ୍ରଡ୍-୨/୪୯, ମାର୍କ ଉଡ୍-୨/୬୨, ଜୋ ରୁଟ୍-୨/୨୦, ଜେମ୍ସ ଆଣ୍ଡରସନ-୧/୬୭)।



ଶଟ୍ ଖେଳିବା ଅବସରରେ ଷ୍ଟିଭ୍ ସ୍ମିଥ।

CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE
For Booking Contact 0674-2580385, 8637280816, 7894447167, 9338226625

ADMISSION OPEN
DISTANCE EDUCATION
For Govt. & Private Job holder's
(UGC and DEB Recognized Universities)
MBA, MCA, LLB, DIPLOMA, B.Sc, M.Sc, B.Com, BA, MA, MSW and more than 100 UG and PG Courses
12th Science, Arts, Commerce.
LOW FEES STRUCTURE
Institute of Technology and Management Science (ITMS)
Satya Vihar, Bhubaneswar, near Puri Bypass
8917610670, 9438486526

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆର୍ଜେଣ୍ଟିନା ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଇଂଲଣ୍ଡ, ଚାଇନା ବିଜୟୀ: ଆର୍ଜେଣ୍ଟିନା-ଦକ୍ଷିଣ ଆଫ୍ରିକା ମ୍ୟାଚ ଡ୍ର

## ମହିଳା ଫୁଟବଲ ବିଶ୍ୱକପ୍

ସିଡ୍‌ନୀ/ଡୁନେଡିନ୍/ଆଡିଲେଡ୍, ୨୮।୭

ଚଳିତ ଫିଫା ମହିଳା ଫୁଟବଲ ବିଶ୍ୱକପ୍‌ରେ ଶୁକ୍ରବାର ଇଂଲଣ୍ଡ ଓ ଚାଇନା ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ ଆର୍ଜେଣ୍ଟିନା ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଡ୍ର’ ଭାବେ ଶେଷ ହୋଇଛି। ସିଡ୍‌ନୀଠାରେ ଗ୍ରୁପ୍ ‘ଡି’ର ଖେଳାଯାଇଥିବା ଏକ ମ୍ୟାଚରେ ୟୁରୋପିଆନ ଚାମ୍ପିୟନ ଇଂଲଣ୍ଡ ୧-୦ ଗୋଲ୍‌ରେ ଡେନମାର୍କକୁ ପରାସ୍ତ କରିଛି। ଏହି ଗୋଲ୍‌ଟିକୁ ଲରେନ ଜେମ୍ସ ଖେଳର ୬ଷ୍ଠ ମିନିଟ୍‌ରେ ସ୍କୋର କରିଥିଲେ। ଦଳ କ୍ରମାଗତ ଦ୍ୱିତୀୟ ବିଜୟ ସହ ଗ୍ରୁପ୍ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନ ଅଧିକାର କରିଛି। ଇଂଲଣ୍ଡ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଚାଇନା ବିପକ୍ଷରେ ଖେଳିବାକୁ ଥିବା ବେଳେ ଡେନମାର୍କ ପର୍ଥଠାରେ ହାଇତିକୁ ଭେଟିବ।

ଅଷ୍ଟ୍ରେଲିଆର ଆଡେଲିଡ୍‌ଠାରେ ଚାଇନା ୧-୦ ଗୋଲ୍‌ରେ ହାଇତିଙ୍କୁ ପରାସ୍ତ କରିବା ସହ ପରବର୍ତ୍ତୀ ରାଉଣ୍ଡ ପାଇଁ ଏହାର ସମ୍ଭାବନାକୁ ଉଜ୍ଜୀବିତ ରଖିଛି। ଫରୱାର୍ଡ ୱାଙ୍ଗ୍ ଶୁଆଙ୍ଗ ୭୪ତମ ମିନିଟ୍‌ରେ ଏକ ପେନାଲ୍ଟିକୁ ଗୋଲ୍‌ରେ ରୂପାନ୍ତରିତ କରିଥିଲେ। ବିଶ୍ୱକପ୍‌ରେ ଏହା ହେଉଛି ତାଙ୍କର ପ୍ରଥମ ଗୋଲ୍। ୨୯ତମ ମିନିଟ୍‌ରେ ଚାଇନାର ଝାଙ୍ଗ ରୁଇଙ୍କୁ ରେଡ୍‌କାର୍ଡ ହୋଇଥିଲା। ଫଳରେ ଦଳକୁ ୧୦ ଖେଳାଳି ନେଇ ଖେଳିବାକୁ ହୋଇଥିଲା। ୧୦ ଖେଳାଳିଙ୍କୁ ନେଇ ଏକ ମ୍ୟାଚ ଜିତିବା ମହିଳା ବିଶ୍ୱକପ୍‌ରେ ଏହା ହେଉଛି ଦ୍ୱିତୀୟ ଦୃଷ୍ଟାନ୍ତ। ପୂର୍ବରୁ ଏହା ୨୦୧୧ରେ ଦେଖିବାକୁ ମିଳିଥିଲା।

ଡୁନେଡିନଠାରେ ଆର୍ଜେଣ୍ଟିନା ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍ ‘ଜି’ର ଏକ ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ମ୍ୟାଚରେ ଦକ୍ଷିଣ ଆଫ୍ରିକା ଲିଣ୍ଡା ମୋଟ୍‌ଲାଲୋ (୩୦ତମ ମିନିଟ) ଓ ଥେମ୍ବି କିଗାଟଲାନା (୬୬ତମ)ଙ୍କ ଗୋଲ୍ ସହାୟତାରେ ପ୍ରଥମେ ୨-୦ରେ ଅଗ୍ରଣୀ ଲାଭ କରିଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ଆର୍ଜେଣ୍ଟିନା ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ସୋଫିଆ ବ୍ରାଉନ୍ (୭୪ତମ) ଓ ରୋମିନା ନୁନେଜ (୭୯ତମ)ଙ୍କ ଗୋଲ୍ ଯୋଗୁ ମ୍ୟାଚ ୨-୨ରେ ଡ୍ର’ ଭାବେ ଶେଷ ହୋଇଥିଲା। ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି। ସୁଇଡେନ ଓ ଇଟାଲୀ ସମାନ ୩ ପଏଣ୍ଟ ଲେଖାଏଁ ଅର୍ଜନ କରି ଗ୍ରୁପ୍‌ର ଶୀର୍ଷରେ ରହିଛନ୍ତି।

Classified Everyday
0674-2580101, 2549949



REAL ESTATE
**SALE**

3BHK Apartment Rasulgarh-89,00,000/-, 3BHK Duplex near Tankapani-79,00,000/-, 3BHK Duplex Nandankanan-99,00,000/-, Chandaka 5 Acre, Mendhasala 5 Acre, Balianta 3 Acre. Residential Land Patia-2890, Tankapani-2650, Tamando-2700, Hanspal-2500, Mancheswar-1650, Pitapalli-1650, Balianta-1200, Baranga-1200, Sundarpada-900, Jaanla-900, DPSback-900. 8984071303, 8249630501. D-0923

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ 30” ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି- 7787017414. D-74888

Gharabari plot sale at Pipli, near Puri by-pass, adject to NH with boundary wall, plantation, Electricity. Contact: 7008346486. D-74556

Gharabari plot/ duplex and triplex sale at east facing in Kalarahanga 30ft. road gated society. 8249533255. D-71058

ଭୁବନେଶ୍ୱର ପିତାପଲ୍ଲି ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74885

Plot sale near Sundarpada Petrol Pump, 3000/sqft. Contact-9937737720. D-71379

**2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891.** D-0819

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-74895

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74886




**Four storied building 3000sftx4 at Jayadev Vihar, Bhubaneswar suitable for office/ showroom/ Mall. Contact-9437476660.** D-75016

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75013

**Relax, Refresh your body, mind at Saikrupa Spa with best therapies. 8984068077.** D-0921

All types of professional body massage by professional therapy. Contact 7077933109/ 9556924059/ 8658803018. D-0932

Full body massage in homely atmosphere in all therapy. Mob: 8114881641. D-73438

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly benefited healthcare Spa Experience therapist in Bhubaneswar. Please visit this spa. 7846814019. D-75135

Newly opened (One8 Spa)/(Salon Service) with expert therapist, 9938843929. D-75136

Spa Kerala Body Massage only best Therapist @699/- Bhubaneswar. 9337672475. D-0857

**LOST**

I, Sri Lalit Meher, S/o- Late Harihar Meher, R/o- Village-Sagarpali, P.O.- Mallikmunda, Dist.- Subarnapur declare that on dtd. 15.05.2023 when I was coming from Sagarpali to Sonepur at that time my original Regd. sale deed vide RSD No.-11661701513 dtd. 03.11.2017 has been missed away. Inspite of my best effort I could not trace it out. D-0934

I Smt. Sandhya Rani Acharya (Mishra), D/o- Late Sisir Kumar Mishra & W/o- Sri Biswajeet Acharya at Plot No.-118, Gobinda Prasad, Bomikhal Canal Road, P.O.- Rasulgarh, P.S.- Laxmisagar would like to inform that I have lost/ misplaced Sale Deed No.- 5169 dated 25.07.1980 & 5172 dated 25.07.1980 and if anybody has found it please contact 9937155484 and He/She will be suitably rewarded. D-0933

**AFFIDAVIT**

I, Archna, W/o Kuldeep Kumar, 405/4, Club Town Apartment, CS’Pur, BBSR-751016 declare vide affidavit No.- 55AA746483 dt 28.07.23 that now onwards I shall be known as Archna Gupta for all future purposes. D-0937

By virtue of an affidavit sworn before the Executive Magistrate, Aul, I Subna Kanta Das, S/o. Hrudananda Das, Village- Dimiripal, PO.Bhuinpur, Dist.- Kendrapara declare that my name has been wrongly recorded as Rashmikanta Das instead of Subna Kanta Das in my LIC policy bond bearing No.589532706. Henceforth, I shall be known as Subna Kanta Das for all purposes. D-0938

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ପପୁଆ ନ୍ୟୁ ଗିନିକୁ ଯୋଗ୍ୟତା

ପୋର୍ଟ ମୋରେସ୍‌ବି (ପପୁଆ ନ୍ୟୁ ଗିନି), ୨୮।୭ (ପି.ଟି.)

ପପୁଆ ନ୍ୟୁ ଗିନି ସଦ୍ୟତମ ଦଳ ଭାବେ ୱେଷ୍ଟଇଣ୍ଡିଜ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଖେଳାଯିବାକୁ ଥିବା ୨୦୨୪ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଇଷ୍ଟ ଏସିଆ ପ୍ୟାସିଫିକ୍‌ରୁ ଇଭେଣ୍ଟ ପାଇଁ ୧୫ତମ ଦଳ ଭାବେ ଏହା ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ଅମିନି ପାର୍କଠାରେ ଫିଲିପାଇନ୍ସ ବିପକ୍ଷରେ ୧୦୦ରନରେ ବିଜୟ ହାସଲ କରି ପପୁଆ ନ୍ୟୁ ଗିନି ଯୋଗ୍ୟତା ଅର୍ଜନ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ପପୁଆ ନ୍ୟୁ ଗିନି ନିର୍ଦ୍ଧାରିତ ଓଭରରେ ୨୨୯/୬ ସ୍କୋର କରିଥିଲା। ୫ଟି ଗେମ୍ ପରେ ପପୁଆ ନ୍ୟୁ ଗିନି ତାଲିକାର ଶୀର୍ଷ ସ୍ଥାନରେ ରହିଥିଲା। ଦଳ ପୁଣି ଶନିବାର ଜାପାନକୁ ଭେଟିବ। ଏହା କିନ୍ତୁ ଉଭୟ ଦଳ ପାଇଁ ଗୁରୁତ୍ୱହୀନ। ୨୦ଟି ଦଳକୁ ନେଇ ହେବାକୁଥିବା ମେଗା ଇଭେଣ୍ଟ ଲାଗି ଆଉ ୫ଟି ସ୍ଥାନ ଖାଲି ରହିଛି।

# ଜାପାନ ଓପନ ସେମିରେ ଲକ୍ଷ୍ୟ

**ଟୋକିଓ, ୨୮।୭ (ପି.ଟି.):** ଭାରତର ଅଗ୍ରଣୀ ଖେଳାଳି ଲକ୍ଷ୍ୟ ସେନ ଜାପାନ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ଏଚ୍‌ଏସ୍ ପ୍ରଣୟ ଏବଂ ଚିରାଗ ଶେଟ୍ଟି-ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଡବଲ୍ସ ଯୋଡ଼ି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ସେନ୍ ସ୍ଥାନୀୟ ଖେଳାଳି ୩୩ତମ ର୍‍ୟାଙ୍କିଂପ୍ରାପ୍ତ କୋକି ୱାତାନାବେଙ୍କୁ ୨୧-୧୫, ୨୧-୧୯ରେ ପରାସ୍ତ କରିଛନ୍ତି।

# ସବୁଜ ସାନ୍ତ୍ୱନା

ଗଳ୍ପ

ପ୍ରଦୀପ ନାୟକ

ଘରୁ କାନ୍ଧରେ ବାହୁଙ୍ଗିଭାରରେ ବୋଉ ସଜାଡ଼ି ଦେଇଥିବା ଭାତ, ପାଣି ନେଇ ବିଲକୁ ବାହାରିବା ବେଳକୁ ଗୋଟେ ଜରିରେ ପାନ, ଦୋକ୍ତା ପୁଡ଼ିଆ ବଢ଼େଇଦେଲା। ପିନ୍ଧା ଗାମୁଛା ଖୋସଣିରେ ପୁଡ଼ିଆଟାକୁ ମାରି ଗାଁମୁଣ୍ଡକୁ ବାହାରିବା ବେଳକୁ ସବୁଥର ପରି କେଉଁଠୁ କାଉ ଦି'ଟା କା କା ହେଇ ମୁଣ୍ଡ ଉପରେ ଚକ୍କର କାଟିଲେ ବିଲମୁଣ୍ଡରେ ପହଞ୍ଚିବାଯାଏ। ସାରା ପାଟବିଲ ଗତ ଅମେଇସା ବେଳର ଲଘୁଚାପ ମେଘରେ ଝଳି ଦିଶୁଛି। କେଉଁଠି କେମିତି ହଳେ ହଳେ ବଳଦ କଡ଼ାଣ କରୁଛନ୍ତି, ତା' ନହେଲେ ଦିନ ପାଞ୍ଚଟାରେ ଟ୍ରାକ୍ଟର, ପାୱାରଟ୍ରିଲର ମନ୍ଥି ପକେଇଲାଣି ମାଟି। ଚାଷ ତରତର ବଣିଜ ମଠ ନ୍ୟାୟରେ ସବୁ ଚାଷୀ, ଭାଗଚାଷୀଏ ମାତି ଯାଇଛନ୍ତି ରୁଆ ଓପଡ଼ାରେ। ଓଡ଼, ଦୋଓଡ଼ କାଦୁଅ ପାଗକୁ ଅନଉଛି କିଏ? ଏବେ ଦି' ବୁଢା ବିଲରେ ନ ବସିଲେ ଭୋଦୁଅ ମାସକୁ କି ଭରସା! ଆଗକୁ ଗହ୍ମାପୂନେଇଁ ଆସୁଛି, ଏତେବେଳକୁ ବିଲରେ ଧାନ ବୁଦାମେଲିବା କଥା। ଏବେ ଜଳବାୟୁ ପରିବର୍ତ୍ତନରୁ ସବୁ ବିଳମ୍ବ। ଚାଷୀଙ୍କର ଧିଅଘଷା ହେଇଗଲାଣି ଏସବୁ। ବଦଳି ଗଲାଣି ସେକାଳ ଖନା ବଚନ- ଆଗେ ବୁଣ୍ ପଛେ ବୁଣ୍, ଗର୍ଭଣାରେ ଟୁଣ୍‌ଟୁଣ୍। ଆଉ ଦିନ କେଇଟା ଗଲେ ଭାଦ୍ରବ ପଶିବ, କିନ୍ତୁ ରୁଆପରା ଏବେ ଆରମ୍ଭ ହେଉଛି। ଗର୍ଭଣାକୁ କେଉଁଠି ଧାନର ଗର୍ଭ ଟୁଣ୍‌ଟୁଣ୍ ହେବ? ଆକାଶକୁ ଚାହିଁ ଚାହିଁ ବେଳ ଗଲା। ଜ୍ୟେଷ୍ଠରେ ଦି'ବୁନ୍ଦା ଝରେଇ ଦେଲାଯେ ଚାଷୀପୁଅ ମାତିଗଲେ ତଳା ପକେଇବା ପାଇଁ। ତଳାବିଲ ଭାଙ୍ଗି ଓଳିଆରୁ ବିହନ ଅନୁକୂଳ କଲେ। ତଳା ବଡ଼ହେଲା। ହେଲେ ଶ୍ରାବଣରେ ବର୍ଷାର ଦର୍ଶନ ନାହିଁ। ଟିଭି, ରେଡିଓର ମଉସୁମୀ ବିଭାଗ କଥାକୁ ଭରସା କରି ଶ୍ରାବଣ ଶେଷ। କେତେକ ବି ଆଛରା ଛାଡ଼ି ବତୁରି ତଳା ଉପରେ ଭରସା କଲେ। ଏବେକୁ ଚାଷ ଛାଡ଼ିଲେଣି ଅନେକ ଲୋକ। ଗହୀର ପାଟ ଦିଶୁଛି ଅଧା ବେଣା, କାଇଁଚ ବଣ।

ଏବେ ହିଡ଼ବାଡ଼ ଉଠିଗଲା ପରି ଲାଗୁଛି ସାରା ପାଟ। ଯେଉଁ କିଛି ଜମି ଆବାଦ ହେଉଛି, ସେଥିରେ ହିଡ଼ବାଡ଼ ଅଛି। କାଦୁଅବିଲ ହିଡ଼ରେ ଗୋଡ଼ ଚିପିଚିପି ଚାଲିବାକୁ ପଡୁଛି। ଟିକେ ଚହଲିଗଲେ ପାଣି ମୁନ୍ଦାକ ରହିବ ନାହିଁ ମୂଲିଆଙ୍କ ପିଇବା ପାଇଁ। ଆହୁରି ଡାକେ ବାଟ ଅଛି ଯିବାକୁ। ପାଖ ବିଲରେ ରୁଆପୋତା କରୁଥିବା ଲୋକଙ୍କ କଥା କାନରେ ବାଜୁଛି। ଚାଷ ଆଗକୁ ବୁଡ଼ିଯିବ। ବିଲମୁଣ୍ଡକୁ ପାଣି ନାହିଁ, ଯୁରିଆ କିଲ ପଚାଶ ଧରିଲା, ପୋକମରା କଥା ଛାଡ଼। ମଜୁରି ଦିନକୁ ଚାରିଶ। ଧାନବୁଣାଠୁ ଧାନକଟା, ମଳାଯାଏ ହିସାବ କଲେ ଲୋକସାନ୍। କେବଳ ବିଲ ପଡ଼ିଆ ପଡ଼ିବ ବୋଲି ଧିଅ ସହୁନି। ଭାଗଚାଷ କରିବାକୁ ଲୋକ ଅରାଜି ହେଉଛନ୍ତି। ତେଣେ ମଣ୍ଡିରେ ଧାନ ଥୋଇ, ଟୋକନ ମିଳୁନି। ଟୋକନ ମିଳୁଛି ତ ପଇସାକୁ ଚାହିଁ ଥା'। ମଣ୍ଡିବାଲାର କଟ୍‌ନୀ ଛଟ୍‌ନୀ ଅଛି। ଆଉ ବର୍ଷ କେଇଟାରେ ଚାଷ ଯିବ।

ବିଲମୁଣ୍ଡରେ ପହଞ୍ଚିବା ବେଳକୁ ଦି' ପାହି ରୁଆ ସରିବା ଉପରେ। ହିଡ଼ମୁଣ୍ଡରେ ବାହୁଙ୍ଗିରୁ ଖାଇବା ଓହ୍ଲେଇ ଦେଲା ବେଳକୁ କାମ ଛାଡ଼ି ମୂଲିଆମାନେ ଆସିଗଲେ। ମୁଣ୍ଡରୁ ଠେକା ଖୋଲି, ସେଇ ବିଲପାଣିରେ କାଦୁଅ ହାତ ଧୋଇଦେଲେ। ଟିକେ ବସିପଡ଼ିଲା ବେଳକୁ ଝାଳ ଗମ୍‌ଗମ୍ ବହିଯାଉଛି। ହିଡ଼ମୁଣ୍ଡରେ ଘାସୁଆ ଜାଗା ଦେଖି ପତର ବିଛେଇ ଦେଲେ।

ବୋଉ ପଖାଳ ସାଙ୍ଗକୁ ନଗେଇଥିଆ କରିଛି ମୁଟିଶାଗ ଭଜା, ପୋଡ଼ା ଆଳୁ ବାଇଗଣ ଭର୍ତ୍ତା, ଆମ୍ବୁଲ ଆଚାର। ମୁଁ ମୂଲିଆଙ୍କ ପାଖରେ ବସି ଲକ୍ଷ୍ୟ କରୁଥାଏ ସେମାନଙ୍କ ଖାଇବାକୁ। କେଡ଼େ ଆଗ୍ରହରେ ଖାଇଚାଲିଛନ୍ତି! ଟିକିଏ ବି ଅରୁଚି ନାହିଁ। ଭାତରୁ ଆଙ୍ଗୁଠିରେ ମଲାଧାନ ଅଲଗା କଲାବେଳେ କଥା ହେଉଛନ୍ତି ପୋଟିଆ ଧାନ ପଖାଳ ପେଯର ବାସ୍ନା କଉଠୁ ମିଳିବ? ଇଏ ଭାତ ଦି' ମୁଠା ପେଟରେ ପଡ଼ିଲେ ଦି'ଘଡ଼ି ଟାଣିନବ। ଆଉ ଏ ପାରିଜାତ, ସୁନାରି ଚାଉଳ ଖାଲି ଦେଖାସୁନ୍ଦର କଲରେଇଫୁଲ। ହୁଏତ ଏଇ ଖାଇବା ମୋତେ ଘରେ ରୁଚନ୍ତା ନାହିଁ। କିନ୍ତୁ ସେମାନଙ୍କ ଖାଇବାର ସନ୍ତୋଷକୁ ଦେଖି ମୋ' ପାଟିରୁ ଲାଳ ଜକେଇ ଆସୁଛି। କାଉ ଦି'ଟା ବି ହିଡ଼ ପାଖରେ ସେମାନଙ୍କ ହାତକୁ ଟାକି ରହିଛନ୍ତି। ସେମାନଙ୍କ ହାତରୁ କ'ଣ ଟିକେ ଟିକେ ପକେଇ ଦେଲେ ଝାମ୍ପି ପଡୁଛନ୍ତି କାଉମାନେ। ବିଲ ପାଣିକି ଧ୍ୟାନ କରି କାଣ୍ଟିବଗ ଖୁମ୍ପି ଚାଲିଛି ଝିଣ୍ଟିକା, ପୋକ ଜୋକ। କାଦୁଅ ବିଲରେ କାଣ୍ଡନଳ ସାପ ସର୍‌ସର୍ ହେଇ ହିଡ଼ ତଳେ ତଳକୁ ଗଳିଯାଉଛି। ବିଲ ହିଡ଼ସାରା କଳାପିମ୍ପୁଡ଼ି। ବସା ଉଜୁଡ଼ିଛି ବଦଳା ବର୍ଷା ଯୋଗୁଁ। ଚାଇଁଚାଇଁ ଖରା ମୂଲିଆଙ୍କ ଖୋଲା ପିଠି ଉପରେ ନାଚୁଛି। ଶୋଷି ନେଉଛି ଝାଳ। ମନକୁ ଆସୁଛି ଏ ବାଷ୍ପ ହେଇଯାଉଥିବା ଝାଳର କି ମୂଲ ସତରେ! କିଏ ଏ ଶ୍ରମଝାଳର ବୀମା ଦେଇପାରୁଚି? ସଂସାରରେ ସବୁର ବୀମା ଅଛି, ହେଲେ ଶ୍ରମଜୀବୀର?

ଖାଇବା ସମୟରେ ମୂଲିଆମାନେ ବିଲମାଳକୁ ଅନେଇ ନିଜନିଜ ଭିତରେ କଥା ହେଉଛନ୍ତି- ମହାନ୍ତି ଘର ବିଲ ଏବର୍ଷ ସବୁ ପଡ଼ିଆ। ତାଙ୍କ ବଡ଼ପୁଅ ଅଖଞ୍ଜ ହେଇ ଘରେ ବସିବା ଦିନୁ ଚାଷ ଠପ୍। ବରାଳ ଘରର ଆଉ ଚାଷରେ ନିଘା ନାହିଁ, ଦେଖୁନା ବିଲ ଠେଙ୍ଗ ପଡୁଛି। ମାଟିମୁଠା ଉଠେଇ ହିଡ଼ ଲଗେଇ ଦେଲେ ସେଇ ବିଲ ପରା ଆଠ ଭରଣ ଫଳିବ। ସୋଇଁ ଘର ବତା ନାଳିମୁହଁରେ ଗଲାଣି, ଟିକେ ହେପାଜତ ନାହିଁ। ପଧାନଘର ବିଲ ପହି ନାହିଁ ବୋଲି ବୁଲା ଗାଈଗୋରୁ ସବୁ ନଷ୍ଟ କରୁଛନ୍ତି, କେବଳ ମେରି କାନ୍ଧେଇ ଘରକୁ ଯିବା କଥା। ରାଉତଘର ପଟେ ବଳଦ ନଷ୍ଟ ହେବାପରେ ଏବେ ଆଉ କାହା ସାଙ୍ଗରେ ବଦଳିଆ କରିବ ବୋଲି ଅନେଇଛି, ଏଣେ ଭାଦ୍ରବ ଯିବା ଉପରେ। ସେଇଠି ଦେଖ ସୁନାମଇଁ କିଆରିରେ ବିଶ୍ୱାଳଘର ପୁଣି ଫି' ବର୍ଷ ସୁନା ଫଳଉଛନ୍ତି ନା ନାହିଁ! ମାଟି ସାଙ୍ଗରେ ମାଟି ନ ହେଲେ କ'ଣ ହେବ? ସେଇ ଜମିରୁ ଫଳେଇ ତ ପୁଣି ପ୍ରତିବର୍ଷ ବାହା ପୁଆଣି ଉଠେଇ ଚାଲିଛନ୍ତି। ଭାବ ଅଭାବରେ ପଛେ କରଜ କରିବେ, ହେଲେ ଜମିରେ ହାତ ମାରିବେ ନାହିଁ।

ମୂଲିଆଙ୍କ ଆତ୍ମୀୟତାଭରା କଥାରୁ ମୁଁ ବୁଝିପାରୁଛି ସେମାନଙ୍କର କେବଳ ମଜୁରି କରିବା ବେଉସା ନୁହଁ, ବରଂ ମାଲିକର ହାନିଲାଭ ସବୁଥିରେ ରହିଛି ଭାବ। ସବୁ ବିଲର ନକ୍ସା ଏମାନଙ୍କ ନଖ ଦର୍ପଣରେ। କେହିଜଣେ କହୁଛି, ଏବେ ପାଗ ଦେଇଛି, ଏଇ ଆଠ ଦଶଦିନ ଲାଗିପଡ଼ିଲେ ଭେଡ଼ାଟା ଆବାଦ ହେଇଯିବ। କାଲିଠୁ ପଶ୍ଚିମରୁ ଦେଉଳିଆ ବିଜୁଳି ଚମକୁଛି, କହିହେବନି କେତେବେଳେ ଆଉ ଦି' ଅସରା ହେଇଯିବ ଯେ ବଢ଼ି ମାଡ଼ିଆସିବ। ସେତେବେଳକୁ ସବୁ ଅବରିଆ ହେଇଯିବ। ବରଂ ବେହୁଡ଼ା, ବଛା ପଛକୁ ରହିବ, ଖାଲବିଲ ସବୁ କାମ ସରିବା ଦରକାର।

ଖାଇସାରିବା ପରେ ଅଣ୍ଟାରୁ ପାନ, ଦୋକ୍ତା ଟିକେ ଟିକେ ନେଇ ପୁଣି କାମକୁ ଉଠିଲା ବେଳକୁ ମୁଁ ସଜାଡୁଛି ବାହୁଙ୍ଗି ଘରକୁ ଫେରିବାକୁ। ଅନେକ ଦିନ ହେବ ଚାକିରି ବାକିରିକୁ ନେଇ ଏଥିରେ ମନ ଦେଇ ହେଉନାହିଁ। ବାପା ଘରେ ରହିଲେଣି। ଆଉ ବିଲବାଡ଼ି ଦେଖାଚାହାଁ କରିପାରୁ ନାହାନ୍ତି। କେତେଥର ଭାବିଛି ଚାଷ ବନ୍ଦ କରିଦେବି, ଏବେ କିଛି ବିଲ ମଧ୍ୟ ପଡ଼ିଆ। ମୁଁ କାନ୍ଧକୁ ବାହୁଙ୍ଗି ଉଠେଇଲା ବେଳକୁ ମୂଲିଆ ଜଣେ ମୋତେ ଶୁଣେଇ ଶୁଣେଇ କହିଲା- ବାବୁ ଚାକିରି କର, ଭଲକଥା। ହେଲେ ବସୁଧା ମା'କୁ ଅଣଦେଖା କର ନାହିଁ। ବେଳ ଆସିବ ଦେଖିବ, ମଣିଷ କ'ଣ କାଗଜ ଖାଇ ବଞ୍ଚିବ? ଜ୍ଞାନମଞ୍ଜି ଇଏ। ଜ୍ଞାନୀ ଲୋକ ପରା କହିଛନ୍ତି- ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବୁ କାହାଘେନି।

ଘରକୁ ଫେରିବାଯାଏ ସେମାନଙ୍କ କଥା ମୋ' ମନରେ କେବଳ ବିଶ୍ୱାସ ଜନ୍ମାଇ ନାହିଁ ବରଂ ଗୋଟେ ସବୁଜ ସାନ୍ତ୍ୱନାରେ ଭରିଦେଲା।

ମୋ: ୮୯୧୭୩୭୦୨୨୭



## ପୁସ୍ତକ ପରିଚୟ

### ସାରଳା
(୧ମ ବର୍ଷ, ୧ମ ସଂଖ୍ୟା)

**ସମ୍ପାଦକ:** ସଂଗ୍ରାମ ଜେନା
**ପ୍ରକାଶକ:** ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୫୦/-




'ଓଡ଼ିଶା ସାହିତ୍ୟ ଏକାଡେମୀ' ପକ୍ଷରୁ ପ୍ରକାଶ ପାଇଛି ଏକାଡେମୀର ନୂତନ ପତ୍ରିକା 'ସାରଳା'। ଏକାଡେମୀର ୬୬ତମ ପ୍ରତିଷ୍ଠା ଦିବସ ଅବକାଶରେ ଉନ୍ମୋଚିତ ଏହି ତ୍ରୈମାସିକ ପତ୍ରିକାରେ ଗଳ୍ପ, କବିତା, ଫିଚର, ଗୀତି କବିତା, ଅନୁବାଦ ଓ ଏକାଙ୍କିକା ଆଦି ସୃଜନଶୀଳ ସାହିତ୍ୟ ସ୍ଥାନିତ ହେବ ବୋଲି ପତ୍ରିକାର ସମ୍ପାଦକୀୟରେ କୁହାଯାଇଛି। ପୂର୍ବରୁ ପ୍ରକାଶ ପାଉଥିବା ଏକାଡେମୀର ମୁଖପତ୍ର 'କୋଣାର୍କ'ରେ କେବଳ ଗବେଷଣାତ୍ମକ ନିବନ୍ଧ ସ୍ଥାନ ପାଉଥିବାବେଳେ ସୃଜନଶୀଳ ଲେଖକଙ୍କ ପାଇଁ କୌଣସି ପତ୍ରିକା ନ ଥିଲା। ପତ୍ରିକାଟି ଜୁଲାଇ, ଅକ୍ଟୋବର, ଜାନୁୟାରୀ ଓ ଏପ୍ରିଲ ମାସର ପ୍ରଥମ ସପ୍ତାହରେ ପ୍ରକାଶ ପାଇବ। 'ସାରଳା' ପତ୍ରିକାର ନାମକରଣ ଆଦିକବି ସାରଳା ଦାସଙ୍କ ନାମ ଆଧାରରେ କରାଯାଇଛି, ଯେପରି ବଙ୍ଗଳା ଭାଷାର 'କୃତ୍ତିବାସ' ପତ୍ରିକା ଓ ହିନ୍ଦୀର 'ହରିଶ୍ଚନ୍ଦ୍ର' ପତ୍ରିକା (ବଙ୍ଗଳା ରାମାୟଣର କବି କୃତ୍ତିବାସ ଓଝା ଓ ହିନ୍ଦୀ କବି ଭାରତେନ୍ଦୁ ହରିଶ୍ଚନ୍ଦ୍ର)। 'ସାରଳା'ର ପ୍ରଥମ ସଂଖ୍ୟାରେ ପୁରୁଣା ନୂଆ ମିଶି ମୋଟ ୨୨ଜଣ କବିଙ୍କର କବିତା, ଦୁଇଟି ଗୀତି କବିତା, ଛ'ଟି ଗଳ୍ପ, ଅନୁବାଦ କବିତା, ଗଳ୍ପ ଓ ଆତ୍ମଜୀବନୀ, ଗୋଟିଏ ଏକାଙ୍କିକା ଓ ଦୁଇଟି ଫିଚର ପ୍ରକାଶ ପାଇଛି। ପ୍ରବୀଣ ଓ ଯୁବ ଲେଖକ, ଦେଶୀ ଓ ବିଦେଶୀ ସାହିତ୍ୟିକଙ୍କ ଗୁଣାତ୍ମକ ରଚନାରେ 'ସାରଳା' ସମୃଦ୍ଧ ଏବଂ ଓଡ଼ିଆ ଭାଷା ତଥା ଭାରତୀୟ ଭାଷାରେ ପ୍ରକାଶ ପାଉଥିବା ଉଚ୍ଚକୋଟୀର ପତ୍ରିକା ସହ ତା'ର ଉଦୟଲଗ୍ନରୁ ସମାସୀନ ହୋଇପାରିଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଅଛନ୍ତି ଡ. ହୃଷୀକେଶ ମଲ୍ଲିକ ଓ ପରିଚାଳନା ସମ୍ପାଦିକା ଶୁଚିସ୍ମିତା ମନ୍ତ୍ରୀ। ପ୍ରଚ୍ଛଦ ଆଙ୍କିଛନ୍ତି ରମାକାନ୍ତ ସାମନ୍ତରାୟ। ୧୩୬ ପୃଷ୍ଠାର (୧/୪ ସାଇଜ୍) ଏହି ପତ୍ରିକାର ମୂଲ୍ୟ ରଖାଯାଇଛି ଖଣ୍ଡ ପ୍ରତି ମାତ୍ର ଟ.୫୦/- ଓ ବାର୍ଷିକ ଦେୟ ଟ.୨୦୦/- (ବିଶେଷ ସଂଖ୍ୟା ବ୍ୟତୀତ)।

### ସ୍ମୃତି ନୈବେଦ୍ୟ

**ଲେଖିକା:** ଡା. ଅନୀତା ପଣ୍ଡା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୯୫/-




ଆଲୋଚ୍ୟ ପୁସ୍ତକର ରଚୟିତ୍ରୀ ଜୀବନରେ ବିଭିନ୍ନ ଅବକାଶରେ ଯେଉଁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ଓ ବିଶେଷ ଅନୁଭୂତି ଅର୍ଜନ କରିଛନ୍ତି, ତାକୁ ନେଇ ଏକ ସାରସ୍ୱତ-ସ୍ମୃତିକୋଷ ନିର୍ମାଣର ସ୍ୱପ୍ନ ଦେଖିଛନ୍ତି ଓ ସେ ସ୍ୱପ୍ନକୁ ସାକାର ମଧ୍ୟ କରିଛନ୍ତି। ଯେଉଁସବୁ ପ୍ରଖ୍ୟାତ ବ୍ୟକ୍ତିମାନଙ୍କ ସମ୍ପର୍କରେ ସେ ମୁକ୍ତବାକ୍, ସେମାନେ ହେଉଛନ୍ତି- ଡା. ଲଳିତ ପ୍ରକାଶ ଅଗ୍ରୱାଲ, ନେତ୍ର ପଟଳ ବିଶାରଦ ପଦ୍ମଶ୍ରୀ ମଦନମୋହନ, ପ୍ର. ନରେନ୍ଦ୍ର ନାଥ ସୁଦ୍, କାଳିନ୍ଦୀଚରଣ ପାଣିଗ୍ରାହୀ, ମନୋଜ ଦାସ, ଡା. ଏସ୍.ଏନ୍. ଫେଜେରଭ, ଟି.ଏ. କାସେ, ପ୍ର. ହରବର୍ଟ ଇ କଫମ୍ୟାନ୍, ନନ୍ଦିନୀ ଶତପଥୀ, ମହାପାତ୍ର ନୀଳମଣି ସାହୁ, ଅଖିଳ ମୋହନ ପଟ୍ଟନାୟକ, ଅଟଳ ବିହାରୀ ବାଜପେୟୀ, ରମା ଦେବୀ, ସୁନନ୍ଦା ପଟ୍ଟନାୟକ, ଅନୀମା ପେଦିନୀ, ରବି ରାୟ, ରାଜୀବ ଗାନ୍ଧୀ ଓ ଏ.ଆର୍. କିଦ୍‌ୱାଇ। ବହିଟିରୁ ଅନେକ ଅଳ୍ପଜ୍ଞାତ ସାରସ୍ୱତ ତଥ୍ୟ ଜାଣିବାକୁ ମିଳେ। ନନ୍ଦିନୀ ଶତପଥୀଙ୍କ ସମ୍ବନ୍ଧୀୟ ପରିଚ୍ଛେଦରେ ସାହିତ୍ୟ ସମ୍ପର୍କରେ ନନ୍ଦିନୀ ଦେବୀଙ୍କର ଧାରଣା ("ସାହିତ୍ୟକୁ ଜଳାଞ୍ଜଳି ଦିଆଯାଇପାରେନା। x x ଏହା ମଣିଷକୁ ଚିନ୍ତାମୁକ୍ତ କରିବାରେ ସାହାଯ୍ୟ କରିଥାଏ।") ଓ କୁନ୍ତଳା କୁମାରୀଙ୍କ ସମ୍ପର୍କରେ (୧୯୨୫ରେ 'ମହିଳା ବନ୍ଧୁ ସମିତି' ତାଙ୍କୁ 'ଉତ୍କଳ ଭାରତୀ' ସମ୍ମାନରେ ସମ୍ମାନିତ କରିଥିଲେ) ବହୁ ଜ୍ଞାତବ୍ୟ କଥା ଡା. ପଣ୍ଡା ଏ ବହିଟିରେ ଯେପରି ଲିପିବଦ୍ଧ କରିଛନ୍ତି, ଅନ୍ୟ ସମସ୍ତଙ୍କ ବିଷୟରେ ମଧ୍ୟ ଅନୁରୂପ ଭାବେ ସ୍ମୃତି-ସଜଳ ତାଙ୍କ ଲେଖା। ପାଠକ, ବିଶେଷକରି ଯୁବପିଢ଼ି ପାଇଁ ବହିଟିର ଉପାଦେୟତା ରହିଛି।

# ଶୈଶବ

ମିନିଗଳ୍ପ

ଗାୟତ୍ରୀ ସିଂହ

କୁହୁଡ଼ିରେ ଆଚ୍ଛାଦିତ ଶୀତ ସକାଳ। ସବୁ ଝାପ୍‌ସା ଝାପ୍‌ସା ଲାଗୁଛି। ପାଖରୁ କିଛି ଦୃଶ୍ୟ ହେଉଥିଲେ ମଧ୍ୟ ଦୂରକୁ କିଛି ଦିଶୁ ନାହିଁ। କାଁ ଭାଁ କେତୋଟି ଚାରିଚକିଆ ଦୁଇଚକିଆ ଯାନ ବ୍ୟତୀତ ରାସ୍ତା ପ୍ରାୟ ଶୁନ୍‌ଶାନ୍। ସେହି ଚାରିଚକିଆ ଗାଡ଼ି ମଧ୍ୟରେ ସକାଳର କ୍ଷୀର ଗାଡ଼ି ଦୁଇଟି ଏପଟ ସେପଟ ହେଉଛି। ହୋଟେଲ ସାମ୍ନାରେ କ୍ଷୀର ପନୀର ଗାଡ଼ି ସହିତ ଚିପ୍‌ସ ଚକୋଲେଟ ଗାଡ଼ି ଠିଆ ହୋଇଛି। ପାଖରେ ସ୍କୁଲ। ଆଜି ଶନିବାର ଥିବାରୁ ସକାଳୁ ସକାଳୁ ରାସ୍ତାରେ ପିଲାମାନଙ୍କର ଭିଡ଼। କାହାର ସାଇକେଲ ପଛପଟ କ୍ୟାରିଅରରେ ବହି ବ୍ୟାଗ୍ ଅଛି ତ କାହାର ସାମ୍ନା ପାଖ ବାସ୍କେଟରେ ବହି ବ୍ୟାଗ୍। ସମସ୍ତେ ସ୍କୁଲମୁହାଁ।

ସ୍କୁଲ ଫାଟକ ଖୋଲିବାକୁ ଡେରି ଅଛି। ପିଲାମାନେ ବହୁତ ସିନ୍‌ସିଅର। ଯଥେଷ୍ଟ ସମୟ ପୂର୍ବରୁ ଆସି ପହଞ୍ଚି ଯାଇଛନ୍ତି। ହୋଟେଲ ପାଖରେ ଅଇଁଠା ପତ୍ର ପାଇଁ କାଉ କୁକୁରଙ୍କ ଭିଡ଼। ସ୍କୁଲ ଗେଟ୍ ଖୋଲି ନ ଥିବାରୁ ପାଖ ଚିପ୍‌ସ ଚକୋଲେଟ ଦୋକାନରେ ପିଲାମାନେ ଭିଡ଼ ଜମାଇଛନ୍ତି। ସେହି ଭିଡ଼ ଭିତରୁ ଜଣେ ପିଲାକୁ ଆବିଷ୍କାର କଲି। ସମସ୍ତଙ୍କ ସାଇକେଲରେ ସ୍କୁଲ ବ୍ୟାଗ୍ ଥିବାବେଳେ ତା' ସାଇକେଲରେ କାଠ ବୋଝଟିଏ ବନ୍ଧା ହୋଇଥିଲା। ପିଲାମାନଙ୍କ କଥାବାର୍ତ୍ତା, ହସମଜାକୁ ସେ ମନଭରି ଉପଭୋଗ କରି ଖୁସି ହେଉଥିଲା। ମଝିରେ ମଝିରେ ସେମାନଙ୍କ କଥାରେ କଥା ମିଶାଇ କିଛି କହୁଥିଲା। ହେଲେ ତା' ସ୍କୁଲ ବ୍ୟାଗ୍ କାଇଁ! ସ୍କୁଲ ଡ୍ରେସ୍ ପିନ୍ଧିଛି, ହେଲେ ତା' ସାଇକେଲରେ ବ୍ୟାଗ୍ ପରିବର୍ତ୍ତେ କାଠ ବୋଝଟିଏ କ'ଣ ପାଇଁ ରଖାଯାଇଛି। କାହିଁକି କେଜାଣି ତା' ବିଷୟରେ ଜାଣିବା ପାଇଁ ଭାରି ଉତ୍କଣ୍ଠା ଜାତ ହେଲା।

ବିଚଳିତ ହୋଇପଡ଼ିଲି। କିଛି ଦୂରରେ ଠିଆ ହୋଇ ଅନୁଧ୍ୟାନ କଲି ତା' ଗତିବିଧି ଉପରେ। କିଛି ସମୟ ପରେ ସ୍କୁଲ ଗେଟ୍ ଖୋଲାଯିବା ପରେ ପିଲାମାନେ ସ୍କୁଲ ଭିତରକୁ ଚାଲିଗଲେ।

ପିଲାମାନେ ଚାଲିଯିବା ପରେ ଉକ୍ତ ପିଲାଟି ସାଇକେଲରେ ବନ୍ଧାଯାଇଥିବା କାଠକୁ ଖୋଲି ପାଖ ହୋଟେଲ ଭିତରେ ରଖିଦେଲା। ହୋଟେଲ ମାଲିକ ତାକୁ କିଛି ଟଙ୍କା ଦେବା ପରେ ପକେଟରେ ପୂରାଇଦେଲା। ଫେରିବା ବାଟରେ ତାକୁ ଅଟକାଇ ପଚାରିଲି, ଆରେ ତୁ ସ୍କୁଲ ଡ୍ରେସ୍ ପିନ୍ଧି ସ୍କୁଲ ନ ଯାଇ କାଠ କ'ଣ ବିକୁଛୁ! ନାଇ ବାବୁ ମୁଁ ପାଠ ପଢୁନି। ମୋ' ମାଆ ପର ଘରେ ମୂଲ ଲାଗି ପଇସା ସହିତ ପିନ୍ଧିବା ପାଇଁ ବାବୁ ଘରୁ ଡ୍ରେସ୍ ଆଣେ। ଏ ସ୍କୁଲ ଡ୍ରେସ୍ ବି ବାବୁଘର ଦେଇଥିଲେ। ମୋ' ଆଖିରେ ଲୁହ ଭରିଗଲା। କୁହୁଡ଼ି ଭିତରୁ କଅଁଳିଆ ସୂର୍ଯ୍ୟ କିରଣରେ ସମଗ୍ର ପରିବେଶ ଆଲୋକିତ ହୋଇ ସାରିଥିଲା। ସେ ଖୁସି ମନରେ ସାଇକେଲ ପେଡାଲ ମାରି ମାରି ଆଗକୁ ଯାଇସାରିଥିଲା, ହେଲେ ମୁଁ ସେଇଠି ଅଟକି ଯାଇଥିଲି। ମନ ଆଉ ମସ୍ତିଷ୍କ ଉଭୟ ଭାରାକ୍ରାନ୍ତ ହୋଇଯାଇଥିଲା।

ମୋ: ୭୬୦୬୯୫୭୪୪୫





**ନନ୍ଦିନୀ ଶତପଥୀ**ଙ୍କ ଜନ୍ମ ୯ ଜୁନ୍ ୧୯୩୧ରେ, କଟକରେ ଓ ପରଲୋକ ୪ ଅଗଷ୍ଟ ୨୦୦୬ରେ ଭୁବନେଶ୍ୱରରେ। ଭାରତୀୟ ରାଜନୀତିରେ ସେ ପ୍ରୟୋଜନୀୟ ହୋଇପଡ଼ିଥିଲେ ତାଙ୍କ ତାରୁଣ୍ୟରେ ଓ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ପ୍ରମାଣ କରିଦେଇଥିଲେ ପ୍ରଶାସନର ତାକତ। ଲୋକଙ୍କର ଛୋଟଛୋଟ ଦୁଃଖ, ଛୋଟଛୋଟ ପ୍ରତ୍ୟାଶାକୁ ପଢ଼ିବାର ଉଜ୍ଜ୍ୱଳ ଆଖି ଥିଲା ଏହି ରାଷ୍ଟ୍ରନାୟିକାଙ୍କର ଓ ଜାଣିଥିଲେ ତା'ର ପରିପୂର୍ତ୍ତି। ରାଜନୀତିରୁ ସମୟ ବାହାର କରି ସେ ଟେକିଦେଇଥିଲେ ସାହିତ୍ୟକୁ। ଗଳ୍ପ ଓ କବିତାରେ ସମ୍ପାଦି ଯାଇଥିଲେ ମଣିଷଙ୍କ ପ୍ରତି ହୃଦୟର ଅସୁମାରି ଦରଦ। ସରଳ, ଅଥଚ ଭାବ ଗଭୀର ନନ୍ଦିନୀଦେବୀଙ୍କର ସାହିତ୍ୟର ଭାଷା। ତାଙ୍କର ଏକ ବହୁ ପଠିତ କବିତା ଏଠି ପତ୍ରସ୍ଥ, ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କରି ପୁଣ୍ୟତିଥିରେ।

## ମୁଁ ଚଢ଼େଇ କହୁଛି

ସେ, ଚଢ଼େଇ କହୁଛି
ମୁଁ ଯାଉଛି, ମୁଁ ଯାଉଛି
ମୁଁ ତ ଯିବି, କେବେ ଯିବି
କେମିତି ଯିବି
ସେ କଥା କ'ଣ ମୁଁ ଜାଣିପାରିବି?
ଆମେ ସମସ୍ତେ ତ
ଦିନେ ନା ଦିନେ ଯିବା
କିନ୍ତୁ, ଏ ଚଢ଼େଇର ଡାକରେ
ମନଟା କାହିଁକି
ଅସମ୍ଭାଳ ହୋଇଯାଏ।

ସେତେବେଳେ ମନ ହୁଏ
ମୁଁ ଯାଉଛି
ଚାହିଁଲେ କ'ଣ ମୁଁ ଯାଇପାରିବି
କିଏ, କିଏ କହୁଛନ୍ତି
ଆଉ ତ ବହୁତ
କାମ କରିବାକୁ ଅଛି
ମୁଁ ଯିବି କୁଆଡ଼େ!

'ତମର ତ କାମ ସରିନି'
କ'ଣ ଆଉ କାମ?
କାମ ତ ଏଠି
କେହି କରିବାକୁ ନାହାନ୍ତି
ନିଜ ନିଜ କାମ
ପଇସା ଉପାର୍ଜନ
ଘରଦ୍ୱାର କରିବା
ଯେତେଯେତେ ଲୋଭ ମୋହ
କ୍ଷମତା ଓ ଚଉକି ପାଇଁକି।

ପରିଶ୍ରମ କଲେ
ଉପାର୍ଜନ ହୁଏ
ବିନା ପରିଶ୍ରମରେ
ଯେଉଁ ପଇସା ମିଳେ
ସେ ପଇସା କୋଉଠୁଁ ଆସେ?
ସେ ତ ଉପାର୍ଜନ ନୁହଁ।

ସେମିତି ବଡ଼ ବଡ଼ ଘର
ଆଉ ଭଲ ଭଲ ହୋଟେଲରେ
ନୂଆ ନୂଆ ସ୍ତ୍ରୀଲୋକମାନଙ୍କୁ
ଦେଖିବା ପାଇଁ
ଅଥବା ଟିଭିରେ
ଓଲଟା ସିଧା
ନାଚ ଦେଖିବା ପାଇଁ
ବହୁତ ବଢ଼ିଆ।
ମୁଁ ତ ଚଢ଼େଇ କହୁଛି
ମୁଁ ଯାଉଛି, ମୁଁ ଯାଉଛି।

# ସଂଘର୍ଷ

ଲଘୁଗଳ୍ପ

ପଦ୍ମାଳୟା ସାମଲ

ଡିସେମ୍ବର ଦ୍ୱିତୀୟ ସପ୍ତାହ। ପ୍ରବଳ ଥଣ୍ଡା ଲାଗି ରହିଥାଏ। ମଞ୍ଜଥରା ଶୀତରୁ ରକ୍ଷା ପାଇବା ପାଇଁ ସନ୍ଧ୍ୟା ସମୟରୁ ଝରକା କବାଟ ସବୁ ବନ୍ଦ କରି ଘରେ ବସି ପଢୁଥାଏ। ବାଣୀବିହାରରୁ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ସାରି ଚାକିରି ପାଇଁ ଘରେ ରହି ସଂଘର୍ଷ ଜାରି ରଖିଥାଏ।

ସାନ ଭଉଣୀ ଡଲି ବି.ଏ. ପାସ୍ କରି ଘରେ ଅଛି। ବାପା ଆଉ ପୂର୍ବ ଭଳି ଚାଷ କାମକୁ ପାରୁନାହାନ୍ତି। ବୋଉର ମୋ' ଉପରେ ଉଚ୍ଚ ଆଶା। ମୋ' ପାଇଁ ଯେମିତି କର ବା ମର ସ୍ଥିତି। ସମୟ ପାଖାପାଖି ରାତି ଏଗାର। ଶୂନ୍‌ଶାନ୍ ରାତି। କାଲୁଆ ଶୀତରୁ ଟାଟିକବାଟ ପଡ଼ିଗଲାଣି। ଶୁଣିଲି ପଡ଼ିଶାଘର ଖଳାରୁ ଭାଡ଼ି ଉପରେ ଧାନବାଡ଼ିଆର ଶବ୍ଦ। ମୋ' ପାଇଁ ତାହା ନୂଆ ନ ଥିଲା। କିନ୍ତୁ ଏକା ସାଙ୍ଗରେ ଦୁଇଟି ପାହାର ମତେ ଆଚମ୍ବିତ କଲା। ଭାବିଲି ଜଗା ନନା ତା'ର ସାଙ୍ଗକୁ ଡାକି ଆଣିଛି। ପଢୁପଢୁ ଶୋଇପଡ଼ିଛି। ନିଦଭାଙ୍ଗିଲା ବେଳକୁ ଭୋର ପାଞ୍ଚଟା। ବାହାରକୁ ଯାଇ ଦେଖିଲି ଜଗା ନନା ଧାନବିଡ଼ା ବାଡ଼େଇ ଚାଲିଛି।

ଚାଷିବନ୍ଦୀ ଘର ତାଙ୍କର। ବର୍ଷସାରା ଚଳିବା ପାଇଁ ଚାଷ ଉପରେ ନିର୍ଭର କରନ୍ତି। କିଛି ଭାଗଚାଷ ବି କରନ୍ତି ନିଜର କମ୍ ଜମି ଥିବାରୁ। ଆମ ଜମି ବି କିଛି ଭାଗ କରିଛନ୍ତି। ବଡ଼ବାପା ଚାଲିଗଲା ଦିନରୁ ନଳି ବଡ଼ବୋଉ ତାକୁ ଚାଷ କାମରେ ସାହାଯ୍ୟ କରେ। ଏବକୁ ସେ ବି ଆଉ ପାରୁନି। ଆଖିକୁ ବି ଆଉ ଭଲ ଦିଶୁନି। ଛଅ ମାସ ହେବ ବାହା ହେଇଛି ଜଗା ନନା। ଭାବିଲି ନୂଆ ବାହାଘର, ଏମିତି ଶୀତ ରାତିରେ ନ ଶୋଇ କିଏ କ'ଣ ଧାନ ବାଡ଼ାଏ! କେତେ ବୋକା ମ ଏ ଜଗା ନନା! ଦିନ ବାରଟା ବେଳକୁ ତରକାରି ଧରି ନୂଆବୋଉ ପହଞ୍ଚିଲେ ଆମ ଘରେ। ତାଙ୍କୁ ପାଖରୁ ଦେଖି ପଚାରିଦେଲି, "କାଲି ରାତିରେ ଶୁଣିଲି ତୁମ ଖଳାରୁ ଦୁଇ ପାହାର, କିନ୍ତୁ ସକାଳୁ ଶୁଣିଲା ବେଳକୁ ପାହାରେ। ଏ କେମିତି କଥା। ଯାର ରହସ୍ୟ କ'ଣ?" ମୋ' କଥାଟା ତାଙ୍କୁ ଯେମିତି ଅଡୁଆ ଅଡୁଆ ଲାଗିଲା। ସେ ମୋ' କଥାର ଉତ୍ତର ନ ଦେଇ ଚାଲିଗଲେ।

ସେଦିନ ସାଙ୍ଗର ସାନ ଭଉଣୀ ବାହାଘରରୁ ଫେରି ଜଲ୍‌ଦି ଶୋଇପଡ଼ିଲି। ନିଦ ଭାଙ୍ଗିଗଲା ଭୋର ଚାରିଟା ବେଳକୁ। ପୁଣି ଧାନବାଡ଼ିଆର ଶବ୍ଦ ମତେ ଅତିଷ୍ଠ କଲା। ବାରି କବାଟ ଖୋଲି ଆମ ଖଳାରେ ଯାଇ ଠିଆହେଲି। ଆମ ଖଳାରେ ଠିଆ ହେଲେ ପଡ଼ିଶାଘର ଖଳା ସିଧା ଦିଶେ। ସେଦିନ ଯୋଗକୁ କୁହୁଡ଼ିରେ କିଛି ଦିଶୁ ନ ଥାଏ। କେବଳ ଧାନ ବାଡ଼େଇବାର ଶବ୍ଦ ଭାସି ଆସୁଥାଏ। କିଛି ସମୟ ପରେ ସେ ଶବ୍ଦ ଆଉ ଶୁଭିଲାନି। ପାଖରୁ ପାଉଁଜିର ଶବ୍ଦ ଶୁଣି ଚମକି ପଡ଼ିଲି। ଦି' ପାଦ ଆଗକୁ ଯାଇ ଦେଖିଲି ନୂଆବୋଉ ଧାନଖଳାରୁ ବାହାରି ତରତର ହୋଇ ତାଙ୍କ ଘରକୁ ଚାଲିଯାଉଛନ୍ତି। ତା'ହେଲେ କ'ଣ ନୂଆବୋଉ ଅନିଦ୍ରା ରହି ଜଗା ନନାକୁ ସାହାଯ୍ୟ କରୁଛନ୍ତି! ମତେ ଦେଖି ସେ ଯଦିଓ ଅପ୍ରସ୍ତୁତ ହୋଇଗଲେ, ତଥାପି ମୁରୁକି ହସିଦେଲେ। ମୁଁ କିନ୍ତୁ ତାଙ୍କ ହସରୁ ବାରିପାରୁଥିଲି ସଂଘର୍ଷର ଗନ୍ଧ। ତାଙ୍କର କୋମଳ ହାତକୁ ଚାହିଁ ମତେ ଲାଗିଲା ମୋ' ସଂଘର୍ଷଠାରୁ ତ ତାଙ୍କ ସଂଘର୍ଷ କିଛି କମ୍ ନୁହେଁ।

ମୋ: ୭୦୦୮୩୪୮୧୭୨

କାଳକାଳକୁ



**"ବହୁ ଭୁଲ କରି ବିତିଥିବା ଜୀବନ କେବଳ ଅଧିକ ସମ୍ମାନାସ୍ପଦ ନୁହେଁ, କିଛି ନ କରି ବିତିଥିବା ଜୀବନଠାରୁ ବେଶୀ ଉପଯୋଗୀ ବି।"**
**- ଜର୍ଜ ବର୍ଣ୍ଣାଡ ଶ'**

**ଜର୍ଜ ବର୍ଣ୍ଣାଡ ଶ'**ଙ୍କ ଜନ୍ମ ୨୬ ଜୁଲାଇ ୧୮୫୬ରେ ଓ ପରଲୋକ ୨ ନଭେମ୍ବର ୧୯୫୦ରେ। ଏକାଧାରରେ ନାଟ୍ୟକାର, ସମାଲୋଚକ ଓ ରାଜନୈତିକ କର୍ମୀ ଏହି ଆଇରିଶ୍ ଲେଖକ ୧୮୮୦ରୁ ମୃତ୍ୟୁଯାଏଁ, ଏପରିକି ମୃତ୍ୟୁ ପରେ ବି ପାଶ୍ଚାତ୍ୟ ଥିଏଟରକୁ କ୍ରମାଗତଭାବେ ପ୍ରଭାବିତ କରିଛନ୍ତି। ରଚିତ ନାଟକ ସଂଖ୍ୟା ୬୦ରୁ ଅଧିକ, ଯାହା ମଧ୍ୟରେ ପ୍ରମୁଖ 'ମ୍ୟାନ୍ ଆଣ୍ଡ ସୁପର ମ୍ୟାନ୍' (୧୯୦୨), 'ପିଗ୍‌ମାଲିଓନ' (୧୯୧୩) ଓ 'ସେଣ୍ଟ ଜୋନ୍' (୧୯୨୩)। ଶ' ଥିଲେ ତାଙ୍କ ପ୍ରଜନ୍ମର ଜଣେ ଅଗ୍ରଗଣ୍ୟ ନାଟ୍ୟକାର ଓ ୧୯୨୫ରେ ତାଙ୍କୁ ମିଳିଥିଲା ସାହିତ୍ୟ ପାଇଁ ନୋବେଲ ପୁରସ୍କାର। ସେ କହନ୍ତି: "ନିଜକୁ ପାଇଯିବା ନୁହେଁ, ନିଜକୁ ତିଆରିବା ଜୀବନର ଲକ୍ଷ୍ୟ।"



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁଲାଇ ୨୯/୨୦୨୩ Bhubaneswar, Saturday, July 29/ 2023

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ବାର୍ବାଡୋସ, ୨୮।୭ (ପି.ଟି.)**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ଶନିବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ଦିନିକିଆକୁ ୫ ଉଇକେଟରେ ଜିତି ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ତେଣୁ ଦ୍ୱିତୀୟ ଦିନିକିଆ ଜିତି ଆଗୁଆ ସିରିଜ ବିଜୟ ଲକ୍ଷ୍ୟରେ ରହିଛି ଟିମ୍ ଇଣ୍ଡିଆ। ପ୍ରଥମ ଦିନିକିଆରେ ବିଜୟ ଲକ୍ଷ୍ୟ ମାତ୍ର ୧୧୫ ରନ ଥିବାରୁ ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡ ମିଡିଲ୍ ଅର୍ଡର ବ୍ୟାଟରଙ୍କୁ ଟପ୍ ଅର୍ଡରରେ ଖେଳିବା ସୁଯୋଗ ଦେଇଥିଲେ। ମାତ୍ର ଟର୍ନିଂ ଟ୍ରାକ୍‌ରେ ଭାରତ ବିଜୟ ଲକ୍ଷ୍ୟରେ ପହଞ୍ଚିବା ପାଇଁ ୫ ଉଇକେଟ ହରାଇଥିଲା। ତେଣୁ ଆଗାମୀ ମ୍ୟାଚରେ ସ୍ୱାଭାବିକ ବ୍ୟାଟିଂ ଅର୍ଡରକୁ ନେଇ ଭାରତ ଖେଳିବ ବୋଲି ଆଶା କରାଯାଉଛି।

ଆସନ୍ତା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୮ରେ ଅଷ୍ଟ୍ରେଲିଆକୁ ଭେଟିବ। ଏହା ପୂର୍ବରୁ ରୋହିତ ଶର୍ମାଙ୍କ ଦଳକୁ ୧୧ଟି ମ୍ୟାଚ ଖେଳିବାର ଅଛି। ତେଣୁ ବିଶ୍ୱକପ୍ ପୂର୍ବରୁ ଟିମ୍ କମ୍ବିନେଶନ ସଜାଡ଼ିନେବାକୁ ମ୍ୟାନେଜମେଣ୍ଟ ଉଦ୍ୟମ କରିବ। ବାର୍ବାଡୋସର କେନ୍‌ସିଂଟନ ଓଭାଲ ସ୍ୱର୍ଗତ ମାଲକମ ମାର୍ଶାଲ ଓ 'ବିଗ୍ ବାର୍ଡ' ଜୋଏଲ ଗାର୍ନରଙ୍କ ହୋମ୍ ଟର୍ଫ। ତେଣୁ ଏଠାରେ ଦ୍ରୁତ ବୋଲରଙ୍କୁ ସହାୟତା ମିଳିବା ସମ୍ଭାବନା ଅଧିକ। ବ୍ରିଜ୍‌ଟାଉନ୍‌ରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ କିନ୍ତୁ ଏହାର ବିପରୀତ ଫଳ ଦେଖିବାକୁ ମିଳିଥିଲା। ଭାରତର

**ଦ୍ୱିତୀୟ ଦିନିକିଆ ଆଜି**
**ମ୍ୟାଚ୍ ସ୍ଥାନ: ବାର୍ବାଡୋସ**
**ସମୟ:ସନ୍ଧ୍ୟା ୭ଟା**
**ପ୍ରସାରଣ: ଡିଡି ସ୍ପୋର୍ଟ୍ସ**

ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ୱେଷ୍ଟଇଣ୍ଡିଜ ବ୍ୟାଟିଂ ଲାଇନ୍‌ଅପ୍‌କୁ ଧ୍ୱସ୍ତ କରି ଦେଇଥିଲେ। ୫୦ ଓଭର ବିଶିଷ୍ଟ ମ୍ୟାଚରେ ଟି୨୦ ପରି ଶଟ୍ ଚୟନ ୱେଷ୍ଟଇଣ୍ଡିଜ ବ୍ୟାଟରଙ୍କ ପାଇଁ ମହଙ୍ଗା ପଡ଼ିଥିଲା। ୱେଷ୍ଟଇଣ୍ଡିଜ କ୍ରିକେଟର ସୁବର୍ଣ୍ଣ ଦିନ ଏବେ ଆଉ ନାହିଁ। ଭାରତରେ ହେବାକୁଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଏହି ଦଳ ଯୋଗ୍ୟତା ମଧ୍ୟ ହାସଲ କରିପାରି ନାହିଁ।

ଦ୍ୱିତୀୟ ଦିନିକିଆର ଟ୍ରାକ୍ ପ୍ରଥମ ଦିନିକିଆ ପରି ସମାନ


ରବୀନ୍ଦ୍ର ଜାଡେଜା


ମୁକେଶ କୁମାର

ହୋଇ ନ ପାରେ। ତେବେ ଏଠାରେ ଭାରତ ପ୍ରଥମେ ବ୍ୟାଟିଂ ଚ୍ୟାଲେଞ୍ଜ ପାଇଲେ ମଧ୍ୟ ପ୍ରଭାବୀ ହୋଇପାରିବ। ପୂର୍ବ ମ୍ୟାଚରେ ଗୁଡାକେଶ ମୋତିଙ୍କ ଅର୍ଥୋଡକ୍ସ ବାମହାତୀ ସ୍ପିନ୍ ଏବଂ ୟାନିକ୍ କାରିଆଙ୍କ ଲେଗ୍ ବ୍ରେକ୍‌କୁ ଖେଳିବାରେ ଭାରତକୁ ବିଶେଷ ଅସୁବିଧା ହୋଇ ନ ଥିଲେ ମଧ୍ୟ ସହଜ ମଧ୍ୟ ଅନୁଭବ କରି ନ ଥିଲା। ସୂର୍ଯ୍ୟକୁମାର ଯାଦବ ନିଜ ଟି୨୦ ଫର୍ମକୁ ୫୦ ଓଭର ଫର୍ମାଟରେ ରୂପାନ୍ତରିତ କରିବାର ଅଛି। ପ୍ରଥମ ଦିନିକିଆ ତାଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଥିଲା। ସେ ଭଲ ଆରମ୍ଭ ମଧ୍ୟ କରିଥିଲେ, ମାତ୍ର ମୋତିଙ୍କ ବଲ୍‌କୁ କ୍ରମାଗତ ସୁଇପ୍ ଶଟ୍ ଖେଳିବାକୁଯାଇ ଆଉଟ ହୋଇଥିଲେ। ଶ୍ରେୟସ ଆୟାର ଓ ଲୋକେଶ ରାହୁଲ ଫିଟ୍ ହେଲେ ଭାରତୀୟ ଏକାଦଶରେ ସ୍ଥାନ ପାଇବା ତାଙ୍କ ପାଇଁ ଅସୁବିଧା ହେବ ବୋଲି ସୂର୍ଯ୍ୟ ଭଲଭାବେ ଜାଣିଛନ୍ତି। ତେଣୁ ତାଙ୍କୁ ସତର୍କତାର ସହ ଖେଳିବାକୁ ହେବ। ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ସେ ଭଲ ଖେଳିଥିଲେ। ମହମ୍ମଦ ଶାମି, ଯଶପ୍ରୀତ୍ ବୁମ୍ରା, ମହମ୍ମଦ ସିରାଜ ଓ ଶାର୍ଦ୍ଦୁଳ ଠାକୁରଙ୍କ ଉପସ୍ଥିତିରେ ମୁକେଶ କୁମାରଙ୍କୁ ରିଜର୍ଭ ପେସରଭାବେ ବିବେଚନା କରାଯାଉଥିଲା। ମାତ୍ର ସୁଯୋଗ ପାଇବା ପରେ ସମସ୍ତ ଫର୍ମାଟରେ ଯେପରି ଲାଇନ୍ ଓ ଲେନ୍ଥରେ ବୋଲିଂ କରୁଛନ୍ତି ତାଙ୍କୁ ଦଳରୁ ବାଦ୍‌ଦେବା ସହଜ ହେବନି।

# ଆହାନଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୨୮।୭**
**(ତପନ ସ୍ୱାଇଁ)**

ଛତିଶଗଡ଼ର ଭିଲାଇଠାରେ ଅନୁଷ୍ଠିତ ଏସିଆନ ୧୪ ବର୍ଷରୁ କମ୍ ର୍ୟାଙ୍କିଙ୍ଗ୍ (କାଟେଗୋରୀ-୨) ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଆହାନ ଡବଲ ଟାଇଟଲ ହାସଲ କରିଛନ୍ତି। ସେ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ

**ଏସିଆନ ୧୪ ବର୍ଷରୁ କମ୍ ର୍ୟାଙ୍କିଙ୍ଗ୍ ଟେନିସ**

ଆହାନ ୬-୦, ୬-୩ ସେଟ୍‌ରେ ପାର୍ଥ ସାରଥି ଅରୁଣ ମୁଣ୍ଡେଙ୍କୁ ପରାସ୍ତ କରିଛନ୍ତି। ଡବଲ୍ସରେ ତାଙ୍କ ପାର୍ଟନର ଥିଲେ ଭିର୍ଦ୍ଦିକା ରାଜପୁତ। ଆହାନ-ଭିର୍ଦ୍ଦିକା ଯୋଡ଼ି ଫାଇନାଲରେ ସୂର୍ଯ୍ୟାଂଶି ଶେଖାୱତ ଓ ଶିବାନୀ ଗୁପ୍ତେଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଆହାନ ଏସ୍ ବେସ୍ ଟେନିସ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।



ସିଙ୍ଗଲ୍ସ ଓ ଡବଲ୍ସ ଟ୍ରଫି ସହ ଆହାନ।

# ଭାରତ ସିଧା କ୍ୱାର୍ଟରଫାଇନାଲ ଖେଳିବ

## ଏସିଆନ ଗେମ୍ସ ମହିଳା କ୍ରିକେଟ ଡ୍ର'

### ■ ହରମନପ୍ରୀତ ଫାଇନାଲ ଖେଳିପାରିବେ

**ନୂଆଦିଲ୍ଲୀ,୨୮।୭(ପି.ଟି.)**

ଏସିଆନ ଗେମ୍ସ ମହିଳା କ୍ରିକେଟ ପ୍ରତିଯୋଗିତା ପାଇଁ ଡ୍ର' ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଭାରତ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବ। ଆଇସିସି ଦ୍ୱାରା ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ ହୋଇଥିବାରୁ ଦଳ ଯଦି ଫାଇନାଲରେ ପ୍ରବେଶ କରେ ତେବେ ଅଧିନାୟିକା ହରମନପ୍ରୀତ ଏଥିରେ ଖେଳିପାରିବେ। ଚାଇନାର ହାଙ୍ଗଝୋଠାରେ ଏସିଆନ ଗେମ୍ସ ସେପ୍ଟେମ୍ବର ୨୩ରୁ ଆରମ୍ଭ ହେଉଛି। ଉଭୟ ମହିଳା ଓ ପୁରୁଷ ଇଭେଣ୍ଟରେ ଚାରୋଟି ଦଳ ଭାରତ, ପାକିସ୍ତାନ, ଶ୍ରୀଲଙ୍କା ଓ ବାଂଲାଦେଶ ସିଧାସଳଖ କ୍ୱାର୍ଟରଫାଇନାଲ ପର୍ଯ୍ୟାୟରୁ ଖେଳିବେ। ଜୁନ୍ ୧ରେ ଆଇସିସି ଅନ୍ତର୍ଜାତୀୟ ଟି୨୦ ର୍ୟାଙ୍କିଙ୍ଗ ଭିତ୍ତିରେ ଦଳଗୁଡ଼ିକ ଏହି ସୁଯୋଗ ପାଇଛନ୍ତି। ନିକଟରେ ବାଂଲାଦେଶ ବିପକ୍ଷ ଏକ ଅନ୍ତର୍ଜାତୀୟ ଦିନିକିଆ ଗେମ୍ ପରେ ସାଧାରଣରେ ଦେଇଥିବା ମନ୍ତବ୍ୟକୁ ନେଇ ହରମନପ୍ରୀତ ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ ହୋଇଛନ୍ତି। ଫଳରେ ସେ କ୍ୱାର୍ଟରଫାଇନାଲ କିମ୍ବା ସେମିଫାଇନାଲରେ ଖେଳିପାରିବେ ନାହିଁ। ଏପରିକି ଋତୁରାଜ ଗାଏକ୍ୱାଡଙ୍କ ନେତୃତ୍ୱାଧୀନ ପୁରୁଷ ଦଳ ଜୁନ୍ ୧ ଆଇସିସି ଟି୨୦ ର୍ୟାଙ୍କିଙ୍ଗ ଭିତ୍ତିରେ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବ। ପୁରୁଷ ଇଭେଣ୍ଟ ୧୮ଟି ଦଳକୁ ନେଇ ହେବାକୁଥିବା ବେଳେ ମହିଳା ଇଭେଣ୍ଟ ୧୪ଟି ଦଳକୁ ନେଇ ହେବ। ମହିଳା ପ୍ରତିଯୋଗିତା ସେପ୍ଟେମ୍ବର ୧୯ରେ ଆରମ୍ଭ ହେବାକୁଥିବା ଥିବା ବେଳେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ମ୍ୟାଚଗୁଡ଼ିକ ସହ ଏହା ସେପ୍ଟେମ୍ବର ୨୬ରେ ଶେଷ ହେବ। ପୁରୁଷ ଇଭେଣ୍ଟ ସେପ୍ଟେମ୍ବର ୨୮ରେ ଆରମ୍ଭ ହେବାକୁଥିବା ବେଳେ ଫାଇନାଲ ଅକ୍ଟୋବର ୭ରେ ଖେଳାଯିବ। ଏହାର ଦୁଇ ଦିନ ପରେ ଆଇସିସି ୫୦-ଓଭର ବିଶ୍ୱକପ୍ ଅହମଦାବାଦଠାରେ ଆରମ୍ଭ ହେବ।

# ଓଡ଼ିଶାର କିଶୋର ଜେନାଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୨୮।୭:** ଶ୍ରୀଲଙ୍କାର କଲମ୍ବୋଠାରେ ଶୁକ୍ରବାର ଶ୍ରୀଲଙ୍କାନ୍ ନ୍ୟାଶନାଲ ଚାମ୍ପିୟନଶିପ୍ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଉଦୀୟମାନ ଜାଭେଲିନ ଥ୍ରୋୟର କିଶୋର ଜେନା ବ୍ୟକ୍ତିଗତ ଶ୍ରେଷ୍ଠ ୮୪.୩୮ ମିଟରର ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୭ ବର୍ଷୀୟ ଜେନାଙ୍କ ଏହି ପ୍ରଦର୍ଶନ ଏକ ମିଟ୍ ରେକର୍ଡ। ଏହାଦ୍ୱାରା ଚଳିତବର୍ଷ ବିଶ୍ୱର ଶ୍ରେଷ୍ଠ ଜାଭେଲିନ୍ ଥ୍ରୋୟରଙ୍କ ମଧ୍ୟରେ ସେ ୧୦ମ ସ୍ଥାନରେ ରହିଛନ୍ତି। ଏସିଆରେ ନୀରଜ ଚୋପ୍ରା (୮୮.୬୭ ମିଟର)ଙ୍କ ପଛକୁ ସେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ପୂର୍ବରୁ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୮୨.୮୭ ମିଟର ଗତ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରେ ରେକର୍ଡ କରାଯାଇଥିଲା। ଶିବପାଲ ସିଂ ୭୭.୩୬ମିଟର ସହ ରୌପ୍ୟ ଜିତିବା ଦ୍ୱାରା ଭାରତୀୟ ପ୍ରତିଯୋଗୀ ପ୍ରଥମ ଦୁଇ ସ୍ଥାନ ଅଧିକାର କରିବାକୁ ସମର୍ଥ ହୋଇଛନ୍ତି। ସୂଚନାଯୋଗ୍ୟ, କିଶୋର ଚଳିତ ମାସ ପ୍ରାରମ୍ଭରେ ଲେବାନନ ମିଟ୍‌ରେ ୭୮.୯୬ ମିଟର ପ୍ରୟାସ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।

# ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଟୁର୍ନାମେଣ୍ଟ ଆରମ୍ଭ



ଟେବୁଲ ଟେନିସ ଖେଳି ଅତିଥି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର, ୨୮।୭**
**(ତପନ ସ୍ୱାଇଁ)**

ସ୍ଥାନୀୟ ସହିଦ ନଗର ଇନ୍‌ଡୋର ହଲରେ ଶୁକ୍ରବାର ଓଡ଼ିଶା ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ (ଟିଟି) ଚାମ୍ପିଅନଶିପ୍ ଆରମ୍ଭ ହୋଇଛି। ଭୁବନେଶ୍ୱର ଟେବୁଲ ଟେନିସ୍ ଆସୋସିଏଶନ ଓ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଟୁର୍ନାମେଣ୍ଟରେ ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର ଆଦି ସ୍ଥାନରୁ ୨୨୫ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ରାଜ୍ୟ କ୍ରୀଡ଼ା ଯୁବସେବା ବିଭାଗର ଅଧିକାରୀ ଶୁଭ୍ରାଂଶୁ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ମହିଳା ଓ ପୁରୁଷ ବିଭାଗରେ ୧୯, ୧୭, ୧୫, ୧୩ ଓ ୧୧ ବର୍ଷରୁ କମ୍ ବର୍ଗରେ ପ୍ରତିଯୋଗିତା ହେଉଛି। ୩୦ ତାରିଖରେ ଏହା ଉଦ୍‌ଯାପିତ ହେବ।

# ପୂର୍ବାଞ୍ଚଳର କ୍ରମାଗତ ତୃତୀୟ ବିଜୟ

**ଦେଓଧର ଟ୍ରଫି**

**ପୁଡୁଚେରୀ, ୨୮।୭**

ରିୟାନ ପରାଗ (୧୩୧ ରନ, ୪ ଉଇକେଟ)ଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ପୂର୍ବାଞ୍ଚଳ ଏଠାରେ ଚାଲିଥିବା ଦେଓଧର ଟ୍ରଫି ସୀମିତ ଓଭର କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଉତ୍ତରାଞ୍ଚଳକୁ ୮୮ ରନରେ ପରାସ୍ତ କରିଛି। ପୂର୍ବାଞ୍ଚଳ ୫୦ ଓଭରରେ ୮ ଉଇକେଟ ହରାଇ ୩୩୭ ରନ କରିଥିବାବେଳେ ଉତ୍ତରାଞ୍ଚଳ ୪୫.୩ ଓଭରରେ ୨୪୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଟୁର୍ନାମେଣ୍ଟରେ ପୂର୍ବାଞ୍ଚଳର ଏହାଥିଲା କ୍ରମାଗତ ତୃତୀୟ ବିଜୟ। ପୂର୍ବ ୨ ମ୍ୟାଚରେ ଏହି ଦଳ କେନ୍ଦ୍ରାଞ୍ଚଳକୁ ୬ ଉଇକେଟରେ ଏବଂ ଉତ୍ତର ପୂର୍ବାଞ୍ଚଳ ଦଳକୁ ୮ ଉଇକେଟରେ ପରାସ୍ତ କରିଥିଲା। ୩ ମ୍ୟାଚରୁ ୩ ବିଜୟ ସହ ପୂର୍ବାଞ୍ଚଳ ୧୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଦକ୍ଷିଣାଞ୍ଚଳ ସମାନ ପଏଣ୍ଟ ପାଇଥିଲେ ହେଁ ରନହାରରେ ଆଗୁଆ ରହି ଶୀର୍ଷସ୍ଥାନ ଅଧିକାର କରିଛି।

ଟସ୍ ଜିତି ବ୍ୟାଟିଂ କରିଥିବା ପୂର୍ବାଞ୍ଚଳ ୫୭ ରନ ମଧ୍ୟରେ ୫ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ରିୟାନ ପରାଗଙ୍କ ଶତକ ଏବଂ କୁମାର କୁଶାଗ୍ରଙ୍କ ୯୮ ରନର ଇନିଂସ ବଳରେ ବଡ଼ ସ୍କୋର କରିଥିଲା। ପରାଗ ୧୦୨ ବଲ୍‌ରୁ ୫ ଚୌକା ଓ ୧୧ ଛକା ସହାୟତାରେ ସର୍ବାଧିକ ୧୩୧ ରନ କରିଥିଲେ। କୁଶାଗ୍ର ଶତକର ଦ୍ୱାରରେ ପହଞ୍ଚି ଯାଇଥିଲେ ହେଁ ୮୭ ବଲ୍‌ରୁ ୯୮ (୮ ଚୌକା, ୪ ଛକା) ରନ କରିଥିବାବେଳେ ମୟଙ୍କ ଯାଦବଙ୍କ ବଲ୍‌ରେ ଉଇକେଟ କିପରଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ମାତ୍ର ୨ ରନପାଇଁ ସେ ଶତକ ହାସଲଠାରୁ ଦୂରରେ ରହି ଯାଇଥିଲେ। ଶେଷ ଭାଗରେ ମଣିଶଙ୍କର ମୁରାସିଂ ୧୪ ବଲ୍‌ରୁ ୨୫ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଓଡ଼ିଶାର ଶୁଭ୍ରାଂଶୁ ସେନାପତି ୧୭ ବଲ୍‌ରୁ ୧୩ ରନକରି ମୟଙ୍କ ଯାଦବଙ୍କ ବଲ୍‌ରେ ଉଇକେଟ କିପରଙ୍କ ହାତରେ ଧରାପଡ଼ି ଆଉଟ ହୋଇଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ମୟଙ୍କ ଯାଦବ ୪ଟି, ହର୍ଷିତ ରାଣା ୩ଟି ଓ ସନ୍ଦିପ ଶର୍ମା ଗୋଟିଏ ଉଇକେଟ ନେଇଥିଲେ। ବଡ଼ ସ୍କୋରର ପିଛା କରିଥିବା ଉତ୍ତରାଞ୍ଚଳ ମନଦୀପ ସିଂ (୫୦)ଙ୍କ ଅର୍ଦ୍ଧଶତକ ଏବଂ ଅଭିଷେକ ଶର୍ମା (୪୪), ଶୁଭମ୍ ରୋହିଲା (୪୧) ଓ ହିମାଂଶୁ ରାଣା (୪୦)ଙ୍କ ଦୃଢ଼ ବ୍ୟାଟିଂ ସତ୍ତ୍ୱେ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ପୂର୍ବାଞ୍ଚଳ ବୋଲରଙ୍କ ମଧ୍ୟରେ ରିୟାନ ପରାଗ ୪ଟି, ଶାହାବାଜ ଅହମଦ ୩ଟି ଏବଂ ଆକାଶ ଦୀପ, ମୁଖ୍‌ତାର ହୋସେନ ଓ ଉତ୍କର୍ଷ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶତକ ହାସଲକାରୀ ରିୟାନ ପରାଗ।

# କଳିଙ୍ଗରେ ଡ୍ରାଗ୍‌ଫ୍ଲିକ୍ କ୍ୟାମ୍ପ ଆରମ୍ଭ

**ଭୁବନେଶ୍ୱର, ୨୮।୭**
**(ତପନ ସ୍ୱାଇଁ)**

ଓଡ଼ିଶାରେ ହକିର ବିକାଶ ଲକ୍ଷ୍ୟରେ ଆଉ ଏକ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ହକି ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ନାଭାଲ ଟାଟା ଏଚ୍‌ପିସିର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ସ୍ୱତନ୍ତ୍ର ଡ୍ରାଗ୍‌ଫ୍ଲିକ୍ ଟ୍ରେନିଂ କ୍ୟାମ୍ପ ଶୁକ୍ରବାର ଆରମ୍ଭ ହୋଇଛି। ଅଗଷ୍ଟ ୩ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି କ୍ୟାମ୍ପକୁ ହକି ଅଲିମ୍ପିଆନ ରୂପିନ୍ଦରପାଲ ସିଂ ପରିଚାଳନା କରୁଛନ୍ତି। ପାନ୍‌ପୋଷ ସ୍ପୋର୍ଟ୍ସ ହଷ୍ଟେଲ, ହକି ହାଇପରଫର୍ମାନ୍ସ ସେଣ୍ଟର ଓ ସାଇ ସୁନ୍ଦରଗଡ଼ର କ୍ୟାଡେଟମାନେ ଏହି କ୍ୟାମ୍ପରୁ ଉପକୃତ ହୋଇପାରିବେ।


କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଡ୍ରାଗ୍‌ଫ୍ଲିକ୍ କ୍ୟାମ୍ପରେ ପିଲାମାନଙ୍କ ସହ ରୂପିନ୍ଦର ପାଲ୍ ସିଂ।

ରାଜ୍ୟର ଡ୍ରାଗ୍‌ଫ୍ଲିକରଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ।

"ଏହି କ୍ୟାମ୍ପର ଆୟୋଜନ ଏକ ଉତ୍ତମ ପଦକ୍ଷେପ। ଓଡ଼ିଶାର ଯୁବ ଖେଳାଳିଙ୍କ ମଧ୍ୟରେ ମୁଁ ମୋର ଜ୍ଞାନ, ଦକ୍ଷତା ଏବଂ ଅଭିଜ୍ଞତା ବାଣ୍ଟିବା ପାଇଁ ଏହା ମାଧ୍ୟମରେ ସୁଯୋଗ ପାଇଛି। ଏହି କ୍ୟାମ୍ପରେ ଯଦିଓ ଡ୍ରାଗ୍‌ଫ୍ଲିକ୍ ଉପରେ ଫୋକସ କରାଯାଉଛି ତେବେ ଗେମ୍‌ର ବୈଷୟିକ, ଶାରୀରିକ ଓ ମାନସିକ ଦିଗ ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି" ବୋଲି ରୂପିନ୍ଦର ପ୍ରକାଶ କରିଛନ୍ତି। ମୁଁ ପୂର୍ବରୁ ୨୦୨୦ରେ ଭୁବନେଶ୍ୱର ଆସିଥିଲି। ଖେଳାଳିଙ୍କ ପାଇଁ ସୁବିଧା ସୁଯୋଗକୁ ବିଚାରକୁ ନେଲେ ଏହା ମଧ୍ୟରେ ଏଠାରେ ଅନେକ ପରିବର୍ତ୍ତନ ହୋଇଯାଇଛି। କ୍ରୀଡ଼ା ବିଜ୍ଞାନ, ପୁଷ୍ଟି ଏବଂ ମନସ୍ତତ୍ତ୍ୱକୁ ଦୃଷ୍ଟିରେ ରଖାଯାଇ ହକି ପ୍ରୋଗ୍ରାମ ଆୟୋଜନ କରାଯାଉଛି। ହକି ହେଉ କିମ୍ବା ଅନ୍ୟ କିଛି କ୍ରୀଡ଼ା, ଓଡ଼ିଶା ଯେ ବିଶ୍ୱରେ ଅନ୍ୟତମ ଶ୍ରେଷ୍ଠ ରାଜ୍ୟ ଏଥିରେ ଦ୍ୱିମତ ନାହିଁ ବୋଲି ରୂପିନ୍ଦର କହିଛନ୍ତି।

ସିନିୟର, ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ଏହି କ୍ୟାମ୍ପରେ ଭାଗ ନେଇଥିବା ଉଦୀୟମାନ ୩୧ ଖେଳାଳିଙ୍କୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। କ୍ୟାମ୍ପରେ ଟ୍ରେନିଂ ସହିତ ବିଭିନ୍ନ ଟେକ୍ନିକ୍ ଏବଂ ଶାରୀରିକ ପରୀକ୍ଷାର ଭିଡିଓ ବିଶ୍ଳେଷଣ କରାଯିବ ଏବଂ ଫିଟ୍‌ନେସ ସ୍ତର ବଢ଼ାଇବା ପାଇଁ ଜିମ୍‌ର ବ୍ୟବହାର କରାଯିବ। ଏହା ବ୍ୟତୀତ ଖେଳାଳିଙ୍କ ସର୍ବାଙ୍ଗିନ ଉନ୍ନତି ପାଇଁ ଏହି କାର୍ଯ୍ୟକ୍ରମରେ ମନସ୍ତାତ୍ତ୍ୱିକ ପରୀକ୍ଷା କରାଯିବ । ଫଳରେ ସେମାନେ ଉଚ୍ଚ-ଚାପଯୁକ୍ତ ମ୍ୟାଚ ପରିସ୍ଥିତିରେ ଆତ୍ମବିଶ୍ୱାସର ସହ ଖେଳ ଉପରେ ଫୋକସ କରିପାରିବେ। ଆସନ୍ତା ଅଗଷ୍ଟରେ ଷ୍ଟ୍ରାଇକରଙ୍କ ପାଇଁ ଅନୁରୂପ ଏକ କ୍ୟାମ୍ପ କରାଯିବାର କାର୍ଯ୍ୟକ୍ରମ ରହିଛି। ତାରକା ମହିଳା ହକି ଖେଳାଳି ରାଣୀ ରାମପାଲ ଉକ୍ତ କ୍ୟାମ୍ପ ପରିଚାଳନା କରିବେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ